DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୮/୨୦୧୯ (୧୬ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, September 18 / 2019 ★★

୧୫ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ପଙ୍ଘାଲ କ୍ୱାର୍ଟରରେ

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା) ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୧୩

## ସୁପ୍ରିମକୋର୍ଟଙ୍କ ରାୟ୍ ଯୋଗୁ ଦେଶରେ ମାନ୍ଦାବସ୍ଥା: ସାଲ୍‌ଭେ

୨ଜି ସ୍ପେକ୍ଟ୍ରମ, କୋଇଲା ବ୍ଲକ୍ ଆବଣ୍ଟନ ବାତିଲ ଯୋଗୁ ମାନ୍ଦାବସ୍ଥା ଆସିଛି। ଏଥିପାଇଁ ସୁପ୍ରିମକୋର୍ଟଙ୍କ ରାୟ ଦାୟୀ ବୋଲି ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ କହିଛନ୍ତି।



## ମାର୍ଚ୍ଚ ସୁଦ୍ଧା ରାଜ୍ୟର ୪୭ ଖଣି ନିଲାମ ହେବ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ଖଣି ଚିନ୍ତା ଘାରିଲାଣି। ଆଉ ବର୍ଷକ ମଧ୍ୟରେ ୨୪ଟି ଖଣିର ଲିଜ ଅବଧି ଶେଷ ହୋଇଯିବ। ଶିଳ୍ପଗୁଡ଼ିକୁ କଞ୍ଚାମାଲ ମିଳିବା ନେଇ ସମସ୍ୟା ଦେଖାଦେଇପାରେ। ଖଣି ନିଲାମ ତ୍ୱରାନ୍ୱିତ ନ ହେଲେ ପରିସ୍ଥିତି ଅସମ୍ଭାଳ ହେବ। ରାଜ୍ୟ ସରକାର ୪୭ଟି ଖଣିର ନିଲାମ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ମନ୍ତ୍ରୀ କହିଛନ୍ତି ଯେ, ନିଲାମ ପାଇଁ ୭ଟି ଖଣିକୁ ଏସ୍‌ବିଆଇ କ୍ୟାପିଟାଲ ମାର୍କେଟସ୍ ଲିମିଟେଡ ସହ ଅନୁବନ୍ଧିତ କରାଯାଇଛି। ଆସନ୍ତା ମାର୍ଚ୍ଚମାସ ପୂର୍ବରୁ ଆଉ ୪୦ଟି ଖଣିର ନିଲାମ କରାଯିବ। ଯେଉଁ ୨୪ଟି ଖଣିର ଲିଜ୍ ସମୟ ସୀମା ଆସନ୍ତା ମାର୍ଚ୍ଚ ୨୦୨୦ ସୁଦ୍ଧା ଶେଷ ହେଉଛି ସେ ସବୁକୁ ମିଶାଇ ନିଲାମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ପୁରୀ ଉଚ୍ଛେଦ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସମସ୍ତଙ୍କ କଥା ବୁଝ

ନୂଆଦିଲ୍ଲୀ,୧୭।୯

ପୁରୀ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ୭୫ ମିଟର ଉଚ୍ଛେଦ ଅଭିଯାନ ଚାଲିଥିବାବେଳେ ସମସ୍ତଙ୍କ କଥା ବୁଝି ଏହି କାର୍ଯ୍ୟକୁ ଆଇନ ଅନୁସାରେ କରିବା ପାଇଁ ରାଜ୍ୟ ସରକାର ଓ ମନ୍ଦିର ପ୍ରଶାସନକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଖୁସି ହେଲେ ସରକାର ସଫଳ ହୋଇଛନ୍ତି ବୋଲି ଆମେ ଅନୁଭବ କରିବୁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଉଚ୍ଛେଦ ଅଭିଯାନକୁ ଚ୍ୟାଲେଞ୍ଜ କରି ଇଣ୍ଟରନ୍ୟାଶନାଲ ଅସୋସିଏଶନ୍ ଅଫ୍ ଲୟର୍ସ ପକ୍ଷରୁ ଦେବାଶିଷ ମିଶ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମନ୍ଦିର ଚାରିପଟେ ଚାଲିଥିବା ଉଚ୍ଛେଦ ବେଆଇନ ଏବଂ ଭୂମି ଅଧିଗ୍ରହଣ ନୀତି ଅନୁସାରେ ହେଉନାହିଁ ବୋଲି ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ସେ ଆବେଦନ କରିଥିଲେ। ଜଷ୍ଟିସ୍ ମିଶ୍ରଙ୍କ ସହ ଏମ୍.ଆର. ଶାହ ଏବଂ ବି. ଆର୍. ଗବାଇଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ତାଙ୍କ ପିଟିଶନର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଶ୍ରୀମନ୍ଦିର ଚାରିପଟେ ଉଚ୍ଛେଦ କରାଯିବା ସମୟରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବା ଅନୁଚିତ। ସମସ୍ତ ପକ୍ଷଙ୍କ ଅଭିଯୋଗକୁ ଶୁଣି ଆଇନାନୁସାରେ କାର୍ଯ୍ୟ କରନ୍ତୁ। ସରକାର ଭୁଲ କାମ କରୁଛନ୍ତି ବୋଲି ଅଦାଲତ କହୁନାହାନ୍ତି। କିନ୍ତୁ ସମସ୍ତଙ୍କ କଥାକୁ ବିଶ୍ୱାସକୁ ନେଇ ଉଚ୍ଛେଦ ଅଭିଯାନ ଚଳାଇବା ଉଚିତ। ଆବେଦନକାରୀ ଖୁସି ହେଲେ ସରକାର ତାଙ୍କ ଅଭିଯାନରେ ସଫଳ ହୋଇଛନ୍ତି ଧରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହାସହ ଆବେଦନକାରୀ ଦେବାଶିଷ ମିଶ୍ରଙ୍କ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିବା ଲାଗି ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜାଙ୍କୁ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ରାଜ୍ୟ ସରକାର ସମସ୍ତ ପକ୍ଷଙ୍କ କଥା ବିଚାର କରାଯାଉଛି ଓ ଯେତେବେଳେ ଆବଶ୍ୟକ ହେବ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ମତି ନିଆଯିବ ବୋଲି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ଆମିକସ୍ କ୍ୟୁରି ରଣଜିତ୍ କୁମାର ଏହି ଉଚ୍ଛେଦ ଅଭିଯାନ ସମ୍ପର୍କରେ ରିପୋର୍ଟ ଦାଖଲ କରିବା ପାଇଁ ଶୀର୍ଷ ଅଦାଲତଙ୍କୁ ୨ ସପ୍ତାହ ସମୟ ମାଗିଥିଲେ। ଖଣ୍ଡପୀଠ ତାଙ୍କ ଅନୁରୋଧକୁ ଗ୍ରହଣ କରି ୨ ସପ୍ତାହ ସମୟ ଦେଇଛନ୍ତି। ଏହାସହ ଅକ୍ଟୋବର ୩ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଆମିକସ୍ କ୍ୟୁରି ରଣଜିତ୍ କୁମାର ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ଅଭିଯାନର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ନିକଟରେ ପୁରୀ ଆସିଥିଲେ।



■ ରିପୋର୍ଟ ଦାଖଲ ପାଇଁ ଆମିକସ୍ କ୍ୟୁରିଙ୍କୁ ମିଳିଲା ୨ ସପ୍ତାହ

■ ଆବେଦନକାରୀ ଖୁସି ହେଲେ ସରକାର ସଫଳ ହୋଇଛନ୍ତି ବୋଲି ଧରାଯିବ: ଖଣ୍ଡପୀଠ





ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ନୂଆ ଯୁଗର ଡ୍ରୋନ୍

**ଆଜିର ମନ୍ତବ୍ୟ**

" କଶ୍ମୀର ସମ୍ପର୍କରେ ଲୋକେ ଯାହା କହୁଛନ୍ତି ତାକୁ ନେଇ ବିଶେଷ ଚିନ୍ତିତ ହେବା ଅନାବଶ୍ୟକ।

-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 17.09.2019 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 70 | 119 | 129 |
| BHM | 66 | 114 | 124 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers

# ୨ରୁ ରାଜ୍ୟରେ ପ୍ଲାଷ୍ଟିକ ନିଷେଧ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସାରା ରାଜ୍ୟରେ ଥରେ ମାତ୍ର ବ୍ୟବହାର ହେଉଥିବା ୫୦ ମାଇକ୍ରନ୍ ମୋଟେଇରୁ କମ୍ ପଲିଥିନ ଓ ପ୍ଲାଷ୍ଟିକ ଉପରେ ଲାଗିବ କଟକଣା। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସ୍ୱାଧୀନତା ଦିବସରେ କରିଥିବା ଘୋଷଣା ଅନୁଯାୟୀ ଏହି ପଦକ୍ଷେପ ନିଆଯିବ। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

୨ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ଲାଷ୍ଟିକମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଚଳିତବର୍ଷ ରାଜ୍ୟର ୪୭ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓ ଗ୍ରାମାଞ୍ଚଳରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯିବ। ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସୂଚନାଥାଉ କି, ୨୦୧୮ ଅକ୍ଟୋବର ୨ରୁ ରାଜ୍ୟରେ ୫ ମହାନଗର ନିଗମ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ପୁରୀ ପୌରପରିଷଦ ଅଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

# ସୁଖୋଇ ବିମାନରୁ 'ଅସ୍ତ୍ର'ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୧୭।୯(ବ୍ୟୁରୋ)



ଆକାଶରୁ ଆକାଶକୁ ଗତିଶୀଳ କ୍ଷେପଣାସ୍ତ୍ର 'ଅସ୍ତ୍ର'କୁ ଓଡ଼ିଶା ଉପକୂଳରୁ ସଫଳତାର ସହ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରକୁ ସୋମବାର ସୁଖୋଇ (ସୁ-୩୦ ଏମକେଆଇ) ବିମାନରୁ ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ ଧାର୍ଯ୍ୟଲକ୍ଷ୍ୟକୁ ଭେଦ କରିବା ସହ ଆକାଶରୁ ଆକାଶକୁ ଗତିଶୀଳ ପ୍ରଥମ ସ୍ୱଦେଶୀ କ୍ଷେପଣାସ୍ତ୍ରର କ୍ଷମତା ପ୍ରଦର୍ଶିତ ହୋଇଥିଲା। ଉପଯୁକ୍ତ ପ୍ରକ୍ରିୟାରେ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯିବା ସହ ବିଭିନ୍ନ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ୍) ଓ ସେନ୍ସର ମାଧ୍ୟମରେ ଏହା ଲକ୍ଷ୍ୟଭେଦ କରିଥିଲା। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ବାୟୁସେନାକୁ ଅଭିନନ୍ଦନ ଜଣାଇଛନ୍ତି।

■ କାଳିଆ ଯୋଜନା: ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୩.୪୧ ଲକ୍ଷ

# ୨୦ ହଜାର ସରକାରୀ ଚାକିରିଆ ପାଇଛନ୍ତି ଟଙ୍କା

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟର ପ୍ରାୟ ୧୨,୦୦୦ ବଡଚାଷୀ, ୯୦୦୦ ନାବାଳିକା/ନାବାଳକ ଏବଂ ପ୍ରାୟ ୨୦,୦୦୦ ସରକାରୀ ଚାକିରିଆ ଚାଷୀ ଭାବେ କାଳିଆ ସୁବିଧା ପାଇଛନ୍ତି। ଅନୁରୂପଭାବେ ଗୋଟିଏ ଗୋଟିଏ ମନୋନୀତ ପରିବାରର ୩ ଲକ୍ଷ ହିତାଧିକାରୀ ଏକାଧିକ ବ୍ୟକ୍ତି ଦର୍ଶାଇ କାଳିଆ ସହାୟତା ନେଇ ସାରିଛନ୍ତି। ଏହିପରି ଭାବେ ରାଜ୍ୟର ପ୍ରାୟ ୩ ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଛନ୍ତି। ତୃଣମୂଳସ୍ତରରେ ଯୋଗ୍ୟ ହିତାଧିକାରୀ ଯାଞ୍ଚ ହେବା ବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି। ତନ୍ମଧ୍ୟରୁ ୧୨,୦୦୦ ବଡଚାଷୀଙ୍କଠାରୁ କିପରି ସହାୟତା ରାଶି ଫେରସ୍ତ ଆସି ପାରିବ ସେ ନେଇ ଉଦ୍ୟମ ଆରମ୍ଭ ହୋଇଛି।

**ତାଲିକାରେ ୧୨,000 ବଡ଼ଚାଷୀ, ୯000 ନାବାଳକ**

କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, ଯେଉଁ ୯୦୦୦ ନାବାଳିକା/ନାବାଳକ ସହାୟତା ରାଶି ପାଇଛନ୍ତି, ସେହି ପରିବାରଙ୍କୁ ମିଳିବାକୁ ଥିବା ପରବର୍ତ୍ତୀ କିସ୍ତି ଉକ୍ତ ରାଶିରେ ବ୍ୟବସ୍ଥିତ(ଆଡଜଷ୍ଟ) କରାଯିବ। ଅନୁରୂପଭାବେ ୨୦,୦୦୦ ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍ ଭୋଗୀଙ୍କ ପାଖକୁ ଯାଇଥିବା ସହାୟତା ରାଶି ଫେରସ୍ତ କରିବା ପାଇଁ ପ୍ରବର୍ତ୍ତାଯିବ। ଯଦି ଏଥିରେ ଆଶାନୁରୂପ ସଫଳତା ନ ମିଳେ, ତେବେ ସେମାନେ ପାଉଥିବା ବେତନ ଅଥବା ପେନ୍‌ସନ୍‌ରୁ ଏହି ରାଶି ଭରଣା କରାଯିବ। ☞ପୃଷ୍ଠା-୪





# ସମ୍ବଲପୁର ବୈଦିକ କଲେଜରେ ର୍‌ୟାଗିଂ

ସମ୍ବଲପୁର,୧୭।୯(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠରେ ଥିବା ଶାସନ ଥାନା ଅନ୍ତର୍ଗତ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜରେ ଜଣେ ଛାତ୍ରଙ୍କୁ ର୍‌ୟାଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ର୍‌ୟାଗିଂର ଶିକାର ହୋଇଛନ୍ତି କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳାର ଛାତ୍ର ଅଭିଷେକ ମିଶ୍ର। ତାଙ୍କୁ ତାଙ୍କର କେତେ ଜଣ ସହପାଠୀ ଓ ସିନିୟର ଛାତ୍ର ମିଶି ଲୁହାଛଡ ଓ ବେଲ୍ଟରେ ପିଟି ଲହୁଲୁହାଣ କରିଛନ୍ତି। ହେଲେ ଘଟଣାକୁ ଚାପି ଦେବାକୁ ଏଥିରେ ସମ୍ପୃକ୍ତ ଥିବା ବୌଦ୍ଧ ଜିଲାର ୪ ଜଣ ଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ଛୁଟିରେ ଘରକୁ ପଠାଇ ଦେଇଛନ୍ତି। ମଙ୍ଗଳବାର ଅଭିଷେକଙ୍କ ମା, ବାପା ପୁଅକୁ ଭେଟିବାକୁ ଆସିବା ପରେ ଏହି ଘଟଣା ପ୍ରଘଟ ହୋଇଛି। ତାଙ୍କ ବାପା ଗୌରଚରଣ ମିଶ୍ର ଶାସନ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପରେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ଧମକାଇ ମାମଲା ଉଠାଇ ନେବାକୁ ଚାପ ପକାଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଶନିବାର ଅଭିଷେକଙ୍କ ସିନିୟର ସ୍ମୃତିମାନ ମହାକୁଡ, ସହପାଠୀ ରାଜକୁମାର ଧରୁଆ, ଆକାଶ ସାହୁ, ଅଂଶୁମାନ ମଉଲା ମିଶି ଅଭିଷେକଙ୍କୁ ର୍‌ୟାଗିଂ କରି ଲହୁଲୁହାଣ କରିଥିଲେ। ଶନିବାର ଏହି ଘଟଣା ଘଟିଥିଲେ ବି କଲେଜ କର୍ତ୍ତୃପକ୍ଷ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ନ ଜଣାଇ ଚାପି ରଖିଥିଲେ। ସ୍କୁଲରେ ଆରଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷଙ୍କ ସମେତ ସମସ୍ତ କର୍ମଚାରୀ ବ୍ୟସ୍ତ ରହିଥିଲେ। ଆହତ ଅଭିଷେକଙ୍କୁ ପ୍ରାଥମିକ ଚିକିତ୍ସା କରି କଲେଜର ଏକ କୋଠରିରେ କର୍ତ୍ତୃପକ୍ଷ ପକାଇ ରଖିଥିଲେ। ଅଭିଷେକଙ୍କୁ ଏଭଳି ମାନସିକ ଚାପ ଦିଆଯାଇଛି ଯେ, ସେ ଘଟଣା ସମ୍ପର୍କରେ ପରିବାର ବର୍ଗଙ୍କୁ ଫୋନ୍ ଯୋଗେ ମଧ୍ୟ ଜଣାଇ ନ ଥିଲେ। ତେବେ ଥାନାରେ ଅଭିଯୋଗ କଲାପରେ ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ଧମକ ଚମକ ଦେଉଛନ୍ତି। ମାମଲା ପ୍ରତ୍ୟାହାର ନ କଲେ ଓଲଟା ଅଭିଷେକଙ୍କ ବାପା ଗୌରଚରଣଙ୍କ ବିରୋଧରେ ଅଭିଯୋଗ କରାଯିବ। ସେ କଲେଜର କିଛି ବି କରି ପାରିବେ ନାହିଁ ବୋଲି ଧମକାଉଛନ୍ତି ବୋଲି ଗୌରଚରଣ କହିଛନ୍ତି। ☞ପୃଷ୍ଠା-୪



ଅଭିଷେକ ମିଶ୍ର

■ ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରଙ୍କୁ ଲୁହାଛଡ, ବେଲ୍ଟରେ ମାଡ଼

■ ପ୍ରାଥମିକ ଚିକିତ୍ସା ପରେ ଏକ ରୁମ୍‌ରେ ପକାଇ ରଖାଯାଇଥିଲା



"ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହେରଫେର କଲେ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏହାର ୱେବ୍‌ସାଇଟ୍‌ରେ ହସ୍ପିଟାଲ 'ନାମ ସହ ଲଜ୍ଜା' ଉଲ୍ଲେଖ କରାଯିବ।"
-ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## ■ ଏପଟେ ଆତଙ୍କବାଦୀ, ସେପଟେ ସେନା

# ମଝିରେ ଫସିଛନ୍ତି କଶ୍ମୀରୀ

ନୂଆଦିଲ୍ଲୀ/ଶ୍ରୀନଗର,୧୭।୯

ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାରକୁ ମଙ୍ଗଳବାର ୪୪ ଦିନ ପୂରିଛି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ନେଇଥିବା ଏହି ନିଷ୍ପତ୍ତି ପରେ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଛି ବୋଲି ଉଭୟ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ଦାବି କରୁଥିବାବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ ଏହାର ଓଲଟା ଚିତ୍ର ସାମ୍ନାକୁ ଆଣିବାରେ ଲାଗିଛି। ବ୍ୟବସାୟୀଙ୍କୁ ଦୋକାନବଜାର ଖୋଲିବା ପାଇଁ ସେନା ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଥିବାବେଳେ ଆତଙ୍କବାଦୀମାନେ ବନ୍ଦ ରଖିବା ପାଇଁ ଧମକ ଦେଉଛନ୍ତି। ଫଳରେ ଅଧିକାଂଶ ସ୍ଥାନରେ ଔଷଧ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ଯାନବାହନ ଚଳାଚଳ ସମଗ୍ର ଉପତ୍ୟକାରେ ବାଧାପ୍ରାପ୍ତ ହୋଇ



ରହିଛି। ସ୍କୁଲଗୁଡ଼ିକୁ ଖୋଲାଯାଉଥିଲେ ବି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ସେମାନଙ୍କ ମା'ବାପା ସୁରକ୍ଷିତ ମଣୁନାହାନ୍ତି। ସେହିପରି ସରକାରୀ ଅଫିସ୍‌ଗୁଡ଼ିକ ଖୋଲା ରହୁଥିଲେ ହେଁ ସାଧାରଣ ପରିବହନରେ ଅବ୍ୟବସ୍ଥା ଯୋଗୁ କର୍ମଚାରୀ କିମ୍ବା କାମ ପାଇଁ ଲୋକେ ଯାଉନାହାନ୍ତି। ଅଧିକାଂଶ ସ୍ଥାନରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ସେବାକୁ ସ୍ୱାଭାବିକ କରାଯାଇଛି। ହେଲେ ମୋବାଇଲ୍ ଫୋନ୍‌ରେ କଥାହେବା ପାଇଁ ଉପତ୍ୟକାବାସୀ ଏଯାଏ ସୁଯୋଗ ପାଇନାହାନ୍ତି। ଇଣ୍ଟରନେଟ ସେବା ଏକପ୍ରକାର ସ୍ୱପ୍ନ ହୋଇଯାଇଛି। ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି, ଫାରୁକ୍ ଅବ୍‌ଦୁଲ୍ଲା ଓ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ବହୁନେତା ଏବେ ମଧ୍ୟ ଗୃହବନ୍ଦୀ ଅଥବା ଗିରଫ ହୋଇ ରହିଛନ୍ତି। ବିଚ୍ଛିନ୍ନତାବାଦୀଙ୍କୁ ଅଘଟଣ ଏଡାଇବା ପାଇଁ ଜେଲ୍‌ରେ ପୂରାଇ ଦିଆଯାଇଛି। ଏସବୁ ଅବ୍ୟବସ୍ଥାକୁ ନେଇ କଶ୍ମୀରୀମାନେ ଫସିଯାଇଛନ୍ତି।

### ଅନୁପ୍ରବେଶ କଲେଣି ୬୦ ଆତଙ୍କବାଦୀ

ଶ୍ରୀନଗର,୧୭।୯(ପି.ଟି.)

ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପରଠାରୁ ଉପତ୍ୟକାକୁ ୬୦ ଆତଙ୍କବାଦୀ ଅନୁପ୍ରବେଶ କରିଛନ୍ତି। ପାକିସ୍ତାନୀ ସେନା ସେମାନଙ୍କୁ ନିଷ୍କ୍ରିୟ ପଥ ଦେଇ ଅନୁପ୍ରବେଶ କରାଇଛି। ଉତ୍ତର କଶ୍ମୀର ଏବଂ ଜମ୍ମୁ ଅଞ୍ଚଳର ପୁଞ୍ଚ୍ ଓ ରାଜୌରୀ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ରହିଥିବା ନିଷ୍କ୍ରିୟ ପଥ ଦେଇ ସର୍ବାଧିକ ଆତଙ୍କବାଦୀ ଆସିଥିବା ମଙ୍ଗଳବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ସେନା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ପ୍ରକାଶ ଯେ, କେତେଜଣ ଆତଙ୍କବାଦୀ ଅନୁପ୍ରବେଶରେ ସଫଳ ହୋଇଥିବାବେଳେ ଆଉ କେତେକଙ୍କ ଉଦ୍ୟମକୁ ପଣ୍ଡ କରାଯାଇଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନିକଟରେ ସ୍ୱୀକାର କରିଥିଲେ।



ପଞ୍ଚମଥର ପାଇଁ କ୍ଷମତାସୀନ ହେବାକୁ ଅଣ୍ଟାଭିଡ଼ିଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଜେରୁଜେଲମ୍‌ର ଏକ ବୁଥ୍‌ରେ ମଙ୍ଗଳବାର ଭୋଟ ଦେଉଛନ୍ତି ସ୍ତ୍ରୀ ସାରା।

## ■ ମାୟାବତୀଙ୍କୁ ଜୋର୍‌ଦାର ଝଟକା

# ବିଏସ୍‌ପିର ୬ ବିଧାୟକ କଂଗ୍ରେସରେ ସାମିଲ

ଜୟପୁର, ୧୭।୯(ପି.ଟି.)

ରାଜସ୍ଥାନରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କୁ ଜୋରଦାର ଝଟକା ଲାଗିଛି। ଏଠାରେ ବିଏସ୍‌ପିର ସମସ୍ତ ୬ ବିଧାୟକ ଶାସକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଆଗକୁ ପୌର ନିର୍ବାଚନ ଓ ଦୁଇଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ଶକ୍ତିବୃଦ୍ଧି କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ୨୦୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୨ ଆସନ ଖାଲି ପଡ଼ିଥିବାବେଳେ ମିଶ୍ରଣ ପରେ କଂଗ୍ରେସ ସଦସ୍ୟ ସଂଖ୍ୟା ୧୦୬ରେ ପହଞ୍ଚିଛି। ବିଏସ୍‌ପି ବିଧାୟକ କଂଗ୍ରେସରେ ମିଶିବା ପରେ ମାୟାବତୀ ସମାଲୋଚନା କରିଛନ୍ତି। କଂଗ୍ରେସ ପ୍ରତାରଣା କରିଛି ଓ ଏହାକୁ ବିଶ୍ୱାସ କରାଯିବା ଅନୁଚିତ ବୋଲି ସେ ପ୍ରକାଶ କରିଛନ୍ତି।

ବିଧାୟକ ରାଜେନ୍ଦ୍ର ସିଂ ଗୁଧା, ଯୋଗେନ୍ଦ୍ର ସିଂ ଆୱାନା, ୱାଜିଦ୍ ଅଲି, ଲଖନ୍ ସିଂ ମୀନା, ସନ୍ଦୀପ ଯାଦବ ଓ ଦୀପଚାନ୍ଦ୍ ସୋମବାର ରାତିରେ ମିଳିତ ଭାବେ ବିଧାନସଭା ବାଚସ୍ପତି ସି.ପି. ଜୋଷୀଙ୍କୁ ସାକ୍ଷାତ କରି କଂଗ୍ରେସରେ ଯୋଗଦେବା ନିଷ୍ପତ୍ତି ସମ୍ପର୍କରେ ଏକ ପତ୍ର ପ୍ରଦାନ କରିଥିଲେ। ଏହି ବିଏସ୍‌ପି ବିଧାୟକମାନେ ପୂର୍ବରୁ ଶୋକ ଗେହଲଟ୍‌ଙ୍କ ସରକାରକୁ ବାହାରୁ ସମର୍ଥନ କରିଆସୁଥିଲେ ଓ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ ସ୍ଥାପନରେ ଥିଲେ। ରାଜ୍ୟର ସ୍ୱାର୍ଥ ଲାଗି ଆମେ କଂଗ୍ରେସରେ ମିଶି ସରକାରକୁ ମଜ୍‌ଭୁତ କରିବାକୁ ଚେଷ୍ଟା କରିଛୁ ବୋଲି ଏହି ବିଧାୟକ କଂଗ୍ରେସରେ ସାମିଲ ହେବା ପରେ ମଙ୍ଗଳବାର କହିଛନ୍ତି। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ପରେ ସେମାନେ ବାଚସ୍ପତିଙ୍କୁ ଭେଟିଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଶାସକ କଂଗ୍ରେସ ଦଳ ପ୍ରତି ରାଜ୍ୟରେ ଏବେ ସହଯୋଗୀ ରାଷ୍ଟ୍ରୀୟ ଲୋକଦଳର ଜଣେ ବିଧାୟକ ଓ ୧୨ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି।

# ଆମେ ଆତଙ୍କବାଦୀ ନୋହୁଁ

ନୂଆଦିଲ୍ଲୀ,୧୭।୯(ପି.ଟି.)

**କଶ୍ମୀରରେ ଯାହା ଚାଲିଛି ତାହା ଦେଶ ହିତରେ ନୁହେଁ: ତାରିଗାମୀ**



ଆମେ ଆତଙ୍କବାଦୀ ନୋହୁଁ। କଶ୍ମୀରରେ ଯାହା ଚାଲିଛି ତାହା ଦେଶ ହିତରେ ନୁହେଁ। ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ଗୃହବନ୍ଦୀ ରଖାଯିବା ଅଗଣତାନ୍ତ୍ରିକ। ଆମେ ଯାହା କରିପାରି ନ ଥିଲୁ ସରକାର ତାହା କରିଦେଇଛନ୍ତି କହି ସୀମା ସେପଟର ଲୋକେ ତାଳି ବଜାଉଛନ୍ତି। ଦିଲ୍ଲୀର ଏମ୍ସରେ ଚିକିତ୍ସାଧୀନ କଶ୍ମୀରର ସିପିଏମ୍ ନେତା ମହମ୍ମଦ ତାରିଗାମୀ ଏଭଳି ଭାଷାରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତାରିଗାମୀ କହିଛନ୍ତି, ସେ, ଫାରୁକ୍ ଓ ଅନ୍ୟମାନେ ଆତଙ୍କବାଦୀ ନୁହନ୍ତି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତକୁ ନେଇ ସେ ବିଚଳିତ। କଶ୍ମୀରୀମାନେ ବର୍ତ୍ତମାନର ସରକାରଠାରୁ ଅଧିକ କିଛି ଆଶା କରୁନାହାନ୍ତି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଶ୍ରୀନଗରରେ ଗୃହବନ୍ଦୀ ଥିବା ଅସୁସ୍ଥ ତାରିଗାମୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦିଲ୍ଲୀର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଭାରତର ହେବ ପିଓକେ

ନୂଆଦିଲ୍ଲୀ, ୧୭।୯



ପାକ୍ ଆତଙ୍କବାଦ ବନ୍ଦକରି ଭଲ ପଡ଼ୋଶୀ ହେଉ: ଜୟଶଙ୍କର

ପିଓକେ(ପାକିସ୍ତାନ ଅଧିକୃତ କଶ୍ମୀର) ଭାରତର ଅଂଶବିଶେଷ। ଦିନେ ଏହା ଭାରତର ଅଂଶବିଶେଷ ଭାବେ ପରିଗଣିତ ହେବ। ଏନେଇ ନୂଆଦିଲ୍ଲୀ ପକ୍ଷରୁ ପ୍ରୟାସ ଜାରି ରହିଥିବା ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି। ଏବେ କଶ୍ମୀରକୁ ନେଇ ନୁହେଁ ବରଂ ପିଓକେ କୁ ନେଇ ପାକିସ୍ତାନ ସହ କେବଳ ଆଲୋଚନା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କଶ୍ମୀରର ସାମ୍ପ୍ରତିକ ସ୍ଥିତି ନେଇ ସେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏନେଇ କେହି ଅଧିକ ବ୍ୟସ୍ତ ହେବା ଅନୁଚିତ। ପାକିସ୍ତାନ ଏହାକୁ ରଙ୍ଗଦେବା ସହ ଅନ୍ତର୍ଜାତୀୟ ସ୍ତରରେ ଉଠାଉଛି। ପାକ୍ ଆତଙ୍କବାଦ ବନ୍ଦକରି ଭଲ ପଡ଼ୋଶୀ ହେବା ଲାଗି ପ୍ରୟାସ କରିବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।

# ପାକିସ୍ତାନରେ ହିନ୍ଦୁ ଯୁବତୀଙ୍କୁ ହତ୍ୟା

**ସିନ୍ଧ୍, ୧୭।୯:** ପାକିସ୍ତାନର ସିନ୍ଧ୍‌ରେ ଜଣେ ହିନ୍ଦୁ ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମଙ୍ଗଳବାର ହଷ୍ଟେଲ୍ ରୁମ୍‌ରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘୋଟ୍‌କି ସହର ନିବାସୀ ନମ୍ରିତା ଚନ୍ଦାନୀ ନାମ୍ନୀ ଏହି ଯୁବତୀ ଜଣକ ମେଡିକାଲ ଛାତ୍ରୀ ଥିଲେ ଓ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ପୋଲିସ କିନ୍ତୁ ଏହାକୁ ଏକ ଆତ୍ମହତ୍ୟା ବୋଲି କହୁଛି। ହଷ୍ଟେଲ୍ ରୁମ୍ ଭିତରେ ଯୁବତୀଙ୍କ ବେକରେ ଲୁଗା ଲାଗିଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଇଛି। ହେଲେ ରୁମ୍ ବାହାରୁ ତାଲା ପଡ଼ିବା ଘଟଣା ସନ୍ଦେହକୁ ଅଧିକ ଦୃଢୀଭୂତ କରିଛି। ଯୁବତୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନମ୍ରିତାଙ୍କ ଭାଇ ବିଶାଲ ଜଣେ ମେଡିକାଲ କନ୍‌ସଲ୍‌ଟାଣ୍ଟ ହୋଇଥିବାବେଳେ ସେ ମଧ୍ୟ ପ୍ରାଥମିକ ତଦନ୍ତ ପରେ ଏହାକୁ ହତ୍ୟାକାଣ୍ଡ ବୋଲି କହିଛନ୍ତି। ବେକରେ ତାର ଚିହ୍ନ ରହିବା, ହାତରେ ଦାଗ ରହିବା, ହଷ୍ଟେଲ୍ ବାହାରୁ ତାଲାପଡ଼ିବା ହତ୍ୟାକାଣ୍ଡକୁ ସୂଚାଉଛି ବୋଲି ଅଭିଯୋଗ



ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବା ଲାଗି ବିଶାଲ ଦାବି କରିଛନ୍ତି।

ଦୁଇଦିନ ତଳେ ଘୋଟ୍‌କିରେ ସେଠାକାର ଲୋକେ ଏକ ମନ୍ଦିରରେ ଭଙ୍ଗାରୁଜା କରିବା, ଈଶ୍ୱରଙ୍କୁ ନିନ୍ଦାକରିବା ଅଭିଯୋଗରେ ଜଣେ ହିନ୍ଦୁ ପ୍ରିନ୍ସିପାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଏଭଳି ଘଟଣା ଘଟିଛି। ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଅତ୍ୟାଚାର କରାଯିବା ସହ ସେଠାରେ ବଳପୂର୍ବକ ଧର୍ମାନ୍ତରୀକରଣ ଲାଗି ଚାପ ପକାଯାଉଛି। ପ୍ରତ୍ୟେକ ବର୍ଷ ପ୍ରାୟ ହଜାର ସିନ୍ଧୀହିନ୍ଦୁ ଯୁବତୀ(୧୨ରୁ ୨୮)ଙ୍କୁ ଅପହରଣ କରାଯାଇ ବଳପୂର୍ବକ ବିବାହ ଓ ଧର୍ମାନ୍ତରୀକରଣ କରାଯାଉଛି। ଏନେଇ ଆମେରିକାର ସିନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଅଭିଯୋଗ ମଧ୍ୟ କରାଯାଇଛି। ଏବେ ହିନ୍ଦୁ ଯଚବତୀଙ୍କୁ ହତ୍ୟା ଘଟଣା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

# 'ଉତ୍ତେଜନା ହ୍ରାସ ପାଇଁ ବହୁତ କିଛି କରାଯାଇଛି'

**ୱାଶିଂଟନ/ନୂଆଦିଲ୍ଲୀ,୧୭।୯:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖୁବ୍‌ଶୀଘ୍ର ସାକ୍ଷାତ୍ ହେବ। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଅନେକ କିଛି କରାଯାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ହ୍ୟୁଷ୍ଟନରେ ଆସନ୍ତା ୨୨ରେ ହେବାକୁ ଥିବା 'ହାଓ୍ୱଡ଼ି ମୋଦି' ମେଗା ଇଭେଣ୍ଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପ୍ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିବେ। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ କେବେ ଓ କେଉଁଠି ସାକ୍ଷାତ୍ ହେବ ସେନେଇ ଟ୍ରମ୍ପ୍ କିଛି କହିନାହାନ୍ତି। ଅନ୍ୟପକ୍ଷରେ ମୋଦିଙ୍କ କାର୍ଯ୍ୟକ୍ରମରେ ଟ୍ରମ୍ପ୍‌ଙ୍କ ଯୋଗଦେବା ଫଳରେ ବିଶ୍ୱକୁ ଏକ ବାର୍ତ୍ତା ଯିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ମୋଦି ଆମେରିକା ଗସ୍ତ ବେଳେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ସେ ୫୦,୦୦୦ ଭାରତୀୟଙ୍କୁ ହ୍ୟୁଷ୍ଟନରେ ସମ୍ବୋଧିତ କରିବେ।

# ଜନ୍ମଦିନରେ ମା'ଙ୍କ ଆଶୀର୍ବାଦ ନେଲେ ମୋଦି

**ନୂଆଦିଲ୍ଲୀ, ୧୭।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିଲାଗି ସେ ନିଜ ଘରକୁ ଯାଇ ମା' ହୀରାବେନ୍‌ଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଗୁଜରାଟର ଗାନ୍ଧୀନଗର ଗସ୍ତକରି ମା'ଙ୍କ ସହ ଭୋଜନ ମଧ୍ୟ କରିଛନ୍ତି। ପ୍ରତିବର୍ଷ ଜନ୍ମଦିନରେ ସେ ତାଙ୍କ ମା'ଙ୍କୁ ଦେଖିବାକୁ ନିଜ ରାଜ୍ୟ ଗୁଜରାଟ ଗସ୍ତ କରିଥାନ୍ତି। ଏହା ପରେ ମଙ୍ଗଳବାର ସେ କାଭାଡିୟାସ୍ଥିତ ସର୍ଦାର ସରୋବର ଡ୍ୟାମ୍ ଓ ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିଛନ୍ତି। କାଭାଡିୟାରେ ଥିବା ଗାର୍ଡେନ ଓ ଖଲ୍‌ଭାନି ଇକୋ-ଟୁରିଜମ୍ ସାଇଟ୍‌ରେ ସେ କିଛି ସମୟ ବିତାଇଥିଲେ। ତାଙ୍କ ସହ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଓ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ପରିଦର୍ଶନରେ ଯାଇଥିଲେ। ମୋଦିଙ୍କ ଜନ୍ମଦିନରେ ଶୁଭେଚ୍ଛାର ସୁଅ ଦେଖିବାକୁ



**ପ୍ରଧାନମନ୍ତ୍ରୀଙ୍କୁ ୬୯**

ମିଳିଛି। ବିଭିନ୍ନ କେନ୍ଦ୍ରମନ୍ତ୍ରୀ, ଦଳୀୟ ବିଧାୟକ ଓ ଶୁଭେଚ୍ଛୁମାନେ ତାଙ୍କର ଶୁଭ ମନାସି ଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଜେଡିୟୁ ନେତା ନୀତୀଶ କୁମାର, ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ, ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ପ୍ରମୁଖ ମୋଦିଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଥିଲେ।

# ବାମ ସଙ୍ଗଠନ ଦଖଲରେ ଜେଏନ୍‌ୟୁ

ନୂଆଦିଲ୍ଲୀ,୧୭।୯(ପି.ଟି.)

**ଆଇଶେ ଘୋଷ ସଭାପତି**

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)କୁ ବାମପନ୍ଥୀ ଛାତ୍ର ସଙ୍ଗଠନଗୁଡ଼ିକ ଦଖଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ୪ ପ୍ରମୁଖ ପଦବୀରେ ଆଇଏଏସ୍‌ଏ, ଏସ୍‌ଏଫ୍‌ଆଇ, ଏଆଇଏସ୍‌ଏଫ୍ ଏବଂ ଡିଏସ୍‌ଏଫ୍‌କୁ ନେଇ ଗଠିତ ସଂଯୁକ୍ତ ମେଣ୍ଟ ସଫଳ ହୋଇଥିବା ମଙ୍ଗଳବାର ନିର୍ବାଚନ କମିଟି ପକ୍ଷରୁ ଘୋଷଣା କରାଯାଇଛି।

ସଂଯୁକ୍ତ ମେଣ୍ଟର ସଭାପତି ପ୍ରାର୍ଥୀ ଆଇଶେ ଘୋଷ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ମନୀଷ୍ ଜାଙ୍ଗିଡ୍‌ଙ୍କୁ ପରାଜିତ କରିଛନ୍ତି। ଆଇଶେଙ୍କୁ ୨,୩୧୩ ଭୋଟ ମିଳିଥିବାବେଳେ ଜାଙ୍ଗିଡ୍‌ଙ୍କୁ ୧,୧୨୮ ଛାତ୍ରୀଛାତ୍ର ସମର୍ଥନ କରିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ସଂଯୁକ୍ତ ମେଣ୍ଟର ସାକେତ ମୁନ୍ ୩,୩୬୫ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଏବିଭିପି ପ୍ରାର୍ଥୀ ଶ୍ରୁତି ଅଗ୍ନିହୋତ୍ରୀ ୧,୩୩୫ ଖଣ୍ଡ ଭୋଟ ପାଇ ହାରିଯାଇଛନ୍ତି। ସତୀଶ ଚନ୍ଦ୍ର ଯାଦବ ୨,୫୧୮ ଭୋଟ ପାଇ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସବରୀଶ ପିଏ ୧,୩୫୫ ଭୋଟ ସହ ପରାଜୟ ସ୍ୱୀକାର କରିଛନ୍ତି। ୩,୨୯୫ ଭୋଟ ପାଇଥିବା ମହମ୍ମଦ ଦାନିଶ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ସୁମନ୍ତ କୁମାର ସାହୁଙ୍କୁ ହରାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଜେଏନ୍‌ୟୁଏସ୍‌ୟୁ ନିର୍ବାଚନରେ ୫,୭୦୦ ଛାତ୍ରୀଛାତ୍ର ମତାଧିକାର ସାବ୍ୟସ୍ତ କରିଥିଲେ। ମତଦାନ ହାର ୬୭.୯% ଥିଲା, ଯାହାକି ୭ ବର୍ଷରେ ସର୍ବାଧିକ ବୋଲି କୁହାଯାଉଛି। ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ପରେ ଏହି ନିର୍ବାଚନ ଫଳ ଘୋଷଣା କରାଯାଇଛି।

## ■ ଆଫଗାନିସ୍ତାନ ନିର୍ବାଚନ ପୂର୍ବରୁ ତାଲିବାନର ବର୍ବରତା

# ରାଷ୍ଟ୍ରପତିଙ୍କ ସଭାରେ ବିସ୍ଫୋରଣ: ୨୬ ନିହତ

କାବୁଲ,୧୭।୯(ପି.ଟି./ ଆଇଏଏନ୍‌ଏସ୍)

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ସାଧାରଣ ନିର୍ବାଚନ ପୂର୍ବରୁ ସଂହାରଲୀଳା ରଚିଛି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ। ପରୱାନ ପ୍ରଦେଶରେ ମଙ୍ଗଳବାର ରାଷ୍ଟ୍ରପତି ଅଶ୍‌ରଫ୍ ଗନିଙ୍କ ଏକ ନିର୍ବାଚନୀ ସଭାରେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୨୬ ପ୍ରାଣ ହରାଇଥିବାବେଳେ ୪୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆଫଗାନିସ୍ତାନରେ ଆସନ୍ତା ୨୮ ତାରିଖରେ ସାଧାରଣ ନିର୍ବାଚନ ହେବ। ଏଥିପାଇଁ ପରୱାନର ଚାରିକାର ସହରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୦ରେ ରାଷ୍ଟ୍ରପତି ଅଶ୍‌ରଫ୍ ଏକ ସଭାକୁ ସମ୍ବୋଧିତ କରୁଥିଲେ। ଏହି ସମୟରେ ଜଣେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରକ ବୋଝେଇ ବାଇକ୍‌ରେ ଦ୍ରୁତଗତିରେ



ଅଳ୍ପକେ ବର୍ତ୍ତିଲେ ଅଶ୍‌ରଫ୍ ଗନି, ୪୨ ଆହତ

ସେଠାକୁ ମାଡ଼ିଯାଇ ବିସ୍ଫୋରଣରେ ନିଜକୁ ଉଡାଇଦେଇଥିଲେ। ଫଳରେ ସଭାରେ ଉପସ୍ଥିତ ଜନତାଙ୍କ ମଧ୍ୟରୁ ୨୬ ଜଣ ନିହତ ହୋଇଥିଲେ। ଏହାସହ ୪୨ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଷ୍ଟ୍ରପତି ଓ ତାଙ୍କ ସହଯୋଗୀ ଅମରୁଲ୍ଲା ସାଲେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ପ୍ରଚାର ସଭାରେ ଉପସ୍ଥିତ ସୁରକ୍ଷା ବଳକୁ ଟାର୍ଗେଟ କରିବା ପାଇଁ ଆକ୍ରମଣ ହୋଇଥିବା ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି। ସେହିପରି ଏହାର ଘଣ୍ଟାଏ ପରେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ କୋଠା ଓ କାବୁଲସ୍ଥିତ ଆମେରିକା ଦୂତାବାସରେ ମଧ୍ୟ ତାଲିବାନ ଆକ୍ରମଣ କରିଛି। ଏଥିରେ ୩ ନିହତ ହୋଇଛନ୍ତି। ପ୍ରକାଶ ଯେ, ବିଦେଶୀ ଶକ୍ତିଙ୍କ ଦ୍ୱାରା ହେରଫେର କରାଯାଉଥିବା ଦର୍ଶାଇ ନିର୍ବାଚନକୁ ବର୍ଜନ କରିବା ପାଇଁ ଲୋକଙ୍କୁ ଗତ ଅଗଷ୍ଟରେ ତାଲିବାନ ଧମକ ଦେଇଥିଲା। ରାଷ୍ଟ୍ରପତି ନିର୍ବାଚନରେ ମୋଟ ୧୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଅଶ୍‌ରଫ୍ ଗନି ପୁନଃ ନିର୍ବାଚିତ ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ୧୦ ତାରିଖରେ ତାଲିବାନ ସହ ଶାନ୍ତି ଆଲୋଚନା ରଦ୍ଦ କରିବା ପରେ ଆଫଗାନିସ୍ତାନରେ ଏହା ହେଉଛି ସବୁଠୁ ବଡ଼ ଆକ୍ରମଣ, ଯାହାକୁ ଜାତିସଂଘ ସମେତ ବିଭିନ୍ନ ଦେଶ ପକ୍ଷରୁ ନିନ୍ଦା କରାଯାଇଛି।

### ମାସକରେ ୨,୩୦୭ ମଲେଣି

ଆଫଗାନିସ୍ତାନରେ ଅଗଷ୍ଟ ମାସରେ ଦିନକୁ ହାରାହାରି ୭୪ ଜଣ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି। ମାସକ ମଧ୍ୟରେ ୬୧୧ ଥର ଆକ୍ରମଣ ଓ ହିଂସା ଘଟିଛି। ଏଥିରେ ୨,୩୦୭ ଜଣ ପ୍ରାଣ ହରାଇଥିବାବେଳେ ୧,୯୪୮ ଆହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ସର୍ବାଧିକ ଆତଙ୍କବାଦୀ ଥିବାବେଳେ ସାଧାରଣ ନାଗରିକଙ୍କ ସଂଖ୍ୟା ଏକ-ପଞ୍ଚମାଂଶ ବୋଲି ବିବିସି ରିପୋର୍ଟରେ ପ୍ରକାଶ ପାଇଛି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା




## ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନୂଆଦିଲ୍ଲୀ ଗସ୍ତ କରିବେ। ସେହିଦିନ ଅପରାହ୍ନ ୫ଟା ୩୦ରେ ଓଡ଼ିଶା ଭବନରେ ଭାରତ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ରାଜ୍ୟ ପାଇବାକୁ ଥିବା ବଳକା ଅର୍ଥ ଏବଂ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହେବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କୌଣସି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟକ୍ରମ ନେଇ ସୂଚନା ଦିଆଯାଇନାହିଁ। ମୁଖ୍ୟମନ୍ତ୍ରୀ ଗୁରୁବାର ମଧ୍ୟାହ୍ନ ୧୨ଟା ୨୦ରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

## ଆଜି କ'ଣ କେଉଁଠି

**ଦେବଗଡ**

■କୃଷକ ତାଲିମ ଶିବିର, କେଲଡା ବାରକୋଟ, ପୂର୍ବାହ୍ନ ୧୦ଟା।

■ବିଶ୍ୱକର୍ମା ପୂଜା ଉପଲକ୍ଷେ ପ୍ରସାଦ ସେବନ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ, ଦିନ ୧ଟା।

**ଟିଟିଲାଗଡ**

■ସୋମନାଥ ମିଶ୍ର ମେମୋରିଆଲ ଲେକଚର ହଲର ଉଦ୍‌ଘାଟନୀ ସମାରୋହ, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

**ବିଜେପୁର**

■ଗାଡିମାଲିକ ସଂଘର ବିଶ୍ୱକର୍ମା ଭସାଣୀ, ବସ୍‌ଷ୍ଟାଣ୍ଡ, ପୂର୍ବାହ୍ନ ୧୧ଟା।

**ଲୋଇସିଂହା**

■ଛାତ୍ରୀଛାତ୍ରଙ୍କ ପଲିଥିନ ବର୍ଜନ ସଚେତନତା ସଭା, ଲୋଇସିଂହା କଲେଜ, ପୂର୍ବାହ୍ନ ୧୦।୩୦।

**ସିନାପାଲି**

■ବିଶ୍ୱକର୍ମା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟୁତ୍ ବିଭାଗ ଅଫିସ, ସନ୍ଧ୍ୟା ୭ଟା।

■ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ, କରଣବାହାଲି ଓ ଘୁଚାଗୁଡା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

■ପ୍ଲାଷ୍ଟିକ ବ୍ୟବହାର ବନ୍ଦ ସଚେତନତା ଶିବିର, ରାଷ୍ଟ୍ରୀୟଗୋପାଳ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା।

■ସଚେତନତା ପୋଷ୍ଟର ଓ ସ୍ଲୋଗାନ ପ୍ରଦର୍ଶନୀ, ରେଳୱେ ଇନଷ୍ଟିଚ୍ୟୁଟ ପରିସର, ପୂର୍ବାହ୍ନ ୧୦ଟା।

■ବିଜେଡିର ବୈଠକ, ଶାନ୍ତିନଗର ବିଜେଡି କାର୍ଯ୍ୟାଳୟ, ଅପରାହ୍ନ ସାଢ଼େ ୪ଟା।

■ଗୁରୁନାନକଙ୍କ ଜନ୍ମ ବାର୍ଷିକୀ ପ୍ରସ୍ତୁତି ବୈଠକ, ହରଜିତ ରେସିଡେନ୍ସି ସଭାକକ୍ଷ, ପୂର୍ବାହ୍ନ ୧୧ଟା।

**ବରଗଡ଼**

■ରୋଗପୋକ ସର୍ବେକ୍ଷଣ ତାଲିମ ଶିବିର, ଜିଲା ଜଳ ବିଭାଜିକା ଅଫିସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।

## ବିଦ୍ୟୁତ୍ ଖୁଣ୍ଟରୁ ପଡି ଯୁବକ ମୃତ

ବ୍ରଜରାଜନଗର, ୧୭।୯ (ଡି.ଏନ୍.ଏ.)– ବିଦ୍ୟୁତ୍ ଖୁଣ୍ଟରୁ ପଡି ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଚୁନାଭଟ୍ଟା ଗ୍ରାମର ଅଜୟ କର୍ତ୍ତା(୨୦)ଙ୍କ ମୃତ୍ୟୁଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତକ ସୋମବାର ରାତ୍ରିରେ ରାସ୍ତା କଡରେ ଥିବା ବିଦ୍ୟୁତ ସଂଯୋଗ ନ ଥିବା ଏକ ଖୁଣ୍ଟ ଉପରେ ଚଢ଼ି ଖସ ପଡିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖୁଣ୍ଟରେ ଲାଗିଥିବା କାଦୁଅ ଚିହ୍ନରୁ ଏହା ଜଣାପଡିଛି। ସକାଳୁ ସ୍ଥାନୀୟ ଲୋକ ଦେଖି ପୋଲିସ୍‌କୁ ଖବର ଦେଇଥିଲେ।

# ମ୍ୟାଲେରିଆ ପ୍ରବଣ ଜିଲାରେ ବଣ୍ଟନ ହେବ ୨୬ ଲକ୍ଷ ଔଷଧୀୟ ମଶାରି

ଭୁବନେଶ୍ୱର, ୧୭।୯(ବ୍ୟୁରୋ): କେନ୍ଦ୍ର ସରକାର ଓଡ଼ିଶାକୁ ୨୬ଲକ୍ଷ ୫୪ହଜାର ଔଷଧୀୟ ମଶାରି ବଣ୍ଟନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୂଚାରୁରୂପେ କାର୍ଯ୍ୟକାରିତା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଷ୍ଟିଅରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଅଧକ୍ଷତା କରି ଔଷଧୀୟ ମଶାରି ବଣ୍ଟନ କ୍ଷେତ୍ରରେ ମ୍ୟାଲେରିଆ ପ୍ରବଣ ଜିଲାଗୁଡ଼ିକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ କେନ୍ଦ୍ରରୁ ମିଳିଥିବା ଔଷଧୀୟ ମଶାରି ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାକୁ ପ୍ରଥମେ ଦିଆଯିବ। ଏହାପରେ ମ୍ୟାଲେରିଆ ନିୟନ୍ତ୍ରଣର ପୂର୍ବାବସ୍ଥାକୁ ଆସିଯାଇଥିବା ନୂଆପଡ଼ା, ମୟୂରଭଞ୍ଜ, ସୋନପୁର, ଅନୁଗୋଳ, ବରଗଡ଼ ଓ ଖୋର୍ଦ୍ଧା ଜିଲାକୁ ଏବଂ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ଅବସ୍ଥାକୁ ଆସିଯାଇଥିବା ଅବଶିଷ୍ଟ ୧୪ ଜିଲାକୁ ମଶାରି ବଣ୍ଟନରେ ସାମିଲ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ତେବେ ମଶାରି ବଣ୍ଟନ ଓ ଏହାର ଠିକ୍ ବ୍ୟବହାର ନେଇ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ରେ କେନ୍ଦ୍ର ସରକାର ରାଜ୍ୟକୁ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରି ପ୍ରଦାନ କରିଥିଲେ। ଏହାକୁ ବିଭିନ୍ନ ମ୍ୟାଲେରିଆ ପ୍ରବଣ ଜିଲାରେ ବଣ୍ଟନ କରାଯାଇଥିଲା। ଫଳରେ ରାଜ୍ୟରେ ମ୍ୟାଲେରିଆକୁ ପ୍ରାୟ ୮୦ ପ୍ରତିଶତ ନିୟନ୍ତ୍ରଣ କରାଯାଇ ପାରିଥିଲା, ଯାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ ପ୍ରଶଂସା କରିଥିଲେ। ଏହି ମଶାରିର ଅବଧି ପ୍ରାୟ ୩ବର୍ଷ ଥିବାବେଳେ ଓଡ଼ିଶାକୁ ପୁର୍ନବାର ମଶାରି ଯୋଗାଇଦେବା ଲାଗି ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। ତଦନୁଯାୟୀ କେନ୍ଦ୍ର ସରକାର ୨୬ଲକ୍ଷ ୫୪ହଜାର ମଶାରି ଯୋଗାଇ ଦେଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ଅଧିକ ମଶାରି ମିଳିବାର ସମ୍ଭାବନା ରହିଛି। ଆସନ୍ତା ବର୍ଷ କେନ୍ଦ୍ର ସରକାର ରାଜ୍ୟକୁ ଆଉ ୧କୋଟି ୧୩ଲକ୍ଷ ମଶାରି ଯୋଗାଇଦେବାର ସୂଚନା ମିଳିଛି। ସେହି ମଶାରି ଆସିଲେ ୨୦୧୭ରେ ଯୋଗାଯାଇଥିବା ମଶାରିଗୁଡ଼ିକର ସ୍ଥାନ ନେବ ବୋଲି କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ଏହା ବ୍ୟତୀତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ମଶାରି ଖରିଦ କରିବା ପାଇଁ ସରକାର ସ୍ଥିର କରିବା ପରେ ଏ ନେଇ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି।

भारतीय प्रतिभूति और विनिमय बोर्ड
Securities and Exchange Board of India
&
NSE NSDL Technology, Trust & Reach
କେପିଟାଲ ମାର୍କେଟରେ ନିବେଶ ପାଇଁ
**ଆଞ୍ଚଳିକ ବିନିଯୋଗ ସେମିନାର ରେ**
ଆପଣଙ୍କୁ ଆମନ୍ତ୍ରଣ ଜଣାଉଛୁ

| | | |
|---|---|---|
| ଦିନ ଏବଂ ତାରିଖ | : | ଗୁରୁବାର, ସେପ୍ଟେମ୍ବର 19, 2019 |
| ସମୟ | : | ମଧ୍ୟାହ୍ନ 5.00 ରେ |
| ସ୍ଥାନ | : | କନ୍‌ଫରେନ୍ସ ହଲ, ହୋଟେଲ ରାଧିକା, ବିଶ୍ର ରୋଡ୍, ରାଉରକେଲା, ଓଡ଼ିଶା – 769 001 |
| ଦିନ ଏବଂ ତାରିଖ | : | ଶୁକ୍ରବାର, ସେପ୍ଟେମ୍ବର 20, 2019 |
| ସମୟ | : | ମଧ୍ୟାହ୍ନ 4.00 ରେ |
| ସ୍ଥାନ | : | କନ୍‌ଫରେନ୍ସ ହଲ, ଅଗରସନ ଭବନ, ମେନ୍ ରୋଡ୍, ବ୍ରଜରାଜ ନଗର, ଓଡ଼ିଶା – 768 216 |

(ବି.ଦ୍ର. ଏହି ସମାବେଶରେ ସେବି, ଏନଏସଇ ଏବଂ ଏନଏସଡିଏଲ ର ବରିଷ୍ଠ କର୍ମକର୍ତ୍ତାମାନେ ନିଜର ବକ୍ତବ୍ୟ ରଖିବେ।)
ମାଗଣା ପଞ୍ଜିକରଣ । ସିମୀତ ଆସନ ସଂଖ୍ୟା ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ ।
ଆପଣଙ୍କ ଅଂଶଗ୍ରହଣ ଅଗ୍ରୀମ ନିଶ୍ଚିତ କରିବା ପାଇଁ 9892609379/8286671470 ରେ କଲ କରନ୍ତୁ ।








ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।

- ପଣ୍ଡିତ ନୀଳକଣ୍ଠ ଦାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆୟୁଷ୍ମୀତା
ପରିବାରବର୍ଗ



ଶାଶ୍ୱତୀ
ପରିବାରବର୍ଗ



ତ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ଭୁବନେଶ୍ୱର ବିମାନବନ୍ଦରରେ ଚାଲିବ ମରାମତି କାର୍ଯ୍ୟ

# ପର୍ଯ୍ୟାୟକ୍ରମେ ଆଠମାସ ବନ୍ଦ ରହିବ ରନ୍‌ୱେ



■ ରିକାର୍ପେଟିଂ ସହ ତିଆରି ହେବ ୩ ଟ୍ୟାକ୍ସି ଟ୍ରାକ୍

■ ବିମାନ ଚଳାଚଳ ସମୟ ବଦଳିବ

■ ୨୮ ଅକ୍ଟୋବରରୁ ନୂଆ ସମୟ ସାରଣୀ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କେତେକ ମରାମତି କାର୍ଯ୍ୟ କରାଯିବ। ନଭେମ୍ବର ୧ରୁ ଆସନ୍ତାବର୍ଷ ଜୁନ୍ ୩୦ ପର୍ଯ୍ୟନ୍ତ ରନ୍‌ୱେର ରିକାର୍ପେଟିଂ ହେବ। ଏଥିପାଇଁ ଏହି ୮ ମାସ ଧରି ପର୍ଯ୍ୟାୟକ୍ରମେ ରନ୍‌ୱେକୁ ବନ୍ଦ ରଖାଯିବ। ତେବେ ଏହି ସମୟରେ ବିମାନ ଚଳାଚଳ କରିବ। ଏଥିସହ ୩ ଟ୍ୟାକ୍ସି ଟ୍ରାକ୍ ନିର୍ମାଣ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ତାଙ୍କ ସୂଚନାନୁସାରେ, ଏହି ମରାମତି କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ନଭେମ୍ବରରୁ ଆରମ୍ଭ ହେବାକୁ ଥିବା ରିକାର୍ପେଟିଂ କାମ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ରାତି ୧୦ଟାରୁ ଭୋର୍ ୫ଟା ୩୦ ପର୍ଯ୍ୟନ୍ତ ଚାଲିବ। ୧ ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ମରାମତି କାମ ଦିନବେଳା ଅର୍ଥାତ୍ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ସମୟ ଭିତରେ ବିମାନ ଚଳାଚଳ ବାଧାପ୍ରାପ୍ତ ନ ହେବା ପାଇଁ ବିମାନର ସମୟ ସାରଣୀ ପରିବର୍ତ୍ତନ ହେବ। ଅନ୍ତର୍ଜାତୀୟ ବିମାନକୁ ମିଶାଇ ମୋଟ ୪ ବିମାନର ସମୟ ପୁନଃ ଧାର୍ଯ୍ୟ କରାଯିବ। ଏ ସମ୍ପର୍କରେ ବିମାନ ଚଳାଚଳ ସଂସ୍ଥାଗୁଡିକ ସହିତ ଆଲୋଚନା କରାଯାଇଛି। ଏନେଇ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ମଧ୍ୟ ସେମାନଙ୍କ ସହ ଆଲୋଚନା କରିଛନ୍ତି। ୨୮ ଅକ୍ଟୋବରରୁ ବିମାନଗୁଡିକର ଚଳାଚଳ ସମୟ ପୁନଃ ଧାର୍ଯ୍ୟ କରିବାକୁ ଉଡାଣ ସଂସ୍ଥାଗୁଡିକୁ କୁହାଯାଇଛି ବୋଲି ନିର୍ଦ୍ଦେଶକ ହୋତା ଜଣାଇଛନ୍ତି। ୨୦୦୭ରେ ଶେଷଥର ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ରନ୍‌ୱେ ମରାମତି କାର୍ଯ୍ୟ ହୋଇଥିଲା। ବିମାନବନ୍ଦର ପ୍ରାଧିକରଣର ଗାଇଡ୍‌ଲାଇନ୍ ଅନୁସାରେ ପ୍ରାୟତଃ ପ୍ରତି ୧୦ ବର୍ଷରେ ଏହି ରିକାର୍ପେଟିଂ କରାଯାଇଥାଏ। କିନ୍ତୁ ଏହା ରନ୍‌ୱେର ବ୍ୟବହାର ଉପରେ ନିର୍ଭର କରୁଛି। ଯଦି କୌଣସି ରନ୍‌ୱେର ବ୍ୟବହାର କମ୍ ହେଉଛି, ତାହାର ରିକାର୍ପେଟିଂ ସମୟ ବ୍ୟବଧାନ ଅଧିକ ହୋଇପାରେ। ଏଥିଲାଗି ସମୁଦାୟ ୨୮ କୋଟି ଟଙ୍କା ଖର୍ଚ୍ଚ ହେବ। ଭାରତୀୟ ବିମାନବନ୍ଦର ପ୍ରାଧିକରଣଙ୍କଠାରୁ ଏନେଇ ସହମତି ମିଳିସାରିଥିବା ବେଳେ ଡିଜିସିଏର ଅନୁମତିକୁ ଅପେକ୍ଷା କରାଯାଇଛି।

## ଅଳ୍ପକେ ବର୍ତ୍ତିଲେ ୧୫୨ ବିମାନ ଯାତ୍ରୀ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୬୬୯ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି। ସୋମବାର ମୁମ୍ବାଇ ବିମାନ ବନ୍ଦରରେ ଅବତରଣ ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୨ଜଣ ଯାତ୍ରୀ ଥିଲେ। ଏହି ଘଟଣା ପାଇଁ ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ସଂପୃକ୍ତ ପାଇଲଟଙ୍କୁ କାର୍ଯ୍ୟରୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ଅବ୍ୟାହତି ଦିଆଯାଇଥିବା ସୂଚନା ମିଳିଛି।

## ୨୫ରେ ଲଘୁଚାପ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଘୂର୍ଣ୍ଣିବଳୟ ଯୋଗୁ କେତେକ ଜାଗାରେ ଅସରାଏ କିମ୍ବା ଦି ଅସରା ବର୍ଷା ହେଉଛି। ଆସନ୍ତା ୨୪ ତାରିଖ ଯାଏ ରାଜ୍ୟରେ କାଁ ଭାଁ ବର୍ଷା ରହିବ। ତେବେ ୨୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ୨୫ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶା, ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ଏବଂ ଉତ୍ତର ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଳାହାଣ୍ଡି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ଭୁବନେଶ୍ୱରରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧.୧, କୋରାପୁଟ ୪.୪, ମାଲକାନଗିରି ୬.୨ ଏବଂ ଦାରିଙ୍ଗୀବାଡିରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ

## ୨୦ ହଜାର ସରକାରୀ ...

ସେହିଭଳି ଗୋଟିଏ ଗୋଟିଏ ମନୋନୀତ ପରିବାରର ଏକାଧିକ ବ୍ୟକ୍ତି ଦର୍ଶାଇ ସହାୟତା ପାଇଥିବା ୩ ଲକ୍ଷ ହିତାଧିକାରୀଙ୍କ ଠାରୁ ମଧ ଟଙ୍କା ଫେରସ୍ତ ଅଣାଯିବ । ସେହିମାନଙ୍କ କ୍ଷେତ୍ରରେ ପରିବାରର ଜଣଙ୍କୁ ସହାୟତା ପାଇଁ ଯୋଗ୍ୟ ବିବେଚିତ କରି, ଅନ୍ୟମାନେ ପାଇଥିବା ରାଶି ପରବର୍ତ୍ତୀ କିସ୍ତିରେ ବ୍ୟବସ୍ଥିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ୧୨,୦୦୦ ବଡଚାଷୀଙ୍କ ଠାରୁ କିଭଳି ସହାୟତା ରାଶି ଫେରସ୍ତ ଅଣାଯାଇ ପାରିବ, ସେଥିଲାଗି ସରକାରୀସ୍ତରେ ବିଚାରବିମର୍ଶ କରାଯାଉଛି। ଏକ ଆନୁମାନିକ ହିସାବରୁ ଜଣାପଡିଛି ଯେ, ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରାୟ ୧୭୦.୫ କୋଟି ଟଙ୍କାର ଅର୍ଥ କାଳିଆ ଯୋଜନାରେ ଦିଆଯାଇଛି। ହେଲେ ବିଭାଗ ପକ୍ଷରୁ ୩.୨୯ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କଠାରୁ କିପରି ଅର୍ଥ ଫେରସ୍ତ ଅଣାଯିବ, ତାହାର ରୂପରେଖ ପ୍ରସ୍ତୁତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ସେପ୍ଟେମ୍ବର ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀ ଖରିଫ ୨୦୧୯ ପାଇଁ କାଳିଆ ଯୋଜନା ସହାୟତା ପାଇବେ। ଯେଉଁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବଞ୍ଚିତ ହୋଇଥିବା ମନେ କରୁଛନ୍ତି, ସେମାନେ ଉପଯୁକ୍ତ ଦସ୍ତାବିଜ ସହ HTTP://KALIA.CO.IN ମାଧ୍ୟମରେ ଆବେଦନ କରିପାରିବେ। ଅଦ୍ୟାବଧି ୪୦ ଲକ୍ଷ ୨୧ ହଜାର ୧୧୩ ଦରଖାସ୍ତର ତଥ୍ୟ ଯାଞ୍ଚ ସରିଛି। ସେଥିରୁ କେତେଜଣ ବାଦ୍ ପଡିବେ, ତାହାର ମଧ ତୃଣମୂଳସ୍ତରରେ ତର୍ଜମା ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପି-ପାସ୍, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍), ସାମାଜିକ ଆର୍ଥିକ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି) ଏବଂ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍‌ଆରଏମ୍‌ଏସ୍‌ରେ) ଥିବା ପରିସଂଖ୍ୟାନକୁ ତର୍ଜମା କରାଯାଇଛି। ଏବେସୁଦ୍ଧା ପ୍ରାୟ ୧୦ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇସାରିଲାଣି। ଯୋଗ୍ୟ ବିବେଚିତ ଏହି କ୍ଷୁଦ୍ର ଓ ନାମମାତ୍ର ଅଥବା ଭୂମିହୀନ କୃଷି ପରିବାରଙ୍କୁ ଚଳିତ ମାସରେ ସହାୟତା ରାଶି ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ୫୧ ଲକ୍ଷ ୫ ହଜାର ୨୯୦ ଜଣ ହିତାଧିକାରୀ ବିଭିନ୍ନ ବର୍ଗରେ ସହାୟତା ପାଇଥିଲେ। ୨୦୧୮ ଡିସେମ୍ବରରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଚଳିତ ଅଗଷ୍ଟ ୬ରୁ ୩୧ ମଧ୍ୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା।

## ସମ୍ବଲପୁର...

ତେବେ ଏ ସମ୍ପର୍କରେ ଅଧକ୍ଷ ଅଗ୍ରୱାଲ ଗଣମାଧମ ଅଗରେ କିଛି କହିବାକୁ ମନା କରି ଦେଇଛନ୍ତି। ଅନ୍ୟପକ୍ଷେ ପୁଅକୁ ଗୁରୁତର ଅବସ୍ଥାରେ ଦେଖି ମା' ବାରମ୍ବାର ଅଚେତ ହୋଇଯାଉଥିଲେ । ପୁଅକୁ ପାଠ ପଢାଇବା ପାଇଁ ଜମି ବିକ୍ରି କରି ଉକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିଲେ। ବର୍ଷକୁ ୧ ଲକ୍ଷ ୧୫ ହଜାର ଟଙ୍କା କଲେଜ ନେବା ହେଲେ ପୁଅର ଜୀବନ ସୁରକ୍ଷିତ ନୁହେଁ। ଏଣୁ କେଉଁ ଭରସାରେ ଏଠି ପୁଅକୁ ଛାଡିବେ ବୋଲି ପ୍ରଶ୍ନ କରିଛନ୍ତି। ସେହିଭଳି ଏହି ଘଟଣାରେ ଛାତ୍ରମାନେ ଯେତିକି ଦାୟୀ କଲେଜ କର୍ତ୍ତୃପକ୍ଷ ମଧ ସେତିକି ଦାୟୀ ବୋଲି ସେ କହିଛନ୍ତି। ତେଣୁ ଏଥିରେ ସମ୍ପୃକ୍ତ ଛାତ୍ରମାନଙ୍କ ସହ କଲେଜ ମାଲିକଙ୍କୁ ମଧ ଗିରଫ କରାଯାଉ ବୋଲି ଅଭିଷେକଙ୍କ ମା, ଓ ବାପା ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି ଯେ, ଏହା ଏକ ସମ୍ବେଦନଶୀଳ ଘଟଣା। ପୋଲିସ ଏହାକୁ ଗୁରୁତର ସହ ନେଇଛି । ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ଆସିଲା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଳାତ୍କାରୀ ବାପାଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଝିଅକୁ ଏକାଧିକଥର ବଳାତ୍କାର ମାମଲାରେ ଅଭିଯୁକ୍ତ ବାପାଙ୍କୁ ମଙ୍ଗଳବାର ଦଣ୍ଡ ମିଳିଛି। ମାମଲାର ବିଚାର କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତାଙ୍କୁ ୨୦ହଜାର ଟଙ୍କା ଅର୍ଥ ଦଣ୍ଡ ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ଜଣ ସାକ୍ଷୀ ଓ ୨୪ ଡକୁମେଣ୍ଟ ଆଧାରରେ ଜଜ୍ ସତ୍ୟରଞ୍ଜନ ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବାବେଳେ ସେ ପରିବାର ସହ ଭୁବନେଶ୍ୱର ସାଲିଆସାହିରେ ରହୁଥିଲେ। ତାଙ୍କର ୧୧ବର୍ଷର ଝିଅ ଓ ଗୋଟିଏ ପୁଅ (ସାନ) ଅଛନ୍ତି। ୨୦୧୬ରେ ସ୍ତ୍ରୀ କାମଧନ୍ଦା ପାଇଁ ବାହାରକୁ ଚାଲିଯିବା ପରେ ଅଭିଯୁକ୍ତ ବାପା କୋମଳମତୀ ନାବାଳିକା ଝିଅକୁ ଜୋର୍‌ଜବରଦସ୍ତ ବଳାତ୍କାର କରିଥିଲେ। ଏପରି କି ମା' ଓ ଅନ୍ୟ କାହାଙ୍କୁ ଜଣାଇଲେ ଜୀବନରୁ ମାରିଦେବା ସହ ଘରୁ ବାହାର କରିଦେବାକୁ ମଧ ଧମକ ଦେଇଥିଲେ। ଭୟରେ ଝିଅ କାହାକୁ ଜଣାଇ ନ ଥିଲେ। ଏହାପରେ କାମାଶକ୍ତ ବାପା ଝିଅକୁ ବାରମ୍ବାର ବଳାତ୍କାର କରିଥିଲେ। ବାପାର ଏପରି ଅତ୍ୟାଚାର ଅସହ୍ୟ ହେବା ପରେ ଶେଷରେ ପୀଡିତା ଝିଅ ମା'ଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ମା' ଏନେଇ ପ୍ରଥମେ ନୟାପଲ୍ଲୀ ଥାନା ଓ ପରେ ଅର୍ଥାତ୍ ସେହିବର୍ଷ ମେ' ୨୦ରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରିବା ସହ ଉଭୟଙ୍କର ଡାକ୍ତରୀ ମାଇନା କରିଥିଲା। ଏଥିସହ ପୀଡିତାଙ୍କ ପୋଷାକ ଓ ଅନ୍ୟ କିଛି ସାମଗ୍ରୀ ମଧ ପରୀକ୍ଷା ପାଇଁ ପଠାଯାଇଥିଲା। ସବୁ ରିପୋର୍ଟରେ ବଳାତ୍କାର ପ୍ରମାଣ ମିଳିଥିଲା। ମାମଲାର ବିଚାରବେଳେ ଏସବୁ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ମାମଲାରେ ସରକାରୀ ପିପି ଭାବେ ଚିତ୍ତରଞ୍ଜନ ଦାଶ ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶୁଭେଚ୍ଛୁଙ୍କ ପରାମର୍ଶରେ ନୂଆ ନୂଆ କାମ କରିବା ସକାଶେ ମନ ବଳାଇବେ। ବିଶେଷ ଅସୁବିଧା ନ ହେଲେ ମଧ ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

**ବୃଷ** ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଶୁଭଫଳ ପାଇବେ।

**ମିଥୁନ** ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତାପ୍ରକଟ କରି ପାରନ୍ତି। ସଙ୍ଗଠନ, ରାଜନୀତି, ଆନୁଷ୍ଠାନିକ କାମ, କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡିବା ପାଇଁ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ପଞ୍ଚମରେ ବୃହସ୍ପତି ରହିଥିବାରୁ ଆପଣ ଠିକ୍ ନିଷ୍ପତ୍ତି ନେଇ କାର୍ଯ୍ୟ କରିବେ। ରାହୁଙ୍କ ପ୍ରଭାବରେ ଗୋଟିଏ ଜାଗାରେ ସ୍ଥିର ଭାବରେ ରହିପାରିବେ ନାହିଁ। କର୍ମକ୍ଷେତ୍ରରେ ଚନ୍ଦ୍ର କର୍ମ କୁଶଳତା ପ୍ରଦାନ କରିବେ। ମଙ୍ଗଳଙ୍କ ପ୍ରଭାବରେ ଆପଣଙ୍କ ବ୍ୟବହାର କଠୋର ହୋଇପାରେ। ଭାଗ୍ୟସ୍ଥାନ ପ୍ରତି ତିନୋଟି ଗ୍ରହଙ୍କ ଦୃଷ୍ଟି ଅର୍ଥଲାଭ କରାଇବ।

**ସିଂହ** କର୍ମକ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡ଼ି ପାରନ୍ତି, ଏଣୁ ଭାବିଚିନ୍ତି କୁହନ୍ତୁ।

**କନ୍ୟା** ଅତୀତ ବିବାଦକୁ କେନ୍ଦ୍ରକରି ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟମାନଙ୍କ ଅସହଯୋଗ,ଅସମ୍ମାନ ପାଇ ଦୁଃଖିତ ହେବେ। କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ପିଲାମାନଙ୍କ ବୈବାହିକ ସମ୍ପର୍କକୁ ନେଇ ନୂତନ ବନ୍ଧୁତ୍ୱ ସକାଶେ ଆଲୋଚନା କରିପାରନ୍ତି। ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ଅନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା** ଦୀର୍ଘଦିନରୁ ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଅପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ । ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** ପରିବାରର ଆବଶ୍ୟକତା ଅନୁଭବ କରି କୌଣସି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ । ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ।

**ମୀନ** କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇପାରେ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ସୁସମ୍ପର୍କ ବ୍ୟାହତ ହୋଇପାରେ । ପରିବାର ଭିତରେ ଥିବା ଭୁଲ୍ ବୁଝାମଣାର ସମାଧାନ ହୋଇଯିବ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ବୁଧବାର, ସେପ୍ଟେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୪ମି. ଗତେ ଘ୮।୦୩ମି. ମଧ୍ୟେ, ଘ୧୦।୨୮ମି. ଗତେ ଘ୧୨।୫୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୨୬ମି. ଗତେ ଘ୭।୧୪ମି. ମଧ୍ୟେ, ଘ୧।୪୧ମି. ଗତେ ଘ୪।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୦ମି. ଗତେ ଘ୧।୧୧ମି. ମଧ୍ୟେ ରାହୁକାଳ।


classifieds Everyday
0674-2580101, 2549302




**BRIDE WANTED**

36 businessman, Bhubaneswar ସ୍ଥିତ Gopala ପୁଅଙ୍କ any caste unmarried ଝିଅ ଦରକାର। 9658674636. D-67905

Looking bride for son M.Tech IIT Kanpur working in Administrative professional Govt. cast no bar 7008986005. D-14382

Son age 31 MD/MS Doctor a Master Degree working in Mumbai, cast Brahmin 8144589551. D-14383

Now Matrimonial ads. only on Wednesday & Sunday Book 1 Get 1 FREE

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Deserving Khandayat Groom B.Tech, MBA (IIM) working as Software Engineer, (Cast-no-bar). Contact: 9861022751. D-14351

**GROOM WANTED**

Girl age 29 B.Tech, CET, M.Tech, IIT Kharagpur, Phd National University, Ireland working in USA cast no bar 7008986003. D-14384

IT job, Bhubaneswar ସ୍ଥିତ 35 ବୟସ୍କା ଅବିବାହିତ କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-67904

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

ଗୋପାଳ କନ୍ୟା, 5'3", 28, Graduation, P.G ପାଇଁ ବର ଆବଶ୍ୟକ। Phone: 8847825195. D-64090

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫। ଧ-୧୪୩୪୭




**SALE**

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999. D-68004

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore, Mauza- Sundarpur, Bhubaneswar. Owner: 9338342502. D-67390

4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999. D-68005




Structural Engineer available for design residential, commercial, also steel building design by professor, GP Meher 9437056486 / 6309629747, Bhubaneswar. D-63957




3BHK flat, Royal residency behind Lewisroad, BJB Nagar for immediate rent. 9938213197. D-14378

Marriage Hall available on 8th Dec 2019 Onwards. At-Sankalp Media & Convention Luxurious 3 floors with A/c & all modern amenities for 1000+guests infront of Sai Temple, Near Infocity, Patia, Bhubaneswar. Ph: 7008648674 / 7008976501. D-67502

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Shivam logistic packers movers. Household/ car relocation countrywide. 9777044177, 9338461133. D-14206




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

ମାସକୁ ୧୦,୦୦୦/- ରୁ ୨୫,୦୦୦/- ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ। Mob: 9937426857, 9861820550. D-68003

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ



# ତାଳଚେର ସାର କାରଖାନାରୁ ଉତ୍ପାଦନ ହେବ ୟୁରିଆ, ଆମୋନିଆ

**ନୂଆଦିଲ୍ଲୀ,୧୭।୯**

ଅନୁଗୋଳ ଜିଲାର ତାଳଚେରସ୍ଥିତ ସାର କାରଖାନାରୁ ୟୁରିଆ ଏବଂ ଆମୋନିଆ ଉତ୍ପାଦନ ଲାଗି କୋଲ୍ ଗ୍ୟାସିଫିକେଶନ(କୋଇଲା ବାଷ୍ପୀକରଣ) ୟୁନିଟ ସ୍ଥାପନ ଲାଗି ଅଂଶୀଦାରଙ୍କ ମଧ୍ୟରେ ମଙ୍ଗଳବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୧୩,୨୭୭ କୋଟି ଟଙ୍କା ନିବେଶରେ ଏହି ୟୁନିଟ ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ୍(ଗେଲ୍), ଆର୍‌ସିଏଫ୍, କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଏବଂ ଏଫ୍‌ସିଆଇଏଲ୍ ଭଳି କମ୍ପାନୀ ଦ୍ୱାରା ମିଳିତ ଭାବେ ସ୍ଥାପନ କରାଯିବ। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୧.୨୭ ନିୟୁତ ମେଟ୍ରିକ ଟନ୍ ୟୁରିଆ ଏବଂ ୦.୭୩ ନିୟୁତ ମେଟ୍ରିକ ଟନ୍ ଆମୋନିଆ ଉତ୍ପାଦିତ ହେବ। ପ୍ଲାଣ୍ଟ ଲାଗି କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଉହାନ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ ପ୍ରଦାନ କରିବ ବୋଲି ଜଣାପଡିଛି।

କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ତାଳଚେର ସାର କାରଖାନା ନୂଆ ଜ୍ଞାନକୌଶଳ ଆଧାରରେ ଆମୋନିଆ ଏବଂ ୟୁରିଆ ପ୍ରସ୍ତୁତ କରିବାକୁ ସକ୍ଷମ ହେବ। ଦେଶର ବିକାଶ ଧାରାରେ ଏହା ଏକ ନୂତନ ଅଧ୍ୟାୟ ଯୋଡିବ। ଶିଳ୍ପ ୟୁନିଟଗୁଡିକରେ ଅଙ୍ଗାରକାମ୍ଳ ବାଷ୍ପ କମାଇବା ଦିଗରେ ଭାରତ ଏହାର ପ୍ରତିବଦ୍ଧତା ଦେଖାଇବା ସହ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଦ୍ୱାରା ଏହି ଦିଗରେ ଅଗ୍ରସର ହେଉଛି। ଅନେକ ଦିନରୁ ବନ୍ଦ ପଡିଥିବା ଏହି ୟୁନିଟକୁ ପୁନରୁଦ୍ଧାର ଲାଗି ସରକାର ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ପୂର୍ବାଞ୍ଚଳ ଗ୍ୟାସ୍ ଗ୍ରୀଡ ଲାଗି ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଗୋରଖପୁର ଏବଂ ବରୌଣୀକୁ ଏଥିରେ ଯୋଡାଯାଇଥିବା ବେଳେ ସିନ୍ଧରୀକୁ ଶୀଘ୍ର ଏହା ଛୁଇଁବ। ସାର ଉତ୍ପାଦନ ପାଇଁ ଉଭୟ କୋଇଲା ଏବଂ ପେଟ୍‌କୋକ ଜାଳେଣୀ ଭାବେ ବ୍ୟବହାର କରାଯିବ। ତାଳଚେର ଅଞ୍ଚଳର ଉତ୍ତର ଅର୍ଦ୍ଧପାଳ ଖଣିର ଉତ୍ତର ଭାଗରୁ ଏହି ୟୁନିଟ୍ ଲାଗି କୋଇଲା ବ୍ୟବହାର କରାଯିବ। ଏହାକୁ ଟିଏଫ୍‌ଏଲ୍‌କୁ ପ୍ରଦାନ କରାଯାଇଥିବାବେଳେ କ୍ୟାପ୍ଟିଭ ଖଣିର ବିକାଶ ଲାଗି କାର୍ଯ୍ୟକ୍ରମ ଜାରି ରହିଛି।

ଧର୍ମେନ୍ଦ୍ର କହିଛନ୍ତି ଯେ, ପାରାଦୀପ ରିଫାଇନେରୀରୁ ପେଟ୍‌କୋକ ଅଣାଯାଇ ଏଠାରେ ବ୍ୟବହାର ହେବ। ପରିବେଶ ଉପଯୋଗୀ ଢଙ୍ଗରେ ସ୍ଥାନୀୟ ଅଞ୍ଚଳର କୋଇଲାକୁ ବ୍ୟବହାର କରିବା ଦିଗରେ ଏହା ସହାୟକ ହେବ। ଉକ୍ତ ଟେକ୍ନୋଲୋଜିର ସଫଳତା ଦ୍ୱାରା ସିନ୍‌ଗ୍ୟାସ, ଡିଜେଲ, ମିଥାନଲ, ପେଟ୍ରୋକେମିକାଲ ଉତ୍ପାଦନ ଲାଗି କୋଇଲାର ବ୍ୟବହାର ବୃଦ୍ଧି ଘଟିବ। କ୍ଲିନ ଟେକ୍ନୋଲୋଜି ଦ୍ୱାରା କୋଇଲା ବ୍ୟବହାର ଫଳରେ ଦୈନିକ ୨.୩୮ ମିଲିୟନ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ଫିଟ୍ ପ୍ରାକୃତିକ ବାଷ୍ପ ଉତ୍ପାଦନ ହେବ। ଏଲ୍‌ଏନ୍‌ଜି ଆମଦାନୀ ବିଲ୍ କମାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ରସାୟନ ଏବଂ ସାର ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା କହିଛନ୍ତି, ଦେଶର ଖାଦ୍ୟ ଆବଶ୍ୟକତା ପୂରଣ ଲାଗି ୟୁରିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ୫୦ରୁ ୭୦ ଲକ୍ଷ ଟନ୍ ୟୁରିଆ ଆମଦାନୀ କରାଯାଉଛି। ଦେଶ ମଧ୍ୟରେ ଉତ୍ପାଦିତ ୟୁରିଆ ବ୍ୟବହାରକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏବେ ଦେଶରେ ପ୍ରାକୃତିକ ବାଷ୍ପ ଏବଂ ଆମଦାନୀ ହେଉଥିବା ଏଲ୍‌ଏନ୍‌ଜି ବ୍ୟବହାର ଦ୍ୱାରା ୟୁରିଆ ପ୍ରସ୍ତୁତ ହେଉଛି। ଏଲ୍‌ଏନ୍‌ଜି ଆମଦାନୀ ଲାଗି ସରକାର ପ୍ରତିବର୍ଷ ବହୁ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ସାର ଉତ୍ପାଦନ ଲାଗି ଅନ୍ୟାନ୍ୟ କଞ୍ଚାମାଲ ବ୍ୟବହାରକୁ ସରକାର ଗୁରୁତ୍ୱ ଦେଉଛନ୍ତି।

ସେ କହିଛନ୍ତି ଯେ, ତାଳଚେରସ୍ଥିତ ସାର କାରଖାନା ଏହି ଦିଗରେ ନିଜର ଯୋଗଦାନ ରଖିବ। ୟୁରିଆ ଉତ୍ପାଦନ କ୍ଷେତ୍ରରେ ଏହା ଭାରତର ଆତ୍ମନିର୍ଭରଶୀଳତା ବଢାଇବ। ଏହାବାଦ ଓଡ଼ିଶାରେ କୃଷି ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ସହ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଗୌଡା ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରାୟତ୍ତ କମ୍ପାନୀ ମୁଖ୍ୟମାନେ ଉପସ୍ଥିତ ଥିଲେ।



ଚୁକ୍ତି ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଭିନ୍ନ ଅଧିକାରୀମାନେ।

- ସ୍ଥାପନ ହେବ କୋଇଲା ବାଷ୍ପୀକରଣ ୟୁନିଟ
- ନିବେଶ ହେବ ୧୩,୨୭୭ କୋଟି
- ଗେଲ୍, ଆର୍‌ସିଏଫ୍, କୋଲ୍ ଇଣ୍ଡିଆ, ଏଫ୍‌ସିଆଇଏଲ୍ ହେଲେ ପ୍ରମୋଟର
- ପ୍ରଯୁକ୍ତି ଯୋଗାଇବ ଉହାନ ଇଞ୍ଜିନିୟରିଂ
- ଦେଶର ବିକାଶ ଧାରାରେ ନୂଆ ଅଧ୍ୟାୟ ଯୋଡିବ: ଧର୍ମେନ୍ଦ୍ର
- ସୃଷ୍ଟି ହେବ ୪,୫୦୦ ନିଯୁକ୍ତି: ଗୌଡ଼ା

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଦୁଇଦିନ ବନ୍ଦ ରହିବ କର୍ପୋରେଟ୍, ସରକାରୀ ଅଫିସ

**ବଲାଙ୍ଗୀର ଅଫିସ, ୧୭।୯**

ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରାଯାଉ ବୋଲି ଦୀର୍ଘବର୍ଷ ହେଲା ଦାବି ଓ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟ ନେଇ ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୁଇଦିନିଆ ବଲାଙ୍ଗୀର ବନ୍ଦ ଡାକରା ଦିଆଯାଇଛି । ଏହି ଦୁଇଦିନ ବଲାଙ୍ଗୀର ଜିଲାରେ ଥିବା ସମସ୍ତ ସରକାରୀ ଓ କର୍ପୋରେଟ୍ ଅଫିସ ବନ୍ଦ ରହିବ ବୋଲି କୁହାଯାଇଛି । ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ କହିଛନ୍ତି କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ, ଜିଲାର ସମସ୍ତ ବାର୍ ଆସୋସିଏଶନ୍‌ର ନିଷ୍ପତ୍ତି ଅନୁସାରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ବଲାଙ୍ଗୀର ଜିଲା ସଦର ମହକୁମା ସହିତ ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା ଆଦି ସହରାଞ୍ଚଳ, ସମସ୍ତ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଅଫିସ, କର୍ପୋରେଟ୍ ଅଫିସ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ବନ୍ଦ ରହିବ ବୋଲି କୁହାଯାଇଛି । ଦୁଇଦିନ ଧରି ଏହି ବନ୍ଦ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି । ଯଶବନ୍ତ ସିଂ କମିଶନ ଆଧାରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରାଯିବା ନେଇ ସମସ୍ତ ଭିତ୍ତିଭୂମି, ଯଥାର୍ଥତା ରହିଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ବିହିତ ପଦକ୍ଷେପ ନେଉ ନ ଥିବାରୁ ଏହାକୁ ନେଇ ଦୀର୍ଘବର୍ଷ ହେଲା ଜିଲା ଓକିଲ ସଂଘ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ସମସ୍ତ ସରକାରୀ ଓ କର୍ପୋରେଟ ଅଫିସ ବନ୍ଦ କରାଯାଉଥିଲେ ମଧ୍ୟ ଦୋକାନ ବଜାର, ସ୍କୁଲ କଲେଜ ଖୋଲାରହିବ ଓ ଗାଡିମୋଟର ଚଳାଚଳ କରିବ ବୋଲି କୁହାଯାଇଛି । ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ମଧ୍ୟ ଅନୁଷ୍ଠିତ ହେବ ବୋଲି ଓକିଲ ସଂଘ ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି ।

**୬ଷ୍ଠ ଜନ୍ମଦିନ ଶୁଭେଚ୍ଛା**



**ତ୍ରିଶା ତନୟା**

ଆଜି ତୋର ୬ଷ୍ଠ ତମ ଜନ୍ମବାର୍ଷିକ ଉତ୍ସବରେ ପିତା ସଞ୍ଜୟ ପରିଡ଼ା ଙ୍କ ସମେତ ମା', ମାମୁ, ମାଇଁ, ଜେଜେମା', ଆଇ ଶୁଭ ଆଶୀର୍ବାଦ କାମନା କରୁଛନ୍ତି।

ଶୁଭେଚ୍ଛାସହ:
ବନ୍ଧୁ ବାନ୍ଧବ ଓ ପରିବାର ବର୍ଗ

ଧ-୧୪୩୮୧

**CAR FOR SALE**

One **Indigo GLX** Petrol Car of 2009 model of HUDCO, Bhubaneswar is available for sale as is where is basis. For further details please visit **HUDCO** website **www.hudco.org** or **Contact : 7684877227.**

**Sd./- Regional Chief,**
**HUDCO, Bhubaneswar**

## ଜିଲା ଚିଠି
## ଭଦ୍ରକ



# ଆଶାରେ ମେଡିକାଲ କଲେଜ

ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଜିଲାର ବୁଦ୍ଧିଜୀବୀ ଫୋରମ, ଯୁବ ଯାଦବ ସଂଘ, ମେଡିକାଲ କଲେଜ ସଂଗ୍ରାମୀ ସେନା ଭଳି ବିଭିନ୍ନ ସାମାଜିକ ସଙ୍ଗଠନ ଏହି ଦାବିରେ ଜନମତ ସୃଷ୍ଟି କରି ସରକାର ଓ ପ୍ରଶାସନ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ସେମାନେ ନିଜ ନିଜର ରଣକୌଶଳ ଓ ଦାବି ନେଇ ପଥପ୍ରାନ୍ତ ସଭା, ଦସ୍ତଖତ ଅଭିଯାନ ଭଳି କାର୍ଯ୍ୟକ୍ରମ କରୁଛନ୍ତି। ସମସ୍ତଙ୍କ ଲକ୍ଷ୍ୟ ଏକ। ମେଡିକାଲ କଲେଜ ପ୍ରତିଷ୍ଠା ହେଉ। କେନ୍ଦ୍ର ସରକାର ୭୫ଟି ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିବା ପରେ ଏସବୁ ସଙ୍ଗଠନ ମେଡିକାଲ କଲେଜ ଖୋଲିବା ଦାବିରେ ଅଡ଼ି ବସିଛନ୍ତି। ବିକାଶ କ୍ଷେତ୍ରରେ ପଛୁଆ ରହିଥିବା ଭଦ୍ରକ ଜିଲାରେ ଏଭଳି ଦାବିର ଯଥାର୍ଥତାକୁ ବିଭିନ୍ନ ମହଲରୁ ସମର୍ଥନ ଦିଆଯାଉଛି। ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସମର୍ଥନ ଜଣାଉଛନ୍ତି। ହେଲେ ଗୋଟିଏ ବ୍ୟାନରରେ ଦାବି ଉପସ୍ଥାପନ କରାଯାଉ ନ ଥିବାରୁ ଏହାର ସେଭଳି ପ୍ରଭାବ ଅନୁଭୂତ ହେଉ ନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ଦାବିକୁ ଅଣଦେଖା କରି ନୀରବତା ଅବଲମ୍ବନ କରୁଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ସ୍ୱପ୍ନ ଅଧୁରା ହୋଇ ରହିଛି। ଦୀର୍ଘ ଦୁଇବର୍ଷ ହେଲା ଜିଲାରେ ଏହି ଦାବି ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି। ଜିଲାରେ ମଧ୍ୟ ବନ୍ଦ ପାଳନ କରାଯାଇଛି। ରାଜନେତା ଓ ଲୋକପ୍ରତିନିଧି ଏହି ଦାବିକୁ ସମର୍ଥନ କରୁଥିବା କହୁଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କଠାରୁ ସମ ଦୂରତା ବଜାୟ ରଖୁଥିବା ଚର୍ଚ୍ଚାକୁ ଆସୁଛି। ଏଭଳି ସ୍ଥିତି ଦେଖି 'ସମସ୍ତେ କାନ୍ଦୁଛନ୍ତି, କାହାରି ଆଖିରେ ଲୁହ ନାହିଁ' ବୋଲି ଅନେକେ ଆଲୋଚନା କରୁଛନ୍ତି। ଭୌଗୋଳିକ ଅବସ୍ଥିତି ଓ ଗମନାଗମନ ସୁବିଧା ଦୃଷ୍ଟିରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଏହି ଜିଲା ସମେତ ପଡ଼ୋଶୀ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଜିଲାର ଉପାନ୍ତ ଅଞ୍ଚଳବାସୀ ନିର୍ଭର କରିଆସୁଛନ୍ତି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ୧୬ ନଂ ଜାତୀୟ ରାଜପଥର ଅନତି ଦୂରରେ ଅବସ୍ଥିତ ଥିବାରୁ ଏଠାରେ ଦୁର୍ଘଟଣାଜନିତ ରୋଗୀଙ୍କ ଭିଡ଼ ପ୍ରାୟତଃ ଲାଗିରହୁଛି। ପ୍ରତିଦିନ ଏହି ଚିକିତ୍ସାଳୟର ବହିର୍ବିଭାଗରେ ପ୍ରାୟ ୧୮୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଅନ୍ତର୍ବିଭାଗରେ ୩୦୦ ଶଯ୍ୟା ରହିଛି। ଉନ୍ନତ ଓ ଆଧୁନିକ ଚିକିତ୍ସା ସେବା ପାଇବା ଲାଗି ଲୋକେ କଟକ ଭଳି ଦୂର ସ୍ଥାନକୁ ଯାଇ ଅଧିକାଂଶ ସମୟରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଜିଲା ମୁଖ୍ୟ ଡାକ୍ତରଖାନା ସମ୍ପ୍ରସାରଣ ଓ ସ୍ଥାନାନ୍ତର ଯୋଜନା ଆଜି ସୁଦ୍ଧା ପ୍ରସ୍ତାବରେ ଅଟକି ରହିଛି। ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଅଞ୍ଚଳବାସୀ ଉନ୍ନତ ଚିକିତ୍ସା ସେବା ପାଇବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆସିପାରନ୍ତା ବୋଲି ଜିଲାବାସୀ ଆଶା ବାନ୍ଧି ବସିଛନ୍ତି। ଗତ ସାଧାରଣ ନିର୍ବାଚନ ବେଳେ ଏହି ପ୍ରସଙ୍ଗ ବେଶ୍ ଚର୍ଚ୍ଚାକୁ ଆସିଥିଲା। ନିର୍ବାଚନ ପରେ କେତେକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାର ମେଡିକାଲ କଲେଜ ପ୍ରତିଷ୍ଠା କଥା କହି ଏବେ କାହିଁକି ନୀରବତା ଅବଲମ୍ବନ କରୁଛନ୍ତି ତାହା ସଂଶୟର କାରଣ ହୋଇଛି।

– ବିଭୁପ୍ରସାଦ ବେହେରା

# ନର୍ସଙ୍କୁ ନିର୍ମମ ହତ୍ୟା

**ବିରିଡ଼ି/ବାଲିଆ,୧୭।୯(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ କୁଳକଇଜଙ୍ଗା ପଞ୍ଚାୟତ ନୂଆପାରୀ ଗ୍ରାମ ନିକଟ ବିଲୁଆଖାଇ ନଦୀପଠାରୁ ମଙ୍ଗଳବାର ସକାଳେ ଏକ ଅଖାରୁ ଜଣେ ନର୍ସଙ୍କ ଗଳିତ ମୃତଦେହ ମିଳିଛି। ଖବରପାଇ ବିରିଡ଼ି ଥାନା ଅଧିକାରୀ ପାରୋ ଗୁଡୁ, ଏସଆଇ ଜୀବନ ଲାକ୍ରା ପ୍ରମୁଖ ସଦଳବଳ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଜଗତ୍‌ସିଂହପୁର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର, ମଧୁପାଟଣା ଥାନା ଆଇଆଇସି ତୁଷାର ରଞ୍ଜନ ସେଠୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଅଖା ମଧ୍ୟରୁ ମୃତଦେହ ବାହାର କରାଯାଇଥିଲା। ମୃତ ନର୍ସଙ୍କ ହାତ ଗୋଡ଼ ବନ୍ଧାଥିବା ଦେଖିବାକୁ ମିଳିଥିଲା। ମୁଣ୍ଡ ଓ ମୁଖମଣ୍ଡଳରୁ ମାଂସ ବାହାରିଯାଇ କେବଳ ଖପୁରି ହାଡ଼ ଦେଖାଯାଉଥିଲା। ଏପରି କି ମୃତଦେହରେ ପୋକ ଚାଲୁଥିଲେ। ଯୁବତୀ ଜଣଙ୍କ ନାଲି ରଙ୍ଗର ଲେଗିନ୍ସ ଓ ବ୍ରାଉନ ରଙ୍ଗର ଶାର୍ଟ ପିନ୍ଧିଥିଲେ। ତେବେ ପ୍ରାଥମିକ ତଦନ୍ତ ପରେ ମୃତଦେହ ଚିହ୍ନଟ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ଗ୍ରାମର ଗଗନ ପାତ୍ରଙ୍କ ଝିଅ ନିହାରିକା ପାତ୍ର (୨୪)। ସେ କଟକର ଏମ୍‌ଏମ୍ ନର୍ସିଂହୋମରେ କାମ କରୁଥିଲେ। ସେପ୍ଟେମ୍ବର ୮ ତାରିଖରୁ ସେ ନିଖୋଜ ଥିବା କଟକ ମଧୁପାଟଣା ଥାନାରେ ଅଭିଯୋଗ ହୋଇଥିଲା। ନଦୀପଠାରୁ ମୃତଦେହ ମିଳିବା ଖବରପାଇ ଉକ୍ତ ନର୍ସିଂହୋମ କର୍ମଚାରୀ ଓ ଯୁବତୀଙ୍କ ମା' ପ୍ରତିମା ପାତ୍ର ଯାଇ ଚିହ୍ନଟ କରିଥିଲେ। ବିରିଡ଼ି ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ବିରିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ନଂ.୧୧୬/୧୯ ରୁଜୁ କରି ତଦନ୍ତ ଚଳାଇଛି। ଏହି ହତ୍ୟାକାଣ୍ଡରେ ବିରିଡ଼ି ଥାନା ହାଜିପୁର ଗ୍ରାମର ଜଣେ ଯୁବକ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି। ଯୁବତୀଙ୍କ ସହ ଅଭିଯୁକ୍ତ ଯୁବକଙ୍କର ଆଗରୁ ପ୍ରେମ ସମ୍ପର୍କ ଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ଏହି ହତ୍ୟାକାଣ୍ଡ ଘଟିଲା ତାହା ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ନିହାରିକା ପାତ୍ର (ଫାଇଲ ଫଟୋ)

- ଗତ ୮ ତାରିଖରୁ ନିଖୋଜ ଥିଲେ
- ବିଲୁଆଖାଇ ନଦୀପଠାରୁ ମିଳିଲା ଗଳିତ ମୃତଦେହ

### ■ ୨୪ତମ କନ୍‌ଷ୍ଟେବଲ ବ୍ୟାଚ୍‌ର ପାସିଂ ଆଉଟ୍ ପରେଡ

# ନିଷ୍ଠା, ସାଧୁତାର ସହ କର୍ତ୍ତବ୍ୟ ପାଳନ ପାଇଁ ଡିଜିପିଙ୍କ ପରାମର୍ଶ



ଡିଜିପି ଅଭିବାଦନ ଗ୍ରହଣ କରୁଛନ୍ତି।

- ଯୋଗଦେଲେ ନବନିଯୁକ୍ତ ୨୬୬ ମହିଳା କନ୍‌ଷ୍ଟେବଲ
- ପ୍ରଶିକ୍ଷଣ ପରୀକ୍ଷାରେ କୃତୀ ୪ଜଣ ପୁରସ୍କୃତ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ନବନିଯୁକ୍ତ ମହିଳା କନଷ୍ଟେବଲ ୨୪ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ (ପାସିଂ ଆଉଟ୍ ପରେଡ଼) ମଙ୍ଗଳବାର ସକାଳେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଟ୍ରାଫିକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ବି.କେ. ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସେ ନବନିଯୁକ୍ତ ମହିଳା କନ୍‌ଷ୍ଟେବଲମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ କର୍ତ୍ତବ୍ୟକୁ ନିଷ୍ଠା ଓ ସାଧୁତାର ସହ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। କନଷ୍ଟେବଲମାନେ ହେଉଛନ୍ତି ପୋଲିସ ବ୍ୟବସ୍ଥାର ମୂଳଦୁଆ। ଆସନ୍ତା ୨ରୁ ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ପୋଲିସ ବିଭାଗରେ ରାଜ୍ୟବ୍ୟାପୀ କରାଯିବ। ତେଣୁ ଅତ୍ୟନ୍ତ ଭଦ୍ର, ନମ୍ର ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କର। ବୃତ୍ତିଗତ କାର୍ଯ୍ୟ ସମ୍ପାଦନ ସମୟରେ ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକରିବା ସହ ଓଡିଶା ପୋଲିସର ସୁନାମକୁ ବଜାଇ ରଖିବାକୁ ଡିଜିପି ଶର୍ମା ଆହ୍ୱାନ ଦେଇଥିଲେ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ନବନିଯୁକ୍ତ କନ୍‌ଷ୍ଟେବଲଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏସିପି ଟ୍ରେନିଂ ସୂର୍ଯ୍ୟକାନ୍ତ ମହାନ୍ତି ପରେଡ କମାଣ୍ଡରଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

ସମାରୋହରେ ୨୧ ଜିଲାରୁ ନବନିଯୁକ୍ତ ୨୬୬ ଜଣ ମହିଳା କନ୍‌ଷ୍ଟେବଲ ସାମିଲ ହୋଇଥିଲେ। ସେମାନେ ଜାନୁୟାରୀ ୨୨ରୁ ୬ ମାସ ଧରି ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମୟରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଅପରାଧ ସମ୍ବନ୍ଧୀୟ ଆଇନ, ମାନବିକ ଅଧିକାର, ଜନସାଧାରଣଙ୍କ ବ୍ୟବହାର, ପୋଲିସର କର୍ତ୍ତବ୍ୟ, ଅସ୍ତ୍ରଶସ୍ତ୍ର, ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଲାଠି ଡ୍ରିଲ୍, ବିନା ଅସ୍ତ୍ରରେ ଯୁଦ୍ଧ କୌଶଳ ଶିକ୍ଷା ଓ ଯୋଗ ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଶିକ୍ଷଣ ସମ୍ବନ୍ଧୀୟ ପରୀକ୍ଷା କରାଯାଇଥିଲା। ଏଥିରେ ପୁରୀ ଜିଲାର କନ୍‌ଷ୍ଟେବଲ ସଜନୀ ସାହୁ ପ୍ରଥମ, ବଲାଙ୍ଗୀର ଜିଲାର ଦୀପାଳି ବାରିକ ଦ୍ୱିତୀୟ ଓ ଖୋର୍ଦ୍ଧା ଜିଲାର ମଧୁମିତା ବଳବନ୍ତରାୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଏମାନଙ୍କୁ ଡିଜିପି ପୁରସ୍କୃତ କରିଥିଲେ। ସେହିଭଳି ଯାଜପୁର ଜିଲାର କନ୍‌ଷ୍ଟେବଲ ପାର୍ବତୀ ସାହୁଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ପ୍ରଶିକ୍ଷାର୍ଥୀନୀଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ୍ ଓ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ବିନତାଶ୍ୱ ମଲ୍ଲିକ**
ଅଧିଷ୍ଠାନ: ୨୫।୦୩।୧୯୮୬
ତିରୋଧାନ: ୧୮।୦୯।୨୦୧୩
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୭୫୧୦୧୬
ଜନ୍ମ ମୃତ୍ୟୁର ଏ ପୃଥିବୀରେ
ଭୁଲି ନହେଲା ପରି ସ୍ମୃତି ଏକା ତୋ'ର!
ଶ୍ରୀମା' ଶ୍ରୀଅରବିନ୍ଦଙ୍କ ପରମ କୃପାରୁ
ତୋ' ଆତ୍ମାର ଉତ୍ତରଣ
ଜାରି ରହୁ- ଏତିକି ପ୍ରାର୍ଥନା।
**–ପରିବାର, ପରିଜନ ଓ**
**ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ–**

ଧ-୧୪୩୮୫

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶଙ୍କର୍ଷଣ ବେହୁରା**
ଆବିର୍ଭାବ: ୦୩।୦୯।୧୯୨୭
ତିରୋଧାନ: ୩୦।୦୯।୧୯୯୬
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
**ପୁଅ: କ୍ଷୀରୋଦ କୁମାର ବେହୁରା,**
**ବୋହୂ: ବନଜା ବେହୁରା,**
**ନାତି: ହିମାଂଶୁ ବେହୁରା।**

ଧ-୧୪୩୮୦

## ଇ-ନିଲାମ - କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)
### ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ ପରିସମ୍ପତ୍ତି ବିକ୍ରୟ

ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କୋଲକାତା ଖଣ୍ଡପୀଠଙ୍କ ୨୬ ସେପ୍ଟେମ୍ବର, ୨୦୧୮ର ଆଦେଶ ଦ୍ୱାରା ନିଯୁକ୍ତ ପରିସମାପକଙ୍କ ଦ୍ୱାରା ଗଠିତ ଲିକ୍ୱିଡେସନ୍ ଇଷ୍ଟେଟ୍‌ର ଅଂଶରେ ପରିଣତ ହୋଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ପରିସମାପନରେ) ମାଲିକାନାରେ ଥିବା ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ।
ଆଗ୍ରହୀ ଆବେଦନକାରୀମାନେ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ http://concastispat.com/nclt.html ଏବଂ ଇ-ନିଲାମ ୱେବ୍‌ସାଇଟ୍ https://ncltauction.auctiontiger.netରେ ଅପ୍‌ଲୋଡ୍ ହୋଇଥିବା ବିସ୍ତୃତ ଇଓଆଇ ପ୍ରକ୍ରିୟା ଦସ୍ତାବିଜ ଏବଂ ପରିସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ସ୍ମାରକ ଦେଖିପାରନ୍ତି।
ନିଲାମ ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ (ପ୍ରତ୍ୟେକ ୧୫ ମିନିଟର ଅସୀମିତ ସମୟବୃଦ୍ଧି ସହିତ) କରାଯିବ: https://ncltauction.auctiontiger.net

| ପରିସମ୍ପତ୍ତି ଲଟ୍ | ବିକ୍ରୟ ପଦ୍ଧତି | ନିରୀକ୍ଷଣ ତାରିଖ | ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଇଏମ୍‌ଡି ପରିମାଣ ଏବଂ ଦାଖଲର ଅନ୍ତିମ ତିଥି |
|---|---|---|---|---|---|
| ପରିସମ୍ପତ୍ତି ଲଟ୍ ନଂ.୧-ବାଙ୍କୁରା ୟୁନିଟ୍ | ଚାଲୁ ବ୍ୟବସାୟ ଭାବେ | ୧୦ ଅକ୍ଟୋବର ୨୦୧୯ ପୂର୍ବରୁ | ୨୨ ଅକ୍ଟୋବର ୨୦୧୯, ୧୩.୦୧ ଘ. ରୁ ୨୩ ଅକ୍ଟୋବର ୨୦୧୯ ୧୩.୦୦ ଘ. | ୨୫୩.୩୭ କୋଟି | ୧୭ ଅକ୍ଟୋବର ୨୦୧୯ କିମ୍ବା ତାହା ପୂର୍ବରୁ ୨୫ କୋଟି |
| ପରିସମ୍ପତ୍ତି ଲଟ୍ ନଂ.୪-ଝାରସୁଗୁଡ଼ା ୟୁନିଟ୍ | ମିଳିତ ଭାବେ-ବନ୍ଦ ୟୁନିଟ୍ | ୧୦ ଅକ୍ଟୋବର ୨୦୧୯ ପୂର୍ବରୁ | ୨୧ ଅକ୍ଟୋବର ୨୦୧୯, ୧୨.୦୧ ଘ. ରୁ ୨୨ ଅକ୍ଟୋବର ୨୦୧୯, ୧୨.୦୦ ଘ. | ୩୦୨.୬୮ କୋଟି | ୧୬ ଅକ୍ଟୋବର ୨୦୧୯ କିମ୍ବା ତାହା ପୂର୍ବରୁ ୩୦ କୋଟି |

ଇ-ନିଲାମ ସମ୍ପର୍କିତ ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ: ଶ୍ରୀଯୁକ୍ତ ନଓନୀତ କୁମାର / ଶ୍ରୀଯୁକ୍ତ ସପ୍ତର୍ଷି ବୈଦ୍ୟଙ୍କ ସହିତ +୯୧ ୭୯୦୩୫ ୭୫୦୯୫/ ୯୮୩୬୦ ୭୦୯୯୨, ଇମେଲ: LQ.Concast@in.gt.com
**କ୍ଷୀତିଜ ଛାଓଛାରିଆ**
**କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)ର ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.- ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬
ପଞ୍ଜୀକୃତ ଠିକଣା: ମାର୍ଫତ୍ ବି. ଛାଓଛାରିଆ ଆଣ୍ଡ କୋ
୮ଏ ଏବଂ ବି, ସତ୍ୟମ୍ ଟାୱାର୍, ୩, ଆଲିପୁର ରୋଡ୍, କୋଲକାତା – ୭୦୦୦୨୭ । ଇମେଲ: Kshitiz@bccoindia.com



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। -ଶ୍ରୀମା



# ନୂଆ ଯୁଗର ଡ୍ରୋନ୍

ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦକ ସୌଦି ଆରବର କମ୍ପାନୀ 'ସୌଦି ଆରାମ୍‌କୋ'ର ଦୁଇଟି ତୈଳ କୂପ ଉପରେ ୟେମେନୀ ବିଦ୍ରୋହୀ ଗୋଷ୍ଠୀ ୧୪ ସେପ୍ଟେମ୍ବରରେ ଡ୍ରୋନ୍ ଆକ୍ରମଣ କରିଥିଲା। ଫଳରେ ସେଠାରେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଆରାମ୍‌କୋ ଦୈନିକ ପ୍ରାୟ ୧୦୦ ମିଲିୟନ୍ ବ୍ୟାରେଲ୍ ତେଲ ଉତ୍ପାଦନ କରୁଥିବା ବେଳେ ଏହି ଆକ୍ରମଣ ଯୋଗୁ ଏହା ଅଧାକୁ ଖସିଆସିଛି। ଏହି ଘଟଣା ପରେ ବିଶ୍ୱ ତୈଳ ବଜାରରେ ଯୋଗାଣ ହ୍ରାସ ପାଇବାର ସବୁ ଆଶଙ୍କା ଦେଖାଦେଇଛି। ଫଳସ୍ୱରୂପ ୧୬ ସେପ୍ଟେମ୍ବରରେ ଅଶୋଧିତ ତେଲ ଦରରେ ନିଆଁ ଲାଗିଛି। ଗୋଟିଏ ଦିନରେ ଏହା ୨୮ ବର୍ଷର ରେକର୍ଡ ଭାଙ୍ଗି ବ୍ୟାରେଲ ପିଛା ୭୧.୯୫ ଡଲାରରେ ପହଞ୍ଚିଛି। ତେଣୁ ଆଗାମୀ ଦିନରେ ତେଲ ଦର ଆହୁରି ବଢ଼ିପାରେ। କାରଣ ତୈଳ ଉତ୍ପାଦକ ଦେଶସମୂହ ଓପେକ୍ ପୂର୍ବରୁ ଦୈନିକ ୧.୧ ମିଲିୟନ ବ୍ୟାରେଲ ତେଲ ଉତ୍ପାଦନ କମାଇବ ବୋଲି ନିଷ୍ପତ୍ତି ନେଇସାରିଛି। ଏଥିସହ ଆରାମ୍‌କୋ ଉପରେ ଆକ୍ରମଣଜନିତ ଉତ୍ପାଦନ ହ୍ରାସ ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ଚାହିଦା ତୁଳନାରେ ଅଭାବ ଯୋଗୁ ଦରବୃଦ୍ଧି ପାଇବା ସ୍ୱାଭାବିକ।

ଆରାମ୍‌କୋ ଉପରେ ଡ୍ରୋନ୍ ଆକ୍ରମଣ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଦରବୃଦ୍ଧିର ଆଉ ଏକ କାରଣ ହୋଇପାରେ। ଡ୍ରୋନ୍ ଆକ୍ରମଣ ପଛରେ ଇରାନ୍‌ର ହାତ ଥିବା ଆମେରିକା ଅଭିଯୋଗ କରୁଛି। ଏଥିରେ ସାମିଲ ଥିବା ହୁତି ବିଦ୍ରୋହୀଙ୍କୁ ଇରାନ୍ ସାମରିକ ସହାୟତା ଯୋଗାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ଏଣୁ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଚାର ଚାଲିଥିବା ଟ୍ରମ୍ପ୍ କହିବା ପରେ ଇରାନ୍ ମଧ୍ୟ ଯୁଦ୍ଧ ଲାଗି ପ୍ରସ୍ତୁତ ଥିବା କହିଛି। ଏହିସବୁ ସମୀକରଣକୁ ଦେଖିଲେ ମନେହେଉଛି ଯେପରି ସମଗ୍ର ବିଶ୍ୱ ପ୍ରଭାବିତ ହେବା ନିଶ୍ଚିତ। ଭାରତ ସକାଶେ ଏହା 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହେବ। ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତର ଅର୍ଥନୀତି ଆହୁରି ବିଗିଡ଼ିଯିବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଏହାକୁ ନେଇ ଚେତାବନୀ ଦେଇ ସାରିଲେଣି। ତାଙ୍କ ମତରେ ଅଶୋଧିତ ତେଲ ଦର ବଢ଼ିଲେ ଦେଶର ଚାଲୁ ଖାତା ନିଅଣ୍ଟ (ସିଏଡି) ଏବଂ ବିତ୍ତୀୟ ନିଅଣ୍ଟ (ଫିସ୍‌କାଲ ଡେଫିସିଟି) ଯଥେଷ୍ଟ ବଢ଼ିଯିବ। ଫଳରେ ଦେଶ ଅଧିକ ଡଲାର ଖର୍ଚ୍ଚ କରିବାକୁ ବାଧ୍ୟ ହେବ ଏବଂ ମୁଦ୍ରା ଉପରେ ଏହାର ଘୋର ପ୍ରଭାବ ପଡ଼ିବ। ଏହା ଜଣାଶୁଣା ଯେ, ତେଲ ଦର ବଢ଼ିଲେ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଇବ। ଏହା ମୁଦ୍ରାସ୍ଫୀତିକୁ ବଢ଼ାଇବା ସହ ଆର୍‌ବିଆଇର ରେପୋ ରେଟ୍ ହ୍ରାସ ସମ୍ଭାବନାକୁ ରୋକିବ। ଏହା ଦ୍ୱାରା ସୁଧହାର ବୃଦ୍ଧି ପାଇଲେ ବିନିର୍ମାଣ ଓ ଅଟୋମୋବାଇଲ କ୍ଷେତ୍ର ଋଣ ନେବାରୁ ଦୂରେଇ ଯିବେ। ଧିମେଇ ପଡ଼ିଥିବା ଏହି କ୍ଷେତ୍ର ଆହୁରି ମନ୍ଥର ହୋଇଯିବ। ଏହାର ପ୍ରଭାବ ଦେଶର ଜିଡିପି ଉପରେ ମଧ୍ୟ ପଡ଼ିପାରେ। ଏଭଳି ସ୍ଥଳେ ସରକାରଙ୍କୁ ତେଲ ଉପରୁ ଟିକସ ହ୍ରାସ କରିବାକୁ ପଡ଼ିପାରେ।

ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ସୌଦି ଆରବର ତୈଳ କୂପ ଉପରେ ହୋଇଥିବା ଆକ୍ରମଣ ଯୋଗୁ ଭାରତର ତୈଳ ଯୋଗାଣ ଉପରେ ସେଭଳି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ସମୀକ୍ଷକଙ୍କ ମତରେ ତୈଳ ଦର ୫ରୁ ୬ ଟଙ୍କା ବୃଦ୍ଧି ପାଇଲେ ଏହାର ପ୍ରଭାବ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିବ। ଯେତେବେଳେ ଆର୍‌ବିଆଇ ଗଭର୍ନର ଆଶଙ୍କା କଲେଣି ଯେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବଢ଼ିଲେ ଏହା ଦେଶର ଆର୍ଥିକ କ୍ଷେତ୍ରରେ ପ୍ରଭାବ ପକାଇବ, ସେତେବେଳେ ଦେଶବାସୀ ସଜାଗ ହେବା ଉଚିତ। ଜନସାଧାରଣ ପୂର୍ବାପେକ୍ଷା ଅଧିକ ପବ୍ଲିକ୍ ଟ୍ରାନ୍ସପୋର୍ଟ ବା ସାଧାରଣ ପରିବହନକୁ ବ୍ୟବହାର କରିବା ଦରକାର ହୋଇପଡ଼ିଲାଣି। ଜୀବାଶ୍ମ ଇନ୍ଧନ ଯେହେତୁ ସୀମିତ ରହିଛି, ସେଥିପ୍ରତି ଦୃଷ୍ଟି ଦିଆଗଲେ ଭାରତ ବିଦେଶରୁ କରୁଥିବା ଆମଦାନୀକୁ ଅନେକାଂଶରେ କମାଇ ଦିଆଯାଇପାରନ୍ତା। ଯେତେବେଳେ ଏକ ଦେଶର ଅର୍ଥନୀତି ଧିମେଇ ଯାଉଛି ସେହି ସମୟରେ ସରକାରୀ ସ୍ତରରୁ ସାଧାରଣ ନାଗରିକ ଯାଏ ସମସ୍ତେ ଆର୍ଥିକ ଦୁଃସ୍ଥିତିକୁ ବୁଝିବା ଦରକାର।

କୁମ୍ଭୀର ପିଲାଟିକୁ ନେଇ ମଝି ନଈରେ ଥିବାବେଳେ ଯଦି ମା' ଭାବେ ଯେ ତା' ଛୁଆ ପହଁରିବାରେ ଦକ୍ଷ ହୋଇଗଲାଣି, ତାହା ନିଶ୍ଚିତ ଭାବେ ମା'ର ଅଦୂରଦର୍ଶିତା ବୋଲି କୁହାଯାଇପାରେ। ଭାରତୀୟ ଅର୍ଥନୀତି ଏବେ ଯେଉଁ ସ୍ତରରେ ପହଞ୍ଚିଛି ଏବଂ ପ୍ରତ୍ୟେକ ଦିନ ପ୍ରତି କ୍ଷେତ୍ର ଯେଭଳି କ୍ଷତି ସହି ଚାଲିଛନ୍ତି ସେଥିରୁ ବୁଝିବାକୁ ହେବ ଯେ ଭବିଷ୍ୟତ ଅର୍ଥନୀତି ବିଗିଡ଼ିବାକୁ ଯାଉଛି। ଏଭଳି ସ୍ଥଳେ କେନ୍ଦ୍ର ସରକାରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବ୍ୟକ୍ତି ବାସ୍ତବ ସ୍ଥିତିକୁ ଲୁଚାଇବା ଠିକ୍ ନୁହେଁ। ବରଂ ସମାଧାନର ପ୍ରକୃତ କାରଣ ଖୋଜାଯିବା ଦରକାର। ସାଧାରଣ ଲୋକେ ଜାଣିଛନ୍ତି ଯେ, ତେଲ ଦର ବଢ଼ିଲେ ଏହାର ବୋଝ ଦେଶବାସୀଙ୍କ ଉପରେ ପଡ଼ିବ। ତେଣୁ ନେତୃତ୍ୱ ନେଉଥିବା ବ୍ୟକ୍ତି ପରିସ୍ଥିତିର ଗମ୍ଭୀରତାକୁ ବୁଝି ତୁରନ୍ତ ପଦକ୍ଷେପ ନ ନେଲେ 'ନେଡ଼ି ଗୁଡ଼ କହୁଣି'କୁ ବୋହିଯାଇଥିବ।

ଶେଷରେ ଅନ୍ୟ ଏକ ଦିଗକୁ ଦୃଷ୍ଟି ପକାଯାଇପାରେ। ୟେମେନୀ ଡ୍ରୋନ୍ ଆକ୍ରମଣରେ ଆରାମ୍‌କୋର ତୈଳ କୂପରେ ନିଆଁ ଲାଗିଯିବା ଫଳରେ ଆଜି ଏହା ପ୍ରମାଣିତ କରୁଛି ଯେ, ଡ୍ରୋନ୍ ମାଧ୍ୟମରେ ବଡ଼ଧରଣର ଯୁଦ୍ଧ ଘଟାଇବା ସମ୍ଭବପର ହୋଇଗଲାଣି। ମଣିଷର ଉପସ୍ଥିତି ବିନା ଏହି ସ୍ୱୟଂଚାଳିତ ଉଡ଼ାଜାହାଜ ଅନ୍ୟ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ ଉପରେ ଆକ୍ରମଣ କରି ଧ୍ୱଂସ କରିପାରୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟ ବାୟୁସେନାର ପାଇଲଟ ଅଭିନନ୍ଦନ ଯେଉଁଭଳି ଆକ୍ରମଣ କରିବାକୁ ଯାଇ ପାକିସ୍ତାନରେ ଗଳିପଡ଼ିଥିଲେ ତାହା ଏବେ ଅତୀତ ହୋଇଗଲାଣି। ୟେମେନ୍ ଭଳି ଛୋଟ ଅନୁନ୍ନତ ଦେଶର ଏକ ବିଦ୍ରୋହୀ ଗୋଷ୍ଠୀ ଯେପରି ଡ୍ରୋନ୍ ଆକ୍ରମଣ କରିପାରିଛି, ତାହା ପ୍ରମାଣ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥାରେ ଅନେକ କାର୍ଯ୍ୟ ବାକି ରହିଛି। ସେହି ପୁରୁଣା ଢଙ୍ଗରେ ସଫଳତା ହାସଲ କରିବା ସମ୍ଭବପର ହେବ ନାହିଁ।

# କେତେ ଜରୁରୀ ଭିଆଇପି ସୁରକ୍ଷା



ଶରତ ଚନ୍ଦ୍ର ମିଶ୍ର

ଖଲିସ୍ଥାନ ଆନ୍ଦୋଳନ, ମାଓବାଦ, ଆତଙ୍କବାଦ ଓ ଦେଶରେ ହିଂସାର ବାତାବରଣ ହେତୁ, ନେତାମାନଙ୍କର ସୁରକ୍ଷା ବର୍ତ୍ତମାନ ଦେଶର ଏକ ବଡ଼ ଦାୟିତ୍ୱ। ଶିଳ୍ପପତି ଓ ଅଭିନେତାମାନେ ମଧ୍ୟ ସୁରକ୍ଷାର ବଳୟ ମଧ୍ୟରେ ରହିବାକୁ ଚାହୁଁଛନ୍ତି। ଶିଳ୍ପପତି ଓ ଅଭିନେତାମାନେ ସରକାରୀ ସୁରକ୍ଷାର ଖର୍ଚ୍ଚ ପ୍ରଦାନ କରନ୍ତି, କିନ୍ତୁ ରାଜନେତା, ଅମଲାତନ୍ତ୍ରୀ ଓ ବିଚାରପତିମାନଙ୍କ ସୁରକ୍ଷାର ବ୍ୟୟ ଟିକସଦାତା ବହନ କରେ।

ମହାତ୍ମା ଗାନ୍ଧୀଙ୍କ ନିଧନ (ଜାନୁୟାରୀ ୧୯୪୮) ସମୟରେ ନିରାପତ୍ତା ବ୍ୟବସ୍ଥା ଓ ଗୋଇନ୍ଦା ସଂସ୍ଥା ସଙ୍ଗଠିତ ନ ଥିଲା। ମହାତ୍ମା ଗାନ୍ଧୀ ନିଜେ କୌଣସି ପୋଲିସ ସୁରକ୍ଷା ଗ୍ରହଣ କରୁ ନ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ନିଧନ (୧୯୮୪) ପରେ ଭିଆଇପି ସୁରକ୍ଷାର ଗୁରୁତ୍ୱ ଅନୁଭୂତ ହେଲା ଏବଂ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାରର ସୁରକ୍ଷା ନିମନ୍ତେ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ନାମକ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେଲା। ଏଥିନିମନ୍ତେ ୧୯୮୮ରେ ଏକ ଆଇନ ମଧ୍ୟ ପ୍ରଣୟନ କରାଗଲା। ପ୍ରଧାନମନ୍ତ୍ରୀ ପଦବୀରେ ନ ଥାଇ ୧୯୯୧ ମସିହାରେ ରାଜୀବ ଗାନ୍ଧୀ ନିର୍ବାଚନ ପ୍ରଚାର କରୁଥିଲେ ଓ ଅନେକ ସମୟରେ ସେ ପୋଲିସର କର୍ଡନ ମାନୁ ନ ଥିଲେ ବୋଲି ଅଭିଯୋଗ ହେଉଥିଲା। ତାଙ୍କ ପାଖରେ ଏସ୍‌ପିଜିର କଡ଼ା ସୁରକ୍ଷା ନ ଥିଲା ଓ ଏଲ୍‌ଟିଟିଇ ଆତତାୟୀଙ୍କ ହାତରେ ସେ ଓ ତାଙ୍କର ଦେହରକ୍ଷୀ ପ୍ରାଣ ହରାଇଲେ। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏସ୍‌ପିଜି ଆଇନକୁ ସଂଶୋଧନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ଦଶବର୍ଷ ପର୍ଯ୍ୟନ୍ତ ଏସ୍‌ପିଜି ସୁରକ୍ଷାପ୍ରାପ୍ତ ହେବେ ବୋଲି ବ୍ୟବସ୍ଥା କଲେ। ତତ୍କାଳୀନ ପୂର୍ବତନ ପ୍ରଧାନମନ୍ତ୍ରୀ ଭି.ପି. ସିଂହ ଏ ସୁରକ୍ଷା ଚାହାନ୍ତି ନାହିଁ ବୋଲି ପ୍ରସ୍ତାବ ଦେଲେ ମଧ୍ୟ ତାହା ଗ୍ରହଣ କରାଗଲା ନାହିଁ। ନରସିଂହ ରାଓ ପ୍ରଧାନମନ୍ତ୍ରୀ ପଦରୁ ଯିବାର ପାଞ୍ଚ ମାସ ପରେ ମାଲିମକଦ୍ଦମାରେ ଛନ୍ଦି ହେଲେ ଓ ତାଙ୍କର ନିରାପତ୍ତା ବ୍ୟବସ୍ଥା କୋର୍ଟ ପରିସରରେ ସଚଳ ରଖିବା ସମ୍ଭବପର ନୁହେଁ ବୋଲି ଦିଲ୍ଲୀ ପୋଲିସ ଆବେଦନ କଲେ। କୋର୍ଟ ନରସିଂହ ରାଓଙ୍କ ବିଚାର ବିଜ୍ଞାନ ଭବନକୁ ସ୍ଥାନାନ୍ତର କରିବାକୁ ଆଦେଶ ଦେଲେ।

ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଏସ୍‌ପିଜି ଆଇନର ପୁନଃ ସଂଶୋଧନ ହେଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ଏସ୍‌ପିଜି ସୁରକ୍ଷା ମାତ୍ର ଏକବର୍ଷ ନିମନ୍ତେ ପାଇବେ ଓ ଆବଶ୍ୟକ ସ୍ଥଳେ ଏହା ପ୍ରତିବର୍ଷ ନବୀକରଣ ହେବାର ବ୍ୟବସ୍ଥା ରହିଲା। ଏହି ନୂତନ ବ୍ୟବସ୍ଥା ଅନୁସାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ଓ ଦେବେଗୌଡାଙ୍କ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର କରି ନିଆଗଲା। ଅଳ୍ପଦିନ ତଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଏସ୍‌ପିଜି ସୁରକ୍ଷାକୁ ଜେଡ୍ ପ୍ଲସକୁ ହ୍ରାସ କରାହୋଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ କେବଳ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଏସ୍‌ପିଜି ସୁରକ୍ଷା ଉପଭୋଗ କରୁଛନ୍ତି।

ଏସ୍‌ପିଜି ସୁରକ୍ଷା ପରେ ଜେଡ୍ ପ୍ଲସ ସୁରକ୍ଷା ବ୍ୟବସ୍ଥା, ଯେଉଁମାନଙ୍କ ଜୀବନ ଅତ୍ୟନ୍ତ ବିପଦସଙ୍କୁଳ, ସେଇମାନଙ୍କୁ ପ୍ରଦାନ କରାଯାଏ। ଏଥିରେ ମାୟାବତୀ ଓ ଅନିଲ ଅମ୍ବାନୀଙ୍କ ସମେତ ୧୭ ଜଣ ବ୍ୟକ୍ତି ଅଛନ୍ତି। ଏ ପ୍ରକାର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ୫୫ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ସେମାନଙ୍କ ମଧ୍ୟରେ ବିଶେଷ ତାଲିମପ୍ରାପ୍ତ ୧୦ ଜଣ ବ୍ଲାକ୍ କ୍ୟାଟ୍ ଅନ୍ତର୍ଭୁକ୍ତ। ତା' ପର ହେଲା ଜେଡ୍ ସୁରକ୍ଷା। ଏ ପ୍ରକାର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ପାଞ୍ଚ ଜଣ ବ୍ଲାକ୍ କ୍ୟାଟ୍‌ଙ୍କ ସମେତ ୨୨ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ୱାଇ ପର୍ଯ୍ୟାୟ ସୁରକ୍ଷାରେ ଦୁଇଜଣ ବ୍ଲାକ୍ କ୍ୟାଟ୍‌ଙ୍କ ସମେତ ୧୧ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ସବୁଠାରୁ କମ୍ ସୁରକ୍ଷା ବ୍ୟବସ୍ଥା ହେଲା ଏକ୍ସ ପର୍ଯ୍ୟାୟ। ଏଥିରେ ମାତ୍ର ଦୁଇଜଣ ଅସ୍ତ୍ରଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି।

ଅଧୁନା ଏଇ ସୁରକ୍ଷାଧାରୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି। ଏକ ଆକଳନ (୨୦୧୭) ଅନୁସାରେ ୨୦,୮୨୮ ବ୍ୟକ୍ତି ଏହି ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଛନ୍ତି। ସେମାନଙ୍କ ସେବାରେ ୫୬,୯୯୪ ପୋଲିସ କର୍ମୀ ନିୟୋଜିତ ଅଛନ୍ତି। ଏତଦ୍‌ବ୍ୟତୀତ ଦିଲ୍ଲୀ ପୋଲିସର ଶତକଡ଼ା ୪୦ ଭାଗ କର୍ମୀ ଭିଆଇପି ସୁରକ୍ଷାରେ ନିୟୋଜିତ। ଦେଶରେ ପ୍ରତି ୬୬୩ ଜଣ ନାଗରିକଙ୍କ ନିମନ୍ତେ ଜଣେ ପୋଲିସ କର୍ମୀର ବ୍ୟବସ୍ଥା ଥିଲାବେଳେ ପ୍ରତି ସୁରକ୍ଷାଧାରୀଙ୍କ ନିମନ୍ତେ ହାରାହାରି ୩ ଜଣ ପୋଲିସ କର୍ମୀଙ୍କ ବ୍ୟବସ୍ଥା ଟିକସଦାତାଙ୍କ ଅର୍ଥରେ କରାହୋଇଛି। ସୁରକ୍ଷାଧାରୀଙ୍କ ସଂଖ୍ୟା ଆନୁମାନିକ ଭାବରେ ପଞ୍ଜାବରେ ସବୁଠାରୁ ଅଧିକ। ଜିଲା ସ୍ତରରେ ବିଚାରପତିମାନଙ୍କ ନିମନ୍ତେ ମଧ୍ୟ ସୁରକ୍ଷା କର୍ମୀଙ୍କ ବ୍ୟବସ୍ଥା ପଞ୍ଜାବରେ ଅଛି।

ଅନେକ ଅମଲାତନ୍ତ୍ରୀ ଅବସର ଗ୍ରହଣର ଅବ୍ୟବହିତ ପୂର୍ବରୁ ନିଜ ଜୀବନକୁ ବିପଦ ଥିବା ଦର୍ଶାଇ ଏକ୍ସ ବର୍ଗର ସୁରକ୍ଷାପ୍ରାପ୍ତ ହେଉଛନ୍ତି। ଫଳତଃ ଅବସର ପରେ ମଧ୍ୟ ଦୁଇଜଣ ସରକାରୀ ଲୋକର ସେବାପ୍ରାପ୍ତ ହେଉଛନ୍ତି। ଅନେକ ସୁରକ୍ଷାଧାରୀ ସେମାନଙ୍କ ସୁରକ୍ଷା କର୍ମୀଙ୍କର ଅସଦ୍ ଉପଯୋଗ କରନ୍ତି ଓ ସେମାନଙ୍କୁ ଗୃହଭୃତ୍ୟ ଭଳି ବ୍ୟବହାର କରନ୍ତି ବୋଲି ଅଭିଯୋଗ ହୁଏ। ଉତ୍ତରପ୍ରଦେଶ ଓ ପଞ୍ଜାବରେ କେତେକ ଏମ୍‌ଏଲ୍‌ଏ ସାଙ୍ଗରେ ଦୁଇଜଣ ଶସ୍ତ୍ରଧାରୀ ପୋଲିସ ଧରି ଗ୍ରାମାଞ୍ଚଳରେ ନିଜର ବିରୋଧୀମାନଙ୍କୁ ଡରାଇବାର ମଧ୍ୟ ଅଭିଯୋଗ ହୁଏ।

ଅଯଥାରେ ନିଜକୁ ବିପଦଗ୍ରସ୍ତ ବୋଲି ପ୍ରତିପାଦିତ କରି ସୁରକ୍ଷାବାହିନୀର ବଳୟ ମଧ୍ୟରେ ରହିବା ଏକ ସାମନ୍ତବାଦୀ ଚିନ୍ତାଧାରାର ପରିପ୍ରକାଶ। ଏ ଲେଖକ ୧୯୬୪ ମସିହାରେ ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଥିବା ସମୟରେ କେବଳ ରାଜ୍ୟପାଳଙ୍କ ଗାଡ଼ିକୁ ପାଇଲଟ ଗାଡ଼ି ଦିଆଯାଉଥିଲା। ଦିଲ୍ଲୀରେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ନିଜ ଗାଡ଼ିରେ ଘରୁ ଅଫିସକୁ ବିନା କୌଣସି ସୁରକ୍ଷାରେ ଯିବାଆସିବା କରୁଥିଲେ। ଗତ ଶତାବ୍ଦୀର ନବେ ଦଶକ ବେଳକୁ ଅବସ୍ଥା ବଦଳିବା ଆରମ୍ଭ ହେଲା। ଏ ଲେଖକ ୧୯୯୩ ମସିହାରେ ପୋଲିସ ମହାନିର୍ଦ୍ଦେଶକ ଥିବା ସମୟରେ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଭୁବନେଶ୍ୱର ଗସ୍ତରେ ଆସିଲେ। ବିମାନବନ୍ଦରଠାରୁ ରାଜ୍ୟ ଅତିଥିନିବାସକୁ ସେ ଆସିଲା ବେଳେ ତାଙ୍କ ନିମନ୍ତେ ବୁଲେଟ ପ୍ରୁଫ୍ ଗାଡ଼ିର ବ୍ୟବସ୍ଥା ହୋଇ ନ ଥିଲା ବୋଲି ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପାଖରେ ଅଭିଯୋଗ କଲେ। ବିଜୁବାବୁ ମୋତେ ପଚାରିବାରୁ, ଶେଷାନଙ୍କ ପ୍ରତି ଓଡ଼ିଶାରେ କୌଣସି ବିପଦ ନାହିଁ, ତେଣୁ ଦିଲ୍ଲୀର ବିମାନରେ ବୁଲେଟ୍ ପ୍ରୁଫ୍ ଗାଡି ନବାଆଣିବାରେ ଅଯଥା ଖର୍ଚ୍ଚ କରିବାର ଆବଶ୍ୟକତା ନ ଥିଲା ବୋଲି ମୁଁ ବୁଝାଇଲି। ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ତୁମେ କିପରି ନିଶ୍ଚିତ ହେଲ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କଲେ। ମୁଁ ଉତ୍ତର ଦେଲି ଯେ, କେବଳ ଓଡ଼ିଶା ପୋଲିସ ନୁହେଁ, ଶେଷାନ ନିଜେ ମଧ୍ୟ ବିପଦ ନ ଥିବା କଥା ଜାଣନ୍ତି। କାରଣ ବିନା ସୁରକ୍ଷାରେ ସେ ଫରେଷ୍ଟ ପାର୍କର ଏକ ଘରକୁ ନିଜ ବନ୍ଧୁ ଦର୍ଶନ ନିମନ୍ତେ ଯାଇଥିଲେ। ଏହା କେବଳ ଏକ ମାନସିକତାର ପ୍ରଶ୍ନ ବୋଲି ମୁଖ୍ୟମନ୍ତ୍ରୀ ମୋ ସଙ୍ଗରେ ରାଜି ହେଲେ।

ଦେଶର ବହୁ ପୋଲିସ ଶକ୍ତି ଭିଆଇପିଙ୍କ ସୁରକ୍ଷାରେ ଅଯଥା ବ୍ୟୟିତ ହେଉଛି। ବର୍ତ୍ତମାନର ମୋଦି ସରକାର ଅବଶ୍ୟ ଏହାକୁ ହ୍ରାସ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି। କିନ୍ତୁ କୌଣସି ରାଜନୈତିକ ନେତା ସୁରକ୍ଷା ହ୍ରାସକୁ ସହଜରେ ଗ୍ରହଣ କରୁନାହାନ୍ତି। ଏ ଭିଆଇପି ସଂସ୍କୃତି ଓ ସାମନ୍ତବାଦୀ ଚିନ୍ତାଧାରାକୁ ସରକାର କଠିନ ହସ୍ତରେ ଲୋପ କରିବାକୁ ଉଦ୍ୟମ କରିବା ଆବଶ୍ୟକ ଓ ସେଥିରେ ଜନସାଧାରଣ ସରକାରଙ୍କୁ ସହଯୋଗ କରିବା ନିତାନ୍ତ ଜରୁରୀ।

ମୋ-୯୯୩୭୪୨୨୫୨୧

# ଆମ ସଂସ୍କୃତିରେ ଶ୍ରାଦ୍ଧ



ଅଲେଖ ଚନ୍ଦ୍ର ମିଶ୍ର

''ପ୍ରିୟ ପୁତ୍ର! ଯାହା ମୁଁ ଖୁସିରେ ନିଜ ହାତରେ ତତେ ଦେଇଥାନ୍ତି ତାକୁ ତୁ ମୋଠାରୁ ଜୋର୍‌କରି ଛଡ଼େଇ ନେଲୁ (ସାମ୍ରାଜ୍ୟ)। ସେଥିରେ ମୋର ଦୁଃଖ ନାହିଁ। ମୃତ୍ୟୁର ଯନ୍ତା ଭଳି ଏ ନିର୍ଜନ କାରାଗାରରେ ବନ୍ଦୀ କଲୁ। ତଥାପି ଦୁଃଖ ନାହିଁ। ଖାଇବା ପିଇବା ବନ୍ଦ କରିଦେଲୁ। ତେବେ ବି ଦୁଃଖ ନାହିଁ। ଦୁଃଖ ଖାଲି ଏଇଥି ପାଇଁ ଯେ ଏହି ସାମ୍ରାଜ୍ୟର ସୁରକ୍ଷା ପାଇଁ ମୁଁ ଯେଉଁ ନିରୀହ ହିନ୍ଦୁମାନଙ୍କୁ ଅନେକ କଷ୍ଟ ଦେଇଛି, କେତେ ଉଦାର ସେମାନଙ୍କର ହୃଦୟ, କେତେ ମହାନ୍ ସେମାନଙ୍କ ସଂସ୍କୃତି! ମୃତ୍ୟୁ ପରେ ବି ସେମାନେ ନିଜ ମାତାପିତାଙ୍କୁ ଖାଇବା ପିଇବାକୁ ଦିଅନ୍ତି। ଅଥଚ ମୁଁ ବଞ୍ଚିଥିଲା ବେଳେ ତୁ ମତେ ମୁଠାଏ ଖାଇବାକୁ କି ଢୋକେ ପିଇବାକୁ ନ ଦେଇ କଲବଲ କରି ମାରୁଛୁ। ହାୟ...!''

ଇଏ ଥିଲା ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କର ତାଙ୍କ ପୁତ୍ର ଔରଙ୍ଗଜେବଙ୍କ ପାଇଁ ଅନ୍ତିମ ବାର୍ତ୍ତା। ସେ ଦିନ ଯାହା ବିଳାସୀ ବାଦ୍‌ଶାହଙ୍କର ହୃଦୟକୁ ବ୍ୟଥିତ କରିଥିଲା ତା'ର ରହସ୍ୟ ଉନ୍ମୋଚନ ପାଇଁ ସାରା ବିଶ୍ୱ ବି କୌତୂହଳୀ। ତାହା ହେଲା ହିନ୍ଦୁ ସଂସ୍କୃତିର ମହାନ୍ ପରମ୍ପରା ଓ ପାରିବାରିକ ମମତାର ବନ୍ଧନ, ଯାହା ମୃତ୍ୟୁ ପରେ ବି ଅତୁଟ ରହେ। ଅବଶ୍ୟ ମୃତକଙ୍କ ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରଥା ପ୍ରଚଳିତ। କେଉଁଠି ପୀରାମିଡ୍ ଗଢ଼ାହୁଏ ତ କେଉଁଠି ସମାଧି ବନାଯାଏ। କେଉଁଠି ଗମ୍ବୁଜ (ଟମ୍ବ) ତିଆରି ହୁଏ ତ କେଉଁଠି ସ୍ମୃତିସ୍ତମ୍ଭ (ପ୍ରତିମୂର୍ତ୍ତି) ତୋଳାହୁଏ। ହେଲେ ପ୍ରାୟ ସର୍ବତ୍ର ମୃତ୍ୟୁ ପରବର୍ତ୍ତୀ ପ୍ରକ୍ରିୟା ଏତିକିରେ ଶେଷ ହୋଇଯାଏ, ଯାହା ଏକକାଳୀନ ଅନୁଷ୍ଠାନ। କିନ୍ତୁ ପିଢ଼ିପିଢ଼ି ଧରି ମୃତକଙ୍କ ସ୍ମୃତିଚାରଣ କରିବା କେବଳ ହିନ୍ଦୁ ସଂସ୍କୃତିରେ ହିଁ ଦେଖିବାକୁ ମିଳେ। ମୃତ୍ୟୁ ପରଠାରୁ ପକ୍ଷବ୍ୟାପୀ ସଂସ୍କାରାଦି ପ୍ରେତକ୍ରିୟା ସହିତ ଯେଉଁ ମାସିକ ଓ ସାମ୍ବତ୍ସରିକ ବିଧିବିଧାନ ରହିଛି ତା'ର ଏକ ଅଂଶବିଶେଷ ହେଲା 'ଶ୍ରାଦ୍ଧ' (ଶ୍ରଦ୍ଧାରୁ ଉପନ୍ନ)।

ଆର୍ଯ୍ୟ ସଂସ୍କୃତିର ମୂଳପିଣ୍ଡ ଚତୁର୍ବେଦ ମଧ୍ୟରୁ ଋକ୍‌ବେଦରେ ଏହି ସମଗ୍ର ପ୍ରକ୍ରିୟାର ବିଶଦ ବର୍ଣ୍ଣନା କରାଯାଇଛି, ଯାହାର କିଞ୍ଚିତ୍ ସୂଚନା ନିମ୍ନରେ ପ୍ରଦତ୍ତ ହେଲା। ମୃତ୍ୟୁ ପରେ ଜୀବ ପ୍ରେତଲୋକରେ ପ୍ରବେଶ କରେ, ଯେଉଁଠି ତା'ର ସୂକ୍ଷ୍ମ ଶରୀର ଦୁଃଖ, ଶୋକ, ଯନ୍ତ୍ରଣା, ଅବସୋସ, ଅସମ୍ପୂର୍ଣ୍ଣ କାମନା ଇତ୍ୟାଦିର ସମ୍ମୁଖୀନ ହୁଏ। ସେଠାରେ ଆଲୋକ, ଜଳ, ପବନ, ଭୋଜନର ଅଭାବ ଥାଏ। ତେଣୁ ଶ୍ରାଦ୍ଧ କର୍ମରେ ଦୀପ, ଜଳ, ବ୍ୟଞ୍ଜନ, ଭୋଜ୍ୟ (ପାକସିଦ୍ଧ ଅନ୍ନାଦି) ତାକୁ ଅର୍ପଣ କରାଯାଏ। ଦାନ, ଧ୍ୟାନ, ବ୍ରାହ୍ମଣ ଭୋଜନ, ନାମ ସଂକୀର୍ତ୍ତନ ଇତ୍ୟାଦି କଲା ପରେ ସେ ପ୍ରେତଲୋକର ଯନ୍ତ୍ରଣାରୁ ମୁକ୍ତ ହୋଇ ପିତୃଲୋକକୁ ଗମନ କରେ ଯେଉଁଠି ଶାନ୍ତି ଓ ଆନନ୍ଦ ମିଳେ। ଏହି ପ୍ରକ୍ରିୟାକୁ ପରବର୍ତ୍ତୀ ବଂଶଧରମାନେ ଶିଖନ୍ତି ଏବଂ ଆଚରଣ କରନ୍ତି, ଯାହାଫଳରେ ଜୀବ ଏ ସୁବିଧାରୁ ବଞ୍ଚିତ ହୁଏନା। ସେଥିପାଇଁ ସମସ୍ତେ ଚାହାନ୍ତି, ତାଙ୍କର ବଂଶ ଲୋପ ନ ହେଉ ବା ବଂଶରେ ଜାରଜ, ବର୍ଣ୍ଣସଂକର ବା ପ୍ରତିଲୋମଜ ସନ୍ତାନ ଜନ୍ମ ନ ହୁଅନ୍ତୁ। କାରଣ ତାହାହେଲେ ମୃତ୍ୟୁପରେ ସେ 'ଲୁପ୍ତପିଣ୍ଡୋଦକ' ହୋଇ ବା ପିଣ୍ଡପାଣି ନ ପାଇ ନରକଗାମୀ ହେବ। (ସଂକରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟଚ, ପତନ୍ତି ପିତରାଃ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ- ଗୀତା)।

ଶ୍ରାଦ୍ଧ ବର୍ଷକରେ ଥରେ ପ୍ରାଣୀର ମୃତ୍ୟୁ

## ପିତୃପକ୍ଷ ଉପଲକ୍ଷେ

ଦିବସରେ ଅନୁଷ୍ଠିତ ହୁଏ। କାରଣ ମୃତ୍ୟୁଲୋକର ଏକବର୍ଷ ପିତୃଲୋକର ଏକଦିନ ସହିତ ସମାନ। ଏହା ପାର୍ବଣ (ତିନିପୁରୁଷ ପାଇଁ) କିମ୍ବା ଏକୋଦିଷ୍ଟ (ଏକ ପୁରୁଷ ପାଇଁ) ହୋଇପାରେ। ସାମ୍ବତ୍ସରିକ ଶ୍ରାଦ୍ଧ ବ୍ୟତୀତ ମହାଳୟା ଶ୍ରାଦ୍ଧ, ପୟାଶ୍ରାଦ୍ଧ, ଗୟା ଶ୍ରାଦ୍ଧ ଓ ଶ୍ରୀମନ୍ଦିର ବାଇଶି ପାହାଚରେ ଶ୍ରାଦ୍ଧ ଆଦି ସାମଗ୍ରିକ ଶ୍ରାଦ୍ଧକର୍ମର ଆନୁଷଙ୍ଗିକ। ଶାସ୍ତ୍ରରେ ଅଛି- ''ସୂର୍ଯ୍ୟେ କନ୍ୟାଗତେ ଶ୍ରାଦ୍ଧଂ ଯୋ ନ କୁର୍ଯ୍ୟାତ୍ ଗୃହାଶ୍ରମୀ। ଧନପୁତ୍ରାଦି କୁତଃ ତସ୍ୟ ପିତୃନିଃଶ୍ୱାସପୀଡ଼ନାତ୍।।'' କନ୍ୟା ବା ଆଶ୍ୱିନ ମାସରେ ଯେଉଁ ଗୃହସ୍ଥ ପିତୃପକ୍ଷ ଶ୍ରାଦ୍ଧ ନ ଦିଏ ପିତୃପୁରୁଷଙ୍କର ନିଃଶ୍ୱାସରେ ତା'ର ଧନ ଓ ସନ୍ତାନଙ୍କର ଅମଙ୍ଗଳ ହୁଏ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ। ଯାହାର ପିତୃପୁରୁଷ ଯେଉଁ ତିଥିରେ ମୃତ୍ୟୁବରଣ କରିଥିବେ ଏହି ପନ୍ଦର ଦିନ ମଧ୍ୟରେ ସେହି ତିଥିରେ ସେ ଶ୍ରାଦ୍ଧ କରିବା ବିଧି। କୌଣସି କାରଣରୁ ଏହି ତିଥିରେ ଶ୍ରାଦ୍ଧ ଦେଇ ନ ପାରିଲେ ମହାଳୟା ଅମାବାସ୍ୟା ଦିନ ଶ୍ରାଦ୍ଧ କରିବ। ସେଦିନ ବି ସମ୍ଭବ ନ ହେଲେ ତା' ପର ଦୀପାବଳି ଅମାବାସ୍ୟାରେ ମିଳେ ଶେଷ ସୁଯୋଗ, ଯାହାକୁ ପୟାଶ୍ରାଦ୍ଧ କୁହାଯାଏ। ଏହିଦିନ ପୂର୍ବପୁରୁଷ (ବଡବଡୁଆ)ଙ୍କୁ ଆହ୍ୱାନ କରାଯାଏ- ବଡବଡୁଆ ହୋ! ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶିପାହାଚରେ ଗଡ଼ଗଡ଼ଉଥାଅ।

ବିହାରର ଗୟାଠାରେ ତ୍ରିସ୍ତରୀୟ (ବିଷ୍ଣୁ ପାଦତୀର୍ଥେ, ଗୟାଶିରେ, ଅକ୍ଷୟବଟ ତଳେ ଏବଂ ଫଲ୍‌ଗୁନଦୀତଟେ) ଶ୍ରାଦ୍ଧ ପ୍ରଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ଏବଂ ଲୌକିକ ଶ୍ରାଦ୍ଧ ପାଇଁ ଆଉ ଅପେକ୍ଷା କରନ୍ତି ନାହିଁ ବୋଲି ଶାସ୍ତ୍ରରେ ବର୍ଣ୍ଣିତ। ଗୟା ପରେ ନାଭିଗୟା (ଯାଜପୁରର ବିରଜା କ୍ଷେତ୍ରସ୍ଥ) ଓ ଶ୍ରୀମନ୍ଦିରର ବାଇଶି ପାହାଚରେ ପିଣ୍ଡଦାନ ଦେଲେ ସମଗ୍ର ଶ୍ରାଦ୍ଧ ପ୍ରକ୍ରିୟାର ସମାପ୍ତି ଘଟେ।

ଉପଯୁକ୍ତ ପୁରୋହିତଙ୍କ ଦ୍ୱାରା ଶ୍ରାଦ୍ଧ କରିବା ଉଚିତ। ଲୋକଙ୍କୁ ଖାଇବାକୁ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ତେଣୁ ଶ୍ରାଦ୍ଧଦିନ ବ୍ରାହ୍ମଣଭୋଜନ ଦେବାର ନିୟମ ଅଛି। ଶ୍ରାଦ୍ଧ ଦିନ ତେଲ ଲଗାଇବା ଅନୁଚିତ। (ବ୍ରତୋପବାସେ ଶ୍ରାଦ୍ଧେ ଚ ନ ତୈଳଂ ସେବତେ ନରଃ)। ପିଣ୍ଡଦାନ ପୂର୍ବରୁ ପାନଭୋଜନ ନିଷିଦ୍ଧ। ଦ୍ୱିବାର ଅନ୍ନଭକ୍ଷଣ ବି ନିଷିଦ୍ଧ। ଓଦା ଲୁଗା ଶୁଖେଇବା (ଶ୍ରାଦ୍ଧ ଶେଷ ପର୍ଯ୍ୟନ୍ତ) ମନା। ଶ୍ରାଦ୍ଧ ଦିନ ଗୀତାପାଠ କରଣୀୟ। (ପିତୃନୁଦ୍ଦିଶ୍ୟ ଯଃ ଶ୍ରାଦ୍ଧେ ଗୀତାପାଠଂ କରୋତି ହି, ସନ୍ତୁଷ୍ଟାଃ ପିତରଃ ତସ୍ୟ ନିରୟାଦ୍ ଯାନ୍ତି ସ୍ୱର୍ଗତିମ୍।)

ଏହାଛଡା ପ୍ରତ୍ୟେକ ଗୃହସ୍ଥ ପ୍ରତିଦିନ ସ୍ନାନ ପରେ ଓଦାବସ୍ତ୍ରରେ ପିତୃକୁଳ ଓ ମାତୃକୁଳର ତିନି ପୁରୁଷଙ୍କୁ ଅର୍ଘ୍ୟ (ଜଳ) ଦାନ କଲେ ସେମାନେ ପ୍ରୀତ ହୋଇ ବଂଶବୃଦ୍ଧି ପାଇଁ ଆଶୀର୍ବାଦ କରନ୍ତି। ସମୟର ଯେତେ ଅଭାବ ଥିଲେ ବି ଆମକୁ ଜନ୍ମ ଦେଇଥିବା ମାତାପିତାଙ୍କ ପାଇଁ ବର୍ଷକରେ ଥରଟିଏ ଏତିକି କର୍ମ କରିବା କ'ଣ ଅସମ୍ଭବ? ବରଂ ସେମାନଙ୍କର ଜୀବଦ୍ଦଶାରେ ଆମେ ଯଦି ସେମାନଙ୍କ ନିକଟରେ କିଛି ତ୍ରୁଟି କରିଥାଉ ଶ୍ରାଦ୍ଧ ମାଧ୍ୟମରେ ତା'ର ସଂଶୋଧନ ହୁଏ। ଅତଏବ ଶ୍ରାଦ୍ଧ ପ୍ରତି କୌଣସି ପ୍ରକାର କୁଣ୍ଠାବୋଧ ରହିବା ଉଚିତ ନୁହେଁ।

ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପରିବାରକୁ ପିଲାଟିଏ ଆସିଲେ ସମସ୍ତେ ଯେମିତି ଖୁସି ହୁଅନ୍ତି ସେମିତି ତା'ର ଜନ୍ମଦିନକୁ ଜାକଜମକରେ ପାଳନ କରି ଶୁଭେଚ୍ଛା ଅଜାଡି ଦିଅନ୍ତି। ମଙ୍ଗଳ କାମନା କରି ପୂଜାପାଠ କରନ୍ତି। ଭୋଜିଭାତର ଆସର ବି ଜମିଯାଏ। କିନ୍ତୁ ଜଣେ କିଶୋରଙ୍କ ଜନ୍ମଦିନକୁ ଗୁଜରାଟର ଏକ ପରିବାର ଯେଉଁ ଢଙ୍ଗରେ ପାଳନ କରିଛି ତାହା ଜାଣିଲେ ତାଙ୍କର ଦେଶଭକ୍ତି ଭାବନାକୁ ଶ୍ରେୟ ନ ଦେଇ ରହିପାରିବେନି। ଗୁଜରାଟ ମୋର୍‌ବି ଜିଲାର ସ୍ୱାପର ଗାଁରେ ରହନ୍ତି ମେରଜା ପରିବାର। ଏହି ପରିବାର ୧୯ ବର୍ଷୀୟ ପୁତ୍ର ଦୀପର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛି। ଦୀପଙ୍କ ପିତା ପରେଶଭାଇ ମେରଜା ଜନ୍ମଦିନ ଅବସରରେ ଗାଁ ରାସ୍ତା ମରାମତି କରିବାକୁ ନିଷ୍ପତ୍ତି ନେଇ ଏକ ନୂଆ ବାର୍ତ୍ତା ଦେଇଛନ୍ତି। ପୂରା ପରିବାର ଦୁଇଟି ଟ୍ରାକ୍ଟର ଓ ଏକ ଲୋଡର ନେଇ ଗାଁ ରାସ୍ତା ମରାମତି କରିବାକୁ ବାହାରି ଯାଇ ୧୦୦ ମିଟର ରାସ୍ତାକୁ ଘଣ୍ଟାଏ ଭିତରେ ମରାମତି କରିଦେଇଛନ୍ତି। ଗାଁରୁ ମୁଖ୍ୟ ରାସ୍ତାକୁ ଯୋଡୁଥିବା ରାସ୍ତା ଏତେ ଖରାପ ଥିଲା ଯେ, ସେଥିରେ ଯିବାଆସିବା କରିବା କଷ୍ଟକର ହୋଇପଡୁଥିଲା। ମେରଜା ପରିବାର ସଦସ୍ୟମାନେ ରାସ୍ତା ମରାମତି କରିବା ଦେଖି ଗାଁ ଲୋକେ ମଧ୍ୟ ତାଙ୍କ ସହ କାମରେ ଲାଗିଯାଇଥିଲେ। ସବୁ କଥାରେ ସରକାର କରିବେ କହିବା ଠିକ୍ ନୁହେଁ। ଗାଁ ରାସ୍ତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର ବୋଲି କହିଛନ୍ତି ମେରଜା ପରିବାରର ମୁଖ୍ୟ ତଥା ଦୀପଙ୍କ ପିତା ପରେଶଭାଇ ମେରଜା।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୪

- ଚାଇନାର କେନ୍ଦ୍ରୀୟ ହୁବେଇ ପ୍ରଦେଶର ବାଦୋଙ୍ଗ ସହର ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ଉପରୁ ୧୧୦ ଫୁଟ ଗଭୀର ଏକ ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୫୪ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ପି. ଶିବଶଙ୍କର ସିକିମର ନୂତନ ରାଜ୍ୟପାଳ ନିଯୁକ୍ତ।

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ ! (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 2 | | B | 0 | | | 4 | | 3 | | | | |
| | 0 | | C | 3 | 4 | B | | | 5 | A | | | | |
| | D | | | | | | | 2 | | B | | | A | 7 |
| | | 8 | | | 6 | | | | 4 | | | | C | |
| | | B | 1 | | | 8 | E | | | | 9 | 0 | | |
| 0 | | C | 9 | | B | | | D | | 4 | | | | A |
| 8 | | | | | 3 | | | | | | 7 | | 1 | |
| | E | | 0 | | | | 1 | 6 | | | | | 5 | 3 |
| | | 9 | | 7 | | | | | | | E | | | 8 |
| | | 6 | | 1 | | A | 3 | 9 | | C | | B | E | |
| | | | D | | 7 | | A | E | 6 | | | | 3 | |
| 3 | | | 4 | | | | | | | 2 | | | | 1 |
| | 2 | | | | | | 7 | | | 5 | C | | | |
| D | 6 | | | 5 | | | | | | | | | | 9 |
| | 1 | 7 | | | | C | | 5 | 3 | | D | | 0 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 6 | 8 | 2 | C | 1 | B | 9 | D | A | 0 | 7 | 4 | 3 | 5 |
| 9 | 7 | B | A | 3 | 6 | 0 | 5 | 4 | D | 8 | E | 1 | 2 | C |
| 4 | 0 | 3 | B | 5 | 9 | E | 7 | 8 | 1 | 2 | C | D | 6 | A |
| C | 5 | 2 | E | 0 | D | 1 | A | 3 | 6 | 4 | 9 | 7 | B | 8 |
| 1 | A | D | 7 | 8 | 4 | 2 | C | 6 | 3 | B | 5 | 0 | E | 9 |
| 8 | 4 | 1 | 0 | 7 | B | C | 2 | A | E | 9 | 6 | 3 | 5 | D |
| D | E | 5 | C | 1 | A | 6 | 4 | 0 | 2 | 3 | B | 9 | 8 | 7 |
| 0 | 9 | C | 3 | D | 2 | 7 | 8 | B | 5 | A | 4 | 6 | 1 | E |
| 2 | 3 | A | 6 | 9 | 8 | 5 | E | 1 | 7 | C | D | B | 0 | 4 |
| 6 | B | 7 | 5 | 4 | E | 3 | D | 9 | 8 | 1 | 0 | C | A | 2 |
| B | 8 | 6 | 4 | E | 7 | 9 | 3 | 2 | C | 5 | 1 | A | D | 0 |
| A | 2 | E | 8 | 6 | 0 | D | 1 | C | 4 | 7 | 3 | 5 | 9 | B |
| 3 | C | 9 | 1 | 2 | 5 | 8 | B | 7 | 0 | D | A | E | 4 | 6 |
| 7 | D | 0 | 9 | A | 3 | 4 | 6 | 5 | B | E | 8 | 2 | C | 1 |
| 5 | 1 | 4 | D | B | C | A | 0 | E | 9 | 6 | 2 | 8 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନରେ ଗଳାବାଟ

ମହାଶୟ,

ଓଡ଼ିଶା ଶାସନରେ ଓଡ଼ିଆ ଭାଷାର ବ୍ୟବହାର କରିବାରେ ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଦାବିରେ ଓଡ଼ିଶା ଭାଷା ଆନ୍ଦୋଳନକାରୀଙ୍କ ପକ୍ଷରୁ ଦୀର୍ଘ ୮୭୮ ଦିନ ଧରି ଆନ୍ଦୋଳନ ହୋଇଥିଲା। ଏହାଫଳରେ ଗତ ଅଗଷ୍ଟ ୧୫ ତାରିଖଠାରୁ ଭାଷା ନିୟମାବଳୀ ରାଜ୍ୟ ସରକାର କାର୍ଯ୍ୟକାରୀ କଲେ। ଏହି ନିୟମାବଳୀରେ ଉଲ୍ଲେଖ ରହିଲା ଯେ, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପର୍ଯ୍ୟାପ୍ତ ବ୍ୟବହାରରେ ବାରମ୍ବାର ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ। 'ପର୍ଯ୍ୟାପ୍ତ ବ୍ୟବହାରର ବାରମ୍ବାର ଖିଲାପ' ପରିବର୍ତ୍ତେ 'ସମ୍ପୂର୍ଣ୍ଣ ବ୍ୟବହାରରେ ଖିଲାପ' ଶବ୍ଦାବଳୀ ଉଲ୍ଲେଖ କରାଯାଇଥିଲେ କଥାଟା ଅଧିକ ସ୍ପଷ୍ଟ ହୋଇଥାନ୍ତା। ନିୟମାବଳୀରେ ଏହି ଯେଉଁ ଗଳାବାଟ ରହିଗଲା, ତାହାର ଦୁରୁପଯୋଗ ହେବ ଓ କେହି ଓଡ଼ିଆ ଭାଷା ବ୍ୟବହାର କରିବେ ନାହିଁ କିମ୍ବା କେହି ଦଣ୍ଡିତ ହେବେ ନାହିଁ। ଏଣୁ ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଏକ ପ୍ରଶ୍ନବାଚୀ ହୋଇ ରହିଯିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ବିକୃତ ରୂପରେ ଗଣେଶ ପୂଜା

ନିକଟରେ ଧୁମ୍‌ଧାମରେ ଗଣେଶ ପୂଜା କରାଯାଇଛି। କିନ୍ତୁ ପ୍ରାୟ ଅଧିକାଂଶ ସ୍ଥାନରେ ବିଭିନ୍ନ କଦାକାର ରୂପରେ ବିଘ୍ନରାଜଙ୍କର ପୂଜାର୍ଚ୍ଚନା କରାଯାଇଛି। ଏହାକୁ ଦେଖି ବିଭିନ୍ନ ସମ୍ପ୍ରଦାୟ ଆମକୁ ପରିହାସ କରିବାକୁ ପଛାଉନାହାନ୍ତି। ଏହା କ'ଣ ସିଦ୍ଧିଦାତାଙ୍କ ପ୍ରତି ଆମର ପ୍ରକୃତ ଭକ୍ତିଭାବ? ଗଣେଶଙ୍କ ମୂର୍ତ୍ତିକୁ କଦାକାର ନ କରି ପ୍ରକୃତ ରୂପରେ ତାଙ୍କୁ ନିଷ୍ଠାର ସହ ପୂଜା କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ସରକାରୀ କଲୋନୀରେ ଚୋରି

ଭୁବନେଶ୍ୱର ଆଠନମ୍ବରସ୍ଥିତ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ସରକାରୀ ବାସଭବନ (୪-ଆର୍)ରୁ ଚୋରି ହୋଇଥିବା ଖବର ନିକଟରେ ପ୍ରକାଶିତ ହୋଇଥିଲା। ଦିଲ୍ଲୀସ୍ଥିତ ସରକାରୀ କଲୋନୀଗୁଡିକ ଚାରିପଟେ ସୁଦୀର୍ଘ ପାଚେରି ଥାଏ। ଏହି କଲୋନୀଗୁଡିକରେ ଅନେକ ଫାଟକ ଥିଲେ ସୁଦ୍ଧା କଲୋନୀ ବାସିନ୍ଦାଙ୍କ କମିଟି ଏହାର ଖୋଲିବା ଓ ବନ୍ଦହେବା ସମୟ ନିର୍ଦ୍ଧାରିତ କରିଥାନ୍ତି। ଚାନ୍ଦା ଆଦାୟ କରାଯାଇ ଏକ ସିକ୍ୟୁରିଟି ଏଜେନ୍ସି ମାଧ୍ୟମରେ ଦିନ ଓ ରାତି ଅନେକ ଗାର୍ଡ ମୁତୟନ ଥାନ୍ତି। ଭୁବନେଶ୍ୱରର ସରକାରୀ କଲୋନୀଗୁଡ଼ିକରେ ଅନୁରୂପ ବ୍ୟବସ୍ଥା ଉଭୟ ସରକାର ଆଉ ବାସିନ୍ଦାମାନଙ୍କ ତରଫରୁ କରାଗଲେ ଚୋରିକୁ ଅନେକାଂଶରେ ରୋକାଯାଇପାରନ୍ତା।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର



## ସଂକ୍ଷେପରେ



### ସର୍ବଭାରତୀୟ ବିଦ୍ୟାଳୟ କ୍ରୀଡ଼ା ହକିକୁ ସୀମା ଟପ୍ପୋ ମନୋନୀତ

ରଢ଼ାଖୋଲ, ୧୭।୯(ଡି.ଏନ.ଏ): ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଶୁଣ୍ଡିମୁଣ୍ଡାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୀମା ଟପ୍ପୋ ସର୍ବଭାରତୀୟ ବିଦ୍ୟାଳୟ କ୍ରୀଡ଼ା ହକି ପାଇଁ ମନୋନିତ ହୋଇଛନ୍ତି। ସୀମା ନଭେମ୍ବର ମାସରେ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ବିଦ୍ୟାଳୟସ୍ତରୀୟ ହକି ଚାମ୍ପିୟନଶିପରେ ଭାଗ ନେବେ । ସୀମା ରେଢାଖୋଲ ବ୍ଲକରୁ ହକି ପାଇଁ ମନୋନୀତ ହୋଇ ଗତ ୧୨ ତାରିଖରେ ବାମରାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ୧୭ ବର୍ଷ ବର୍ଗରେ ରାଜ୍ୟସ୍ତରକୁ ମନୋନିତ ହୋଇଥିଲେ। ଗତ ୧୪ ଓ ୧୫ ତାରିଖ ୨ଦିନ ଧରି ରାଉରକେଲା ପାନପୋଷଠାରେ ଅନୁଷ୍ଠିତ ୬୫ତମ ଓଡ଼ିଶା ସ୍କୁଲ ହକି ଚାମ୍ପିୟାନଶିପରେ ସର୍ବଭାରତୀୟସ୍ତରକୁ ମନୋନିତ ହୋଇଛନ୍ତି। ସୀମାଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଖୁସିର ଲହରୀ ଖେଳିଯାଇଛି। ଶିକ୍ଷୟିତ୍ରୀ କଳ୍ପନା ବାଗ, ଖେଳ ଶିକ୍ଷକ ପ୍ରକାଶ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ସୀମାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସୀମା ରେଢ଼ଖୋଲ ବ୍ଲକ ଚାରମାଳ ପଞ୍ଚାୟତ ଗିରିଧିଖମନ ଗ୍ରାମର ସ୍ୱର୍ଗତ କେଲମେ ଟପ୍ପୋ ଏବଂ ସଂଯୁକ୍ତା ଟପ୍ପୋଙ୍କ ଏକ ମାତ୍ର ଝିଅ।

### ବାଇକ୍ ସହ ପୋଲ ତଳକୁ ଖସି ସ୍କୁଲ କିରାଣି ମୃତ

ରେଢାଖୋଲ/ଛେଣ୍ଡିପଦା,୧୭।୯ (ସ୍ୱ.ପ୍ର./ଡି.ଏନ.ଏ.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାମନାଳି ଗ୍ରାମର ଗଣେଶ୍ୱର ମାଝି (୫୨) ମଙ୍ଗଳବାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୋଲିସ କହିଛି ଯେ, ଗଣେଶ୍ୱର ରେଢାଖୋଲ ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସେ ବାଇକ୍‌ରେ ଯାଉଥିବାବେଳେ ଦେବଗଡ ଜିଲା କୁଣ୍ଡେଇଗୋଳା ଥାନା ନବାହାଲି ନିକଟରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲେ। ଗାଈଚରାଳିମାନେ ଏହା ଦେଖି ଗ୍ରାମରେ ସୂଚନା ଦେଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ତାଙ୍କ ମୃତ୍ୟୁରେ ରେଢାଖୋଲ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେହିଭଳି ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ମଧ୍ୟ ଶୋକ ପ୍ରକାଶ କରି ତାଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜଣାଇଛନ୍ତି।

### ରେଡକ୍ରସ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଧମା,୧୭।୯(ଡି.ଏନ.ଏ.) ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଯାଦୁଲୁଇସିଂଠାରେ ରେଡ୍‌କ୍ରସ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଉକ୍ତ ଶିବିରରେ ହେଲ୍‌ପିଙ୍ଗ ହେଣ୍ଡ ଏବଂ ସେବା ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଶିବିରକୁ ଜିଲାପାଳ ଶୁଭମ ସକସେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉପଜିଲାପାଳ ଅନିରୁଦ୍ଧ ପଧାନ, ଡିଏଫଓ ଉପସ୍ଥିତ ଥିଲେ । ସେବା ପକ୍ଷରୁ ନିହାଲ ସିଂ, ଦୀପକ ପାଣ୍ଡେ ଓ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲି, ପିଏସ ମେମ୍ବର ମଇସିନୀ ଭୋଇ, ସଞ୍ଜିବ ପୂଝାରୀ, ଚିତ୍ରସେନ ପାଣ୍ଡେ, ହରେକୃଷ୍ଣ ପଧାନ ସମସ୍ତ ଆଶା ଅଙ୍ଗନୱାଡି କର୍ମୀ ଓ ସ୍କୁଲ ଶିକ୍ଷକମାନେ ସହଯୋଗ କରିଥିଲେ ।

### ମଦସହ ଜଣେ ଗିରଫ

କୁଚିଣ୍ଡା,୧୭।୯(ଡି.ଏନ.ଏ.) କୁଚିଣ୍ଡା ପୋଲିସ ମଦ ଧରପଗଡ କରି ପାରୁଆଭାଡି ଗ୍ରାମର ରିସପାଲ ମାଝିଙ୍କୁ ଗିରଫ କରିଛି । ବେଆଇନ ମଦ କାରବାର ନେଇ ତାଙ୍କୁ ପୋଲିସ ଗିରଫ କରିଛି । ତାଙ୍କଠାରୁ ୨୨ଟି କିଙ୍ଗଫିସର ବିଅର, ୨୦ଟି ଇମ୍ପେରିୟାଲ ବ୍ଲୁ ଓ ୬୦ଟି ଦେଶୀ ମଦ ପାଉଚ ଜବତ କରିଛି । ଏ ନେଇ କୁଚିଣ୍ଡା ଥାନାରେ ଦଫା ୫୨ ଓଡିଶା ଅବକାରୀ ନିୟମ ଅନୁସାରେ ଏକ ମାମଲା (ନଂ. ୨୧୫/୧୯) ରୁଜୁ କରି କୋର୍ଟ ଚାଲନା କରାଯାଇଥିବା କୁଚିଣ୍ଡା ପୋଲିସ ସୂଚନା ଦେଇଛି।

## ଫଟୋରେ ଖବର






ଇଣ୍ଡୋନେସିଆର ବାଲିଦ୍ୱୀପଠାରେ ଆୟୋଜିତ ଅନ୍ତର୍ଜାତୀୟ ରୋଟାରିଆନ ସମ୍ମିଳନୀରେ ଯୋଗଦେଇଥିବା ସମ୍ବଲପୁର ରୋଟାରୀ କ୍ଲବର ସଭ୍ୟାସଭ୍ୟ (ବାମ)। ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ବରଗଡ ଏମପି ସୁରେଶ ପୂଜାରୀ କର୍ମକର୍ତ୍ତାଙ୍କ ସହ ସଫେଇରେ ସାମିଲ ହୋଇଛନ୍ତି।

# ପୋଲିସର ଅନୁକମ୍ପା ଅଭିଯୁକ୍ତଙ୍କୁ ସୁହାଇଲା

**ସମ୍ବଲପୁର/ରେଢାଖୋଲ, ୧୭।୯ (ବ୍ୟୁରୋ/ଡି.ଏନ.ଏ.)**

ଅନେକ ସମୟରେ ପୋଲିସ ରାଜନୈତିକ ଚାପ ହେଉ କିମ୍ବା ସଲାସୁତୁରା ଯୋଗୁ ଅଭିଯୁକ୍ତଙ୍କୁ ଧରିବାରେ ପଛଘୁଞ୍ଚା ଦିଏ। ଅଭିଯୁକ୍ତଙ୍କୁ ଫେରାର ଥିବା ଦର୍ଶାଇ ପରୋକ୍ଷରେ ଜାମିନ ପାଇଁ ଆବେଦନ କରିବାକୁ ସମୟ ଦେଇଥାଏ। ଅଭିଯୋଗକାରୀ ବାରମ୍ବାର ଥାନାକୁ ଗଲେ ପୋଲିସ ଧମକ ଚମକ ଦେଇ କିମ୍ବା ଚାପଗ୍ରସ୍ତ ଥିବା କହି ବୁଝାଇ ସୁଝାଇ ପଠାଇ ଦିଏ। ଏଭଳି ଏକ ଘଟଣା ଘଟିଛି ଚାରମାଳ ଥାନା ଅଧୀନ ନୂଆପଡା ଗାଁରେ । ଗତ ୧୧ ତାରିଖରେ ଏହି ଗାଁରେ ଜଣେ ବିଦ୍ୟୁତ ବିଭାଗ ଜେଇଙ୍କୁ କିଛି ଯୁବକ ନିସ୍ତୁକ ମାଡ ମାରିବା ସହ ହତ୍ୟା ଧମକ ଦେଇ ଆଇନ ଜାଲରୁ ଖସି ଯିବାକୁ ସକ୍ଷମ ହୋଇଛନ୍ତି। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କ ଟେର ପାଇଲାନି। ରାଜନୈତିକ ଚାପ ଯୋଗୁ ପୋଲିସ ଅଡୁଆରେ ପଡିଥିଲା। ଅବଶ୍ୟ ରେଢାଖୋଲ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମଙ୍ଗଳବାର ଏହି ଅଭିଯୁକ୍ତମାନେ ଆତ୍ମସମର୍ପଣ କରିବା ପରେ ସେମାନଙ୍କ ଜାମିନ ଆବେଦନ ମଞ୍ଜୁର ହୋଇଛି।

ରେଢ଼ାଖୋଲ ବିଦ୍ୟୁତ ବିଭାଗ ଜେଇ ଅନୀଲ କୁମାର ରାଉତ ଗତ ୧୧ ତାରିଖ ଚାରମାଳ ଥାନା ନୂଆପଡାରେ କର୍ମଚାରୀ ଓ ଶ୍ରମିକ କାମ କରୁଥିବାବେଳେ ତଦାରଖ କରୁଥିଲେ। ବିଭାଗୀୟ କର୍ମଚାରୀ ଗଛ କାଟିବା ସହ ବିଦ୍ୟୁତ ତାର ମରାମତି କରୁଥିଲେ । ଏହି

**ଚାରମାଳ ଥାନା**
- ନୂଆପଡା ଗାଁରେ ବିଦ୍ୟୁତ୍ ବିଭାଗ ଜେଇଙ୍କୁ ନିସ୍ତୁକ ମାଡ଼
- ଅଡୁଆ ହେଲା ରାଜନୈତିକ ଚାପ
- କୋର୍ଟରେ ଆତ୍ମସମର୍ପଣ ପରେ ଜାମିନ ମିଳିଲା

ସମୟରେ ୪/୫ ଜଣ ଯୁବକ ପହଞ୍ଚି ଗ୍ରାମରେ ସ୍ୱତନ୍ତ୍ର ବିଦ୍ୟୁତ୍ ସଂଯୋଗ ଦେବାକୁ ଦାବି କରିଥିଲେ। ଏହାସହ ବାରମ୍ବାର ବିଦ୍ୟୁତ୍ କାଟ ସହ ଲୋ ଭୋଲଟେଜ୍ ରହୁଥିବାର ଅଭିଯୋଗ କରିଥିଲେ। ହେଲେ ଏହା ନିଜ କ୍ଷମତା ବାହାରେ ବୋଲି କହି ଜେଇ ରାଉତ ଅକ୍ଷମତା ପ୍ରକାଶ କରିଥିଲେ। ଅବଶ୍ୟ ଏ ସମ୍ପର୍କରେ ଉଚ୍ଚପଦାଧିକାରୀଙ୍କୁ ଜଣାଇବେ ବୋଲି ଜେଇ ସେମାନଙ୍କୁ କହିଥିଲେ। ହେଲେ ଯୁବକମାନେ ବୁଝିବା ବଦଳରେ ଓଲଟା ଉତ୍ତ୍ୟକ୍ତ ହୋଇ ଜେଇଙ୍କୁ ନିସ୍ତୁକ ମାଡ ମାରି ହତ୍ୟା ଧମକ ଦେଇଥିଲେ। ଏ ନେଇ ଜେଇ ଥାନାରେ ଅଭିଯୋଗ କରିଥିଲେ। ଉଦିତ କୁମାର ତ୍ରିପାଠୀ, ସରୋଜ ନନ୍ଦ ମହାନ୍ତି, ନିହାରରଞ୍ଜନ ଦାଶ, ଦୀପକ ରଞ୍ଜନ ଦାଶଙ୍କ ନାମ ସେ ଏତଲାରେ ଦର୍ଶାଇ ଥିଲେ। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଜେଇ ସଂଘ ରେଢ଼ାଖୋଲ ଏସ୍‌ଡିଓ ହାଡିବନ୍ଧୁ ସ୍ୱାଇଁ ଓ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କୁ ଅବଗତ କରିଥିଲା। ତେବେ ଚାରମାଳ ଥାନା ଅଧିକାରୀ ବସନ୍ତ ଦଲେଇ କହିଛନ୍ତି ଯେ, ମାମଲା ରୁଜୁ କରି ତଦନ୍ତ କରାଯାଉଛି।

# ମହାନଦୀ ଦ୍ୱିତୀୟ ସେତୁରେ ଫାଟ ନେଇ ତଦନ୍ତ ହେଲା

**ସମ୍ବଲପୁର, ୧୭।୯ (ବ୍ୟୁରୋ)**

ସମ୍ବଲପୁର କଚେରୀ ଛକ-ଚାଉଁରପୁର ମହାନଦୀରେ ଦ୍ୱିତୀୟ ସେତୁକୁ ଗତ ଫେବୃୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ହେଲେ ୭ ମାସ ନ ପୂରୁଣୁ ସୋମବାର ଏହା ଦବି ଯାଇ ଫାଟ ସୃଷ୍ଟି ହୋଇଥିବା ନଜରକୁ ଆସିଛି। ନିମ୍ନମାନର କାମ ଯୋଗୁ ଏଭଳି ଅବସ୍ଥା ହୋଇଛି ବୋଲି ଏବେ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ପୂର୍ତ୍ତବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଂ. ସୂର୍ଯ୍ୟକାନ୍ତ ସାହୁ ତଦନ୍ତ ନିର୍ଦ୍ଦେଶ ଦେବା ପରେ ମଙ୍ଗଳବାର ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ତେବେ ଇଂ. ସାହୁ କହିଛନ୍ତି ଯେ, ଏହା ବଡଧରଣର ସମସ୍ୟା ନୁହେଁ। ଆପ୍ରୋଚ ରାସ୍ତାରେ ମାଟି ପକାଇ ଠିକ୍ ଭାବରେ ରୋଲିଂ ହୋଇ ନ ଥିବାରୁ ଏଭଳି ଫାଟ ସୃଷ୍ଟି ହୋଇଛି । ଠିକା କମ୍ପାନୀ ଏହାର ମରାମତି କରିବ। ସୂଚନାଯୋଗ୍ୟ, ଏହି ବ୍ରିଜ ନିର୍ମାଣ ପାଇଁ ୨୦୧୩ ମସିହାରେ ଶିଳାନ୍ୟାସ କରାଯାଇଥିଲା । ୧୫ଶହ ମିଟର ଲମ୍ବ ଓ ୧୪.୮ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ବ୍ରିଜର ନିର୍ମାଣ ପାଇଁ ପ୍ରାୟ ୧୧୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏହି ସେତୁକୁ ଉଦ୍‌ଘାଟନ କରିଥିଲେ। ଏହି ବ୍ରିଜ ନିର୍ମାଣ ହେବା ଫଳରେ ମହାନଦୀ ଅପରପାର୍ଶ୍ୱରେ ଥିବା ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ ବୋଲି ଆଶା ରହିଛି। ହେଲେ ଏବେ ଫାଟ ସୃଷ୍ଟି ହୋଇଥିବାରୁ ପୋଲର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଏହା ଉପରେ ଯିବାଆସିବା ବେଳେ ଲୋକଙ୍କ ଭିତରେ ମଧ୍ୟ ଭୟ ସୃଷ୍ଟି ହେଉଛି।

# କୋଦାଳ ଧରିଲେ ଡିଆରଏମ୍

**ସମ୍ବଲପୁର, ୧୭।୯ (ବ୍ୟୁରୋ)**



ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ରେଳବାଇ ଷ୍ଟାଡିୟମରେ ସଫେଇ କରୁଛନ୍ତି ।

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଏଲଭିଏସ ପାତ୍ରୁଡୁ ଯୋଗଦେଇ କର୍ମଚାରୀ ଓ ଅଧିକାରୀଙ୍କୁ ସଚେତନ କରାଇଥିଲେ । ଏଥିରେ ରେଳ ଅଧିକାରୀ, ମହିଳା କଲ୍ୟାଣ ସମିତିର ସଦସ୍ୟା, ରେଳ କର୍ମଚାରୀ, ସ୍କାଉଟ ଓ ଗାଇଡ୍, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ରେଳବାଇ ଷ୍ଟାଡିୟମଠାରେ ବୃକ୍ଷରୋପଣ କରାଯାଇଥିଲା । ଏଥିସହ ସମ୍ବଲପୁର ରେଳ ଷ୍ଟେସନରେ ସ୍ୱଚ୍ଛତା ଶପଥ ପାଠ ଓ ଆଲୋଚନା ଚକ୍ର ହୋଇଥିଲା । ଠିକା କର୍ମଚାରୀ, ଟ୍ରେନ ସଫେଇ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ । ସ୍କାଉଟ ଓ ଗାଇଡ ପକ୍ଷରୁ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା । ଅପରପକ୍ଷେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଏହି ଅବସରରେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ କଣ୍ଟାବାଞ୍ଜି, ମହାସମୁନ୍ଦ, ଟିଟିଲାଗଡ, କେସିଙ୍ଗା, ବଲାଙ୍ଗିର ଓ ରେଢ଼ାଖୋଲ ଷ୍ଟେଶନରେ ସଫେଇ କରାଯାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ।

# ସମ୍ବାଗସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା

**ସମ୍ବଲପୁର, ୧୭।୯ (ବ୍ୟୁରୋ)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ଭାଗ ସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତିନି ଦିବସିୟ ଏହି କର୍ମଶାଳାରେ ପଶ୍ଚିମ ସମ୍ଭାଗର ବିଭିନ୍ନ ବିଦ୍ୟାଳୟରେ ୬୯ ଶିକ୍ଷୟିତ୍ରୀ ଭାଗ ନେଇଥିଲେ । ରାମଚନ୍ଦ୍ର ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ଭାଗ ସଂଯୋଜକ ସଞ୍ଜୟ କୁମାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଅବନୀ ବଲ୍ଲଭ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଆଜାଦ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତନୁଜା ପାଢ଼ୀ, ଶାନ୍ତିଲତା ଭୋଇ, କଲ୍ୟାଣି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁର୍ଲା ଭିମ୍‌ସାର ପ୍ରସୂତୀ ବିଭାଗ ବିଶେଷଜ୍ଞ ଡା. ଶିରିଶ ପଟେଲ, ଧନୁପାଲି ଶିଶୁ ମନ୍ଦିର ସମ୍ପାଦକ ପ୍ରମୋଦ ପାଢ଼ୀ ସ୍ୱତନ୍ତ୍ର କାଳାଂଶରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ପ୍ରାଦେଶିକ ବାଳିକା ଶିକ୍ଷା ସଂଯୋଜକ ଶିବପ୍ରସାଦ ଦାଶ ଯୋଗଦେଇ ଭାରତୀୟ ବେଶ ପୋଷାକ ଓ ବୈଜ୍ଞାନିକତା ଉପରେ ଆଲୋକପାତ କରିଥିଲେ । ଶିଶୁ ବାଳିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ବିବରଣୀ ପାଠ କରିଥିଲେ । ବଳରାମ ଦାଶ, ଈଶ୍ୱର ଚନ୍ଦ୍ର ବାରିକ, ସୁଦୀପ୍ତା ପ୍ରଧାନ, ବୈକୁଣ୍ଠ ନାଗ, ପ୍ରିୟରଞ୍ଜନ ଧଳ, ବିଶ୍ୱନାଥ ମିଶ୍ର, ସଞ୍ଜୀବ ସ୍ୱାଇଁ, ଗୁରୁ ଭୋଏ, ସଙ୍ଗୀତା ଚୌଧୁରୀ, ବିଜୟଲକ୍ଷ୍ମୀ ଦେବୀ, ସ୍ୱାଗତିକା ପଣ୍ଡା, ମୀନାକ୍ଷି ମହାନ୍ତି, ନିବେଦିତା ମହନ୍ତ, ପ୍ରମିତି ଦାଶ, ସୁଧାମୟୀ ଭୋଇ, ନମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ହୀରାକୁଦ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ ସମ୍ବାଗସ୍ତରୀୟ ବାଳିକା ଶିକ୍ଷା କର୍ମଶାଳାରେ ଶିକ୍ଷୟିତ୍ରୀମାନେ ।

# ୯ ବ୍ଲକ୍‌ର ୫୦୯ ଛାତ୍ରୀଛାତ୍ର ଭାଗ ନେଲେ

## ଷଣ୍ଢପଥର ହାଇସ୍କୁଲରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା,୧୭।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଅନ୍ତର୍ଗତ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାଶ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ରାୟଗୁରୁ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଟିକେଶ୍ୱର ନାୟକ, ଅବସରପ୍ରାପ୍ତ ସ୍କୁଲ ନିରୀକ୍ଷକ କୁମୁଦବନ୍ଧୁ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସନତ କୁମାର ବେହେରା ପରିଚାଳନା କରିଥିବା ବେଳେ ରେଢ଼ାଖୋଲ ରାଣୀ ଅର୍ଣ୍ଣପୂର୍ଣ୍ଣା ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମ୍ବଲପୁର ଜିଲା ୯ଟି ବ୍ଲକ୍‌ର ମୋଟ ୫୦୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଥି ମଧ୍ୟରୁ ୨୨୨ ଛାତ୍ରୀ ଥିବା ବେଳେ ୨୮୭ ଛାତ୍ର ରହିଥିଲେ। ଖେଳକୁ ପିଇଟି ନାରାୟଣ ପଧାନ, ଲକ୍ଷ୍ମଣ କୁମାର ନାଥ, ପ୍ରଦୀପ କୁମାର ପଟେଲ, ଶିବନାରାୟଣ ବେହେରା, ଧରଣୀଧର ନାୟକ, ରଞ୍ଜିତ ଗିରି, ରମାକାନ୍ତ ଅଦାବର, ସତ୍ୟରଞ୍ଜନ ପଣ୍ଡା, ଜଗବନ୍ଧୁ ବେହେରା, ଚିତ୍ତରଞ୍ଜନ ପଣ୍ଡା, ନିହାର ରଞ୍ଜନ ପଟେଲ, ମେରୀ ମିଞ୍ଜ ଓ ସସ୍ମିତା ନାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ମୋଟ ୬୯ ଜଣ ପିଇଟି ସହଯୋଗ କରିଥିଲେ। କବାଡ଼ି, ଖୋଖୋ ଓ ଫୁଟବଲ ଖେଳ ହେଉଥିଲା। କନିଷ୍ଠ ବର୍ଗରେ ୧୦ରୁ ୧୪ ଏବଂ ବରିଷ୍ଠ ବର୍ଗରେ ୧୪ରୁ ୧୭ ବର୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଖୋଖୋରେ ୧୪ରୁ କମ ବାଳକ ବର୍ଗରେ ଜମନକିରା ବ୍ଲକ୍ ଓ ବାଳିକା ବର୍ଗରେ ଜମନକିରା ବ୍ଲକ୍ ବିଜୟ ହୋଇଛି। ସେହିପରି ୧୭ ବର୍ଷରୁ ବାଳକ ବର୍ଗରେ ଜମନକିରା ବ୍ଲକ୍ ବିଜୟ ଲାଭ କରିଥିବା ବେଳେ ୧୭ ବର୍ଷରୁ କମ ବାଳିକା ବର୍ଗରେ ବାମରା ବ୍ଲକ୍ ବିଜୟ ହୋଇଛି। ସେହିପରି କବାଡ଼ି ଖେଳ ୧୪ରୁ କମ ବାଳକ ବର୍ଗରେ କୁଚିଣ୍ଡା ବ୍ଲକ୍ ବିଜୟ ହୋଇଥିବା ବେଳେ ବାଳିକା ବର୍ଗରେ ବାମରା ବ୍ଲକ୍ ବିଜୟ ହୋଥିଲା। ୧୭ ବର୍ଷରୁ କମ ବାଳକ ବର୍ଗରେ ଧନକଉଡ଼ା ବ୍ଲକ୍ ଏବଂ ବାଳିକା ବର୍ଗରେ ଜମନକିରା ବ୍ଲକ୍ ବିଜୟ ହୋଇଛି। ଫୁଟବଲ ଖେଳ ୧୪ ରୁ ୧୭ ବର୍ଷ ବାଳକ ବର୍ଗରେ ଧନକଉଡ଼ା ବ୍ଲକ୍ ବିଜୟ ହାସଲ କରି ରାଜ୍ୟସ୍ତରରେ ଥିବା ଖେଳ ପାଇଁ ପ୍ରସ୍ତୁତ ହେଉଥିବା ଜଣାଯାଇଛି। ସଭା କାର୍ଯ୍ୟକ୍ରମ ଶେଷରେ ସ୍କୁଲର ସହକାରୀ ଶିକ୍ଷକ ସୁଶିଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ ।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ରେଙ୍ଗାଲି,୧୭।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ରେଙ୍ଗାଲି ଭାଜପା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସ୍ଥାନୀୟ ହରିହର ଧର୍ମଶାଳାଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ, ରେଙ୍ଗାଲି ଜୋନ-୧ ଜିଲାପରିଷଦ ସଭ୍ୟ ତିରୋଜ ହେଡେଞ୍ଚା, ନବୀନ ପ୍ରଧାନ, ସଜନ ପୋଦ୍ଦାର, ଆଶିଷ ହୋତା, ଆଶିଷ ପଣ୍ଡା, ରମେଶ ଅଗ୍ରୱାଲ, ପ୍ରଶାନ୍ତ ପଧାନ, ଦିବ୍ୟଶଙ୍କର ବେହେରା, ବିଶିକେସନ ପଣ୍ଡା, ସୁଧୀର ଗୁପ୍ତା, ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ, ଧନକଉଡା ବ୍ଲକ ଚେୟାରମ୍ୟାନ ସୀତା ଛୁରିଆ, ପଙ୍କଜିନୀ ରାଉତ, ମୀତା ମେହେର, ନିନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର ରକ୍ତ ଭଣ୍ଡାରର ଡା. କଲପେସ କକଡ, ସନ୍ତୋଷ କୁମାର ଗଉଡ, ବିକାଶ ରଞ୍ଜନ ପଣ୍ଡା, ମନବୋଧ ନାଏକ ପ୍ରମୁଖ ଉପସ୍ଥିତ ରହି ସଂଗ୍ରହ କରିଥିଲେ।



"ମୁଁ ୪୭ ବର୍ଷରେ ମେକ୍‌ଅପ ସେଲ୍ଫି ଶେୟାର କରିବାକୁ ପସନ୍ଦ କରେନି।
-ଲିସା ରାୟ, ଅଭିନେତ୍ରୀ



# ମୁଣ୍ଡ ବଢ଼ାଇଛି ମୁଣ୍ଡବ୍ୟଥା



## ଜାକିରଙ୍କୁ ମିଳୁନି ହେଲ୍‌ମେଟ

**ଅହମ୍ମଦାବାଦ:** ସାରା ଦେଶରେ ଲାଗୁ ହୋଇଛି ସଂଶୋଧିତ ମୋଟର ଯାନ ନିୟମ। ଏହାପରେ ସବୁଠି କଡ଼ାକଡ଼ି ହୋଇଛି ଟ୍ରାଫିକ୍ ରୁଲ୍। ନିୟମ ଭାଙ୍ଗୁଥିବା ଗାଡ଼ି ଚାଳକ ମୋଟା ଅଙ୍କର ଜରିମାନା ଦେବା ଏବେ ପ୍ରତିଦିନ ଶିରୋନାମା ପାଲଟୁଛି। ହେଲେ ଗୁଜରାଟର ଛୋଟା ଉଦୟପୁର ଜିଲାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଧରାପଡ଼ିଥିବା ଜଣେ ବ୍ୟକ୍ତିଙ୍କ ଚାଲାଣ କଟାଯିବା ବେଳେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲା ପୋଲିସ। ବାଇକ୍ ଚାଳକ ଜଣକ ନିଜର ସମସ୍ୟା କହିବା ବେଳକୁ ସମସ୍ତଙ୍କ ମୁଣ୍ଡ ଚକ୍କର କାଟିଥିଲା। ଦାୟିତ୍ୱରେ ଥିବା ଟ୍ରାଫିକ ପୋଲିସ ଅଧିକାରୀ ମଧ୍ୟ ଏକଥା ଭାବିବାକୁ ଲାଗିଲେ ଯେ, ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଚାଲାଣ କଟାଯିବ କି ନାହିଁ। ସବୁ ସମସ୍ୟା ମୂଳରେ ରହିଥିଲା ସମ୍ପୃକ୍ତ ବ୍ୟକ୍ତିଙ୍କ ବିଶାଳକାୟ ମୁଣ୍ଡ, ଯେଉଁଥିପାଇଁ ବଜାରରେ ତାଙ୍କ ମୁଣ୍ଡକୁ ଫିଟ୍ ହେଲା ଭଳି ହେଲ୍‌ମେଟ ମିଳୁନାହିଁ।

ସମ୍ପୂର୍ଣ୍ଣ ଘଟଣାଟି ଏହିପରି। ଛୋଟା ଉଦୟପୁର ଜିଲା ବେଡେଲୀ ଅଞ୍ଚଳରେ ବିନା ହେଲ୍‌ମେଟରେ ବାଇକ୍ ଚଳାଉଥିବାବେଳେ ଧରାପଡ଼ିଥିଲେ ଜାକିର ମେମନ। ଯାଞ୍ଚବେଳେ ତାଙ୍କ ପାଖରେ ଗାଡ଼ିର ସମସ୍ତ ବୈଧ କାଗଜପତ୍ର ରହିଥିଲା। କେବଳ ହେଲ୍‌ମେଟ ପିନ୍ଧି ନ ଥିବାରୁ ପୋଲିସ ତାଙ୍କୁ ଜରିମାନା ଦେବାକୁ କହିଥିଲା। ହେଲେ ଜାକିର ଯେତେବେଳେ ନିଜର ସମସ୍ୟା କହିଲେ, ସେତେବେଳେ ପୋଲିସ ପଡ଼ିଥିଲା ଅଡ଼ୁଆରେ। ଜାକିରଙ୍କ କହିବା କଥା, ତାଙ୍କ ମୁଣ୍ଡକୁ ଫିଟ୍ ହେବା ଭଳି ହେଲ୍‌ମେଟ ବଜାରରେ ମିଳୁନାହିଁ। ସବୁ ଦୋକାନରୁ ତାଙ୍କୁ ନିରାଶ ହେବାକୁ ପଡୁଛି। ସେ ଆଇନକୁ ସମ୍ମାନ ଦେଇ ଶିଖିଥିବା ଜଣେ ବ୍ୟକ୍ତି। ହେଲିମେଟ ନ ଥିବାରୁ ଅନେକ ସମୟରେ ତାଙ୍କୁ ଅପଦସ୍ଥ ହେବାକୁ ପଡୁଛି। ହେଲେ ସେ ଅସହାୟ। ଏ ସମ୍ପର୍କରେ ସେ ପୋଲିସକୁ ଅବଗତ କରାଇଛନ୍ତି। ଏହାକୁ ନେଇ ତାଙ୍କ ପରିବାର ଲୋକେ ମଧ୍ୟ ଚିନ୍ତାରେ ପଡ଼ିଥିବା ଜାକିର କହିଛନ୍ତି। ଏ ନେଇ ବାଡେଲିରେ ଟ୍ରାଫିକ୍ ଇନ୍ସପେକ୍ଟର ବସନ୍ତ ରାଠବା କୁହନ୍ତି, ଜାକିରଙ୍କ ସମସ୍ୟାକୁ ପୋଲିସ ହୃଦୟଙ୍ଗମ କରିପାରୁଛି। ଏଥିପାଇଁ ତାଙ୍କ ଉପରେ ଜରିମାନାର ବୋଝ ଲଦାଯାଇ ପାରିବ ନାହିଁ। ତାଙ୍କ ପାଖରେ ଗାଡ଼ିର ଅନ୍ୟ ସମସ୍ତ କାଗଜପତ୍ର ମହଜୁଦ ଅଛି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଜରିମାନାକୁ ଗୁଜରାଟ ରାଜ୍ୟ ସରକାର ଗତ ସପ୍ତାହରେ କୋହଳ କରିଛନ୍ତି। ରାଜ୍ୟରେ ହେଲ୍‌ମେଟ ଏବଂ ସିଟ୍‌ବେଲ୍ଟ ସମ୍ପର୍କିତ ନିୟମ ଭାଙ୍ଗିଥିବା ଚାଳକଙ୍କୁ ୧୦୦୦ ପରିବର୍ତ୍ତେ ୫୦୦ ଟଙ୍କାର ଚାଲାଣ କାଟିବାକୁ ଧାର୍ଯ୍ୟ କରାଯାଇଛି।

## ଟିକ୍‌ଟକ୍ ପ୍ରେମରେ ସବ୍ ଇନ୍ସପେକ୍ଟର

### ପୋଲିସ ପୋଷାକରେ ଭିଡିଓ କରି ଫସିଲେ

ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ପରେ ଏବେ ସମସ୍ତେ ଟିକ୍‌ଟକ୍ ମାୟାରେ ବାୟା। ଏହି ଟିକ୍‌ଟକ୍ ପ୍ରେମରେ ଫସିଛନ୍ତି ଲକ୍ଷ୍ନୌ ସିଟି ଥାନାର ସବ୍ ଇନ୍ସପେକ୍ଟର ମହମ୍ମଦ ଆରିଫ୍। ସେ ପୋଲିସ ପୋଷାକରେ ଥିବାବେଳେ ଦୁଇଟି ଭିଡିଓ ଟିକ୍‌ଟକ୍‌ରେ ପୋଷ୍ଟ କରିଛନ୍ତି, ଯାହା ଖୁବ୍ ଭାଇରାଲ ହୋଇଛି। ଗୋଟିଏ ଭିଡିଓରେ ସେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଏକ ସଂଳାପ କହୁଥିବା ଦେଖାଯାଉଛି। ସେ କହୁଛନ୍ତି, ଏଇଟା ପୋଲିସ ଷ୍ଟେଶନ। ତୁମ ବାପାଙ୍କ ଘର ନୁହେଁ। ଯେତେବେଳେ ଯାଏ ବସିବାକୁ କୁହା ନ ଯାଇଛି ସେ ପର୍ଯ୍ୟନ୍ତ ଠିଆହୋଇ ରୁହ। ସେହିଭଳି ଅନ୍ୟ ଏକ ଭିଡିଓରେ ଅଜୟ ଦେବଗନ୍‌ଙ୍କ ଡାଏଲଗ୍ 'ପୋଲିସ ସହ ବନ୍ଧୁତା କିମ୍ବା ଶତ୍ରୁତା କରିବା ଠିକ୍ ନୁହେଁ' ବୋଲି ଆରିଫ୍ କହୁଛନ୍ତି। ତାଙ୍କ ପାଖରେ ଥିବା ଏକ ଟେବୁଲ ଉପରେ ବନ୍ଧୁକ ରଖାଯାଇଥିବା ଦେଖାଯାଉଛି। ଏହି ଦୁଇ ଭିଡିଓ ଭାଇରାଲ ହେବା ପରେ ଲକ୍ଷ୍ନୌ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏସ୍‌ଏସ୍‌ପି) କଳାନିଧି ନୈଥାନୀ ଏ ନେଇ ଆରିଫଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ପୋଲିସ ପୋଷାକରେ ଥିବାବେଳେ ଅନୁଶାସନ ମଧ୍ୟରେ ରହିବା କଥା। ଏ ନେଇ ସବୁ ଅଫିସରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ମନେପକାଇ ଦିଆଯାଇପାରେ ଯେ, ଏହା ପୂର୍ବରୁ ଗୁଜରାଟର ଜଣେ ମହିଳା ପୋଲିସ ଥାନା ଭିତରେ ଡ୍ୟାନ୍ସ କରୁଥିବାର ଏକ ଭିଡିଓ ଟିକ୍‌ଟକ୍‌ରେ ପୋଷ୍ଟ କରିଥିଲେ। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିଲା।



## ଡିଜିଟାଲ ନକ୍ସା ଆଙ୍କିବ ଡ୍ରୋନ୍

ସର୍ଭେ ଅଫ୍ ଇଣ୍ଡିଆ ପ୍ରଥମେ ଡ୍ରୋନ୍ ସହାୟତାରେ ଦେଶର ଡିଜିଟାଲ ନକ୍ସା କରୁଛି। ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଭାଗ ସହଯୋଗରେ ଏହି କାର୍ଯ୍ୟ ଦୁଇ ବର୍ଷରେ ଶେଷ ହେବ। ଏଥିପାଇଁ ତିନୋଟି ଡିଜିଟାଲ କେନ୍ଦ୍ର ମଧ୍ୟ ଖୋଲାଯାଇଛି। ସମଗ୍ର ଦେଶର ଭୌଗୋଳିକ ଡିଜିଟାଲ ଡାଟା ପ୍ରସ୍ତୁତ କରାଯିବ। ସାଟେଲାଇଟ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଜିପିଏସ୍ ସିଷ୍ଟମ୍‌ଠାରୁ ଡିଜିଟାଲ ନକ୍ସା ଠିକ୍ ତଥ୍ୟ ଦେବ। କିନ୍ତୁ ଦେଶର ସୁରକ୍ଷା ଦୃଷ୍ଟିକୋଣରୁ କେତେକ ସମ୍ବେଦନଶୀଳ ସ୍ଥାନକୁ ଏହି ନକ୍ସାରେ ସ୍ଥାନ ଦିଆଯିବ ନାହିଁ। ସାରା ଦେଶରେ ୨୫୦୦ଟି ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟସ୍‌କୁ ଆଧାରକରି ଏହି ନକ୍ସା ପ୍ରସ୍ତୁତ କରାଯାଉଛି। ନୂଆ ନକ୍ସା ପାଇଁ ଭର୍ଚୁଆଲ ସିଓଆରଏସ (ଶତତ ସଞ୍ଚାଳନ ସନ୍ଦର୍ଭ ଷ୍ଟେଶନ) ସିଷ୍ଟମ ମଧ୍ୟ ଉପଯୋଗ କରାଯାଇଛି। ହରିୟାଣା, ମହାରାଷ୍ଟ୍ର ଓ କର୍ନାଟକରେ ପ୍ରଥମେ ଏହି ଯୋଜନା ଆରମ୍ଭ କରାଯାଇଛି। ଡିଜିଟାଲ ନକ୍ସା ମାଧ୍ୟମରେ ଜମିଜମା ସମ୍ବନ୍ଧୀୟ ସବୁ ବିବରଣୀ ପ୍ରାପ୍ତ ହୋଇପାରିବ। ଭାରତରେ ଏବେ ଯେଉଁ ନକ୍ସା ପ୍ରଚଳିତ ହେଉଛି ତାହାକୁ ବ୍ରିଟିଶ ସର୍ଭେୟର କର୍ନଲ ସାର୍ ଜର୍ଜ ଏଭରେଷ୍ଟ ୧୮୩୦ ମସିହାରେ ପ୍ରସ୍ତୁତ କରିଥିଲେ।

## 'ମନ୍ ବୈରାଗୀ'ର ପ୍ରଥମ ପୋଷ୍ଟର ରିଲିଜ୍

**ମୁମ୍ବାଇ:** ବଲିଉଡ୍ ଭେଟେରାନ୍ ଫିଲ୍ମ ନିର୍ମାତା ସଞ୍ଜୟ ଲୀଳା ଭଂସାଲୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଉପରେ ପ୍ରସ୍ତୁତ କରୁଛନ୍ତି ଚଳଚ୍ଚିତ୍ର। ମଙ୍ଗଳବାର ମୋଦିଙ୍କ ୬୯ତମ ଜନ୍ମଦିନ ଅବସରରେ ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ କରାଯାଇଥିଲା। 'ମନ୍ ବୈରାଗୀ' ନାମରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଥମ ଲୁକ୍ ବାହୁବଳୀ ଆକ୍ଟର ପ୍ରଭାସ ଏବଂ ବଲିଉଡ୍ ଖିଲାଡ଼ି ଅକ୍ଷୟ କୁମାର ପ୍ରଥମେ ନିଜ ନିଜ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନର ଅକୁହା ଓ ଅଜଣା କାହାଣୀ ଉପରେ ଆଧାରିତ ଏହି ଫିଲ୍ମଟିକୁ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବସମ୍ମୁଖ ଓ ଗଣମାଧ୍ୟମଠାରୁ ଦୂରରେ ରଖାଯାଇଥିଲା। ସୂଚନା ଯେ, ଫିଲ୍ମ 'ମନ୍ ବୈରାଗୀ'ର ପ୍ରଯୋଜନା କରୁଛନ୍ତି ସଞ୍ଜୟ ଲୀଳା ଭଂସାଲୀ ଏବଂ ମହାବୀର ଜୈନ। ସେହିପରି କାହାଣୀ ଓ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ସଞ୍ଜୟ ତ୍ରିପାଠୀ। ଫିଲ୍ମ ନିର୍ମାତାଙ୍କ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନରେ ଏକ ନିର୍ଣ୍ଣାୟକ କ୍ଷଣ ଥିଲା ଏବଂ ତାହା ହିଁ 'ମନ୍ ବୈରାଗୀ' ଫିଲ୍ମର କଥାବସ୍ତୁ। ତେବେ ପୂରା ସାଧୁତା ଓ ସଚ୍ଚୋଟତା ସହ ଏହି ଫିଲ୍ମଟି ନିର୍ମାଣ କରାଯାଉଥିବା କୁହାଯାଉଛି। ଭଂସାଲୀଙ୍କ ଅନୁସାରେ ବିଶ୍ୱସ୍ତରୀୟ ଅନୁରୋଧ ଓ ଏସ୍‌ଏମ୍‌ଏସ୍ ପାଇବା ପରେ ସେ ଏହି ଫିଲ୍ମଟି ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନେକ ଗବେଷଣା ଓ ତଥ୍ୟ ସଂଗ୍ରହ କରିବା ପରେ କାହାଣୀ ପ୍ରସ୍ତୁତ ହୋଇଛି। ମୋଦିଙ୍କ ଯୁବାବସ୍ଥାରେ ଆସିଥିବା ଏକ ଟର୍ନିଂ ପଏଣ୍ଟ ବିଷୟରେ କେହି ଜାଣନ୍ତି ନାହିଁ, ଯାହା ଜାଣିବା ପରେ ସେ ଖୁବ୍ ପ୍ରଭାବିତ ଓ ସମସ୍ତେ ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ତ୍ରିପାଠୀ କହିଛନ୍ତି, କାହାଣୀଟି ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଛୁଇଁବ, ସମସ୍ତେ ଜାଣିବା ଦରକାର ସେ କ୍ଷଣ ବିଷୟରେ ଯାହା ଜଣେ ସାଧାରଣ ଯୁବକଙ୍କୁ ଭବିଷ୍ୟତରେ ବିରାଟ ବଡ଼ ନେତା କରି ଗଢିଥିଲା। ଫିଲ୍ମ ପୋଷ୍ଟର 'ମନ୍ ବୈରାଗୀ'ର ପ୍ରଥମ ଲୁକ୍‌ରେ କ୍ଲୋଜ୍ ଅପ୍‌ରେ ଜଣେ ଯୁବକଙ୍କ ଚେହେରା ଦେଖିବାକୁ ମିଳିଛି। ଏହାସହ ଏକ ବସ୍ ଓ କିଛି ଦୂରରେ ଢିଲା ଶାର୍ଟ ଓ ପ୍ୟାଣ୍ଟ ପିନ୍ଧି ଝୁଲା ବ୍ୟାଗ୍ ଧରି ଏକ ଯୁବକ ମରୁଭୂମିରୁ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ସୂଚନା ଯେ, ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ପିଏମ୍ ନରେନ୍ଦ୍ର ମୋଦି' ନାମରେ ଆଉ ଏକ ଫିଲ୍ମ ନିର୍ମାଣ ହୋଇସାରିଛି। ଯେଉଁଥିରେ ବିବେକ ଓବେରୟଙ୍କୁ ମୋଦିଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।



## ସଙ୍କଟମୋଚନ ମନ୍ଦିରକୁ ୧.୨୫ କିଲୋର ସୁନା ମୁକୁଟ ଦାନ



ବାରଣାସୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିର୍ବାଚନମଣ୍ଡଳୀ ବାରାଣସୀରେ ଥିବା ପ୍ରଶଂସକମାନେ ସଙ୍କଟମୋଚନ ହନୁମାନଙ୍କ ମନ୍ଦିରକୁ ୧.୨୫ କିଲୋ ଓଜନର ଏକ ସୁନା ମୁକୁଟ ଦାନ କରିଛନ୍ତି। ଅରବିନ୍ଦ ସିଂ ନାମକ ମୋଦିଙ୍କର ପ୍ରଶଂସକ ମୋଦିଙ୍କ ଜନ୍ମଦିନ ପୂର୍ବରୁ ଅର୍ଥାତ୍ ସୋମବାର ଏହି ମୁକୁଟ ମନ୍ଦିରକୁ ଦାନ କରିଥିବା ଜଣାପଡିଛି। ଅରବିନ୍ଦ କହିଛନ୍ତି ସେ ମାନସିକ କରିଥିଲେ ଯଦି ମୋଦି ଦ୍ୱିତୀୟ ଥର ଲାଗି ଶାସନ କ୍ଷମତାକୁ ଆସିବେ ତେବେ ସେ ଭଗବାନଙ୍କୁ ସୁନାର ମୁକୁଟ ଚଢାଇବେ। ଆଉ ଏହା ଫଳବତି ହେବାରୁ ସେ ମୋଦିଙ୍କ ଜନ୍ମ ଦିନରେ ଏହି ସୁନା ମୁକୁଟ ମନ୍ଦିରକୁ ଦାନ କରିଥିବା ପ୍ରକାଶ କରିଛନ୍ତି।

[ଇତିହାସର ଆଇନାରେ]

## ସେପ୍ଟେମ୍ବର ୧୮ର ପ୍ରମୁଖ ଘଟଣା

୨୦୧୬ ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରର ଉରିସ୍ଥିତ ସେନା ମୁଖ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ପଛରେ ପାକିସ୍ତାନ ସମର୍ଥିତ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ହାତ ଥିଲା। ଏଥିରେ ୧୯ ଭାରତୀୟ ସେନା ଶହିଦ ହେବା ସହ ୪ ଅତଙ୍କବାଦୀ ନିହତ ହୋଇଥିଲେ। ପାଖାପାଖି ୩୦ ଜଣ ଆହତ ମଧ୍ୟ ହୋଇଥିଲେ।

୨୦୧୮ ସେପ୍ଟେମ୍ବର ୧୮ରେ ନାଇଜେରିଆରେ ଭୟଙ୍କର ବନ୍ୟା ଯୋଗୁ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଲଗାଣ ବର୍ଷା ଯୋଗୁ ଦେଶର ନାଇଜର ଓ ବେନ୍ୟୁ ନଦୀରେ ବନ୍ୟା ଆସିଥିଲା। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବା, ଯୋଜନାହୀନ ଭାବେ ସହର ଗଢିଉଠିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଟର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।

- ଶ୍ରୀ ରାମକୃଷ୍ଣ ପରମହଂସ



# ସମ୍ବଲପୁରରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜାର ଝଲକ...



ସମ୍ବଲପୁର ବିଏସ୍ଏନ୍ଏଲ୍ ଅଫିସ୍‌ରେ ମଙ୍ଗଳବାର ବିଶ୍ୱକର୍ମା ପୂଜା କରାଯାଉଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।



ଅଇଁଠାପାଲି ୱେସ୍କୋ ଅଫିସ ପରିସରରେ ପୂଜା ପାଉଥିବା ବିଶ୍ୱକର୍ମା।



କାଳୀବାଡି ପୂଜା ମଣ୍ଡପରେ ବିଶ୍ୱକର୍ମା ।



ବରେଇପାଲି ଟ୍ରକ୍ ମାଲିକ ସଂଘର ବିଶ୍ୱକର୍ମା ପୂଜା ।



ସମ୍ବଲପୁର ପାଣିଟାଙ୍କିଠାରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।







ସମ୍ବଲପୁର ଜିଲା କୁଚିଣ୍ଡାରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ଅବସରରେ ପୂଜାର୍ଚ୍ଚନା କରାଯାଉଛି(ବାମ)। କୁଚିଣ୍ଡାର ଏକ ମଣ୍ଡପରେ ପୂଜା ପାଉଥିବା ଦେବଶିଳ୍ପୀ ବିଶ୍ୱକର୍ମା(ମଝି) ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ ଅଫିସରେ ବିଶ୍ୱକର୍ମା ପୂଜା ଚାଲିଛି।

## ପ୍ରେମିକାଙ୍କ ଘରେ ପ୍ରେମିକଙ୍କ ଆତ୍ମହତ୍ୟା

ଦେବଗଡ,୧୭।୯(ଡି.ଏନ.ଏ)

ଦେବଗଡ ଥାନା କାଳିଆକଟା ଗ୍ରାମରେ ମଙ୍ଗଳବାର ପ୍ରେମିକାଙ୍କ ଘରେ ଜଣେ ପ୍ରେମିକ ଆତ୍ମହତ୍ୟା କରଛନ୍ତି। ଏହା ଜିଲାରେ ଚର୍ଚ୍ଚାର ବିଷୟ ସାଜିଛି । ଖବର ମୁତାବକ ରିଆମାଳ ଥାନା ଅଧିନ ରଙ୍ଗମାଟିଆ ଗ୍ରାମର ରାକେଶ ଗରିଆ(୨୨) ଦେବଗଡ ଥାନା ଅଧିନ କାଳିଆକଟା ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ । ରାକେଶ ସୋମବାର କାଳିଆକଟା ଗ୍ରାମସ୍ଥିତ ତାଙ୍କ ପ୍ରେମିକାଙ୍କ ଘରକୁ ଆସି ତାଙ୍କ ମାତାପିତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । ମାତ୍ର ସେମାନେ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ହେଲେ ଯେମିତି ହେଲେ ବିବାହ କରିବାକୁ ସେ ଜିଦ୍ ଧରିଥିଲେ। ପ୍ରସ୍ତାବରେ ରାଜି ନ ଥିବା ପ୍ରେମିକାଙ୍କ ପରିବାର ଲୋକେ ବହୁ ବୁଝାଶୁଝା କରି ବିଫଳ ହେବାପରେ ରାକେଶଙ୍କୁ ନିୟନ୍ତ୍ରଣ କରିବା ପାଇଁ ଘରର ଏକ କୋଠରିରେ ବନ୍ଦ କରିଦେଇଥିଲେ । ଏଥିସହ ପ୍ରେମିକାଙ୍କ ବାପା ଓ ବଡବାପା ରଙ୍ଗମାଟିଆ ଗ୍ରାମକୁ ଯାଇ ରାକେଶଙ୍କ ମା'ବାପଙ୍କୁ ଏକଥା ଜଣାଇ ଥିଲେ। ପ୍ରେମିକାଙ୍କ ବାପା ଓ ବଡବାପା ରାତ୍ରୀରେ ନିଜ ଘରକୁ ଫେରିବା ପରେ ସମ୍ପୃକ୍ତ କୋଠରିର କବାଟ ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ଯେତେ ଡାକିଲେ ମଧ ସେ ନ ଶୁଣିବାରୁ ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ । ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବନ୍ଦ କୋଠରିରେ ରାକେଶଙ୍କ ମୃତଦେହ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମଙ୍ଗଳବାର ସକାଳେ ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର ସଦଳବଳେ ସେଠାକୁ ଯାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆଙ୍କ ଉପସ୍ଥିତିରେ ରାକେଶଙ୍କ ମୃତଦେହ ଜବତ କରିବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ଜାତୀୟ ରାଜପଥ ବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ

**ଦେବଗଡ,୧୭।୯(ଡି.ଏନ୍.ଏ.):** ଭାରତ ସରକାରଙ୍କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି। ଦେବଗଡ଼ ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ବିରଞ୍ଚି କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଭାଗୀୟ ସମସ୍ତ କର୍ମଚାରୀ ଏବଂ ରାଜା ବାସୁଦେବ ହାଇସ୍କୁଲର ଛାତ୍ର ଏବଂ ଏନ୍‌ସିସି କ୍ୟାଡେଟ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ପ୍ଲାଷ୍ଟିକର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ରନଜିତ ସାମଲ, ଉମାକାନ୍ତ ଦଳେଇ, ଦୋଳ ଗୋବିନ୍ଦ ବେହେରା, ରବି ନାରାୟଣ ପଣ୍ଡା, ପ୍ରଶାନ୍ତ କୁମାର ଦେବତା, ରଘୁମଣି ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭାଗୀୟ କର୍ମଚାରୀ ଏବଂ ଛାତ୍ରମାନେ।

## ଦେବଗଡ଼ରେ ବିଶ୍ୱକର୍ମା ପୂଜା

ଦେବଗଡ଼,୧୭।୯(ଡି.ଏନ୍.ଏ.)

ଦେବଗଡ଼ ସହରର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାପାଇଁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଦେବଗଡ଼ ସହର ଉତ୍ସବ ମୁଖର ହୋଇଉଠିଛି । ବିଭିନ୍ନ ପୂଜାମଣ୍ଡପରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ ଓ ଅଧିବାସ ସହ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସହରର ଜିଲା ଘରୋଇ ବସ୍ ମାଲିକ ସଂଘ, ସରକାରୀ ମୁଦ୍ରଣାଳୟ କାର୍ଯ୍ୟାଳୟ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସରକାରୀ ଡ୍ରାଇଭର କର୍ମଚାରୀ ସଂଘ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଟ୍ୟାକ୍ସି ୟୁନିୟନ, ଟେମ୍ପୁ ୟୁନିୟନ, ପିଏଚ୍‌ଡି କାର୍ଯ୍ୟାଳୟ, ଆର୍‌ଡବ୍ଲୁଏସ୍‌ଏସ୍, କ୍ଷୁଦ୍ର ଜଳସେଚନ ବିଭାଗ, ପୁରୁଣାଗଡ଼, ଆର୍‌ଆଣ୍ଡବି ବିଭାଗ ସମେତ ଅନେକ ବ୍ୟବସାୟିକ



ଅନୁଷ୍ଠାନ ତଥା ଗ୍ରାମାଞ୍ଚଳଙ୍କରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥିଲା। ବାବାଙ୍କ ଦର୍ଶନ ପାଇଁ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଏପରି କି ପ୍ରାୟ ପୂଜା କମିଟି ବିଭିନ୍ନ ପ୍ରକାର ତୋରଣ, ଆଲୋକସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି । ବିଭିନ୍ନ ମଣ୍ଡପରେ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିକାଶ ଦିବସ ପାଳିତ

ଦେବଗଡ,୧୭।୯(ଡ଼ି.ଏନ.ଏ.)

ଦେବଗଡସ୍ଥିତ ନେହେରୁ ଯୁବ କେନ୍ଦ୍ର ଓ ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ତିଳେଇବଣି ବ୍ଲକ ଅଧିନ ସାମନ୍ତରା ପାଳିଠାରେ ମଙ୍ଗଳବାର ବିକାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଭାପତି ଜନ୍ମେଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ରପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଲଣ୍ଡା ସରପଞ୍ଚ ଶକୁନ୍ତଳା ପ୍ରଧାନ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, କ୍ଲବର ପୂର୍ବତନ ସମ୍ପାଦକ ଦ୍ୱିଜରାଜ ଧଳ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଚାଅ ବେଟି ପଢ଼ାଅ, ମୁଦ୍ରଯୋଜନା, ସୌଭାଗ୍ୟ ଯୋଜନା ଓ ଉଜ୍ଜଳା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, କ୍ଲବର ସମ୍ପାଦକ ତ୍ରିଲୋଚନ ବିଶ୍ୱାଳ ଉପସ୍ଥିତ ଥିଲେ।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
**WEST COAST DIESELS LLP**
**odisha@wcdllp.com**
Contact: 9438164468, 9337003316

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary **27500** to **95700.** Sent your resume
akashaviationacademy11@gmail.com
9811057388 / 9811135247

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to
**HINDUSTAN JEWELLERS, BHUBANESWAR**
Good Salary.

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ । ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping
Age limit: 18 to 45 years.
**Salary: 8000 to 25000**
Ph. No. 7749823581, 7749823616

**Kerala Panchakarma Vaidyasala Bhubaneswar requires**
- Panchakarma Therapist - 10 nos. (M/F) 8th Pass and above (Freshers can apply)
- Beautician - 5 Nos. (F)
- Ayurvedic Doctors - 2 Nos.
Experience candidates can Contact: Mob- **9937057118, 6370823466, 0674-2590053**

**Stipend Agent In LIC**
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ନାବାଳକ ଅଟକ

**ପାଇକମାଲ,୧୭।୯(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଲ ଥାନା ଅଞ୍ଚଳରେ ଜଣେ ୯ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ସୋମବାର ଅପରାହ୍ନ ୫ଟା ସମୟରେ ସାଙ୍ଗମାନଙ୍କ ସହ ଲୁଚକାଳି ଖେଳ ଖେଳୁଥିଲେ। ସେତିକିବେଳେ ୧୪ ବର୍ଷର ଜଣେ ନାବାଳକ ବାଡି ପଛପଟେ ନାବାଳିକାଙ୍କୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଅଜା କୌଣସି କାରଣ ନେଇ ବାଡିକୁ ଯାଇଥିବାବେଳେ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପୀଡିତାଙ୍କୁ ପଦ୍ମପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ଖବର ପାଇ ଜିଲା ଶିଶୁ ମଙ୍ଗଳ ସିମିତି ଚେୟାରମ୍ୟାନ ସୁଜିତ କୁମାର ଦାସ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ପ୍ରମୁଖ ହସ୍ପିଟାଲରେ ପହଞ୍ଚି ପରିବାର ଲୋକଙ୍କ ସହ ଘଟଣା ସଂକ୍ରାନ୍ତରେ ଆଲୋଚନା କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ନାବାଳିକାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୬୯/୧୯) ରୁଜୁ କରି ନାବାଳକଙ୍କୁ ଅଟକ ରଖି ଡାକ୍ତରୀମାଇନା ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଯାଇଥିବା ପାଇକମାଲ ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି।


## COLLECTORATE, NABARANGPUR

(Social Welfare Section)

**Tender Call Notice 1939** **Dated: 11.09.2019**

The Tender Call Notice invited vide letter No.1939, dated.11.09.2019 by the DSWO, Nabarangpur for providing Hired vehicle on call basis for DSWO Office at District level. The details of tender document including General information available in the District website **www.nawrangapur.nic.in.**

**District Social Welfare Officer**
**Nabarangpur**

## କୃଷକମାନଙ୍କ ପାଇଁ ବିଶେଷ ସୂଚନା

No.48-L:ରାଜ୍ୟର କୃଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭାରତ ସରକାରଙ୍କ ସାର ରସାୟନ ଓ ସାର ମନ୍ତ୍ରଣାଳୟଙ୍କ ଦ୍ୱାରା ୟୁରିଆ ସାରର ୪୫ କି.ଗ୍ରା. ବସ୍ତା ପ୍ରତି ସର୍ବାଧିକ ଖୁଚୁରା ମୂଲ୍ୟ ୨୬୬.୫୦ ଧାର୍ଯ୍ୟ କରାଯାଇଛି। ୟୁରିଆ ସାର କିଣିବା ସମୟରେ ଉପରୋକ୍ତ ଲିଖିତ ମୂଲ୍ୟ ଦେଇ ପିଓଏସ୍ ମେସିନ୍‌ର ରସିଦ୍ ସଂଗ୍ରହ କରନ୍ତୁ। ଛୋଟ ବା ବଡ଼ ଦାନା ୟୁରିଆ କ୍ୱିଣ୍ଟାଲ ପ୍ରତି ୪୬ କି.ଗ୍ରା. ଯବକ୍ଷାରଜାନ ପୋଷକ ମିଳିଥାଏ। ବଡ଼ ଦାନା ୟୁରିଆ ବ୍ୟବହାର କରିବା ଦ୍ୱାରା ଜମିର ସ୍ଥିତି ଅନୁଯାୟୀ ଛୋଟ ଦାନା ୟୁରିଆ ଠାରୁ ୧୦-୧୫% କମ୍ ଆବଶ୍ୟକ ହୋଇଥାଏ। 01034/11/0018/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

Government of Odisha

## Department of Women and Child Development and Mission Shakti

**NOTICE**

No. 13347 / WCD, Dated 17.09.19

**No. 31-g:-** In continuation to this Department Advt. No. 1522/29.01.2019, it is to inform that the list of candidates eligible for the written examination for the recruitment for the post of DPC, MAMATA to be held on 18.10.2019 at 10.30AM in Mission Shakti Bhawan, Pokhariput, Bhubaneswar-20 has been uploaded in the Department website.

For further details like list of eligible candidates, subjects of examination, etc. please log in to Department website-http://wcdodisha.gov.in.

***Sd./- Joint Secretary to Govt.***

33001/11/0010/1920

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER, BARGARH CANAL DIVISION, BARGARH

No.233-A

**Email Id :- eebargarh-eicwr.od@nic.in**

**BID IDENTIFICATION NO. CDT-01/2019-20 (ON-LINE), DATED.13.09.2019**

| | | | |
|---|---|---|---|
| 1. | Nature of work | : | Improvement of Canal |
| 2. | Nos. of works | : | 16 (Sixteen) Nos. |
| 3. | Estimated Cost | : | Rs.8.51 lakhs to Rs.10.50 lakhs |
| 4. | Period of completion | : | As per D.T.C.N. |
| 5. | Date & Time of available of Bid Document in the portal | : | Dt.21.09.2019 at 10:00 A.M to Dt.01.10.2019 up to 05:00 P.M. |
| 6. | Last date / Time for receipt of Bids in the portal | : | Dt. 01.10.2019 up to 05:00 P.M. |
| 7. | Date of opening of Bid | : | Dt.03.10.2019 at 11.30 A.M. |
| 8. | Name and Address of the Officer Inviting bid | : | Executive Engineer, Bargarh Canal Division, Bargarh, At- Canal Colony, PO/Dist- Bargarh, Email Id: - eebargarh-eicwr.od@nic.in |

Further details can be seen from the e-procurement portal **http://tendersorissa.gov.in.**

**Sd./- Executive Engineer**
**Bargarh Canal Division, Bargarh**

**32008/11/0001/1920**

OHPC

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006**
**PHONE – 06854-242001. FAX – 06854242038.**
E-mail: sgmel_ukhep@ohpcltd.com CIN:U401010R1995SGC003963

No. CAD-394

The Unit Head, Upper Kolab Hydro Electric Project, Bariniput, Korpaut, Odisha invites **percentage rate bid** in **Double cover system** in **ONLINE MODE** only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹ ) | E.M.D. (in ₹) | Cost of bid document | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | M/R & Upkeep Maintenance of Civil Works to Residential and Non-Residential Buildings at Bariniput Colony, for a period of 12 months, UKHE Project, Bariniput | 9,43,620/- | 9500/- | 4720/- (Rs.4000+18% GST) | "C" & "D" Class | From 10:00 AM of 26.09.2019 to17:00 Hrs of 10.10.2019 | At 11.30 Hrs. of 14.10.2019 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Cetificate (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0023/1920 **Sd/- Unit Head UKHEP, Bariniput**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT

No.336-E

Notice No: 4538 /2019 Date: 17/9/19

**NOTICE**

The database regarding gradation of different paramedics (Laboratory technicians, Staff Nurses, Pharmacists, MPHW (M/F)) posted under Schemes/Society against different health institutions of Koraput district has been published in the district website www.koraput.nic.in for inviting objection from the paramedics. Discrepancies/ objections if any observed in the database by any identified paramedic may kindly be submitted to the undersigned through written application along with relevant documents on or before **30.09.2019 by 5.00 PM.** The application envelope must be superscribed with the name of post and serial number which was mentioned in database. Otherwise it will not be considered. The list is purely provisional in nature and is subject to change after further scrutiny/ verification, wherever applicable. No objections will be received after due date & time.

10077/11/0005/1920 **Sd./- CDM & PHO, KORAPUT**

## BERHAMPUR MUNICIPAL CORPORATION, GANJAM
## INVITATIONS FOR BIDS (IFB)

**L. No. 12331/ X-E-3-7/2019** **Date: 12.09.19**

**No.195-C:-**

**Invitation for Bids**
**Bid Identification No BMC (BAM) 207/2019-20**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A". | |
| 2. | Nature of work | Civil Works. |
| 3. | No. of work | 8 Nos. |
| 4. | Bid Cost. | The bidders shall remit online the cost of bid document for amount through the process as mentioned in the DTCN as per Annexure "A". |
| 5. | E.M.D. | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | As per the Annexure "A". |
| 7. | Availability of Documents in the website | From 15.05 hrs. of Dt. 19.09.19 to 17.00 hrs. of 04.10.19. |
| 8. | Date & Time of opening of the Bids | 11.30 hrs. onwards on Dt. 09.10.19. |
| 9. | Mode of submission of tender | Tender should submitted on line in **www.tendersorissa.gov.in.** |

The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only.

**Sd./- Commissioner,**
**13035/11/0043/1920** **Berhampur Municipal Corporation, Berhampur, Odisha**

## ADVERTISEMENT

**NATIONAL INITIATIVE FOR SCHOOL HEADS AND TEACHERS HOLISTIC ADVANCEMENT, (NISHTHA) FOR ELEMENTARY SCHOOL TEACHERS**

No. 34-n: OSEPA and SCERT the Nodal Institution to implement National Initiative for School Heads and Teachers Holistic Advancement (NISHTHA) for Elementary School Teachers in Odisha, Invites application for Key Resource Persons.

Interested candidates can submit online application through OSEPA Website "NISHTHA KRP Application" under e-governance activity tab of OSEPA Website (osepa.odisha.gov.in) or through the online application portal https://tinyuri.com/NishthaKRP from 16.09.2019 to 21.09.2019.

**Sd./- Director**
**TE & SCERT,**
**Bhubaneswar**

**Sd./- State Project Director**
**OSEPA, Bhubaneswar**

27005/11/0003/1920

## OFFICE OF THE MUNICIPAL COUNCIL : SUNDARGARH

**Phone No. : 06622272266,**
**E-mail : sngmunicipality@gmail.com,**
**Web:- sundargarhmunicipality.com**
**No. 4549 / Date : 17.09.2019**

## 1ST CORRIGENDA NOTICE

Tender invited vide this tender call notice 4529 Date : 13.09.2019 and Bid reference No. SNGM-07/2019-20 published in "Sambad & Dharitri" is here modified as follows.

i) Sl. No. 15 & 16 Period of Completion will be modified as 3 months to 45 days

ii) Sl. No. 15, 16 & 17 Eligible Class of Contractor will be modified as C & B to B & A.

All other terms and conditions remains unaltered.

**Sd./- Executive Officer**
**Sundargarh Municipality**

**GOVT. OF ODISHA** **No. 333-E:**

**OFFICE OF THE HEALTH & F.W. DEPTT.,**

## V.S.S. INSTITUTE OF MEDICAL SCIENCES & RESEARCH, BURLA (SAMBALPUR)

email: vssmcburlaorissa@gmail.com / sicklecellvssmc@gmail.com

No. 5060/VIMSAR, Dt. 16.09.19

**TENDER CALL NOTICE**

Sealed tenders are invited by the undersigned from the Registered reputed manufacturers / authorized dealers, DGS & D rates contract holder / EPM rate contract holders and registered firms under GST act for the supply of Glassware, Plastic Wares, Chemicals, Reagents, Kits for the Odisha Sickle Cell Project, Veer Surendra Sai Institute of Medical Sciences and Research, Burla on or before dt.14.10.2019 upto 5.00PM through Regd. Post /Speed Post only which will be opened on dt.15.10.2019 at 12.00Noon.

The detail terms and conditions of the tender call notice can be obtained personally or by their representative from the Sickle Cell Institute, VIMSAR, Burla on or before 14.10.2019 at 5.00PM and can be downloaded from the website http://vimsar.ac.in & http://sambalpur.nic.in from its date of publication.

***Sd./- Dean & Principal***
10012/11/0003/1920 ***VSS Inst. of Med. Sc. & Research, Burla***

**OFFICE OF THE LABOUR COMMISSIONER, ODISHA, BHUBANESWAR** No. 14-K

No.: Labour/2019-20/02 Date :18.09.2019

**CORRIGENDUM TO REQUEST FOR PROPOSAL (RFP) FOR SELECTION OF SYSTEM INTEGRATOR (SI) FOR E-GOVERNANCE SYSTEM PROJECT OF LABOUR DIRECTORATE & DIRECTORATE OF FACTORIES & BOILERS UNDER LABOUR & ESI DEPARTMENT IN NOTICE NO. LABOUR/2019-20/01 DTD. 19.08.2019**

It is revised that the bids should reach the office of the undersigned through registered post/speed post/courier only by **3 P.M. of 04.10.2019**. For Pre-Bid query response details please visit our Department website (**http://labour.odisha.gov.in**) & Directorate website (**www.labdirodisha.gov.in**)

**Sd/-Labour Commissioner, Odisha**

**Shrama Bhawan, Kharavela Nagar, Near Gurudwar, Unit-III, Bhubaneswar-751001**
17002/11/0003/1920 **Ph. No.: (0674) 2390624, 2391187 E-Mail: labcom.orissa@gmail.com**

**Government of India**
## Office of the Dy. Superintending Horticulturist
**Archaeological Survey of India,**
**Horticulture Division No. IV**
**Puratattva Bhawan, 3rd Floor, Samantarapur, Bhubaneswar-751002, Odisha**

**NOTICE INVITING TENDER**

Online item rate tenders on behalf of the President of India are invited in two bids system **for the following work at site from registered and eligible contractors** of CPWD/MES/Indian Railways/A.S.I./Central/State Govt./PWD Department in **Horticulture Category & having experience of successfully completed similar nature of works.**

| Sl. No. | Name of the work | Estimated Amount (₹) | E.M.D (₹) | Period of Completion | Secratary Deposit (L1) | Bid submission end date | Date of opening of technical/ financial bid |
|---|---|---|---|---|---|---|---|
| 01 | Execution of necessary garden development work to rectify the damage caused by the tropical cyclone, "FANI"on dated 3rd May, 2019 at the Sun Temple Complex Garden, Konark, Odisha | 33,55,471/- | 1,00,664/- | 06 months | 1,67,774/- | 03.10.2019 upto 10.30 Hrs. | 04.10.2019 upto 11.00 Hrs. |

For details please visit the website **https://eprocure.gov.in/eprocure/app**

Sd/-
**Dy. Superintending Horticulturist**
Horiticulture Division No. IV, BBSR-2

# OFFICE OF THE NOTIFIED AREA COUNCIL, DHARAMGARH (DT.)- KALAHANDI

**Ph. No: 06672- 242037, 242027,**
**E-mail: nacdharmagarh@gmail.com**

**No. 1884/ DMH** **Dated: 17.09.19**

## 1st Corrigendum Notice

The E-tender call notices vide Lt. No. 1862/ NAC (DHM) Dated: 12.09.19 & Bid Identification No. DHARAMGARH / NAC / 03 / 2019-20 has partially modified the sl. no. 33, col. no. 03 read as Rs. 41,31,330/- against Rs. 61,11,686/-, col. no. 04 read as Rs. 41,313/- against Rs. 61,117/-, col. no. 05 read as Rs. 6,000/- against Rs. 10,000/-, col. no. 07 read as 2 months against 4 months, sl. no. 34 col. no. 07 read as 2 months against 3 months, extra two nos. of project sl. no. 35 & 36 added in revised tender call notice & as per letter no. 1870/DMH, dt. 12.09.19 to the Advertising Manager Dharitri, Bhubaneswar & Sambad, Sambalpur has modified the sl. no. 02 read as 36 against 34 & sl. no. 03 read as Rs. 3,00,000/- to Rs. 41,31,330/- against Rs. 3,00,000/- to Rs. 61,11,686/-. The modified D.T.C.N. as given below.

**Sd./-**
**Executive Officer,**
**N.A.C., Dharamgarh**

## KENDRIYA VIDYALAYA, SONEPUR

**TENDER FOR SECURITY AND CONSERVANCY.**

K.V Sonepur invites sealed tender for outsourcing services of security and conservancy from interested parties with valid EPF and ESI registration certificates, PAN card, professional tax registration certificate, trade license, and tax clearances certificate on or before 28.09.2019 till 2.00 PM. For further details, please visit **www.kvsonepur.org** or Vidyalaya notice board. Details are available at **www.kvsonepur.org.**

प्राचार्य

केन्द्रीय विद्यालय सोनपुर

**No. 197-C:**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
## P.H. DIVISION, SAMBALPUR
eephsbp@nic.in

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**
**Bid Identification No. EEPHSBP-10/2019-20 Dt. 13.09.2019**

| | | | |
|---|---|---|---|
| 01. | Name of the Work | : | 1 no. Work. |
| 02. | Type of Bid. | : | Two Bid System |
| 03. | Estimated Cost | : | Rs. 93.19 lakhs |
| 04. | Period of Completion | : | 5 (Five) Calendar Months. |
| 05. | Date & Time of availability of bid document in the portal | : | From 11.00 AM of dt.20.09.2019 to 5.00 PM of 04.10.2019 |
| 06. | Last date / time of receipt of bids in the portal | : | 5.00 PM of 04.10.2019. |
| 07. | Date & Time of opening of technical bids | : | At 11.30 AM of 10.10.2019. |
| 08. | Name and Address of the Officer Inviting Bid | : | Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Executive Engineer
13026/11/0012/1920 P.H. Division, Sambalpur

## OFFICE OF THE VYASANAGAR MUNICIPALITY, VYASANAGAR, JAJPUR

**Email_Id :- vyasanagarmunicipality@gmail.com**
**WebSite:-ulbodisha.gov.in, Ph.No-06726-220207**

**Quotation Call Notice**

**Letter No. 1937** **Date: 17.09.2019**

1. The Executive Officer, Vyasanagar Municipality, Jajpur Road invites quotations in sealed covers from the intending registered firms / agencies / individual / manufactures having experience in same nature of works for execution of following works " Flex Banner/ flex banners with Bamboo frame in different places under this municipality as directed by the undersigned .
2. Quotations must be accompany with EMD of 15,000/-( Rupees fifteen thousand) only in shape of DD/ Banker Cheque/Cash in favour of "The Executive Officer , Vyasanagar Municipality, Jajpur Road" from nationalized bank which is refundable to unsuccessful bidder on demand. Copies of valid Registration Certificate of GST from competent authority, ITCC, PAN CARD & Trade License is required which may be annex with the Quotation.
3. The sealed quotations shall be reached before the undersigned on or before dated 25.09.2019 at 12 PM & the same shall be opened at 3:30 PM in the presence of quotationers or their authorized agent if any . In the absence of both the undersigned can open the bids . If the Office shall be closed due to un- avoidable situation, the same shall be opened in the next working day in same time & Venue or further notification. The undersigned reserves the rights to reject any or all the quotation without assigning any region thereof .
4. The bid documents along with Terms &Conditions will be available for sale in the Office of the undersigned during Office hour up to 4 pm on 24/9/2019 against deposit of non refundable fee of Rs. 2,000/- (Two thousand) only as cost of bid document.

**Sd./- Executive Officer**
**Vyasanagar Municipality**

## DISTRICT RURAL DEVELOPMENT AGENCY, KEONJHAR

**Letter No. 4921** **Date: 17.09.2019**

**HIRING SERVICES OF CHARTERED ACCOUNTANT FIRM FOR AUDIT & MAINTENANCE OF ACCOUNTS OF GRAM PANCHAYAT OF KEONJHAR DISTRICT**

Sealed quotations are invited from the Chartered Accountant Firms out of the up to date empanelled list of C & AG for maintenance and audit of Gram Panchayat Accounts of Keonjhar District for the Financial Year 2015-16, 2016-17 and 2017-18. The engagement of Chartered Accountant firms shall be selected through two Bid systems i.e. (Technical & Financial) separately. The technical qualified Chartered Accountant firms only can participate in financial Bid.

1. Last date for submission of Quotation: Dt. 04.10.2019 by 5.00 PM.
2. Opening of Quotation paper: Dt. 09.10.2019 at 11 AM.

The Detail Term & Condition along with RFP documents will be available at **www.keonjhar.nic.in.**

**Collector-cum-Chairman**
**DRDA, Keonjhar**

## TRIBAL DEVELOPMENT COOPERATIVE CORPORATION OF ODISHA LTD

**Rupali Square, Bhoi Nagar**
**Bhubaneswar-751022, Odisha**
**Tel No.2542475,2542617, FAX-2544828**
**Email:admin@tdccorissa.org**
**GST No. 21AAAAT3642C1Z5**

**Tender Notice No.MSP-2031 & 2032/ TDCCOL, Date: 16.09.2019**

**NOTICE INVITING TENDER FOR SALE OF HARIDA (SEEDED) & SEEDED TAMARIND - 2019 CROP PROCURED UNDER MINIMUM SUPPORT PRICE SCHEME.**

No.CAD-393 :- The Managing Director, Tribal Development Cooperative Corporation of Odisha Limited, Bhubaneswar invites Tenders in prescribed form to be received up to 12.00 P.M. on 17.10.2019 from the reputed firms/companies/bidders of State of Odisha and outside for disposal of approximately 78.00 of Harida Seeded & 1112.28 qtl of Seeded Tamarind 2019 crop procured under Minimum Support Price Scheme. The Tender Form and detail terms and conditions of the tender may be downloaded from the official website of TDCCOL i.e. **www.tdccodisha.org.** The acceptance of tender shall be subject to final decision of Managing Director, TDCCOL.

**Sd./-**
**26005/11/0007/1920** **Managing Director**

## କୋଳଥ କିସମ



**କୋ**ଳଥର ଉର୍ମି ଡିଏସ୍-୧-୨,ଡି.ଏସ୍୧-୨-୨ ଆଦି କିସମ ସଂଗ୍ରହ କରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା ଯବକ୍ଷାରଜାନ, ୧୦କିଗ୍ରା ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

## ମାଛ ଯାଆଁଳ ଛାଡୁଥିଲେ

**ମା**ଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ। ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।



## ଟମାଟୋ ଲଗାଉଥିଲେ...



**ଚ**ଳିତ ମାସ ହେଉଛି ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା: ବିଟି-୨,ବିଟି-୧୦,ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ମର୍ଣ୍ଣିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ତଳିଗୁଡିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

### ଜୀବାଣୁଜନିତ ରୋଗ

# ବ୍ରୁସେଲୋସିସ୍







ଡା. ବୀର କିଶୋର ପରିଡ଼ା

**ଏ**ହା ଏକ ଜୀବାଣୁଜନିତ ରୋଗ ଯାହାକି, ସଂକ୍ରମିତ ପ୍ରାଣୀମାନଙ୍କଠାରୁ ମଣିଷକୁ ଓ ସଂକ୍ରମିତ ମଣିଷଙ୍କଠାରୁ ସୁସ୍ଥ ମଣିଷଙ୍କୁ ବ୍ୟାପିଥାଏ। ଏହି ରୋଗଟି ପ୍ରଥମ କରି କ୍ରିମେନ ଯୁଦ୍ଧ(୧୮୫୦) ସମୟରେ ଲୋକଲୋଚନକୁ ଆସିଥିଲା। ଯେହେତୁ ଏହି ଯୁଦ୍ଧ ମାଲ୍ଟା ଦ୍ୱୀପରେ ହୋଇଥିଲା, ତେଣୁ ଏହାର ଅନ୍ୟନାମ 'ମାଲ୍ଟା ଫିଭର'। ବ୍ରୁସେଲା ଆବରଟସ୍ ନାମକ ଏକ ଜୀବାଣୁ ଦ୍ୱାରା ଏହା ହୋଇଥିଲା। ଏଥିସହିତ ଡାଭିଡ୍ ବ୍ରୁସ୍ ନାମକ ଜଣେ ଡାକ୍ତର ଏହାକୁ ପ୍ରମାଣିତ କରିଥିବାରୁ ୧୮୯୭ ମସିହାରେ ଏହି ରୋଗଟିକୁ 'ବ୍ରୁସେଲୋସିସ୍' ବୋଲି ଅଭିହିତ କରାଯାଇଥିଲା।

**କାରଣ:** ଏହି ଜୀବାଣୁ ଯଥା-ବ୍ରୁସେଲା ଆବରଟସ୍ , ବ୍ରୁସେଲା ମେଲିଟେନ୍‌ସିସ୍, ବ୍ରୁସେଲା ସୁଇସଙ୍କ ସଂକ୍ରମଣ ଦ୍ୱାରା ଏହା ଗୋରୁ, ଛେଳିମେଣ୍ଢା ଓ ଘୁଷୁରିଙ୍କୁ ହୋଇଥାଏ। ପରବର୍ତ୍ତୀ ସମୟରେ ଦୁର୍ଭାଗ୍ୟବଶତଃ ମଣିଷଙ୍କୁ ମଧ୍ୟ ସଂକ୍ରମିତ କରିଥାଏ।

**ରୋଗର ଲକ୍ଷଣ:** ପ୍ରାଣୀଙ୍କଠାରେ ଦେଖାଯାଉଥିବା ଲକ୍ଷଣଗୁଡିକ ହେଲା:

- ଗର୍ଭପାତ (ଗର୍ଭାବସ୍ଥାର ଶେଷ ୩ ମାସ ସମୟରେ)।
- ଫୁଲ ନ ପଡିବା ବା ରହିଯିବା
- ମଲା ବା ଦୁର୍ବଳ ଛୁଆ ଜନ୍ମ ହେବା
- ଠିକ୍ ସମୟରେ ଗରମକୁ ନ ଆସିବା
- ଢେଉ ଭଳି ଜ୍ୱର ହେବା
- କ୍ଷୀର କମିଯିବା
- ଆଣ୍ଠୁଗଣ୍ଠି ଫୁଲିବା
- ଅଣ୍ଡ କୋଷ ଫୁଲିବା
- ପରିଶେଷରେ ମୃତ୍ୟୁ

*ମଣିଷଙ୍କଠାରେ ଦେଖାଯାଉଥିବା ଲକ୍ଷଣଗୁଡିକ ହେଲା:*

- ଢେଉ ଭଳି ଜ୍ୱର ହେବା
- ସମ୍ପୂର୍ଣ୍ଣ ଶରୀରରେ ବିନ୍ଧାଛିଟିକା ହେବା
- ଖାଦ୍ୟ ପ୍ରତି ଅନିଚ୍ଛା ପ୍ରକାଶ କରିବା
- ଶରୀରର ଓଜନ କମିଯିବା
- ରାତିରେ ପ୍ରବଳ ଝାଳ ବୋହିବା
- ପେଟରେ ଯନ୍ତ୍ରଣା ହେବା
- କାଶ ହେବା
- ମୁଣ୍ଡ ବିନ୍ଧିବା ଓ ଦୁର୍ବଳ ଲାଗିବା
- ଗର୍ଭବତୀ ମହିଳାଙ୍କର ଗର୍ଭପାତ ହେବା।

**ଚିକିତ୍ସା:** ପ୍ରାଣୀଙ୍କ କ୍ଷେତ୍ରରେ କେବଳ ପ୍ରାଥମିକ ଅବସ୍ଥାରେ ଆଣ୍ଟିବାୟୋଟିକ ଦେଲେ କେତେକାଂଶରେ ସଫଳ ମିଳିଥାଏ ଓ ମଣିଷଙ୍କ କ୍ଷେତ୍ରରେ ଏହାକୁ ଭଲ କରିବାକୁ ହେଲେ ଦୀର୍ଘଦିନ ଧରି ଚିକିତ୍ସା କରିବାକୁ ପଡିଥାଏ।

**ପ୍ରତିଷେଧକ ବ୍ୟବସ୍ଥା:** ପ୍ରାଣୀଙ୍କ ସ୍ଥଳରେ ପ୍ରତିଷେଧକ ଟିକାକରଣ ଦ୍ୱାରା ଏହି ରୋଗଟିକୁ ନିୟନ୍ତ୍ରଣ କରିହେବ। କିନ୍ତୁ ମଣିଷଙ୍କ ପାଇଁ ଅଦ୍ୟାବଧି କୌଣସି ଟିକା ବାହାରି ନାହିଁ।

**ପ୍ରତିଷେଧକ ଟିକା:** ବ୍ରୁସେଲା ଆବରଟସ୍ ଷ୍ଟ୍ରେନ୍-୧୯ । ଏହି ଟିକା ଆମ ଦେଶରେ ତିଆରି ହେଉଛି, ଯାହାକୁ କି ୪-୮ ମାସର ମାଈ ବାଛୁରୀଙ୍କୁ ଦିଆଯାଇପାରିବ । ଏହି ଟିକା ବର୍ଷକୁ ଥରେ ଦିଆଯାଇଥାଏ।

***ଅନ୍ୟାନ୍ୟ ନିୟନ୍ତ୍ରଣ ଓ ନିରାକରଣ ବ୍ୟବସ୍ଥାଗୁଡ଼ିକ ହେଲା :***

- ଗୋରୁଙ୍କ ରକ୍ତ ପରୀକ୍ଷା କରି ବ୍ରୁସେଲା ପଜିଟିଭ୍‌ର ପ୍ରାଣୀମାନଙ୍କୁ ଅଲଗା କରି ଅନ୍ୟତ୍ର ରଖିବା (ଗୋସଦନ)ର ବ୍ୟବସ୍ଥା କରିବା।
- ୪-୮ ମାସର ସମସ୍ତ ମାଈ ବାଛୁରୀଙ୍କ ଟିକାକରଣ କରିବା।
- ଚାଷୀମାନଙ୍କୁ ବିଶେଷ ଭାବରେ ସଂକ୍ରମିତ ପ୍ରାଣୀଙ୍କର ରକ୍ଷଣାବେକ୍ଷଣ କରିବା ସମୟରେ ସମସ୍ତ ସତର୍କତା ଅବଲମ୍ବନ କରିବା।
- ସଂକ୍ରମିତ ପ୍ରାଣୀଙ୍କର କ୍ଷୀର ଓ ଦୁଗ୍ଧଜାତ ଦ୍ରବ୍ୟ ବିଶେଷ ଭାବରେ ଛେନାକୁ ନ ଖାଇବା ବା ତାହାର ସଂସ୍ପର୍ଶରେ ନ ଆସିବା। ଯଦି ଆଣୁଛନ୍ତି, ତାକୁ ଫୁଟାଇ ପିଇବା।
- ରୋଗ ସମ୍ପର୍କରେ ବ୍ୟାପକ ଭାବେ ସଚେତନତା ସୃଷ୍ଟି କରିବା।
- ପ୍ରତ୍ୟେକ ୬ ମାସରେ ଥରେ ପ୍ରାଣୀମାନଙ୍କର ରକ୍ତ ନମୁନା ପରୀକ୍ଷା କରିବା।

ବିଦ୍ର: ଏହି ରୋଗଟି ମଣିଷଠାରୁ ମଣିଷଙ୍କୁ ସଂକ୍ରମିତ ହୋଇ ନ ଥାଏ।

**ଆମ ରାଜ୍ୟରେ ବ୍ରୁସେଲୋସିସ୍‌ର ସ୍ଥିତି :** ଆମ ରାଜ୍ୟର ପ୍ରାୟ ୨୩ଟି ଜିଲାରେ ଏହି ରୋଗଟି ଥିବା ପ୍ରମାଣ ମିଳିଛି। ସେଗୁଡିକ ହେଲା- ବଲାଙ୍ଗୀର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ନବରଙ୍ଗପୁର, ଯାଜପୁର, କୋରାପୁଟ, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୂଆପଡା, ନବରଙ୍ଗପୁର, ନୟାଗଡ, ପୁରୀ, ସୁବର୍ଣ୍ଣପୁର ଓ ସୁନ୍ଦରଗଡ। ତେବେ ଏଥିମଧ୍ୟରୁ କୋରାପୁଟ ଜିଲାରେ ୨୮ ପ୍ରତିଶତ ଓ ବରଗଡ ଜିଲାରେ ୨୬ ପ୍ରତିଶତ ହିସାବରେ ସଂକ୍ରମିତ।

ଏହି ରୋଗଟିକୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ଟିକାକରଣ କରାଯାଇଛି। ତେବେ ରୋଗର ନିୟନ୍ତ୍ରଣ ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

*ମୋ-୯୪୩୭୬୦୭୩୧୨*

# ଆଖୁ ଚାଷର ସହଜ ଉପାୟ

(ଦ୍ୱିତୀୟ ଭାଗ)

**ସ**ମନ୍ୱିତ ରୋଗପୋକ ପରିଚାଳନା ଓ ଅମଳ: ଚାଷ ପଦ୍ଧତି ସହ ଯାନ୍ତ୍ରିକ, ଭୌତିକ, ଜୈବ ଏବଂ ସ୍ଥଳ-ବିଶେଷରେ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରାଯାଏ। ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା, ପବ ବିନ୍ଧା, ଅଗ କାଣ୍ଡବିନ୍ଧା, ପାଟଳ କାଣ୍ଡବିନ୍ଧା, ଗଣ୍ଠି ବିନ୍ଧା ଆଦି ପୋକର ନିୟନ୍ତ୍ରଣ ନିମନ୍ତେ ଏକର ପ୍ରତି ୮ଟି ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ୍) ଗଛ ଚଢ଼ିବା ଅବସ୍ଥାରେ ବ୍ୟବହାର କରାଯାଏ। ଜଉ ଓ ଧଳା ମାଛି ନିୟନ୍ତ୍ରଣ ଲାଗି ଗଛ ବଢ଼ିବା ଅବସ୍ଥାରେ ଏକର ପ୍ରତି ମଧ୍ୟ ୮ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରାଯାଏ।

ଅଗବିନ୍ଧା ପୋକ ଓ ରକେଟ ପୋକର ଅଣ୍ଡା ଥିବା ପତ୍ରର ଅଗକୁ କାଟିଦେବା, ମଲା ମଞ୍ଜିକୁ ବାହାର କରିବା, ନାଳି ଶଢ଼ା ଓ ଝାଉଁଳା ରୋଗଗ୍ରସ୍ତ ଗଛକୁ ନଷ୍ଟ କରିବା, ମୂଷା ଦମନ ନିମନ୍ତେ ଯନ୍ତା ବା ବିଷ ଥୋପ ବ୍ୟବହାର ଆଦି ଯାନ୍ତ୍ରିକ ନିୟନ୍ତ୍ରଣ କରାଯାଏ।

-ଜୈବ ନିୟନ୍ତ୍ରଣ ଲାଗି ଜୁଲାଇରୁ ଅକ୍ଟୋବର ମାସ ମଧ୍ୟରେ ପ୍ରତି ୧୦ ଦିନ ଅନ୍ତରରେ ଏକର ପ୍ରତି ୨୦,୦୦୦ ହିସାବରେ ୮-୧୦ ଥର ଟ୍ରାଇକୋଗ୍ରାମା ଅଣ୍ଡା ପରଜୀବୀକୁ ଫସଲରେ ଛଡ଼ାଯାଏ। ଜାହାଜୀ ପୋକ ଲାଗି ଏକର ପ୍ରତି ୩-୪ ଲକ୍ଷ ଇପିରିକାନିଆ ଅଣ୍ଡା ଛାଡ଼ିପାରିବେ। ରୋଗ ପୋକ ନିୟନ୍ତ୍ରଣ ଲାଗି ପ୍ରଥମରୁ ନିମ୍ବଜାତ ଜୈବ କୀଟନାଶକ ଔଷଧର ୫୦ମି.ଲି. ୧୦ ଲିଟର ପାଣି ପ୍ରତି କିମ୍ବା ହାଣ୍ଡିଖତ ୧:୫୦ ଅନୁପାତରେ ପାଣି ସହ ଦ୍ରବଣ ପ୍ରସ୍ତୁତ କରି ଫସଲରେ ସିଞ୍ଚନ କରନ୍ତୁ। ନଚେତ ରାସାୟନିକ ଉପାୟ ଅବଲମ୍ବନ କରି, ଆଖୁ ଫସଲରେ ବିଭିନ୍ନ ପୋକ ଯଥା-ଉଇ ସକାଶେ ଥାୟୋମେଥୋକ୍ସାମ୍ ୭୫% ଏସ୍.ଜି. ୩.୨ଗ୍ରାମ୍, ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୪ ମି.ଲି. (ଆଖୁ ବିହନକୁ ଇମିଡାକ୍ଲୋପ୍ରଡ୍ ୧୭.୮% ଏସ୍.ଏଲ୍.ର ୧.୫ ମିଲି ଲିଟର ପାଣି ପ୍ରତି ଉପଚାର); ଅଗବିନ୍ଧା / ସଅଳ କାଣ୍ଡବିନ୍ଧା ପୋକ ଲାଗି - କ୍ଲୋରଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍‌ସିର ୪ ମିଲି; ଗଣ୍ଠି/ପବ ବିନ୍ଧା/ଧବଳ ଭୃଙ୍ଗ/ ଝିଣ୍ଟିକା ପୋକ ପାଇଁ - କ୍ଲୋରୋପାଇରିଫସ୍ ୨୦% ଇସିର ୨୫-୩୦ ମିଲି/ ଫିପ୍ରୋନିଲ୍ ୫% ଏସ୍‌ସିର ୧୦-୨୦ ମିଲି; ଦହିଆ ଜଉ, କାତି, କଳାବଗ୍ ଓ ପାଇରିଲା (ଜାହାଜୀ ପୋକ) ନିମନ୍ତେ - ପ୍ରୋଫେନୋଫସ୍ ୫୦% ଇସିର ୧୦-୨୦ ମିଲି/ ଥାୟୋମେଥୋକ୍ସାମ୍ ୨୫ ଡବ୍ଲୁଜି ୨ ଗ୍ରାମ; ଚେର ବିନ୍ଧା ପୋକ ଲାଗି- ଫିପ୍ରୋନିଲ୍ ୫% ଏସ୍‌ସିର ୩୦-୪୦ ମିଲି; ନାଳି ଓ ହଳଦିଆ ଅଷ୍ଟପଦୀ ପୋକ ପାଇଁ - ଫେନାଜାକୁଇନ୍ ୧୦% ଇସି/ ପ୍ରୋପାର୍‌ଜାଇଟ୍ ୫୭% ଇସିର ୧୦-୨୦ ମିଲି; ଧଳା ମାଛି ସକାଶେ ଆସେଟାମିପ୍ରିଡ୍ ୨୦% ଏସ୍‌ପିର ୨ ଗ୍ରାମ/ ବୁପ୍ରୋଫେଜିନ୍ ୨୫% ଏସ୍‌ସିର ୫-୧୦ ମିଲିକୁ ୧୦ ଲିଟର ପାଣି ପ୍ରତି ମିଶାଇ ଦ୍ରବଣକୁ ସିଞ୍ଚନ କରାଯାଏ।

ବିଭିନ୍ନ ରୋଗ ନିୟନ୍ତ୍ରଣ ନିମନ୍ତେ - ହୁଇପ୍ ସ୍ମଟ୍ ପାଇଁ - ଥିରାମ ୭୦% ଡବ୍ଲ୍ୟୁ ଏସ୍/ କାର୍ବୋକ୍ସିନ୍ ୩୭.୫+ଥିରାମ ୩୭.୫% ଡବ୍ଲୁପିର ମିଶ୍ରଣ ୩୦ ଗ୍ରାମ; ନାଳି ଶଢ଼ା, ଚେରଶଢ଼ା, ଅଗଶଢ଼ା, ପବଶଢ଼ା, ଝାଉଁଳା, ପତ୍ର ଜାଦୁରା ଓ ଗୋଲେଇ ଚିତା, ହଳିଦିଆ ଚିତା, ଆଖି ଚିତା ଲାଗି - କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି/କାର୍ବେଣ୍ଡାଜିମ୍ ୧୨%+ ମାନ୍‌କୋଜେବ୍ ୬୩% ଡବ୍ଲ୍ୟୁପିର ମିଶ୍ରଣ ୨୦-୨୫ ଗ୍ରାମ୍; ଘାସୁଆ କାଣ୍ଡ, ସାହେବୀ ରୋଗ ପାଇଁ - ଇମିଡାକ୍ଲୋପ୍ରିଡ୍ ୧୭% ଏସ୍‌ଏଲ୍ ୩.୫ ମିଲି / ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁଜି ୧୦ ଗ୍ରାମ ବା ଆସେଟାମିପ୍ରିଡ୍ ୨୦% ଏସ୍‌ପିର ୩.୫ ଗ୍ରାମ; କଳଙ୍କି ରୋଗ ପାଇଁ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁପିର ୨୦ ଗ୍ରାମ। ଟ୍ରାୟାଡେମେଫର୍ମ ୨୫% ଡବ୍ଲ୍ୟୁ.ପି. ୨.୫ମିଲି; ନାଳି ପଟା ଓ ରାଟୁନ୍ ବୃଦ୍ଧି ବାଧକ ରୋଗ ନିୟନ୍ତ୍ରଣ ପାଇଁ ସିଓସି ୫୦% ଡବ୍ଲୁଜି ୩ ଗ୍ରାମ୍ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲରେ ଅପରାହ୍ନରେ ସିଞ୍ଚନ କରନ୍ତୁ।



ଆଖୁ ଅମଳ ଯଥା ସମୟରେ (ବ୍ରିକ୍ସ୍ ମାପ ୧୮ ବା ଅଧିକ) କରାଗଲେ ମୂଳି ଫସଲ ଭଲ ପିଲ ଦେଇଥାଏ। ତେଣୁ ଜାନୁୟାରୀରୁ ଫେବୃୟାରୀ ମାସ ମଧ୍ୟରେ ଆଖୁ ଅମଳ କରାଗଲେ ତହିଁରୁ ଭଲ ଅମଳ ଓ ଲାଭ ମିଳିଥାଏ। ଅମଳ ସଙ୍ଗେସଙ୍ଗେ ଚିନିକଳକୁ ଆଖୁ ପଠାଇବା ଭଲ। ଚିନି ଠିକ୍ ପାଇବା ପାଇଁ ଅମଳର ୨୪ ଘଣ୍ଟା ମଧ୍ୟରେ ଆଖୁ ପେଡ଼ା ହେବା ଦରକାର। ଏକର ପ୍ରତି ଭଲ ଫସଲରୁ ୪୦୦ରୁ ୪୮୦ କୁଇଣ୍ଟାଲ୍ ଆଖୁ ଅମଳ ହୋଇଥାଏ।

**-ଡ. ପରେଶ କୁମାର ପଣ୍ଡା**
*ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*



# ଝଡ଼ି ପଡୁଥିବା ପତ୍ରରୁ କମ୍ପୋଷ୍ଟ



କିଶୋର ଚନ୍ଦ୍ର ପଣ୍ଡା

**ପ**ତ୍ରଝଡ଼ା ଋତୁ ପରେ ବର୍ତ୍ତମାନ ବିଭିନ୍ନ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ କରିବା ପାଇଁ ଲୋକମାନେ ଜଙ୍ଗଲକୁ ନିଆଁ ଲଗାଇ ଦେଉଛନ୍ତି। ପୂର୍ବ କାଳରେ ରାଜାମାନେ ନିଆଁକବଳରୁ ଜଙ୍ଗଲକୁ ରକ୍ଷାକରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ। କାରଣ ଝଡ଼ାପତ୍ର ମାଟିରେ ମିଶି ଉତ୍ତମ ଖତରେ ପରିଣତ ହୁଏ। ଜଙ୍ଗଲ ମାଟିରେ ଅନେକ ଅଣୁଜୀବ ମାଇକୋରାଇଜା ଜାତୀୟ ଫିମ୍ପିଙ୍କ ପରିମାଣ ଅଧିକ ଥାଏ। ଜଙ୍ଗଲର ପତ୍ର ଜମୁଥିବା ଅଞ୍ଚଳରୁ ମାଟି ସଂଗ୍ରହ କରି ଜମିରେ ପକାଇଲେ ଜୈବିକ ସାର ମିଳିଥାଏ।

ତେବେ ଝଡ଼ାପତ୍ରରୁ ସହଜରେ କିପରି କମ୍ପୋଷ୍ଟ ବା ଜୈବିକ ଖତ ପ୍ରସ୍ତୁତ କରାଯାଇପାରିବ, ତାହା ବାଡିବଗିଚା ତଥା କିଚେନ ଗାର୍ଡେନ ପାଇଁ ମଧ୍ୟ ଉପଯୋଗୀ ହୋଇପାରିବ ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି...

- ଝଡ଼ି ପଡିଥିବା ଶୁଖିଲା ତଥା ଅଧା ଶଢ଼ିଥିବା କଞ୍ଚା ପତ୍ରକୁ ଗୋଟିଏ ଜାଗାରେ ଏକାଠି ଗଦା କରନ୍ତୁ।
- ଗଦା ନିକଟରେ ୫.୫ଫୁଟ ଲମ୍ବା ୫.୫ଫୁଟ ଚଉଡା ଓ ୩ ଫୁଟ ଗଭୀରର ଗୋଟିଏ ଗାତ କରନ୍ତୁ ଏବଂ ଗାତରେ ପତ୍ର ପକାଇ ଭର୍ତ୍ତି କରି ଦିଅନ୍ତୁ।
- ପ୍ରଥମେ ୪/୫ ବାଲ୍‌ଟି ପାଣି ଛିଞ୍ଚି ଦିଅନ୍ତୁ ଏବଂ ଏହା ଉପରେ ଏକ ଝୁଡି ଦେଶୀ ଗାଈର ଗୋବର ପ୍ରାୟ ୪ବାଲ୍‌ଟି ପାଣିରେ ଗୋଳାଇ ଛିଞ୍ଚି ଦିଅନ୍ତୁ।
- ପରେ ଏକ ଇଞ୍ଚ ବହଳର ମାଟି ପକାଇ ଦିଅନ୍ତୁ । ଏହାଦ୍ୱାରା ଗଦାଟି ପ୍ରାୟ ଏକ ଫୁଟ ଦବିଯିବ।
- ଗୋବର ଗୋଳା ପାଣି ବଦଳରେ ପୁରୁଣା ଶଢ଼ା ଖତକୁ ମାଟି ସହିତ ମିଶାଇ ବ୍ୟବହାର କରିପାରନ୍ତି। ଗୋବର ଗ୍ୟାସ୍ ଟାଙ୍କିରୁ ବାହାରୁଥିବା ତରଳ ସ୍ଲରୀ ମଧ୍ୟ ଏଥିପାଇଁ ବ୍ୟବହାର କରାଯାଇପାରେ।
- ଏହିପରି ସ୍ତରକୁ ସ୍ତର ଗାତଟିକୁ ଭର୍ତ୍ତି କରି ଗାତ ଉପରଠାରୁ ୧ଫୁଟ ଉଚ୍ଚ ହେଲାପରେ ଉପର ଅଂଶକୁ ଗୋବର ମାଟିରେ ଲିପି ଦିଅନ୍ତୁ ଏବଂ ବର୍ଷାପାଣି ଗଡିଯିବା ପାଇଁ ଗଦାର ଉପର ଅଂଶକୁ ଗଡାଣିଆ କରନ୍ତୁ।
- ୧୫ଦିନ ପରେ ଗଦାଟି ଦବିଯିବ ଏବଂ ପୁଣି ତା' ଉପରେ ସ୍ତରକୁ ସ୍ତର ପତ୍ର ପାରି ଗୋବର ପାଣି, ମାଟି ଇତ୍ୟାଦି ଦେଇ ଆଗପରି ଗଦାର ଉପର ଅଂଶଟି ଗୋବର ମିଶା ମାଟିରେ ଲିପି ଦିଅନ୍ତୁ।
- ଏହି ପ୍ରଣାଳୀରେ ୪ ମାସ ଭିତରେ ଉତ୍କୃଷ୍ଟ ଧରଣର ଖତ ମିଳିପାରିବ । ନିମ, କରଞ୍ଜ ତଥା ଅରଖ ପତ୍ର ବ୍ୟବହାର କରାଗଲେ ଏହା ରୋଗପୋକ ନିୟନ୍ତ୍ରଣରେ ମଧ୍ୟ ସାହାଯ୍ୟ କରିଥାଏ।

ବର୍ଷାଋତୁ ପୂର୍ବରୁ ପତ୍ର ସଂଗ୍ରହ କରାଗଲେ ବେଶି ପାଣିର ଆବଶ୍ୟକତା ହୋଇ ନ ଥାଏ। ଯେଉଁମାନେ କିଚେନ୍ ଗାର୍ଡେନ ବା ପାକଶାଳା ବଗିଚା କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ସୁବିଧାଜନକ ଉପାୟ।

*-ଜୈବ କୃଷି ବିଶେଷଜ୍ଞ, ଝୁମ୍‌ଝୁମା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର*
*ମୋ: ୯୦୭୮୦୬୦୦୪୩*



| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.78 (↑ 18) | ↓ 642.22 36,481.09 | ↓ 185.90 10,817.60 | ↓ `150 38,905.00 | ↓ `290 48,028.00 |



“ ଆଇଫୋନ କମ୍ପାନୀ ଆପଲ୍ ଭାରତରେ ବ୍ୟବସାୟ ଲାଗି ବଡ଼ ଧରଣର ନିବେଶ କରିବାକୁ ଯାଉଛି। ଭାରତୀୟ ବଜାର ପ୍ରତି ସମସ୍ତ ଇଲେକ୍ଟ୍ରୋନିକ୍ସ କମ୍ପାନୀ ଆଗ୍ରହ ପ୍ରକାଶ କରୁଛନ୍ତି।
– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ଓ ଆଇନମନ୍ତ୍ରୀ



“ ଉଦୟ ଯୋଜନାର ପ୍ରଥମ ପର୍ଯ୍ୟାୟ ବିଫଳତାରୁ ସ୍ପଷ୍ଟ ହେଉଛି ଯେ, ଶକ୍ତି ଯୋଗାଣ ସେକ୍ଟରରେ ବ୍ୟାପକ ସଂସ୍କାର ଆବଶ୍ୟକତା ରହିଛି।
– ସୁଭାଷ ଚନ୍ଦ୍ର ଗର୍ଗ, କେନ୍ଦ୍ର ଶକ୍ତି ସଚିବ



## ସଂକ୍ଷେପରେ

### ପେଟ୍ରୋଲ, ଡିଜେଲ ଦର ବଢ଼ିଲା



**ନୂଆଦିଲ୍ଲୀ,୧୭-୯:** ସୌଦି ଆରବର ତୈଳଭଣ୍ଡାର ଉପରେ ଡ୍ରୋନ ଆକ୍ରମଣ ପରେ ଅଶୋଧିତ ତେଲ ବଜାରରେ ହଇଚଇ ସୃଷ୍ଟି ହୋଇଛି। ଏହି କାରଣରୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ଜୁଲାଇ ୫ରେ ସାଧାରଣ ବଜେଟ ଉପସ୍ଥାପନ ପରେ ସର୍ବବୃହତ୍ ବୃଦ୍ଧି ଦେଖିବାକୁ ମିଳିଛି। ଦିଲ୍ଲୀରେ ପେଟ୍ରୋଲ ଦର ୧୪ ପଇସା ବଢ଼ି ୭୨.୧୭ ଟଙ୍କା ପ୍ରତି ଲିଟର ହୋଇଥିବା ବେଳେ ଡିଜେଲ ଦର ୧୫ ପଇସା ବଢ଼ି ୬୫.୫୮ ଟଙ୍କା ହୋଇଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସୂତ୍ରରୁ ପ୍ରକାଶ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବଢ଼ାଇ ଦେଇଥିଲେ। ଫଳରେ ତେଲ ଦର ପ୍ରାୟ ଅଢ଼େଇ ଟଙ୍କା ଲିଟର ପ୍ରତି ବଢ଼ିଯାଇଛି। ସୋମବାର ଅନ୍ତର୍ଜାତୀୟ ବଜାରରେ ତେଲ ଦର ୨୦ ପ୍ରତିଶତ ବୃଦ୍ଧି ପାଇବା କାରଣରୁ ମଙ୍ଗଳବାର ପେଟ୍ରୋଲ ଓ ଡିଜେଲ ଦର ମଧ୍ୟ ବୃଦ୍ଧି ପାଇଛି। ତେବେ ମଙ୍ଗଳବାର ଅନ୍ତର୍ଜାତୀୟ ବଜାରର ଅଶୋଧିତ ତେଲ ଦର ୦.୫% ହ୍ରାସ ପାଇ ୬୮.୬୬ ଡଲାର ପ୍ରତି ବ୍ୟାରେଲ ହୋଇଛି।

### ୬ କୋଟି ସଦସ୍ୟଙ୍କୁ ପୂଜା ଭେଟି
### ଇପିଏଫ୍ ସୁଧହାର ୮.୬୫%କୁ ବୃଦ୍ଧି




**ନୂଆଦିଲ୍ଲୀ,୧୭-୯:** କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍ଓ)ର ୬ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ କେନ୍ଦ୍ର ସରକାର ପୂଜା ଭେଟି ଦେଇଛନ୍ତି। ପାର୍ବଣ ଋତୁ ଆରମ୍ଭ ହେଉ ହେଉ ସରକାର ପ୍ରୋଭିଡେଣ୍ଟ ଫଣ୍ଡ ବା ଭବିଷ୍ୟନିଧି ପାଣ୍ଠିର ସୁଧ ହାର ବୃଦ୍ଧି କରିଛନ୍ତି। ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଇପିଏଫ୍ ସୁଧ ହାର ୮.୬୫% ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଇପିଏଫ୍ଓ ଲାଗି ଚୂଡ଼ାନ୍ତ ନିଷ୍ପତ୍ତି ନେଉଥିବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଜ ଗତବର୍ଷ ଲାଗି ଚଳିତବର୍ଷ ଫେବୃୟାରୀରେ ସୁଧ ହାରକୁ ୮.୬୫%ରେ ରଖିବାକୁ ଅନୁମୋଦନ କରିଥିଲେ। ଏହାପରେ ପ୍ରସ୍ତାବକୁ ମଞ୍ଜୁରି ଲାଗି ଅର୍ଥ ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଥିଲା। ଗଙ୍ଗୱାର ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସୁଧ ହାର ବୃଦ୍ଧି ପାଇଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ଇପିଏଫ୍ଓ ଖାତାରେ ୮.୫୫% ସୁଧ ହାର ମିଳୁଛି। ଏହି ହାର ୨୦୧୭-୧୮ରୁ ଲାଗୁ ହୋଇଛି। ସେବେଠାରୁ ସୁଧ ହାର ଅପରିବର୍ତ୍ତିତ ରହିଛି।

### କୃଷି କ୍ଷେତ୍ରକୁ ଆଶ୍ୱସ୍ତି
### ୧ କୋଟିରୁ ଊର୍ଦ୍ଧ୍ୱ ନଗଦ ଦେଣନେଣ ଉପରେ ଲାଗିବନି ଟିଡିଏସ୍

**ନୂଆଦିଲ୍ଲୀ,୧୭-୯:** କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କୃଷି କ୍ଷେତ୍ରକୁ ଆଶ୍ୱସ୍ତ କରିବାକୁ ଯାଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଚାଷୀଙ୍କୁ ସେମାନଙ୍କ ଫସଲର ମୂଲ୍ୟ ମିଳିବାରେ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଟିଡିଏସ୍‌କୁ ନେଇ ଏକ ନିଷ୍ପତ୍ତି ନେଇଛନ୍ତି। ଏଣିକି ଫସଲ ମଣ୍ଡି କମିଟି(ଏପିଏମ୍ସି) ଜରିଆରେ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ନେଣଦେଣ ଲାଗି ଟିଡିଏସ୍ କଟାଯିବ ନାହିଁ ବୋଲି ସରକାର କହିଛନ୍ତି। ୧ କୋଟି ଟଙ୍କାରୁ ଅଧିକ ନଗଦ ନେଣଦେଣ ଉପରେ ୨ ପ୍ରତିଶତ ଟିଡିଏସ୍ କାଟିବା ଲାଗି ସାଧାରଣ ବଜେଟରେ ଘୋଷଣା କରାଯାଇଥିଲା। ଚଳିତ ମାସ ପହିଲାରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ସାରା ଦେଶର ମଣ୍ଡିଗୁଡ଼ିକ ପକ୍ଷରୁ ବିରୋଧ କରାଯାଉଥିଲା। ବ୍ୟବସାୟୀଙ୍କ କହିବାନୁଯାୟୀ ଚାଷୀଙ୍କ ଆୟ ଏମିତିରେ ଆୟକର ମୁକ୍ତ ରହିଛି। ଟିଡିଏସ୍ ଆଦାୟ କରାଯିବା ଦ୍ୱାରା ବ୍ୟବସାୟୀଙ୍କ ଉପରେ ଅକାରଣରେ ଟିକସ ବୋଝ ପଡିବ। ନିକଟରେ ମଧ୍ୟପ୍ରଦେଶ ସରକାର କେନ୍ଦ୍ରକୁ ଚିଠି ଲେଖି ଟିଡିଏସ୍ ହଟାଇବାକୁ ଦାବି କରିଥିଲେ। ବ୍ୟାଙ୍କ ଦ୍ୱାରା ୨ ପ୍ରତିଶତ ଟିଡିଏସ୍ କଟାଯିବାକୁ ବିରୋଧ କରି ସୋମବାର ଶ୍ୟାମଲୀ ଗୁଡ ମଣ୍ଡିର ବ୍ୟବସାୟୀଙ୍କ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଥିଲା।

## ସୌଦି ତେଲ ସଙ୍କଟ ବିଗାଡ଼ିଲା ବଜାର ମୁଡ୍
# ଦିନକରେ ନିବେଶକଙ୍କ କ୍ଷତି ୨.୭୨ ଲକ୍ଷ କୋଟି

ମୁମ୍ବାଇ,୧୭-୯

- ସେନ୍‌ସେକ୍ସ ୬୪୨.୨୨ ପଏଣ୍ଟ କମିଲା
- ଦେଶର ଜିଡିପି ଉପରେ ବୋଝ ବଢ଼ିବା ଆଶଙ୍କା
- ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ସୁଧ ହାର ହ୍ରାସ ସମ୍ଭାବନା ନାହିଁ



ସୌଦି ତେଲ କୂଅ ଉପରେ ଡ୍ରୋନ ଆକ୍ରମଣ ଏବଂ ଅନ୍ତର୍ଜାତୀୟ ବଜାରରେ ଭାରିବିକ୍ରି କାରଣରୁ ମଙ୍ଗଳବାର ଭାରତୀୟ ଷ୍ଟକ୍ ବଜାର ମୁଡ୍ ବିଗିଡିଯାଇଛି। ସପ୍ତାହର ଦ୍ୱିତୀୟ କାରବାର ଦିନରେ ବିଏସ୍ଇ ସେନସେକ୍ସ ୬୪୨.୨୨ ପଏଣ୍ଟ ହ୍ରାସ ପାଇ ୩୬,୪୮୧.୦୯ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୮୫.୯୦ ପଏଣ୍ଟ ହ୍ରାସ ପାଇ ୧୦,୮୧୭.୬୦ ସ୍ତରରେ ବନ୍ଦ ହୋଇଛି। ବଜାରରେ ଅସ୍ଥିରତା ପରିବେଶ ମଧ୍ୟରେ ଭାରିମାତ୍ରାରେ ଶେୟାର ବିକ୍ରି ହେବା କାରଣରୁ ନିବେଶକଙ୍କର ପ୍ରାୟ ୨.୭୨ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ସୋମବାର ବିଏସ୍ଇରେ ତାଲିକାଭୁକ୍ତ କମ୍ପାନୀଙ୍କର ବଜାର ପୁଞ୍ଜି ୧,୪୨,୦୮,୦୪୯.୦୫ କୋଟି ଟଙ୍କା ଥିଲା, ଯାହା ମଙ୍ଗଳବାର ହ୍ରାସ ପାଇ ୧,୩୯,୭୦,୩୫୬.୨୨ କୋଟି ଟଙ୍କା ହୋଇଛି। ଏଭଳି ଦେଖିଲେ ୨,୭୨,୫୯୩.୫୪ କୋଟି ବଜାର ପୁଞ୍ଜି କ୍ଷତି ହୋଇଛି।

ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ବିଶ୍ୱ ବଜାରରେ ତୈଳ ସଙ୍କଟ ଦେଖାଦେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଏହାର ପ୍ରଭାବ ମଙ୍ଗଳବାର ବିଶ୍ୱର ବିଭିନ୍ନ ଷ୍ଟକ୍ ବଜାରରେ ଦେଖିବାକୁ ମିଳିଥିଲା। ଭାରତୀୟ ଷ୍ଟକ୍ ବଜାର ଏଥିରୁ ବାଦ୍ ପଡି ନ ଥିଲା। ତେଲ କମ୍ପାନୀଙ୍କ ସମେତ ଅଟୋ ସେକ୍ଟରର ତାଲିକାଭୁକ୍ତ କମ୍ପାନୀ ଶେୟାରଗୁଡ଼ିକରେ ଭାରି ବିକ୍ରି ଦେଖାଯାଇଥିଲା। ସେହିପରି ଆମେରିକାର ଫେଡେରାଲ ରିଜର୍ଭର ପ୍ରଥମ ସୁଧ ହାର ହ୍ରାସର ସମ୍ଭାବନାକୁ ନେଇ ନିବେଶକଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଛି। ମାର୍କେଟ ଆନାଲିଷ୍ଟ ସୁଧ ହାର ହ୍ରାସ ପାଇବ ବୋଲି ଆଶା କରୁଛନ୍ତି। କିନ୍ତୁ ଫେଡେରାଲ ରିଜର୍ଭ ଅନ୍ୟ କେତେକ ପରିସଂଖ୍ୟାନ ପାଇବା ପରେ ଯାଇ ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ ଅର୍ଥନୀତିକୁ ଚଳଚଞ୍ଚଳ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘଦିନ ହେବ ସୁଧ ହାର ହ୍ରାସ ସମ୍ପର୍କରେ ମତ ଦେଇଆସୁଛନ୍ତି। ଅନ୍ୟପକ୍ଷରେ ରଏଟର୍ସ ରିପୋର୍ଟ ଅନୁଯାୟୀ, ଆରାମ୍‌କୋର ତୈଳ ଉତ୍ପାଦନ ଏକମାସ ବାଧାପ୍ରାପ୍ତ ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ। ପ୍ରତି ବ୍ୟାରେଲ ୧୦ ଡଲାର ଦର ବଢ଼ିଲେ ଭାରତର ଅର୍ଥନୀତି ବିକାଶ ଉପରେ ୦.୧ରୁ ୦.୪% ପର୍ଯ୍ୟନ୍ତ ଆର୍ଥିକ ବୋଝ ପଡିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ବରିଷ୍ଠ ଆଇନଜୀବୀ ସାଲ୍‌ଭେଙ୍କ ଗୁରୁତର ଅଭିଯୋଗ
# ମାନ୍ଦାବସ୍ଥା ପାଇଁ ସୁପ୍ରିମକୋର୍ଟ ଦାୟୀ

ନୂଆଦିଲ୍ଲୀ,୧୭-୯

ଦେଶରେ ବର୍ତ୍ତମାନ ଦେଖାଦେଇଥିବା ମାନ୍ଦାବସ୍ଥା ପାଇଁ ସୁପ୍ରିମକୋର୍ଟ ଦାୟୀ ବୋଲି ପ୍ରଖ୍ୟାତ ଆଇନଜୀବୀ ହରିଶ ସାଲ୍‌ଭେ ମତ ଦେଇଛନ୍ତି। ଏକ ନ୍ୟୁଜ୍ ୱେବ୍‌ସାଇଟକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି ଯେ, ୨୦୧୨ରେ ୨ଜି ସ୍ପେକ୍ଟ୍ରମ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରଠାରୁ ଦେଶରେ ମାନ୍ଦାବସ୍ଥା ଆରମ୍ଭ ହୋଇଥିଲା।

ସାଲ୍‌ଭେ ନିଜ ଯୁକ୍ତି ସପକ୍ଷରେ କହିଛନ୍ତି ଯେ,୨୦୧୨ରେ ସର୍ବୋଚ୍ଚ ଅଦାଲତ ଗୋଟିଏ କଲମ ଗାରରେ ୨ଜି ସ୍ପେକ୍ଟ୍ରମ ଲାଇସେନ୍ସ ଓ କୋଇଲା ବ୍ଲକ୍ ଆବଣ୍ଟନକୁ ବାତିଲ କରିଦେଲେ। ଫଳରେ ୧୨୨ ସ୍ପେକ୍ଟ୍ରମ ଲାଇସେନ୍ସ ଓ ୧୯୯୩ରୁ ୨୦୧୧ ପର୍ଯ୍ୟନ୍ତ ୨୧୮ କୋଇଲା ବ୍ଲକ୍ ଆବଣ୍ଟନ ରଦ୍ଦ ହୋଇଗଲା। ଏହା ବିଦେଶୀ ନିବେଶକଙ୍କ ଉପରେ ବଡ଼ ଧରଣର ପ୍ରଭାବ ପକାଇଲା। ୨ଜି ସ୍ପେକ୍ଟ୍ରମ ଲାଇସେନ୍ସ ପ୍ରଦାନରେ ଅନିୟମିତତା ହୋଇଥିବା ସେ ମାନୁଛନ୍ତି। ତେବେ ବିଦେଶୀମାନେ ନିବେଶ କରିଥିବା ଲାଇସେନ୍ସକୁ ବେପରୁଆ ଭାବେ ବାତିଲ କରାଯିବା ଉଚିତ୍ ନ ଥିଲା।


ଆଇନଜୀବୀ ହରିଶ ସାଲ୍‌ଭେ

ଭାରତୀୟ ପାର୍ଟନରଙ୍କ ସହାୟତାରେ ବିଦେଶୀ ନିବେଶକ ପୁଞ୍ଜିନିବେଶ କରୁଛନ୍ତି। ଘରୋଇ ପାର୍ଟନର କିଭଳି ଲାଇସେନ୍ସ ପାଇଲେ ତାହା ବିଦେଶୀ ନିବେଶକ ଦେଖନ୍ତି ନାହିଁ। ସେମାନେ ବହୁ ଶତାଧିକ କୋଟି ଟଙ୍କା ନିବେଶ କରିଥିଲେ। ତେବେ ଗୋଟିଏ ଥରରେ ସେମାନଙ୍କ ନିବେଶ ଉପରେ ପ୍ରହାର ସେମାନଙ୍କ ପାଇଁ ବଡ଼ ଝଟ୍‌କା ଥିଲା। ସୁପ୍ରିମକୋର୍ଟ ସେମାନଙ୍କୁ ଗୋଟିଏ ଥରେ ଦେଶରୁ ବାହାର କରିଦେଲେ। ଏହି ସମୟଠାରୁ ଅର୍ଥନୀତି ଧିମା ହେବା ଆରମ୍ଭ ହୋଇଥିଲା। କୋଇଲା ସମ୍ପର୍କରେ ଉଦାହରଣ ଦେଇ ସେ କହିଛନ୍ତି ଯେ, ସୁପ୍ରିମକୋର୍ଟ ସମସ୍ତ କୋଇଲା ଖଣି ଲାଇସେନ୍ସ ବାତିଲ କରିଦେବା ପରେ ପ୍ରକୃତ ନିବେଶକ ଏହି କ୍ଷେତ୍ରରୁ ହଟିଗଲେ। କୋଇଲା ଲାଇସେନ୍ସ ବାତିଲ ପୂର୍ବରୁ ପ୍ରତ୍ୟେକ ମାମଲାର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ହେବା ଉଚିତ୍ ଥିଲା। ଲାଇସେନ୍ସ ବାତିଲ ଯୋଗୁ ଦେଶରେ ପ୍ରଚୁର କୋଇଲା ମହଜୁଦ୍ ଥିବା ସତ୍ତ୍ୱେ ଆମେ ଏବେ ବିଦେଶରୁ ଏହାକୁ ଆମଦାନୀ କରୁଛୁ। କୋଇଲା ଖଣି ବନ୍ଦ ରହିବା ଯୋଗୁ ଲକ୍ଷ ଲକ୍ଷ ଲୋକେ ବେକାର ହୋଇଗଲେ। ଏଥିଯୋଗୁ ଅର୍ଥନୀତି ଉପରେ ଚାପ ବଢ଼ିବା ଆରମ୍ଭ ହୋଇଥିଲା। କୋଇଲା ବ୍ଲକ୍ ବାତିଲ ଯୋଗୁ ଅର୍ଥନୀତିକୁ ୧% କ୍ଷତି ହୋଇଛି ଏବଂ ଏଥିଯୋଗୁ ଜିଡିପି କମିଛି ବୋଲି ସେ କହିଛନ୍ତି।

### ସୀତାରାମନ୍ ଆଣିବେ ଆଉ ଏକ ପ୍ୟାକେଜ୍

ଅର୍ଥନୀତିକୁ ପ୍ରୋତ୍ସାହନ ଯୋଗାଇ ମାନ୍ଦାବସ୍ଥା ଦୂର କରିବା ଲକ୍ଷ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆଉ ଏକ ପ୍ୟାକେଜ ଖୁବଶୀଘ୍ର ଘୋଷଣା କରିବାକୁ ଯାଉଛନ୍ତି। ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି ଏବଂ ଆସନ୍ତା ୨/୪ ଦିନ ଭିତରେ ଏହାକୁ ଘୋଷଣା କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ସୀତାରାମନ୍ ଅର୍ଥନୀତିକୁ ମାନ୍ଦାବସ୍ଥାରୁ ବାହାର କରିବା ଲାଗି ଅର୍ଥମନ୍ତ୍ରୀ ଏଥିପୂର୍ବରୁ ୩ଥର ସହାୟତା ପ୍ୟାକେଜ ଘୋଷଣା କରିସାରିଛନ୍ତି। ସେ ଏଥିମଧ୍ୟରେ ରିଏଲ ଇଷ୍ଟେଟ ଲାଗି ସ୍ୱତନ୍ତ୍ର ୱିଣ୍ଡୋ ଗଠନ କରିଥିବା ବେଳେ ରପ୍ତାନି, ଏମ୍ଏସ୍ଏମ୍ଇ ଓ ଅଟୋମୋବାଇଲ ସେକ୍ଟର ଲାଗି ପ୍ରୋତ୍ସାହନ ଘୋଷଣା କରିଛନ୍ତି। ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ ଯେ, ସରକାର ମାନ୍ଦାବସ୍ଥା ଦୂର କରିବା ପାଇଁ ଆହୁରି କିଛି ପଦକ୍ଷେପ ଘୋଷଣା କରିବେ। ସରକାର ସଙ୍କଟର ମୁକାବିଲା କରିବା ଲାଗି ତ୍ୱରିତ୍ ପଦକ୍ଷେପ ନେଉଛନ୍ତି, ଏହା ଏକ ସକାରାତ୍ମକ ଦିଗ କୁହାଯାଇପାରେ। ସରକାରୀ ସ୍ତରରେ ଘୋଷଣା ସରିନି, ଆଗକୁ ଆହୁରି କିଛି ଘୋଷଣା ହେବ।

## ହୋଣ୍ଡା କାର୍‌ସ ଇଣ୍ଡିଆ–ଓରିକ୍ସ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ,୧୭-୯

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ଲିଜିଂ ଏବଂ ରେଣ୍ଟାଲ କମ୍ପାନୀ ଓରିକ୍ସ ସହ ଚୁକ୍ତିରେ ସାମିଲ ହୋଇଛି। ଏହା ଦ୍ୱାରା କମ୍ପାନୀ ଗ୍ରାହକଙ୍କୁ କାର ଲିଜିଂ ସେବା ପ୍ରଦାନ କରିବ। ହୋଣ୍ଡାର ସିଆର୍‌ଭି, ହୋଣ୍ଡା ସିଭିକ ଏବଂ ହୋଣ୍ଡା ସିଟି ଭଳି ମଡେଲକୁ ବ୍ୟକ୍ତିଗତ ତଥା କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକରେ ବ୍ୟବହାର ଲାଗି ଲିଜିଂ ବିକଳ୍ପ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ଆତ୍ମନିର୍ଭରଶୀଳ ପ୍ରଫେଶନାଲ, ବିଜନେସ ମ୍ୟାନ ଏବଂ ବ୍ୟକ୍ତିବିଶେଷ ଏହି ସୁବିଧାର ଲାଭ ନେଇପାରିବେ। କାର ଲିଜିଂ ବର୍ତ୍ତମାନ ଭାରତରେ ଲୋକପ୍ରିୟତା ହାସଲ କରୁଛି। ଏହା ଦ୍ୱାରା ଗ୍ରାହକ ଅତ୍ୟାଧୁନିକ ଓନରଶିପ ଅଭିଜ୍ଞତା




ହାସଲ କରିପାରିବେ ବୋଲି କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ଉପସଭାପତି ରାଜେଶ ଗୋଏଲ କହିଛନ୍ତି। ଏଭଳି ଚୁକ୍ତି ଦ୍ୱାରା ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରିବାକୁ ସକ୍ଷମ ହେବୁ ବୋଲି ଓରିକ୍ସର ସିଇଓ ସନ୍ଦୀପ ଗମ୍ଭୀର କହିଛନ୍ତି।

## ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏ୫୦, ଏ୩୦

ନୂଆଦିଲ୍ଲୀ, ୧୭-୯

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ଗାଲାକ୍ସି ଏ୫୦ ଏବଂ ଏ୩୦ ସ୍ମାର୍ଟଫୋନ ବଜାରକୁ ଆସିଛି। ଏଗୁଡିକ ନୂଆ ପ୍ରିମିୟମ ଡିଜାଇନ ସହ ଆସିଛି। ଏହାର ସ୍ୱତନ୍ତ୍ର ଫିଚର ମଧ୍ୟରେ ରହିଛି ନାଇଟ ମୋଡ, ସୁପର ଷ୍ଟେଡି ଭିଡିଓ, ସାମସଙ୍ଗ ପେ, ଶକ୍ତିଶାଳୀ ପ୍ରୋସେସର, ଗେମ୍ ବୁଷ୍ଟର ଟେକ୍ନୋଲୋଜି ଏବଂ ଶକ୍ତିଶାଳୀ ପରଫରମାନ୍ସ। ଜେନେରେଶନ ଜେଡଙ୍କୁ ପ୍ରିମିୟମ ଫିଚର ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ବରିଷ୍ଠ ଉପସଭାପତି ରଣଜୀବଜିତ ସିଂ କହିଛନ୍ତି। ଗାଲାକ୍ସି ଏ୫୦ର ବଜାର ଦର ୨୪,୯୯୯ ଟଙ୍କା ରହିଛି। ସେହିଭଳି ଗାଲାକ୍ସି ଏ୩୦ ମଡେଲର ବଜାର ଦାମ ୧୬,୯୯୯ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ବଜାରରେ ପାନାସୋନିକର ନୂଆ ରେଫ୍ରିଜରେଟର




ଭୁବନେଶ୍ୱର,୧୭-୯(ବ୍ୟୁରୋ)

ପାନାସୋନିକ ପକ୍ଷରୁ ନୂଆ ରେଫ୍ରିଜରେଟର ମଡେଲ ବଜାରକୁ ଆସିଛି। ସ୍ଥାନୀୟ ବାପୁଜୀ ନଗରସ୍ଥିତ ରାଜ ଇଲେକଟ୍ରୋନିକ୍ସ ଶୋ'ରୁମଠାରେ କମ୍ପାନୀର ଫ୍ରଷ୍ଟ ଫ୍ରି ଓ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ମଡେଲ ଉନ୍ମୋଚନ କରାଯାଇଛି। କମ୍ପାନୀର ଓଡିଶା ଏବଂ ବିହାର ବାଣିଜ୍ୟ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେସ ଶୁକ୍ଳା ଏବଂ ରାଜ ଇଲେକଟ୍ରୋନିକ୍ସ ସ୍ୱତ୍ତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ ମଡେଲଗୁଡିକୁ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ଆପ୍ଲାଏନ୍ସ ରେଞ୍ଜ ବିଭିନ୍ନ ଶୋ'ରୁମରେ ଉପଲବ୍ଧ ହେବ। ଗ୍ରାହକମାନେ କ୍ରୟ ଅଭିଜ୍ଞତା ନେବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। ଦଶହରା ଓ ଦୀପାବଳି ଆସୁଥିବାରୁ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏଭଳି ପ୍ରଡକ୍ଟ ବଜାରକୁ ଆସିଛି। ଆଧୁନିକ ଭାରତୀୟ ପରିବାର ଗୁଡିକର ଆବଶ୍ୟକତାକୁ ଧ୍ୟାନରେ ରଖି ମଡେଲଗୁଡିକୁ ବଜାର ପ୍ରବେଶ କରାଯାଇଛି ବୋଲି ପାନାସୋନିକ ଇଣ୍ଡିଆ ପକ୍ଷରୁ କୁହାଯାଇଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
File No.IDCO/HO-P&A/A-10003/01/2019/V-1/15933 Date : 16.09.2019
ADVERTISEMENT
Applications are invited from interested Retired Assistant Engineer (Civil) / Junior Engineer (Civil) (for 01 (one) no.) & retired Asst. Executive Engineer (Civil) / Dy. Executive Engineer (Civil) (for 01 (one) No.) in IDCO on contractual basis for a period of one year with consolidated monthly remuneration as fixed by the Finance Department Govt. of Odisha in their Memorandum No.7022 Dtd.17.03.2018.
Besides, application are also invited from interested retire Revenue Inspector / Amin (for 03 (Three) Nos.) in IDCO on contractual basis for a period of one year with consolidated monthly remuneration as fixed by the P.E. Department Govt. of Odisha in their Resolution No.1617 Dtd.25.05.2010.
Eligible & Interested candidates are requested to submit their application in the prescribed PROFORMA with copies of the testimonials in support of their service records on or before **30.09.2019 at 2.00 P.M.** within office hours by registered post/Speed post / Courier to the undersigned at IDCO, Head Office, IDCO Towers, Janpath, Bhubaneswar-751022. The Corporation shall not be liable for any delay in the delivery of the applications / documents or non-receipt of the same within the stipulated period/time. The Corporation reserves the right to reject any or all applications without assigning any reasons there-of.
The detail of the Advertisement with application format is available at IDCO website http://www.idco.in.
Sd/- Officer-on-Special Duty

EXPRESSION OF INTEREST
FOR SELECTION OF EVENT MANAGEMENT AGENCY
FOR TOSHALI NATIONAL CRAFTS MELA 2019.
**EOI** in sealed covers in two bids system are invited from the reputed and experienced Event Management Agencies for management of cultural programme of **Toshali National Crafts Mela - 2019** to be held from **15.12.2019 to 27.12.2019** at **Janata Maidan, Bhubaneswar.** For details, of EOI document and terms and conditions etc. Please visit the website i.e. **www.sidacodisha.org.in** or **O/o- SIDAC, Handicrafts Complex, Gandamunda, Bhubaneswar-751030, Ph.- 0674-2350318.** The bid document will be available w.e.f **19.09.2019.**
**The last date of submission of EOI document is dtd.09.10.2019 up to 05:00 P.M.**
**Member Secretary**
SIDAC
**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O: Khandagiri, Bhubaneswar-30
Tel. No.: +91 (0) 674-2350318, 2350310
E-mail: sidacorissa@gmail.com, Website: www.sidacodisha.org.in

IFCAL ODISHA | ODISHA NEW OPPORTUNITIES
No. IFCAL/Elect/1172 Date: 17.09.2019
CANCELLATION OF TENDER NOTICE
The Tender Notice vide our Ref. No. IFCAL/ELECT/1124 dtd. 09.09.2019 for the job of Electrical Maintenance is hereby stands cancelled.
MANAGING DIRECTOR
IDCOL FERRO CHROME & ALLOYS LIMITED
(A Wholly Owned Subsidiary of IDCOL) A Govt. of Odisha Undertaking
CIN-U271090R1999SGC005736
Regd. Office : Ferro Chrome Project - 755020, Jajpur Road, Dist : Jajpur (Odisha), India
Tel. No. 06726 - 220212 / 220508, Fax No. 06726 - 220524, E-mail ID : ifcal@nic.in

GOVERNMENT OF ODISHA
FOOD SUPPLIES & CONSUMER WELFARE DEPARTMENT
ADVERTISEMENT
Applications are invited for appointment to the posts of whole time **Members** (Three) in the **“Odisha State Food Commission”**, set up by Government of Odisha under the provisions of the **National Food Security Act, 2013 (NFSA).** The members of the State Food Commission are to perform such duties and functions and exercise such powers as prescribed under the **NFSA, 2013** and **Odisha State Food Commission Rules, 2016** made there under. The Head Office of the Commission will be at Bhubaneswar. Persons who have applied earlier for Member need not apply again.
For complete information on qualification, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in**. The last date for receipt of application complete in all respects is **9th October, 2019**.
Joint Secretary

> ଜଣେ ଆମେରିକୀୟ ମହିଳା ମୋ ବିରୋଧରେ ବଳାତ୍କାର ଅଭିଯୋଗ ଆଣିବା ପରେ ମୁଁ ଲଜ୍ଜା ଅନୁଭବ କରିଥିଲି। ଏଥିରୁ ଶୀଘ୍ର ମୁକ୍ତି ପାଇବା ଲାଗି ସମସ୍ତ ପ୍ରକାର ଚେଷ୍ଟା କରିଥିଲି ।
> –କ୍ରିଷ୍ଟିଆନୋ ରୋନାଲ୍‌ଡୋ, ଷ୍ଟାର ଫୁଟବଲ ଖେଳାଳି



> ଆଘାତଜନିତ ସମସ୍ୟା ସତ୍ତ୍ୱେ ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମକାର ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ ଆଶା ହରାଇ ନାହାନ୍ତି ।
> –ବିଶ୍ୱେଶ୍ୱର ନନ୍ଦୀ, ଜିମ୍ନାଷ୍ଟିକ୍ କୋଚ୍



## ସଂକ୍ଷେପରେ

### ନିର୍ଭୀକ ଓ ବେପରୁଆ କ୍ରିକେଟ ମଧ୍ୟରେ ପାର୍ଥକ୍ୟ ରହିଛି: ରାଠୋର

**ମୋହାଲି,୧୭।୯(ପି.ଟି.):** ନିର୍ଭୀକ ଓ ବେପରୁଆ କ୍ରିକେଟ ମଧ୍ୟରେ ବହୁତ ତଫାତ୍ ରହିଛି ଓ ଏକଥା ଦଳର ଯୁବ ଖେଳାଳିମାନଙ୍କୁ ଅବଗତ କରାଯାଇଛି ବୋଲି ନବନିଯୁକ୍ତ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର କହିଛନ୍ତି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦୃଷ୍ଟିରେ ରଖି ସେ ଏହି କଥା କହିଛନ୍ତି। ଗତ କେତୋଟି ମ୍ୟାଚ୍‌ରେ ବେପରୁଆ ଶଟ୍ ଖେଳି ପନ୍ତ ଆଉଟ ହୋଇଥିଲେ ଓ ସେ ଏ ନେଇ ସମାଲୋଚନାର ଶିକାର ହୋଇଥିଲେ। ପନ୍ତ ଜଣେ ଅସାଧାରଣ ପ୍ରତିଭା ସମ୍ପନ୍ନ ଖେଳାଳି। ତେବେ ତାଙ୍କୁ ଶୃଙ୍ଖଳିତ ଓ ଯୋଜନାବଦ୍ଧ ଭାବେ ଖେଳିବା ଉପରେ ଗୁରୁତ୍ୱ ଦେବାକୁ ହେବ। ନିର୍ଭୀକ କ୍ରିକେଟରମାନେ ବେପରୁଆ ହେବା ଉଚିତ୍ ନୁହଁ। ଯେଉଁମାନେ ନିର୍ଭୀକ କ୍ରିକେଟ ଖେଳନ୍ତି ସେମାନେ ଉଚିତ୍ ଯୋଜନା ସହ କ୍ରିଜ୍‌କୁ ଓହ୍ଲାଇଥାନ୍ତି। ଯୁବ ଖେଳାଳିମାନେ ଏକଥାକୁ ଭଲ ଭାବେ ବୁଝିଛନ୍ତି ବୋଲି ରାଠୋର କହିଛନ୍ତି। ପୂର୍ବରୁ କୋହଲି ଯୁବ ଖେଳାଳିଙ୍କୁ ଅତିବେଶିରେ ୫ଟି ମ୍ୟାଚ୍‌ରେ ସୁଯୋଗ ଦିଆଯିବ ଓ ସେମାନେ ଏହାଠାରୁ ଅଧିକ ଆଶା କରିବା ଉଚିତ୍ ନୁହେଁ ବୋଲି କହିଥିଲେ। ତେବେ ଖେଳାଳିମାନେ ମିଳୁଥିବା ସୁଯୋଗର ସଦ୍‌ବ୍ୟବହାର କରନ୍ତୁ ବୋଲି କୋହଲି ଚାହୁଁଥିବା କଥା ରାଠୋର କହିଛନ୍ତି। ଦଳ ଯୁବ ଖେଳାଳିଙ୍କୁ ପୂରା ସମର୍ଥନ କରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ପନ୍ତ ତାଙ୍କର ସବୁ ଶଟ୍ ଖେଳନ୍ତୁ। ତାଙ୍କ ଉପରେ ସମସ୍ତଙ୍କ ଅଧିକ ଆଶା ରହିଛି। ତେବେ ସେ ବେପରୁଆ ଭାବେ ଖେଳିବା ଅନାବଶ୍ୟକ। ମନୀଷ ପାଣ୍ଡେ ଓ ଆୟ୍ୟାର ମିଡଲ ଅର୍ଡରରେ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବା ଉଚିତ୍। ପାଣ୍ଡେ ଓ ଆୟ୍ୟାର ପୂର୍ବରୁ ଘରୋଇ କ୍ରିକେଟରେ ଭଲ ଖେଳିଛନ୍ତି। ଏହି ସିରିଜରେ ଏହି ଦୁଇ ବ୍ୟାଟ୍ସମ୍ୟାନ ସଫଳ ହେବେ ବୋଲି ଆୟ୍ୟାର ଆଶା ପ୍ରକାଶ କରିଛନ୍ତି। ଟି୨୦ ବିଶ୍ୱକପ୍ ଆଉ ପାଖାପାଖି ବର୍ଷେ ଥିବାରୁ ସ୍ପିନ୍ ବୋଲିଂ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଓ ୱାଶିଂଟନ ସୁନ୍ଦର ଉପରେ ସମସ୍ତଙ୍କ ଆଶା ବଢିଛି। ଟି୨୦ ଦଳରେ ଆମ ପାଖରେ ବହୁ ଅଲରାଉଣ୍ଡର ରହିବା ଭଲ କଥା। ବିଶ୍ୱକପ୍ ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ। ତେଣୁ ଆଗକୁ ଥିବା ୨୦-୨୧ଟି ମ୍ୟାଚ ଆମ ପାଇଁ ବିଶେଷ ଭାବେ ଗୁରୁତ୍ୱବହନ କରୁଛି ବୋଲି ରାଠୋର ସ୍ପଷ୍ଟ କରିଛନ୍ତି।

### କ୍ୱାର୍ଟରରେ ଓଡ଼ିଶା ମହିଳା ଫୁଟବଲ ଦଳ

**କଟକ ଅଫିସ,୧୭।୯:** ଅରୁଣାଚଳପ୍ରଦେଶର କେଆଇୱାଇଆଇଟି ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ୨୫ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୪-୦ ଗୋଲରେ କେରଳକୁ ପରାସ୍ତ କରିଛି। ଦଳ ପକ୍ଷରୁ ଦୀପା ନାୟକ ୨ଟି, ସୁଭଦ୍ରା ସାହୁ, ଯଶୋଦା ମୁଣ୍ଡା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୩ଟି ଯାକ ମ୍ୟାଚ ଜିତିବା ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

# ମ୍ୟାଜିକ ନମ୍ବରକୁ ନେଇ ଅଙ୍କକଷା

**ଓସିଏ ନିର୍ବାଚନ**
- ହେବ କଡ଼ା ଟକ୍କର
- ନିର୍ଣ୍ଣାୟକ ଭୂମିକା ନେବ ସ୍କୁଲ, କଲେଜ




**କଟକ ଅଫିସ,୧୭।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଆଗାମୀ କର୍ମକର୍ତ୍ତା ନିର୍ବାଚନରେ କଡ଼ା ଟକ୍କର ହେବାନେଇ ସମ୍ଭାବନା ଦୃଢ଼ୀଭୂତ ହେବାରେ ଲାଗିଛି। ମଙ୍ଗଳବାର ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ପୁରୀରେ ଅନୁଷ୍ଠିତ ବୈଠକରେ ଓସିଏ ସହ ଅନୁବନ୍ଧିତ ୩୩ଟି ୟୁନିଟର ସଦସ୍ୟ ଯୋଗ ଦେଇଥିବା ଏହି ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଛି। ଫଳରେ ଏହି ଗୋଷ୍ଠୀ ସପକ୍ଷରେ ୪୦ରୁ ଉର୍ଦ୍ଧ୍ୱ ଭୋଟ ଥିବାନେଇ ଆକଳନ କରାଯାଉଛି। ଅନ୍ୟପକ୍ଷରେ ଆଗାମୀ ନିର୍ବାଚନରେ ଭାଗ ନେଉଥିବା ଅନ୍ୟ ଏକ ଗୋଷ୍ଠୀ ମଧ୍ୟ ତାଙ୍କ ସପକ୍ଷରେ ୩୭ରୁ ଉର୍ଦ୍ଧ୍ୱ ଭୋଟ ରହିଛି ବୋଲି ଏକ କ୍ଲବର ସମ୍ପାଦକ ଦାବି କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଉଭୟ ଗୋଷ୍ଠୀର ତୁହାକୁ ତୁହା ବୈଠକ ଓ ଭୋଟ ଆକଳନ ଆଗାମୀ ନିର୍ବାଚନର କଡ଼ା ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି। ୭୩ ପ୍ରତିନିଧିଙ୍କୁ ନେଇ ହେଉଥିବା ରାଜ୍ୟର ଏହି କ୍ରିକେଟ ସଂଘର ନିର୍ବାଚନରେ ମ୍ୟାଜିକ ନମ୍ବର ହେଉଛି ୩୭। ଅତିକମରେ ଏହି ନମ୍ବରକୁ ଟପିବା ଉଭୟ ଗୋଷ୍ଠୀର ମୁଖ୍ୟ ଟାର୍ଗେଟ। ପୁରୀରେ ଅନୁଷ୍ଠିତ ବୈଠକରେ ଆଶୀର୍ବାଦ ନେତୃତ୍ୱ ନେଇଥିଲେ। ଏଥିରେ ଯୋଗ ଦେଇଥିବା ୩୩ଟି ୟୁନିଟ ମଧ୍ୟରୁ ୨୫ ଜିଲା ସଂଘ ଥିବା ଜଣାପଡ଼ିଛି। ସଭାପତି ପ୍ରାର୍ଥୀ ଭାବେ ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ପ୍ରାର୍ଥୀ ଭାବେ ସଞ୍ଜୟ ବେହେରାଙ୍କୁ ସମର୍ଥନ କରିବା ନେଇ ଆଲୋଚନା ହୋଇଥିଲା ବୋଲି ଏହି ଗୋଷ୍ଠୀ ପକ୍ଷରୁ ପ୍ରକାଶ କରାଯାଇଛି। ଉପସଭାପତି, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ନେଇ କଣ ଆଲୋଚନା ହୋଇଛି ସ୍ପଷ୍ଟ ଭାବେ ସୂଚନା ଦିଆ ଯାଇନାହିଁ। ଏହି ୩ ପଦବୀ ମଧ୍ୟରୁ କୌଣସି ଏକ ପଦବୀ କ୍ଲବର ସମ୍ପାଦକଙ୍କୁ ଓ ଅନ୍ୟ ଦୁଇଟି ଜିଲା ସଂଘକୁ ଯିବ ବୋଲି ଆଲୋଚନା ହେଉଛି। ମ୍ୟାଜିକ ନମ୍ବର ୩୭ ସହଜରେ ଟପିହେବ ହେବ ବୋଲି ଏବେ ଆଶୀର୍ବାଦଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଅନ୍ୟ ଗୋଷ୍ଠୀ ପକ୍ଷରୁ ମଧ୍ୟ ସେମାନଙ୍କ ସପକ୍ଷରେ ୩୭ ସଦସ୍ୟ ରହିଥିବା ଦାବି କରାଯାଉଛି। ଆମେ ବି ପଛରେ ନାହୁଁ ବୋଲି କଟକର ଏକ କ୍ଲବର ସମ୍ପାଦକ ଦାବି କରିଛନ୍ତି। ଏହି ଗୋଷ୍ଠୀରୁ ସଭାପତି ଭାବେ ନବ ରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ପ୍ରଦୀପ ଚୌହାନ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କଟକରେ କ୍ଲବ ସମ୍ପାଦକ ମାନଙ୍କୁ ନେଇ ଗଠିତ ଏହି ଗୋଷ୍ଠୀ ଅନେକ ସମୟରେ ବୈଠକ ଡାକିବା ସହ ଭୋଟ ଆକଳନକୁ ନେଇ ବ୍ୟସ୍ତ ରହୁଛନ୍ତି। ତେବେ ଉଭୟ ଗୋଷ୍ଠୀ ପାଇଁ ସ୍କୁଲ,କଲେଜ ଭୋଟ ହାତେଇବା ଏବେ ସୁଦ୍ଧା ସହଜ ହୋଇନି। ଉଭୟ ଗୋଷ୍ଠୀର ବୈଠକରେ ଜିଲା ସଂଘ, କ୍ଲବମାନେ ଯୋଗ ଦେଉଛନ୍ତି। ଏଣୁ ସ୍କୁଲ ଓ କଲେଜର ଭୋଟକୁ ନେଇ କେବଳ ପୂର୍ବାନୁମାନ ଲଗାଯାଉଛି। ସ୍କୁଲ, କଲେଜରୁ ୧୪ଟି ଭୋଟ ଥିବା ବେଳେ ରେଭେନ୍‌ଶା ଓ କିଟ୍ ବିଶ୍ୱବିଦ୍ୟାଳୟକୁ ମିଶାଇ ମୋଟ ୧୬ଟି ଭୋଟ ଏବେ ବି କୌଣସି ପକ୍ଷକୁ ଢ଼ଳି ନ ଥିବା କୁହାଯାଉଛି। ପାରାଦୀପ ପୋର୍ଟ, ପୂର୍ବତଟ ରେଲୱେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଭୋଟ ମଧ୍ୟ ଆକଳନ ପ୍ରକ୍ରିୟା ଭିତରେ ଅଛି। ଏହି ଭୋଟଗୁଡ଼ିକୁ ହାତେଇବାନେଇ ଏବେ ଜୋର୍‌ଦାର ପ୍ରୟାସ ଚାଲିଛି।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ
# ଦ୍ୱିତୀୟ ରାଉଣ୍ଡରେ ଦୀପ-ଦିଲେଶ୍ୱର




ଦିଲେଶ୍ୱର ରାଓ ଓ ଦୀପ୍ ରଞ୍ଜନ ବିଶୋଇ।

**ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଡବଲ୍ସ ଇଭେଣ୍ଟରେ ମଧ୍ୟ ଓଡ଼ିଶା ଖେଳାଳିଙ୍କ ଆରମ୍ଭ ଭଲ ହୋଇଛି। ମଙ୍ଗଳବାର ପ୍ରଥମ ରାଉଣ୍ଡରେ ଓଡ଼ିଶାର ଦୀପ୍ ରଞ୍ଜନ ବିଶୋଇ ଓ ଦିଲେଶ୍ୱର ରାଓ ଦକ୍ଷିଣ କୋରିଆର କ୍ୟୁଙ୍ଗ ସିନ୍ ଓ ଜାଭିୟର ଡିଭିଲାରୀଙ୍କୁ ୧୯-୨୧, ୨୧-୧୭, ୨୧-୧୬ ପଏଣ୍ଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ପ୍ରମୋଦ ଭଗତ ଓ ମନୋଜ ସରକାରଙ୍କ ଯୋଡ଼ି ସ୍କଟଲାଣ୍ଡର ରିଚାର୍ଡ ୱିଲିୟମ ଓ କଲିନ ଲେସ୍‌ଲିଙ୍କୁ ସିଧାସଳଖ ୨୧-୧୨, ୨୧-୧୨ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୂର୍ବରୁ ଦୀପ୍ ରଞ୍ଜନ, ଦିଶେଶ୍ୱର ଓ ପ୍ରମୋଦ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଥିଲେ।

# ବାଏଙ୍କାଙ୍କ ନାମରେ ‘ଆଣ୍ଡ୍ରେସ୍କୁ ୱେ’




ବାଏଙ୍କା ଆଣ୍ଡ୍ରେସ୍କୁ ଓ ମିସିସାଉଗା ମେୟର ବୋନି କ୍ରୋମ୍ବି।

**ଟରୋଣ୍ଟୋ, ୧୭।୯:** ନିକଟରେ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କୁ ହରାଇ ଐତିହାସିକ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବା ପରେ ଟେନିସ ଖେଳାଳି ବାଏଙ୍କା ଆଣ୍ଡ୍ରେସ୍କୁ କାନାଡାରେ ଷ୍ଟାର୍ କ୍ରୀଡ଼ାବିତ୍ ବନି ଯାଇଛନ୍ତି। ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ଆଣ୍ଡ୍ରେସ୍କୁଙ୍କ ପାଇଁ ତାଙ୍କ ଘରୋଇ ସହର ମିସିସାଉଗାଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ର୍‌ୟାଲିର ଆୟୋଜନ କରାଯାଇଥିଲା, ଯାହାର ନାମ ‘ସି ଦି ନର୍ଥ’ ରଖାଯାଇଥିଲା। ଏହି ର୍‌ୟାଲି ଉତ୍ସବରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡେଉ, ମିସିସାଉଗା ମେୟର ବୋନି କ୍ରୋମ୍ବି ଓ ଟରୋଣ୍ଟୋ ମେୟର ଜନ୍ ଟୋରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଯୁବ କାନାଡା ଆଥ୍‌ଲେଟ୍‌ଙ୍କ ପାଇଁ ଅନୁକରଣୀୟ ପାଲଟିଥିବା ଆଣ୍ଡ୍ରେସ୍କୁଙ୍କୁ ଟୋରୀ ଧନ୍ୟବାଦ ଜଣାଇଥିଲେ। ସେହିଭଳି ମିସିସାଉଗା ମେୟର ବୋନି ଏହି ସହରର ଏକ ରାସ୍ତାକୁ ଆଣ୍ଡ୍ରେସ୍କୁଙ୍କ ନାମରେ ନାମକରଣ କରିଥିଲେ, ଯାହାର ନାମ ‘ଆଣ୍ଡ୍ରେସ୍କୁ ୱେ’ ରଖାଯାଇଛି। ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ଆଣ୍ଡ୍ରେସ୍କୁ ୬-୩, ୭-୫ ସିଧାସଳଖ ସେଟ୍‌ରେ ସେରେନାଙ୍କୁ ପରାସ୍ତ କରି ପ୍ରଥମ କାନାଡା ସିଙ୍ଗଲ୍ସ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସଫଳତା ପାଇଥିଲେ।

## ଦିଲ୍ଲୀ ପାଇଁ ଉପଲବ୍ଧ ହେବେ ଧାୱନ, ପନ୍ତ

**ନୂଆଦିଲ୍ଲୀ, ୧୭।୯ (ପି.ଟି.):** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଘରୋଇ ଦିନିକିଆ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆସନ୍ତା ୨୪ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଖେଳିବା ଲାଗି ଦିଲ୍ଲୀ ଦଳ ପାଇଁ ଶିଖର ଧାୱନ, ରିଷଭ ପନ୍ତ ଓ ଦ୍ରୁତ ବୋଲର ନବଦୀପ ସାଇନି ଉପଲବ୍ଧ ରହିବେ। ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ସେପ୍ଟେମ୍ବର ୨୨ରେ ବେଙ୍ଗାଲୁରୁଠାରେ ଶେଷ ହେବ। ଏହାପରେ ଅକ୍ଟୋବର ୨ରୁ ଦୁଇ ଦେଶ ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହେବ। କିନ୍ତୁ ଦିଲ୍ଲୀର ଏହି ୩ ପ୍ରମୁଖ ଖେଳାଳି ବିଜୟ ହଜାରେ ଟ୍ରଫିରେ ଦଳ ପାଇଁ ଉପଲବ୍ଧ ରହିବେ ବୋଲି ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ (ଡିଡିସିଏ) ସଭାପତି ରଜତ ଶର୍ମା ମଙ୍ଗଳବାର କହିଛନ୍ତି। ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଥିବା ପନ୍ତ ଦିଲ୍ଲୀ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଖେଳପାରନ୍ତି। ସେହିଭଳି ଧାୱନ କିନ୍ତୁ ବିଜୟ ହଜାରେ ଟ୍ରଫିର ସମସ୍ତ ମ୍ୟାଚ୍ ଖେଳିବା ଆଶା ରହିଛି।

# ମ୍ୟାଚ୍ ଫିକ୍ସିଂ ଆଇନ ପାଇଁ ପରାମର୍ଶ



**ମୋହାଲି,୧୭।୯ (ପି.ଟି.):** ଭାରତୀୟ କ୍ରିକେଟରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ହେଲେ ଏକ ମ୍ୟାଚ ଫିକ୍ସିଂ ଆଇନର ଆବଶ୍ୟକତା ରହିଛି। ଏକଥା କହିଛନ୍ତି, ବିସିସିଆଇ ଦୁର୍ନୀତି ନିବାରଣ ଶାଖା (ଏସିୟୁ) ମୁଖ୍ୟ ଅଜିତ ସିଂ ଶେଖାୱତ। ଏହାଛଡ଼ା ବେଟିଂକୁ ଆଇନସିଦ୍ଧ କରିବା ଲାଗି ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି। ୨୦୧୮ ଏପ୍ରିଲରେ ବିସିସିଆଇର ଦୁର୍ନୀତି ନିବାରଣ ଶାଖାର ଦାୟିତ୍ୱ ନେବା ପୂର୍ବରୁ ଶେଖାୱତ ରାଜସ୍ଥାନର ପୋଲିସ ଡିଜି ଥିଲେ। ଗତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ସମେତ ୧୨ ଜଣ କ୍ରିକେଟରଙ୍କୁ ଦୁର୍ନୀତି କାର୍ଯ୍ୟକରିବା ଲାଗି ପ୍ରଲୋଭିତ କରାଯାଇଥିଲା। ତାମିଲନାଡୁ ପ୍ରିମିୟର ଲିଗ୍‌ରେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପ ଚାଲିଥିବା ଅଭିଯୋଗ ହେବାପରେ ତାହା ଉପରେ ନଜର ରଖାଯାଇଛି। ଜଣେ ବୁକି ତାଙ୍କୁ ଆପ୍ରୋଚ କରିଥିବା ଜଣେ ମହିଳା କ୍ରିକେଟର ଇତିମଧ୍ୟରେ ରିପୋର୍ଟ କରିଛନ୍ତି। ଚଳିତବର୍ଷ ମୁମ୍ବାଇ, କର୍ନାଟକ ଓ ତାମିଲନାଡୁରେ ଛୋଟମୋଟ ଘଟଣା ନଜରକୁ ଆସିଛି। ଦେଶରେ ମ୍ୟାଚ ଫିକ୍ସିଂ ଏବଂ ସ୍ପଟ୍ ଫିକ୍ସିଂ ରୋକିବା ସହଜ ମନେ ହେଉ ନାହିଁ। ତେଣୁ ଏକ ମ୍ୟାଚ ଫିକ୍ସିଂ ଆଇନର ଆବଶ୍ୟକତା ରହିଛି, ଏକ୍ଷେତ୍ରରେ ପୋଲିସର ଭୂମିକା କ’ଣ ରହିବ ତାହା ମଧ୍ୟ ସ୍ପଷ୍ଟ ହେବା ଦରକାର। ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ମ୍ୟାଚ ଫିକ୍ସିଂକୁ ଦେଶରେ ଏକ ଫୌଜଦାରି ଅପରାଧ ବିବେଚନା କରାଯିବା ଉଚିତ୍ ବୋଲି ଭାରତର ଲ’ କମିଶନ ଗତ ବର୍ଷ ମତବ୍ୟକ୍ତ କରି କହିଥିଲେ। ବେଟିଂକୁ ଯଦି ଆଇନସିଦ୍ଧ କରାଯାଏ ତେବେ ଏହା ଉପରେ କିଛି ନିୟନ୍ତ୍ରଣ ରହିବା ଉଚିତ୍। ସରକାର ମଧ୍ୟ ଏଥିରୁ ମୋଟା ଅଙ୍କର ରାଜସ୍ୱ ପାଇ ପାରିବେ ବୋଲି ଶେଖାୱତ ପ୍ରକାଶ କରିଛନ୍ତି। ବେଟିଂ ଆଇନସିଦ୍ଧ ହେବାଦ୍ୱାରା କିଏ ବେଟିଂ କରୁଛି ଏବଂ ସେ କେତେ ଟଙ୍କାର ବେଟିଂ ଲଗାଇଛନ୍ତି ସେ ସମ୍ପର୍କରେ ଡାଟା ମିଳିଯିବ। ଏହାଦ୍ୱାରା ବେଆଇନ ବେଟିଂ ଚଳାଇବା କଷ୍ଟକର ହୋଇ ପଡ଼ିବ। ବର୍ତ୍ତମାନ ବେଟିଂ ମାମଲାରେ ଧରାପଡ଼ିଲେ ଜରିମାନା ବଦଳରେ ଖସିଯାଇ ହେଉଛି। ପୁରୁଷ କ୍ରିକେଟରେ ଦୁର୍ନୀତି ନୂଆ କଥା ନୁହେଁ। କିନ୍ତୁ ଏବେ ମହିଳା କ୍ରିକେଟକୁ ଏହା ବ୍ୟାଧି ଗ୍ରାସ କଲାଣି। ଫେବୃଆରୀରେ ଜଣେ ବୁକି ମ୍ୟାଚ ଫିକ୍ସିଂରେ ସାମିଲ ହେବା ଲାଗି ମହିଳା କ୍ରିକେଟରଙ୍କୁ ଆପ୍ରୋଚ କରିଥିବା ବିସିସିଆଇ ନିକଟରେ ରିପୋର୍ଟ ହୋଇଛି।

# ସଡନଡେଥ୍‌ରେ ଜିତିଲା ଓଡ଼ିଶା ପୋଲିସ



ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ନାଲ୍‌କୋ କପ୍ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାର ଏକ ମ୍ୟାଚ୍।

**ନାଲ୍‌କୋ କପ୍ ରାଜ୍ୟ ହକି**

**କଟକ ଅଫିସ,୧୭।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ମଙ୍ଗଳବାର ୪ଟି ମ୍ୟାଚ୍ ଖେଳାଯାଇଛି । ସୁନ୍ଦରଗଡ଼ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଫଳାଫଳ ସଡନଡେଥ ପ୍ରକ୍ରିୟାରେ ନିର୍ଦ୍ଧାରିତ ହୋଇଥିଲା। ମ୍ୟାଚର ଦ୍ୱିତୀୟ କ୍ୱାର୍ଟରରେ ସୁନ୍ଦରଗଡ଼ ଓ ୩ୟ କ୍ୱାର୍ଟରରେ ଓଡ଼ିଶା ପୋଲିସ ୨ଟି ଲେଖାଏ ଗୋଲ ସ୍କୋର କରିଥିଲା। ୪ର୍ଥ କ୍ୱାର୍ଟରେ ଗୋଲ ଶୂନ୍ୟ ରହିବା ଯୋଗୁଁ ସଡନଡେଥର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ପୋଲିସ ୪-୩ ଗୋଲରେ ବିଜୟୀ ହୋଇଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପେନାଲ୍ଟି ସୁଟ ଆଉଟ ଜରିଆରେ ୨-୧ ଗୋଲରେ ପୂର୍ବତଟ ରେଲୱେକୁ ପରାସ୍ତ କରିଛି। ୪ଟି ଯାକ କ୍ୱାର୍ଟରରେ କୌଣସି ଗୋଲ ହୋଇ ନ ଥିଲା। ଅନ୍ୟଏକ ମ୍ୟାଚରେ ସାଇ ସୁନ୍ଦରଗଡ଼ ୫-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି । ସାଇ ପକ୍ଷରୁ ଅଜୟ ଏକ୍କା ସର୍ବାଧିକ ୨ଟି ଗୋଲ ସ୍କୋର କରିଥିଲେ । ଖୋର୍ଦ୍ଧା ଦଳ ୭-୨ ଗୋଲରେ କଟକକୁ ପରାସ୍ତ କରିଥିଲା । ପ୍ରଥମ ୩ଟି ଯାକ କ୍ୱାର୍ଟରରେ ଖୋର୍ଦ୍ଧା ଅଗ୍ରଣୀ ନେବା ସହ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଥିଲା।

# ସ୍କଟ୍‌ଲାଣ୍ଡର ରେକର୍ଡ ଟି୨୦ ବିଜୟ

**ଲଣ୍ଡନ, ୧୭।୯ (ଏଏଫ୍‌ପି)**

ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜର ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୫୮ ରନରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ଓପନର୍ ଜର୍ଜ ମୁନ୍‌ସୀ ଓ କେଏଲ୍ କୋଏଟଜର୍‌ଙ୍କ ମଧ୍ୟରେ ଓପନିଂ ଯୋଡ଼ିରେ ୨୦୦ ରନର ପାର୍ଟନରଶିପ୍ ହୋଇଥିଲା। ଟି୨୦ କ୍ରିକେଟ୍ ଇତିହାସରେ ଏହା ରେକର୍ଡ ୩ୟ ବୃହତ୍ ପାର୍ଟନରଶିପ୍‌ର ମାନ୍ୟତା ପାଇଛି।

ଡବ୍‌ଲିନସ୍ଥିତ ଦି ଭିଲେଜ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ ମୁନ୍‌ସୀ ୫୬ ବଲରୁ ୧୨୭ ରନର ଅପରାଜିତ ବିସ୍ଫୋରକ ଶତକୀୟ ଇନିଂସରେ ଖେଳିଥିଲେ। ଏହା ମଧ୍ୟରେ ୫ ଚୌକା ଓ ୧୪ ଛକା ସାମିଲ ରହିଥିଲା। ଟି୨୦ କ୍ରିକେଟ୍‌ରେ ଏହା ତାଙ୍କର ପ୍ରଥମ ଶତକ ଥିଲା। ସେହିଭଳି ଗୋଟିଏ ଓଭରରେ ସେ ୩୨ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଟି୨୦ରେ ଗୋଟିଏ ଓଭରରେ ସେ ୨ୟ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ୨୦୦୭ରେ ଯୁବରାଜ ସିଂ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ଗୋଟିଏ ଓଭରରେ ୬ ଛକା ମାରି ୩୬ ରନ କରି ତାଲିକାର ଶୀର୍ଷରେ ରହିଛନ୍ତି। ମୁନ୍‌ସୀଙ୍କ ସାଥୀ ଓପନର୍ ତଥା ଅଧିନାୟକ କୋଏଟଜର ୫୦ ବଲରୁ ୮୯ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ତେବେ ଆଉଟ୍ ହେବା ପୂର୍ବରୁ ମୁନ୍‌ସୀ ଓ କୋଏଟଜରଙ୍କ ମଧ୍ୟରେ ଓପନିଂ ଯୋଡ଼ିରେ ୯୧ ବଲରୁ ୨୦୦ ରନର ପାର୍ଟନରଶିପ୍ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଶେନ୍ ସାନ୍‌ତରଙ୍କୁ ୩ଟି ଯାକ ଉଇକେଟ୍ ମିଳିଥିଲା। ଜବାବରେ ନେଦରଲାଣ୍ଡ୍ସ ଅଧିନାୟକ ପିଟର୍ ସିଲର୍‌ଙ୍କ ଅପରାଜିତ ୯୬ ରନ (୪୯ ବଲ୍) ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୯୪ ରନ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ବିଜୟ ସହ ୪ ପଏଣ୍ଟ ପାଇ ସ୍କଟଲାଣ୍ଡ ତାଲିକାର ଶୀର୍ଷରେ ରହିଥିବାବେଳେ ଆୟର୍ଲାଣ୍ଡ (୨) ଓ ନେଦରଲାଣ୍ଡ୍ସ (୨) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି।




ଜର୍ଜ ମୁନ୍‌ସୀ ଓ କେଏଲ୍ କୋଏଟଜର୍।

**ଜାଜାଇ-ଘାନିଙ୍କ ନାମରେ ରେକର୍ଡ**

ଟି୨୦ କ୍ରିକେଟ୍‌ରେ ରେକର୍ଡ ପାର୍ଟନରଶିପ୍ ଆଫଗାନିସ୍ତାନର ହଜରତୁଲ୍ଲା ଜାଜାଇ ଓ ଉସମାନ ଘାନିଙ୍କ ନାମରେ ରହିଛି। ୨୦୧୯ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଜାଜାଇ ଓ ଘାନି ଯୋଡ଼ି ପ୍ରଥମ ଉଇକେଟ୍‌ରେ ୨୩୬ ରନ୍ ସଂଗ୍ରହ କରିଥିଲେ। ସେହିଭଳି ୨୦୧୮ରେ ଅଷ୍ଟ୍ରେଲିଆର ଆରୋନ୍ ଫିଞ୍ଚ୍ ଓ ଡି ଆର୍ସି ସର୍ଟ ଯୋଡ଼ି ଜିମ୍ବାୱେ ବିପକ୍ଷରେ ପ୍ରଥମ ଉଇକେଟ୍‌ରେ ୨୨୩ ରନ ସଂଗ୍ରହ କରି ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି।

"ଗତ ରବିବାର ଓଟୋ ୱାଲଡର ବିପକ୍ଷ ମୁକାବିଲାରେ ଗୁରୁତର ଭାବେ କ୍ଷତାକ୍ତ ହୋଇଥିଲେ ସୁଦ୍ଧା ଆଗକୁ ଡେନ୍ଟେ ୱାଇଲ୍ଡରଙ୍କ ସହିତ ଲଢେଇ ପାଇଁ ମୁଁ ପ୍ରସ୍ତୁତ।"
—ଟାଇସନ ଫ୍ୟୁରି, ବ୍ରିଟିଶ ପ୍ରଫେସନାଲ ବକ୍ସର



"ଜଣେ କ୍ରିକେଟର ଭାବେ ଅତିରିକ୍ତ ଅଧିନାୟକ ଦାୟିତ୍ୱ ମୋ ପ୍ରଦର୍ଶନ ଉପରେ କି ପ୍ରଭାବ ପକାଇବ ତାହା ମୁଁ ଏବେଠାରୁ କହିପାରିବି ନାହିଁ।"
—କ୍ୱିଣ୍ଟନ ଡି'କକ୍, ଦକ୍ଷିଣ ଆଫ୍ରିକା ଟି୨୦ ଅଧିନାୟକ



## ସଂକ୍ଷେପରେ

### କ୍ୱାର୍ଟରରେ ଅମିତ୍, ମନୀଷ, ସଞ୍ଜୀତ୍

**ଏକଟେରିନବର୍ଗ, ୧୭।୯ (ପି.ଟି.):** ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା), ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ କୌଶିକ (୬୩ କିଗ୍ରା) ଓ ସଞ୍ଜୀତ୍ (୯୧ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୨ କିଗ୍ରା ବର୍ଗର ବାଉଟ୍‌ରେ ପଙ୍ଘାଲ ତୁର୍କୀର ବାତୁହାନ ସିଟ୍‌ଫିଙ୍କୁ ୫-୦ରେ ପରାସ୍ତ କରିଥିଲେ। ସେହିଭଳି ମନୀଷ ସେହି ସମାନ ୫-୦ ପଏଣ୍ଟ ବ୍ୟବଧାନରେ ମଙ୍ଗୋଲିଆ ବକ୍ସର ଚିଜୋରିଗ୍ ବାତର୍ସୁଖଙ୍କୁ ହରାଇଛନ୍ତି। ଉଭୟ ଅମିତ୍ ଓ ମନୀଷ ଆର୍ମିରେ ସର୍ଭିସ କରିଛନ୍ତି। ଯଦି ଅମିତ୍ ଏଠାରେ ପଦକ ଜିତନ୍ତି ତେବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ୨ୟଥର ପାଇଁ ପୋଡିୟମ ଫିନିଶ୍ କରିବେ। ଅପରପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ କୌଶିକଙ୍କ ଏହା ପଦାର୍ପଣ। ଦ୍ୱିତୀୟ ସିଡ୍ ତଥା ଏସୀୟ ଚାମ୍ପିୟନ ପଙ୍ଘାଲ କ୍ୱାର୍ଟର୍‌ରେ ଫିଲିପାଇନର କାର୍ଲୋ ପାଲମ୍‌ଙ୍କୁ ଭେଟିବେ। ସେହିଭଳି କୌଶିକ ବ୍ରାଜିଲର ୱାଣ୍ଡରସନ ଡି ଓଲିଭରିଆଙ୍କ ସହ ଲଢ଼େଇ କରିବେ। ଅପରପକ୍ଷରେ ୯୧ କିଗ୍ରା ବିଭାଗରେ ସଞ୍ଜୀତ୍ ୩-୨ରେ ଦ୍ୱିତୀୟ ସିଡ୍ ଉଜବେକିସ୍ତାନର ସଞ୍ଜାର ତୁର୍‌ସୁନୋଭଙ୍କୁ ମାତ୍ ଦେଇଛନ୍ତି। ତୁର୍‌ସୁନୋଭ ପୂର୍ବ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିଲେ।

### ସାତ୍ୱିକ-ଅଶ୍ୱିନୀଙ୍କ ବିଜୟ

**ଚାଙ୍ଗଝୋଉ (ଚାଇନା), ୧୭।୯ (ପି.ଟି.):** ଦଶଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମିକ୍ସଡ୍ ଡବଲ୍ସରେ ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ସାତ୍ୱିକ ଓ ଅଶ୍ୱିନୀ ଯୋଡ଼ି ୨୨-୨୦, ୧୭-୨୧, ୨୧-୧୭ ଗେମ୍‌ରେ ବିଶ୍ୱ ମାନ୍ୟତାର ୭ମ ସ୍ଥାନରେ ରହିଥିବା ପ୍ରବୀଣ ଜୋର୍ଡାନ ଓ ମେଲାଟି ଡାଏଭା ଓକ୍ତାଭିଏଣ୍ଟିଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୨୬ତମ ସ୍ଥାନରେ ରହିଥିବା ଏହି ଭାରତୀୟ ଯୋଡ଼ି ମ୍ୟାଚ୍‌କୁ ଜିତିବାକୁ ୫୦ ମିନିଟ୍ ସମୟ ନେଇଥିଲେ।

# ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟି୨୦ ଆଜି

ମୋହଲି,୧୭।୯(ପି.ଟି.)

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବାରେ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଦିନିକିଆରେ ପରସ୍ପରକୁ ଭେଟିବେ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ବାତିଲ ହୋଇଥିବାରୁ ସିରିଜ ହାତେଇବା ପାଇଁ ଏବେ ଉଭୟ ଦଳକୁ ବାକିଥିବା ୨ଟି ମ୍ୟାଚ୍ ବିଜୟୀ ହେବା ଜରୁରୀ ହୋଇ ପଡିଛି। ଫଳରେ ମୋହାଲିରେ ଖେଳାଯିବାକୁ ଥିବା ଏହି

## ଚାପରେ ପନ୍ତ

ମ୍ୟାଚ୍‌ର ଗୁରୁତ୍ୱ ଆହୁରି ବଢିଯାଇଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଫର୍ମକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ଫଳରେ ପନ୍ତ ଚାପରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଆଉ ମାତ୍ର ଗୋଟିଏ ବର୍ଷରୁ ସାମାନ୍ୟ କିଛି ଅଧିକ ସମୟ ରହିଛି। ଏପରି ସ୍ଥଳେ ଅଧିନାୟକ ବିରାଟ କୋହଲି ଦଳ ଗଠନକୁ ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ଫଳରେ ଯୁବ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିବା ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଧିକ ସୁଯୋଗ ଦେବାରୁ ସୁବିଧା ନ ଥିବାରୁ ଯୁବ ଖେଳାଳିମାନେ ସୀମିତ ମ୍ୟାଚ୍ ତଥା ସମୟ ମଧ୍ୟରେ ନିଜର ପ୍ରତିଭା ତଥା ଦକ୍ଷତା ପ୍ରତିପାଦନ କରିବାକୁ ପ୍ରୟାସ କରିବେ ବୋଲି ସେ ଆଶା ରଖିଛନ୍ତି।

ଏମାନଙ୍କ ମଧ୍ୟରେ ରହିଛନ୍ତି ୨୧ ବର୍ଷୀୟ ପନ୍ତ। ୨୦୧୭ରେ ସେ ପଦାର୍ପଣ କରିଥିବାରୁ ତାଙ୍କୁ ଏବେ ଯୁବ ଖେଳାଳି ବୋଲି କୁହାଯାଇ ପାରିବ ନାହିଁ। ଏହି ସିରିଜରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ବଲ୍ ବୋଲିଂ କରାଯାଇନାହିଁ। ଏହା ସତ୍ତ୍ୱେ ପନ୍ତ ସମସ୍ତଙ୍କ ନଜରରେ ରହିଛନ୍ତି। ବାରମ୍ବାର ବେପରୁଆ ଭାବେ ଭୁଲ୍ ଶଟ୍ ଚୟନ କରି ପନ୍ତ ନିଜର ଉଇକେଟ ଫୋପାଡି ଆସିଛନ୍ତି। ଆଉ ଏଭଳି ଭୁଲ୍ ନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ପନ୍ତଙ୍କୁ ଅବଶ୍ୟ ସତର୍କ କରାଇଥିବ। ପ୍ରଥମ ମ୍ୟାଚ ପୂର୍ବରୁ ମଧ୍ୟ ହେଡ୍ କୋଚ୍ ରବି ଶାସ୍ତ୍ରୀ ଏ ନେଇ ପନ୍ତଙ୍କୁ ଅବଗତ କରାଇଥିଲେ। ଗତ ୱେଷ୍ଟଇଣ୍ଡିଜ ଗସ୍ତରେ ତ୍ରିନିଦାଦରେ ଅନୁଷ୍ଠିତ ମ୍ୟାଚ୍‌ରେ ପନ୍ତ ଖରାପ ଶଟ୍ ଚୟନ କରି ପ୍ରଥମ ବଲ୍‌ରେ ହିଁ ଆଉଟ ହୋଇଥିଲେ। ତେଣୁ ଏ ଭଳି ତ୍ରୁଟି ସେ ଯେପରି ନ ଦୋହରାନ୍ତି ସେ ପ୍ରତି ଧ୍ୟାନ ରହିବାର ଆବଶ୍ୟକତା ରହିଛି ବୋଲି ଶାସ୍ତ୍ରୀ କହିଛନ୍ତି। ଜଣେ ଖେଳାଳିଙ୍କ ପ୍ରତିଭା ଥାଉ କି ନଥାଏ ଏଭଳି ତ୍ରୁଟି ଦୋହରାଇବା ଅନାବଶ୍ୟକ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋହଲି ମଧ୍ୟ ଧୋନୀଙ୍କୁ ଦଳରେ ନେବାକୁ ଇଚ୍ଛୁକ ରହିଛନ୍ତି। ଏପରି ସ୍ଥଳେ ନିଜ ପ୍ରତିଭାର ଯଥାର୍ଥତା ପ୍ରମାଣ ଦେବାକୁ ପନ୍ତଙ୍କ ଉପରେ ଚାପ ବଢିବାରେ ଲାଗିଛି।

ସୋମବାର ନେଟ୍ସରେ ଅବଶ୍ୟ ପନ୍ତ ଜୋର୍‌ଦାର ଅଭ୍ୟାସ କରିଛନ୍ତି। ପନ୍ତଙ୍କୁ ବାଦ୍ ଦେଲେ ଲେଗ୍ ସ୍ପିନର ରାହୁଲ ଚହର ଓ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର ଉପରେ ମଧ୍ୟ ଚାପ ରହିଛି। କୁଲଦୀବ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ପଛରେ ପକାଇ ଏହି ଦୁଇ ସ୍ପିନରଙ୍କୁ କ୍ରମାଗତ ଦ୍ୱିତୀୟଥର ପାଇଁ ସିରିଜରେ ସାମିଲ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ୨୦ଟି ଟି୨୦ ମ୍ୟାଚ୍ ଖେଳାଯିବ। ୮,୯ ଓ ୧୦ ନମ୍ବର ଖେଳାଳି ରନ୍ ସ୍କୋର କରନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଦଳରେ ବ୍ୟାଟିଂ ଗଭୀରତ ରହିବା ଉପରେ ଗୁରୁତ୍ୱ ଦିଆଯାଉଛି। ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟରଙ୍କ ପାଇଁ ମଧ୍ୟ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ମିଡଲ ଅର୍ଡରରେ ଏହି ଦୁଇ ଖେଳାଳି ଚମକ ଦେଖାଇବେ ବୋଲି ଆଶା କରାଯାଉଛି। ସେହିପରି ୱେଷ୍ଟଇଣ୍ଡିଜ ଗସ୍ତରେ ସେଭଳି କିଛି ଖାସ୍ କରିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନଙ୍କ ପାଇଁ ଏହି ସିରିଜ ସୁଯୋଗ ସୃଷ୍ଟି କରିଛି। ଧାୱନ ଏହି ଗ୍ରାଉଣ୍ଡରେ ଟେଷ୍ଟରେ ପଦାର୍ପଣ କରି ୧୮୭ ରନର ଶତକୀୟ ପାଳି ଖେଳିଥିଲେ। ପୁଣି ମୋହଲିରେ ଗତ ମାର୍ଚ୍ଚରେ ସେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍‌ରେ ୧୪୩ ରନର ଶତକୀୟ ପାଳି ଖେଳିଥିଲେ। ଫଳରେ ଏଠାରେ ସେ ପୁଣି କମାଲ କରିବା ଆଶା କରାଯାଉଛି।

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ପାଇଁ ଭାରତକୁ ହରାଇବା ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଦଳ ପୁନର୍ଗଠନ ପ୍ରକ୍ରିୟା ଦେଇ ଗତି କରୁଥିବାରୁ ଦକ୍ଷିଣ ଆଫ୍ରିକା କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବ। ତାରକା ଦ୍ରୁତ ବୋଲର କାଗିସୋ ରାବାଡ଼ାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲିଂ ଘରୋଇ ଦଳ ପାଇଁ ଅବଶ୍ୟ ସମସ୍ୟା ସୃଷ୍ଟି କରାଇବ। ମ୍ୟାଚ୍ ଜିତିବା ପାଇଁ ଭାରତୀୟ ଅଧିନାୟକ କୋହଲିଙ୍କୁ ରୋକିବାକୁ ଭ୍ରମଣକାରୀ ବୋଲର ପ୍ରୟାସ କରିବେ। ଏହି ମ୍ୟାଚ୍‌ର କଡ଼ା ସଂଘର୍ଷ ଦେଖିବାକୁ ମିଳିବ ଓ ଏହା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଶିଖର ଧାୱନ।

■ ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ- କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ ଦକ୍ଷିଣ ଆଫ୍ରିକା ଦଳ: କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନ ଡେର ଡୁସେନ (ଉପ- ଅଧିନାୟକ), ଟେମ୍ବା ବଭୁମା, ଜୁନିୟର ଡାଲା, ବିଜର୍ନ ଫର୍ଚ୍ୟୁନ୍, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ୍ ନୋର୍ଜେ, ଆଣ୍ଡିଲ ଫେଲୁକ୍ୱାଓ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବ୍ରେଜ୍ ଶାମସି ଓ ଜର୍ଜ ଲିଣ୍ଡେ।

**ସମୟ: ୭ଟା, ସ୍ଥାନ: ମୋହାଲି**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ପିଲାଙ୍କ ଅସ୍ତ୍ରୋପଚାର ପାଇଁ ଗାଭାସ୍କରଙ୍କ ପାଣ୍ଠି ସଂଗ୍ରହ



**ନୂଆଦିଲ୍ଲୀ, ୧୭।୯(ପି.ଟି.):** ହାର୍ଟ ଟୁ ହାର୍ଟ (ଏଚ୍ ଟୁ ଏଚ୍) ଫାଉଣ୍ଡେଶନ ସହ ଜଡିତ ରହିଥିବା ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ୬୦୦ ଗରିବ ପିଲାଙ୍କ ହାର୍ଟ ସର୍ଜରୀ ବା ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ଆମେରିକା ଗସ୍ତରେ ସେ ବିଭିନ୍ନ ସହରକୁ ଯାଇ ଏହି ପାଣ୍ଠି ସଂଗ୍ରହ କରିଛନ୍ତି। ଭାରତର ସତ୍ୟ ସାଇ ସଞ୍ଜୀବନୀ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯିବ। ୨୦୧୨ଠାରୁ ଏହି ହସ୍ପିଟାଲ ମାଗଣାରେ ଏପର୍ଯ୍ୟନ୍ତ ୧୦,୦୦୦ ଅସ୍ତ୍ରୋପଚାର କରି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏଥି ମଧ୍ୟରୁ ୪୦୦ ଅସ୍ତ୍ରୋପଚାର ହାର୍ଟ ଟୁ ହାର୍ଟ ଫାଉଣ୍ଡେଶନ ଦ୍ୱାରା ସମ୍ଭବ ହୋଇପାରିଛି। ଗାଭାସ୍କର ଏଥିମଧ୍ୟରୁ ୩୪ ଅସ୍ତ୍ରୋପଚାର ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ଅର୍ଥାଭାବରୁ ଭାରତରେ ପ୍ରତିଦିନ ୨୫୦ ପିଲା ହୃଦୟ ଜନିତ ସମସ୍ୟାରେ ମୃତ୍ୟୁବରଣ କରୁଛନ୍ତି। ମହାରାଷ୍ଟ୍ର, ଛତିଶଗଡ଼ ଓ ହରିୟାଣାରେ ସତ୍ୟ ସାଇ ସଞ୍ଜିବନୀ ହସ୍ପିଟାଲର ଶାଖା ରହିଛି। ଏବେ ୩୬,୦୦୦ ପିଲା ଚିକିତ୍ସା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ଠିକ୍ ସମୟରେ ଚିକିତ୍ସା ନ ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ମୃତ୍ୟୁ ବରଣ କରିବେ ବୋଲି ସଞ୍ଜୀବନୀ ହସ୍ପିଟାଲର ଅଧକ୍ଷ ସି. ଶ୍ରୀନିବାସ କହିଛନ୍ତି। ଆମେରିକା ଗସ୍ତରେ ଏହି ସଂସ୍ଥାକୁ କାଲିଫର୍ନିଆ, ମିଲପିଟାସ, ସାନ ଫ୍ରାନସିସ୍କୋ ଓ ସିକାଗୋରେ ସମର୍ଥନ ମିଳିଥିଲା।

# ପୁଣି ଶତକରୁ ବଞ୍ଚିତ ଗିଲ୍

**ମହୀଶୂର, ୧୭।୯ (ପି.ଟି.):** ସ୍ଥାନୀୟ ଶ୍ରୀକାନ୍ତଦତ୍ତ ନରସିମା ରାଜ ୱାଡିୟାର ଗ୍ରାଉଣ୍ଡରେ ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ-ଏ ପ୍ରଥମ ଇନିଂସରେ ୭୪ ଓଭରରେ ୩ ଉଇକେଟ୍ ହରାଇ ୨୩୩ ରନ୍ ସଂଗହ କରିଛି। ପ୍ରାରମ୍ଭରୁ ଭାରତ-ଏ ଓପନର୍ ଅଭିମନ୍ୟୁ ଈଶ୍ୱରନ ଓ ୩ ନମ୍ବର ସ୍ଥାନରେ ଆସିଥିବା ପ୍ରିୟଙ୍କ ପଞ୍ଚାଲଙ୍କ ଉଇକେଟ୍ ହରାଇଥିଲା। ଘରୋଇ କ୍ରିକେଟ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଦୁଇ ବ୍ୟାଟ୍ସମ୍ୟାନ କିନ୍ତୁ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ବେଙ୍ଗଲ ଡାହାଣହାତୀ ବ୍ୟାଟ୍ସମ୍ୟାନ ଈଶ୍ୱରନ ୫ ଓ ଗୁଜରାଟର ପଞ୍ଚାଲ ୬ ରନ କରିଥିଲେ। ତେବେ ଉଦୀୟମାନ ପଞ୍ଜାବ ବ୍ୟାଟ୍ସମ୍ୟାନ ତଥା ସିନିୟର ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଶୁବମନ ଗିଲ୍ ଓ କରୁଣ ନାୟାରଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭାରତ-ଏ ପ୍ରଥମ ଦିବସରେ ସମ୍ମାନରକ୍ଷା କରିବାରେ ସମର୍ଥ ହୋଇଥିଲା। ଗିଲ୍ ୯୨ ରନ (୧୩୭ ବଲ୍, ୧୨ ଚୌକା, ୧ ଛକା)ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ୨୦ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଗିଲ୍ ଚଳିତ ସିରିଜରେ ୨ୟଥର ପାଇଁ ନର୍ଭସ ନାଇଣ୍ଟିଜର ଶିକାର ହୋଇଛନ୍ତି। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସେ ୯୦ ରନରେ ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ଗିଲ୍ ୩ୟ ଉଇକେଟ୍ ଯୋଡ଼ିରେ ନାୟାରଙ୍କ ସହ ୧୩୫ ରନର ପାର୍ଟନରଶିପ୍ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ତେବେ ନାୟାରଙ୍କ ସହ ଯୋଗଦେଇଥିବା ଅଧିନାୟକ ରିଦ୍ଧିମାନ ଶାହ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ମଙ୍ଗଳବାର ଖେଳ ଶେଷବେଳକୁ ନାୟାର ୭୮ (୧୬୭ ବଲ୍, ୧୦ ଚୌକା) ଓ ଶାହ ୩୬ (୮୬ ବଲ୍, ୫ ଚୌକା) ରନ କରି ଅପରାଜିତ ରହିଛନ୍ତି। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି, ୱିଆନ୍ ମଲ୍‌ଡର ଓ ଲୁଥୋ ସିପମ୍‌ଲା ଗୋଟିଏ ଲେଖାଏ ଉଇକେଟ୍ ନେଇଛନ୍ତି। ଖରାପ ଆଲୋକ ଯୋଗୁ ଖେଳକୁ ୧୪ ଓଭର ପୂର୍ବରୁ ବନ୍ଦ କରି ଦିଆଯାଇଥିଲା। ସିରିଜର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ-ଏ ୧-୦ରେ ଅଗ୍ରଣୀ ରହିଛି।



ଅର୍ଦ୍ଧ ଶତକୀୟ ଇନିଂସ୍ ଅବସରରେ ସଟ୍ ଖେଳୁଛନ୍ତି ଶୁବମନ ଗିଲ୍।

# ଭିନେଶ୍‌ଙ୍କ ଅଲିମ୍ପିକ୍ ଆଶା ଉଜ୍ଜୀବିତ

ନୁର୍-ସୁଲତାନ , ୧୭।୯ (ପି.ଟି.)

କାଜାଖସ୍ତାନରେ ଚାଲିଥିବା ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଷ୍ଟାର୍ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗର ଏକ ବାଉଟ୍‌ରେ ଫୋଗଟ୍ ଡିଫେଣ୍ଡିଂ ଚାମ୍ପିୟନ ଜାପାନର ମାୟୁ ମୁକାଇଡାଙ୍କ ନିକଟରୁ ହାରି ଯାଇଛନ୍ତି। ଚଳିତ ସିଜନରେ ଜାପାନର ମାୟୁଙ୍କ ବିପକ୍ଷରେ ଫୋଗଟ୍‌ଙ୍କ ଏହା ଲଗାତର ୨ୟ ପରାଜୟ। ଏଥିପୂର୍ବରୁ ଚାଇନାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମାୟୁଙ୍କ ନିକଟରୁ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ପରାଜୟ ସତ୍ତ୍ୱେ ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସ ଟାଇଟଲ୍ ବିଜୟିନୀ ୨୫ ବର୍ଷୀୟା ଫୋଗଟ୍‌ଙ୍କ ପଦକ ଆଶା ଉଜ୍ଜିବୀତ ରହିଛି। ସେମିଫାଇନାଲରେ ପ୍ରବେଶ କରିଥିବା ମାୟୁ ଯଦି ଫାଇନାଲ ଟିକେଟ୍ ହାସଲ କରନ୍ତି ତେବେ ଭିନେଶ ରିପେଜ ରାଉଣ୍ଡ ଜରିଆରେ ବ୍ରୋଞ୍ଜ ପଦକ ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା

## ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍

ହାସଲର କରିବାର ସୁଯୋଗ ପାଇବେ। ସେହିଭଳି ମହିଳା ୫୦ କିଗ୍ରା ବିଭାଗର ଏକ ବାଉଟ୍‌ରେ ସୀମା ବିସଲା ପ୍ରି-କ୍ୱାର୍ଟରରେ ୨-୯ରେ ୩ଥର ଅଲିମ୍ପିକ ପଦକ ବିଜୟିନୀ ମାରିୟା ଷ୍ଟାଡ୍‌ନିକଙ୍କ ନିକଟରୁ ହାରିଯାଇଛନ୍ତି। ସୀମାଙ୍କ ନିକଟରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ରହିଛି।



ପ୍ରତିପକ୍ଷ ରେସ୍‌ଲରଙ୍କୁ ତଳେ ପକାଇ ଦେଇଛନ୍ତି ଭିନେଶ ଫୋଗଟ।

# ଦକ୍ଷିଣ ଆଫ୍ରିକା ଯୁବ ଦଳ ପାଇଁ କଡ଼ା ପରୀକ୍ଷା

ସୌରଭ ଗାଙ୍ଗୁଲି

ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଏବେ ଯୁବ ଖେଳାଳିଙ୍କୁ ଦଳରେ ପ୍ରାଧାନ୍ୟ ଦେଉଛନ୍ତି। ଭାରତ ଏହି ପ୍ରକ୍ରିୟା ୨୦୧୯ ଆଇସିସି ବିଶ୍ୱକପ ପରେ ୱେଷ୍ଟଇଣ୍ଡିଜ ଗସ୍ତରୁ ଆରମ୍ଭ କରିଛି। ଦଳରେ ଏବେ କେତେକେ ଯୁବ ଖେଳାଳି ସ୍ଥାନ ନେଇ ସାରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କୁ ମଝିରେ ବ୍ରେକ୍ ଦେବାର ମଧ୍ୟ ଯୋଜନା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଆସନ୍ତାବର୍ଷ ହେବାକୁଥିବା ଟି୨୦ ବିଶ୍ୱକପକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରୁନାହିଁ। କାରଣ ଗତ ବିଶ୍ୱକପକୁ ଦୃଷ୍ଟିରେ ରଖି ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲା, ମାତ୍ର ତାହା ବିଶେଷ ଫଳପ୍ରଦ ହେଲାନାହିଁ। ତେଣୁ ଉପଲବ୍ଧ ଶ୍ରେଷ୍ଠ ଖେଳାଳିଙ୍କୁ କ୍ରମାଗତ ସୁଯୋଗ ଦିଆଯାଉଛି। କାରଣ ଘରୋଇ ସର୍କିଟରେ ପର୍ଯ୍ୟାପ୍ତ ପରିମାଣରେ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି।

ବିରାଟ କୋହଲି, ରୋହିତ ଶର୍ମା, ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ଦକ୍ଷତା ଦେଖାଇ ସାରିଛନ୍ତି। ଏବେ ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ଦେଖାଇ ଭାରତୀୟ ଦଳକୁ ଆଗକୁ ବଢ଼ାଇବା ଆବଶ୍ୟକ ହେଉଛି। ଭାରତୀୟ ବୋଲିଂ ବିଭାଗରେ ଅନେକ ଯୁବ ପ୍ରତିଭା ଅଛନ୍ତି। ଖଲିଲ ଅହମଦ, ଦୀପକ ଚହର, ନଭଦୀପ ସଇନି ନିଜ ଦକ୍ଷତା ଦେଖାଇବା ଆରମ୍ଭ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଯଶପ୍ରୀତ ବୁମ୍‌ରାଙ୍କ ପରି ଏମାନେ ଚମକ ସୃଷ୍ଟି କରିବା ଆବଶ୍ୟକ ହେଉଛି। ସମୟକ୍ରମେ ପରିପକ୍ୱତା ଦେଖାଇଥିବା ବୋଲରଙ୍କ ମଧ୍ୟରେ ଅଛନ୍ତି ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି। ଏମାନେ ଯୁବ ଖେଳାଳିଙ୍କ ରୋଲମଡେଲ ହୋଇଛନ୍ତି । ଏମାନଙ୍କ ଉପସ୍ଥିତିରେ ଭାରତୀୟ ଫାଷ୍ଟ ବୋଲିଂ ସୁସ୍ଥ ପରମ୍ପରା ସୃଷ୍ଟି କରିପାରିଥିବା ପ୍ରତୀୟମାନ ହୋଇଛି। ରାହୁଲ ଚହର, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲଙ୍କ ପରି ସ୍ପିନରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ସମ୍ପାଦନ କରୁଛନ୍ତି।

ବ୍ୟାଟିଂ ବିଭାଗରେ ମଧ୍ୟ କେତେକ ମୁହଁ ଲୋକଲୋଚନକୁ ଆସିଛନ୍ତି। ନିଜକୁ ପ୍ରମାଣିତ କରିବାପାଇଁ ସେମାନେ ସ୍ୱାଧୀନଭାବେ ଖେଳିବା ଆବଶ୍ୟକ କରୁଛନ୍ତି। ଶ୍ରେୟାସ ଆୟାର ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୫୦ ଓଭର ବିଶିଷ୍ଟ ଫର୍ମାଟରେ ଭଲ ପ୍ରଦର୍ଶନର ପୁରସ୍କାର ତାଙ୍କୁ ମିଳିଛି। ଲୋକେଶ ରାହୁଲ ବାଦ୍ ପଡ଼ିଥିବାରୁ ରୋହିତ ଓ ଶିଖର ଭାରତର ଶ୍ରେଷ୍ଠ ସମ୍ଭାବ୍ୟ ଓପନିଂ ଯୋଡ଼ି। ପ୍ରଦର୍ଶନରେ ଅସ୍ଥିରତା ଯୋଗୁ ଲୋକେଶ ଟେଷ୍ଟ ଦଳରୁ ମଧ୍ୟ ବାହାରେ ରହିଛନ୍ତି। ଏ କ୍ଷେତ୍ରରେ ଶ୍ରେୟାସ ଓ ମନୀଷ ପାଣ୍ଡେ ୪ ନମ୍ବରସ୍ଥାନ ଦୌଡ଼ରେ ରହିଛନ୍ତି। ହାର୍ଦ୍ଦିକ ପ୍ରତ୍ୟାବର୍ତ୍ତନ କରିଥିବାରୁ ସ୍ୱାଭାବିକଭାବେ ପ୍ରଥମ ପସନ୍ଦ ଅଲରାଉଣ୍ଡରଭାବେ ପ୍ରତି ଫର୍ମାଟରେ ସ୍ଥାନ ପାଇଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ପୁନର୍ଗଠନ ପଥରେ ରହିଛି। ଏହା ଏପରି ଏକ ଦଳ ଯାହାକୁ କି ସିଷ୍ଟମପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। କିଛିବର୍ଷ ପୂର୍ବରୁ ଏହି ଦଳରେ ଅନେକ ଦକ୍ଷ ଏବଂ ପ୍ରତିଭା ସମ୍ପନ୍ନ ଖେଳାଳି ଥିଲେ। ମାତ୍ର ଦଳ ସେହି ସ୍ତର ବଜାୟ ରଖି ପାରିନାହିଁ। ବିଶ୍ୱ କ୍ରିକେଟରେ ଅନେକ ଦଳ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ କ୍ରିକେଟକୁ ଦୃଷ୍ଟିରେ ରଖି ଏହି ଦଳକୁ ପୁନର୍ଗଠନ ହେବାର ଅଛି। ଅନେକ ନାମୀ ଖେଳାଳି ଅବସର ନେଇ ଯାଇଥିବାରୁ କ୍ୱିଣ୍ଟନ ଡିକକ୍‌ଙ୍କୁ ଦୃଷ୍ଟିରେ ରଖି ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଭାରତ ଗସ୍ତ ଡିକକ୍ ଏବଂ କାଗିଶୋ ରାବାଡ଼ା ପ୍ରମୁଖ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ଆଣିବ। ନିକଟ ଅତୀତରେ ବ୍ୟାଟିଂ ବିଭାଗ ଏହି ଦଳପାଇଁ ଚିନ୍ତାର କାରଣ ହୋଇଛି। ତେଣୁ ଭାରତ ବିପକ୍ଷରେ ବଡ଼ ସ୍କୋର କରିବା ଦଳପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଭାରତକୁ ଭାରତରେ ଚ୍ୟାଲେଞ୍ଜ ଦେବା ଦକ୍ଷିଣ ଆଫ୍ରିକା ଯୁବ ଦଳପାଇଁ କଡ଼ା ପରୀକ୍ଷା ସଦୃଶ ହେବ।

—(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୮/୨୦୧୯ Sambalpur, Wednesday, September 18 / 2019

## ସଂକ୍ଷେପରେ

### ଦେବଦେବୀଙ୍କ ତ୍ରିଶୂଳ, ଖଣ୍ଡା ଆଣି ଆତଙ୍କ

ବରଗଡ଼ ଅଫିସ୍,୧୭।୯:ବରଗଡ଼ ସହରସ୍ଥିତ ତଳିପଡ଼ା ଅଞ୍ଚଳରେ ମଙ୍ଗଳବାର ରାତ୍ରିରେ ମନ୍ଦିରରୁ ଦେବଦେବୀଙ୍କ ତ୍ରିଶୂଳ, ଖଣ୍ଡା ଆଣି ୨ଜଣ ଯୁବକ ପରସ୍ପରକୁ ଆକ୍ରମଣ ଉଦ୍ୟମ ସହ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ଭଳି ଏକ ଅଭାବନୀୟ ପରିସ୍ଥିତି ଉପୁଜିଛି । ଏଥିରେ କେହି ଆହତ ହୋଇ ନ ଥିବାବେଳେ ସ୍ଥାନୀୟ ଟାଉନ ଥାନା ପୋଲିସ ସମ୍ପୃକ୍ତ ୨ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଘଟଣାକୁ ନେଇ ସମଲେଶ୍ୱରୀ ଦେବୀ ଦଶହରା ପୂଜା କମିଟି କର୍ମକର୍ତ୍ତା, ସଭ୍ୟବୃନ୍ଦ ବରଗଡ଼ ଟାଉନ ଥାନାରେ ଏକ ଏତଲା ଦେଇଥିବା ଜଣାପଡିଇଛି। ସୂଚନା ଅନୁଯାୟୀ, ତଳିପଡ଼ା ନିକଟ ସହରାପଡ଼ାର ୨ ଯୁବକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା । ଜଣେ ଯୁବକ ସ୍ଥାନୀୟ ମହାଦେବ ମନ୍ଦିର ଭିତରକୁ ପଶି ଯାଇ ଶିବଙ୍କ ତ୍ରିଶୂଳ ଆଣି ଅନ୍ୟଜଣେ ଯୁବକଙ୍କୁ ଗୋଡ଼ାଇଥିଲେ। ଅପରପକ୍ଷେ ତ୍ରିଶୂଳ ଆକ୍ରମଣ ଭୟରେ ଖସି ପଳାଉଥିବା ଯୁବକ ଜଣକ ତଳିପଡ଼ା ସମଲେଶ୍ୱରୀ ମନ୍ଦିର ଭିତରକୁ ପଶିଯାଇ ଦେବୀଙ୍କ ଖଣ୍ଡା ଆଣି ପ୍ରତି ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ । ଦୁଇ ଯୁବକଙ୍କ ମଧ୍ୟରେ ଏଭଳି ଆକ୍ରମଣ ଓ ପ୍ରତି ଆକ୍ରମଣ ଉଦ୍ୟମ ନେଇ ଅଞ୍ଚଳରେ କିଛି ସମୟ ଧରି ଆତଙ୍କ ଖେଳି ଯାଇଥିଲା। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ଘଟଣା

# ଏସ୍‌ପିଙ୍କଠାରୁ ସୁରକ୍ଷା ଲୋଡିଲେ ମୃତକଙ୍କ ପୁଅ

**ବଲାଙ୍ଗୀର ଅଫିସ / ଖପ୍ରାଖୋଲ (ଡି.ଏନ.ଏ.), ୧୭।୯**

- ଅପପ୍ରଚାରରୁ ହତ୍ୟା କରାଯାଇଥିବା ସନ୍ଦେହ
- ଗାଁରେ ହୋଇଥିଲା କଙ୍ଗାରୁ କୋର୍ଟ
- ସୁରକ୍ଷା ଦେବାରେ ପୋଲିସ ହୋଇଥିଲା ବିଫଳ
- ପୋଲିସ ଉପସ୍ଥିତିରେ ହେବ ଅନ୍ତିମ ସଂସ୍କାର
- ୪ ଅଟକଙ୍କୁ ପଚରାଉଚରା ଜାରି
- ଚିଟିକାମାଲ ଗାଁ ପୁରୁଷଶୂନ୍ୟ



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଲୁହାସିଂହା ଗ୍ରାମ ପଞ୍ଚାୟତର ଚିଟିକାମାଲ ଗାଁରେ ଗୁଣିଗାରେଡି ସନ୍ଦେହରେ ସୋମବାର ଏକ ଦମ୍ପତିଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ସନ୍ଦେହରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ମୃତ ଦମ୍ପତିଙ୍କ ପୁଅ ରମେଶ ବରିହା ଜିଲା ପୋଲିସ କାର୍ଯ୍ୟାଳୟକୁ ଆସି ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍‌ଙ୍କୁ ଭେଟି ସୁରକ୍ଷା ପାଇଁ ଆକୁଳ ନିବେଦନ କରିଛନ୍ତି। ଏପରିକି ମୃତ ମାତାପିତାଙ୍କ ଅନ୍ତିମ ସଂସ୍କାର କରିବା ପାଇଁ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇବାକୁ ସେ ନିବେଦନ କରିଛନ୍ତି । ଅପପ୍ରଚାର ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ହତ୍ୟାକାରୀମାନେ ତାଙ୍କ ମାତାପିତାଙ୍କୁ ବୀଭତ୍ସଭାବେ ହତ୍ୟା କରି ତାଙ୍କ ପରିବାରକୁ ଛିନ୍ନଭିନ୍ନ କରିଦେଇଛନ୍ତି ବୋଲି ସେ କହିଛନ୍ତି । ସୁରକ୍ଷା ଲୋଡିବା ପରେ ଏସପି ସମ୍ପତ୍ ରମେଶଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦେଇଛନ୍ତି । ହେଲେ ଅପରାହ୍ନରେ ପୋଲିସ ସୁରକ୍ଷା ଭିତରେ ଯାଇ ରମେଶ ମୃତ ମାତାପିତାଙ୍କ ଅନ୍ତିମ ସଂସ୍କାର ଗାଁକୁ ନ ନେଇ ପାଟଣାଗଡରେ କରିଥିବା ସୂଚନା ମିଳିଛି।

ସୋମବାର ସକାଳୁ ଚିଟିକାମାଲ ଗାଁ ନିକଟ ପାହାଡରୁ ଚିନ୍ତାମଣି ବରିହା (୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ ବରିହା (୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଗୁଣିଗାରେଡି ସନ୍ଦେହରେ କେତେକ ଲୋକ ମିଳିତ ଭାବେ ସେମାନଙ୍କୁ ହତ୍ୟା କରି ପାହାଡରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ହତ୍ୟାକାଣ୍ଡକୁ ନେଇ ୪ ଜଣ ସନ୍ଦିଗ୍ଧଙ୍କୁ ଲରମ୍ବା ଥାନାରେ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି। ଏବେ ଗାଁ ପୁରୁଷଶୂନ୍ୟ ହୋଇଯାଇଛି। ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସମ୍ପତ୍ ସୂଚନା ଦେଇଛନ୍ତି । ଗତ ଅଗଷ୍ଟ ମାସରେ ଚିଟିକାମାଲ ଗାଁରେ ଏକ ଶିଶୁମୃତ୍ୟୁ ହୋଇଥିଲା । ମୃତ ଶିଶୁ ପୋତା ଯାଇଥିବା ସ୍ଥାନରେ କେହି ଗତ ଶୁକ୍ରବାର ସିନ୍ଦୂର, ଫୁଲ ପକାଇ ପୂଜାର୍ଚ୍ଚନା କରିଥିଲେ । ଏହାକୁ ନେଇ ଗାଁରେ ଗୁଣିଗାରେଡି ସନ୍ଦେହ କରାଯାଇଥିଲା । ଚିନ୍ତାମଣି ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କୁ କେତେଜଣ ଗ୍ରାମବାସୀ ଡାହାଣୀ ଓ ଗୁଣିଗାରେଡି କରୁଥିବା ସନ୍ଦେହ କରିଥିଲେ । ଏହାପରେ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ସେଠାକୁ ଚିନ୍ତାମଣି ଓ ରୁକ୍ମିଣୀଙ୍କୁ ଆସିବା ପାଇଁ ଗ୍ରାମବାସୀ ଡାକିଥିଲେ । ତେବେ ସେଠାକୁ ପ୍ରଥମେ ଚିନ୍ତାମଣି ଯାଇ ନ ଥିଲେ ଓ ଏନେଇ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମଧ ଏହାକୁ ନେଇ ଗାଁର କେତେଜଣ ଲୋକଙ୍କୁ ଥାନାକୁ ଡାକି ଚିନ୍ତାମଣି ଓ ରୁକ୍ମିଣୀଙ୍କ ଉପସ୍ଥିତିରେ ମିଳାମିଶା କରିଥିଲେ । ରବିବାର ସକାଳ ପ୍ରାୟ ୮ଟାରେ ଚିନ୍ତାମଣି ତାଙ୍କ ପୁଅ ରମେଶଙ୍କୁ ଫୋନ୍ କରି ଗାଁରେ ଏକ ବୈଠକ ବସୁଥିବା ସୂଚନା ଦେଇ ତାଙ୍କୁ ସେଠାକୁ ଡାକିଥିବା ସମ୍ପର୍କରେ କହିଥିଲେ । ଏହାର କିଛି ସମୟ ପରେ ରମେଶ ତାଙ୍କ ପିତାଙ୍କୁ ଫୋନ୍ କରିଥିଲେ ମଧ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବା ଜାଣିବାକୁ ପାଇଥିଲେ । ନିଜ କକାଙ୍କ ଗର୍ଭବତୀ ଝିଅଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ରମେଶ ଦୁଇଦିନ ପୂର୍ବରୁ ଚିଟିକାମାଲ ଗାଁରୁ ଛତାମଖନା ଆସିଥିଲେ ବୋଲି କହିଛନ୍ତି । ଗୁଣିଗାରେଡି ସନ୍ଦେହରେ ଯୋଜନାବଦ୍ଧ ଭାବେ ତାଙ୍କ ମାତା, ପିତାଙ୍କୁ ହତ୍ୟା କରାଯାଇଥିବା ରମେଶ ସନ୍ଦେହ କରିଛନ୍ତି। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ତାଙ୍କ ମା'ବାପାଙ୍କୁ ସୁରକ୍ଷା ଯୋଗାଇ ଦେଲେନାହିଁ। ପୋଲିସ ଅବହେଳାରୁ ଦୁଇ ନିରୀହଙ୍କ ପ୍ରାଣହାନି ଘଟିଛି । ଗୁଣିଗାରେଡି ସନ୍ଦେହ ହେବା ସତ୍ତ୍ୱେ ପୋଲିସ ଅବହେଳା ପ୍ରଦର୍ଶନ କରିବାରୁ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଗଲା ବୋଲି ଅଞ୍ଚଳବ୍ୟାପୀ ଚର୍ଚ୍ଚା ହେଉଛି ।

# ମାନ୍ଦାବସ୍ଥା: କେରଳ ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ



**ତିରୁଭାନନ୍ତପୁରମ୍, ୧୭।୯**

ନିକଟରେ କେରଳର ସର୍ବବୃହତ୍ ପର୍ବ ଓଣମ୍ ପାଳିତ ହୋଇଯାଇଛି। ଏହି ପର୍ବ ପାଳନ ପାଇଁ ରାଜ୍ୟ ସବୁବର୍ଷ ଉତ୍ସବମୁଖର ହୋଇଉଠେ । ସ୍କୁଲ,କଲେଜକୁ ୧୦ ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୁଏ ନୌକା ଚାଳନା ପ୍ରତିଯୋଗିତା। ଦେଶବିଦେଶରୁ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। କିନ୍ତୁ ଚଳିତବର୍ଷ କେରଳରେ ସବୁକିଛି ଫିକା ପଡିଯାଇଥିଲା। ଏଥର ନୌକାଗୁଡ଼ିକ ପାଣିରେ ନ ଦୌଡ଼ି ନଦୀ କଡ଼ରେ ଛିଡା ହୋଇଥିବାର ଦେଖାଯାଇଥିଲା। ଯେକୌଣସି ବୋଟ୍ ମାଲିକଙ୍କୁ ପଚାରିଲେ ସମସ୍ତଙ୍କର ଗୋଟିଏ ମତ 'ବ୍ୟବସାୟ ବୁଡିଯାଉଛି। ଲାଭ କମୁଛି ଏବଂ ପ୍ରତ୍ୟେକେ ଋଣରେ ବୁଡ଼ିଗଲେଣି।' ମାନ୍ଦାବସ୍ଥାର ମାଡ଼ କିଭଳି କେରଳ ପର୍ଯ୍ୟଟନ ଶିଳ୍ପରେ ବାଜିଛି, ତାହା ଏଥିରୁ ସ୍ପଷ୍ଟ।

ଜଣେ ବୋଟ୍ ମାଲିକ ସୁବିନଙ୍କ ମତରେ ଦୁଇବର୍ଷ ପୂର୍ବେ କେରଳରେ ଦେଖା ଦେଇଥିବା ଭୟଙ୍କର ବନ୍ୟା ଯୋଗୁ ବୋଟ ଓ ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ମାସ ଭିତରେ ପୁଣିଥରେ ମୁଣ୍ଡଟେକି ଛିଡାହେଲା ବେଳକୁ ସରକାର ଦେଶରେ ଜିଏସ୍‌ଟି ଲାଗୁ କରିଦେଲେ। ଫଳରେ ଡଙ୍ଗା ତିଆରି ଖର୍ଚ୍ଚ ବଢ଼ିଗଲା। ମାନ୍ଦାବସ୍ଥା କାରଣରୁ ଏବେ ନୂଆ ଡଙ୍ଗା ତିଆରି କରିବା ଲାଗି କାହା ନିକଟରେ ଅର୍ଥ ନ ଥିବାବେଳେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଆୟ ନାହିଁ କହିଲେ ଚଳେ। ବୋଟ୍ ମାଲିକ ସୁବିନଙ୍କ ମତରେ ୫ ବର୍ଷ ପୂର୍ବେ ଗୋଟିଏ ହାଉସ ବୋଟ୍ ତିଆରି କରିବାରେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। ଏବେ ଏଥିପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଲାଗୁଛି। ଘର, ଜମି ବନ୍ଧା ରଖି ସେ ଡଙ୍ଗା ତିଆରି କରିଛନ୍ତି। ପର୍ଯ୍ୟଟକ ଆସୁ ନ ଥିବାରୁ ଋଣ ପରିଶୋଧ ନେଇ ସେ ଚିନ୍ତିତ ଥିବା କହିଛନ୍ତି। ସେହିପରି ଆୟ କମିଯିବାରୁ ଏବେ ହାଉସ ବୋଟ୍ ମାଲିକ ଷ୍ଟାଫ୍‌ଙ୍କୁ ମାସିକ ଦରମାରେ ନିଯୁକ୍ତି ଦେଇପାରୁନାହାନ୍ତି। ୧୦ବର୍ଷ ପୂର୍ବେ ହାଉସବୋଟ୍‌ରେ କାମ କରୁଥିବା ଅନିସ୍ ମାସକୁ ୨୦ ହଜାର ଟଙ୍କା ଦରମା ପାଉଥିଲେ। ଏବେ ତାଙ୍କୁ ଦୈନିକ ମଜୁରି (୭୦୦ ଟଙ୍କା)ରେ କାମ କରିବାକୁ ପଡୁଛି। ପୂର୍ବେ ଗୋଟିଏ ହାଉସ ବୋଟ୍ ନଦୀରେ ୨୨ଥର ଚକ୍କର ମାରୁଥିଲା। ଏବେ ମାସକୁ ୩/୪ଥର ଚକ୍କର ମାରିବା କଷ୍ଟକର ହୋଇପଡିଛି। ଅନିସ୍‌ଙ୍କ କହିବାନୁଯାୟୀ, ଗତ ୫ ଦିନ ହେବ ତାଙ୍କ ନିକଟରେ କୌଣସି କାମ ନାହିଁ। ଋଣ ବୋଝ ଥିବାରୁ ବାଧ୍ୟ ହୋଇ ସେ ତାଙ୍କ ସ୍ତ୍ରୀଙ୍କ ସୁନା ଗହଣା ବିକ୍ରି କରିଛନ୍ତି। ଇଂଲିଶ୍ ମିଡିୟମରେ ପଢୁଥିବା ପିଲାଙ୍କୁ ଏବେ ସେ ସରକାରୀ ସ୍କୁଲ୍‌ରେ ପଢ଼ାଇବାକୁ ନିଷ୍ପତ୍ତି ନେଇଥିବା ଅନିସ୍ କହିଛନ୍ତି।

# ରାଜସ୍ୱ ସଂଗ୍ରହରେ ୭% ବୃଦ୍ଧି

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

### ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ସରକାର ପୂର୍ବାପେକ୍ଷା ୭ ପ୍ରତିଶତ ଅଧିକ ରାଜସ୍ୱ ସଂଗ୍ରହ କରିଛନ୍ତି। ଅଣକର ସୂତ୍ରରୁ ରାଜସ୍ୱ ଆଦାୟ ୧୨%, କର ସୂତ୍ରରୁ ରାଜସ୍ୱ ଆଦାୟ ୫% ବୃଦ୍ଧି ପାଇଛି। ରାଜ୍ୟ ସରକାର ଏହି ସମୟରେ ୧୨,୩୧୫ କୋଟି ଟଙ୍କାର ରାଜସ୍ୱ ଆଦାୟ କରିସାରିଛନ୍ତି। ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନାଙ୍କ ପକ୍ଷରୁ ମଙ୍ଗଳବାର ସଚିବମାନଙ୍କ ବୈଠକରେ ଏହି ସୂଚନା ଦିଆଯାଇଛି। ପ୍ରଥମଥର ପାଇଁ ଲୋକାର୍ପିତ ହୋଇଥିବା ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଗତବର୍ଷ ଅର୍ଥାତ ୨୦୧୮ ଅଗଷ୍ଟ ଶେଷ ସୁଦ୍ଧା ୧୧,୭୫୮ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ବ୍ୟୟବରାଦ ପୂର୍ବାପେକ୍ଷା ୪% ହ୍ରାସ ପାଇଛି। ଚଳିତ ବର୍ଷ ସାଧାରଣ ନିର୍ବାଚନ ପ୍ରକ୍ରିୟା ୨ରୁ ୩ ମାସ ରହିଥିବାରୁ ଏପରି ହୋଇଥିବା କୁହାଯାଇଛି। ଚଳିତ ଥର ଏହା ୨୮% ରହିଛି, ଯାହା ପୂର୍ବ ବର୍ଷ ୩୨% ରହିଥିଲା। ତେଣୁ ଆଗାମୀ ମାସରେ କାର୍ଯ୍ୟକ୍ରମ ବ୍ୟୟବରାଦ ବୃଦ୍ଧି କରିବାକୁ ସବୁ ବିଭାଗ ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ର ପରିଚାଳନା ଏବଂ ପ୍ରକଳ୍ପ ଅଗ୍ରଗତି ନେଇ ମଧ ଆଲୋଚନା ହୋଇଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସୂଚନାନୁଯାୟୀ, ଏବେ ସୁଦ୍ଧା ୧୨,୬୬୪ ପ୍ରକଳ୍ପ ବାବଦକୁ ୮୨୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ୮୦୬୭ କୋଟି ଟଙ୍କା ଆବଣ୍ଟନ ହୋଇସାରିଥିବା ଉନ୍ନୟନ କମିଶନର ସୂଚନା ଦେଇଛନ୍ତି। ସେହିପରି ୭୧% ଅର୍ଥ ପ୍ରାୟ ୫୭୨୨ କୋଟି ଟଙ୍କା ୯୨୪୧ ପ୍ରକଳ୍ପ ବାବଦକୁ ଦିଆଯାଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ପାନୀୟ ଜଳ, ଶିକ୍ଷା, ପରିବେଶ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସୁବିଧା, ପରିମଳ, ଦକ୍ଷତା ବିକାଶ, ଗୃହ ନିର୍ମାଣ, ଶିଶୁ ମହିଳା ବିକାଶ ଏବଂ ଯୋଗାଯୋଗ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଯୋଜନା କାର୍ଯ୍ୟକାରିତା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ୫'ଟି ମନ୍ତ୍ରକୁ ଅନୁପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଏବଂ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସେଲିବ୍ରିଟିମାନେ ଲୋକଙ୍କ ଆଗରେ ସେମାନଙ୍କ ଜୀବନର ବାସ୍ତବ ଚିତ୍ର ରଖି ସତ କହିବା ଦରକାର।
-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ



## ସଂକ୍ଷେପରେ

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବାଉଁଶୁଣୀ, ୧୭।୯ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବୌଦ୍ଧ କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ବାଉଁଶୁଣୀ କେନ୍ଦୁପତ୍ର ରେଞ୍ଜ ଅଫିସ ତତ୍ତ୍ୱାବଧାନରେ ସୋମବାର ସମସ୍ତ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେମାନେ କେନ୍ଦୁପତ୍ର ଅଫିସ୍‌ର ଉଭୟ ପାର୍ଶ୍ୱ ଓ ଅଫିସ୍ ମଧରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ ।

### ବୌଦ୍ଧ ଏନ୍‌ଏସିର ସ୍ୱଚ୍ଛତା ଅଭିଯାନ

ବୌଦ୍ଧ,୧୭।୯(ସ୍ୱ.ପ୍ର)
ବୌଦ୍ଧ ଏନଏସି ପକ୍ଷରୁ ୧୨ ଓ ୧୭ ନମ୍ବର ୱାର୍ଡରେ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକର ବ୍ୟବହାର ନ କରିବା ଓ ନିଜ ପରିବେଶକୁ ସଫାସୁତୁରା ରଖିବା ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ୱାର୍ଡର ସ୍ୱଚ୍ଛ ସାଥୀ ଐଶ୍ୱର୍ଯ୍ୟା ମେହେରଙ୍କ ନେତୃତ୍ୱରେ କବି ଗଙ୍ଗାଧର ଓ ମା ଚର୍ଚ୍ଚିକା ମହିଳା ଗୋଷ୍ଠୀର ସଦସ୍ୟାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାସହ ଉଭୟ ୱାର୍ଡ ପରିକ୍ରମା କରିବା ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏନଏସି ସ୍ୱଚ୍ଛତା ଅଭିଯାନର ପ୍ରୋଗ୍ରାମ ଅଫିସର ସୁପର୍ଣ୍ଣା ମହାନ୍ତି ଓ ବିଜୁ ଯୁବବାହିନୀର ଏନଏସି ସଂଯୋଜିକା ସୁନୀତା ପ୍ରଧାନ ଶୋଭାଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ଯୁବ ବାହିନୀର ଚାରାରୋପଣ

ପଦ୍ମପୁର, ୧୭।୯ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ବୁକୁରାମୁଣ୍ଡା ଗ୍ରାମରେ ଆଜାଦ୍ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ସୋମବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ସଭା ହୋଇଥିଲା । ଯୁବ ବାହିନୀ ସଭାପତି ସୁଶାନ୍ତ ଗଡତିଆ, ସମ୍ପାଦକ ରାଜକୁମାର ବେହେରା, କୋଷାଧକ୍ଷ ବେଦବ୍ୟାସ ବାଗ ସଭାରେ ଉଦବୋଧନ ଦେବା ସହ ବୃକ୍ଷରୋପଣ ପାଇଁ ଅନୁରୋଧ କରିଥିଲେ। ବିଜୁ ଯୁବ ବାହିନୀ ସଦସ୍ୟ ଓ ବରିହା ପଡାବାସୀଙ୍କ ସହଯୋଗରେ ଗ୍ରାମ ସଂଲଗ୍ନ ରାସ୍ତା ଓ ପୋଖରୀକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା।

### ସେବା ସପ୍ତାହରେ ଫଳ ବଣ୍ଟନ

ବିଜେପୁର,୧୭।୯ (ଡି.ଏନ.ଏ)
ବିଜେପୁରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ରବିବାର ସେବା ସପ୍ତାହ ଭାବେ ପାଳନ କରାଯାଇଛି । ଏହି କ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନତ କୁମାର ଗଡତିୟା ଦଳୀୟ କର୍ମକର୍ତ୍ତାଙ୍କ ସହିତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଉକ୍ତ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ ଓ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ପରେ ରୋଗୀମାନଙ୍କୁ ଫଳ, ପାଉଁରୁଟି ବଣ୍ଟନ କରାଯାଇଥିଲା। ବିକ୍ରମ ସେଠ, ମଧୁସୂଦନ ଖମାରୀ, ଗୌରହରି ସେଠ, ସ୍ୱାଧୀନ ମହାପାତ୍ର, କୈଳାସ ଗଡତିଆ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶିବିରରେ ୭୩ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୭।୯-
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ତଥା ସେବା ସପ୍ତାହ ପାଳନ ଅବସରରେ ବରଗଡ଼ ଭାଜପା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୭୩ଜଣ ରକ୍ତଦାନ କରିଥିଲେ। ଭାଜପା ନେତା ସୁବ୍ରତ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଦଳର ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ, ପ୍ରୀତମ ସିଂ, ଡା.ଅରୂପାନନ୍ଦ ସାହୁ, ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ବରଗଡ଼ ପଞ୍ଚାୟତ କଲେଜ

# ଅଧ୍ୟାପକ ଅଭାବରୁ ଶିକ୍ଷାଦାନ ଠପ୍

ବରଗଡ଼ ଅଫିସ୍,୧୭।୯

ବରଗଡ଼ର ଐତିହ୍ୟ ସମ୍ପନ୍ନ ପଞ୍ଚାୟତ କଲେଜରେ ଅଧ୍ୟାପକ, ଅନ୍ୟ କର୍ମଚାରୀ ପଦବୀ ଖାଲି ପଡ଼ିବା ଘଟଣା ସାଧାରଣରେ ପରିଣତ ହୋଇଛି । ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ହେଲେ ଉଭୟ ପ୍ରଶାସନିକ, ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଯାହାକି ସୋମବାର କଲେଜରେ ହୋଇଥିବା ଛାତ୍ର ଆନ୍ଦୋଳନରୁ ପ୍ରତିଫଳିତ ହୋଇଥିଲା। ତେବେ କଲେଜ ଅଧ୍ୟକ୍ଷା କେ.ପି. କାପାନୀ ଖାଲି ପଡ଼ିଥିବା ପଦବୀ ପୂରଣ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇଥିବା କହିଥିଲେ । ମାତ୍ର କଲେଜରେ ଖାଲି ପଡ଼ିଥିବା ପଦବୀ ପୂରଣ କେବଳ ସେତିକିରେ ହିଁ ସୀମିତ ରହିଛି । ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଧ୍ୟକ୍ଷା ବାରମ୍ବାର ଚିଠି ଲେଖିଥିବା କହୁଥିବାବେଳେ ପ୍ରତିବର୍ଷ କଲେଜର ଛାତ୍ରୀଛାତ୍ରମାନେ ଖାଲି ପଦବୀ ପୂରଣ ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗୋଟିଏ ପରେ ଗୋଟିଏ ସ୍ମାରକପତ୍ର ପ୍ରଦାନ କରୁଛନ୍ତି । ମାତ୍ର କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଦିନକୁ ଦିନ ଛାତ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି ।



ବରଗଡ଼ ପଞ୍ଚାୟତ କଲେଜ ।

ପଞ୍ଚାୟତ ଡ଼ିଗ୍ରୀ କଲେଜରେ ମଞ୍ଜୁରୀପ୍ରାପ୍ତ ପଦବୀରୁ ଅର୍ଦ୍ଧାଧିକ ଖାଲି ପଡ଼ିଛି । କଲେଜରେ ୬୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି । ସେଥିରୁ ୩୭ଟି ପଦବୀ ଖାଲି ପଡ଼ିଛି । ଅନ୍ୟ ବିଭାଗ କଥା ଦୂରେ ଥାଉ, କଲେଜରେ ପ୍ରିନ୍ସିପାଲ-ଗ୍ରେଡ୍-୧ ପଦବୀର ମଧ୍ୟ ଏଯାଏ ପୂରଣ ହୋଇପାରି ନାହିଁ। ସେହିପରି ୫ଜଣ ଇଂଲିଶ ଅଧ୍ୟାପକ ରହିବା ସ୍ଥଳେ ୪ଜଣ ଅଛନ୍ତି ଏବଂ ଗୋଟିଏ ପଦବୀ ଖାଲି ପଡ଼ିଛି। ଅନୁରୂପଭାବେ ଓଡ଼ିଆ ବିଭାଗରେ ୫ ଅଧ୍ୟାପକ ପଦବୀରୁ ୩ଟି, ସଂସ୍କୃତରେ ୨ଟିରୁ ଗୋଟିଏ, ଅର୍ଥନୀତିରେ ୪ଟିରୁ ୩ଟି, ଇତିହାସରେ ୩ଟିରୁ ୨ଟି, ରାଜନୀତି ବିଜ୍ଞାନରେ ୪ଟିରୁ ୨ଟି, ମନୋବିଜ୍ଞାନରେ ୩ଟିରୁ ୨ଟି, ଶିକ୍ଷା(ଏଡୁକେଶନ)ରେ ସମୁଦାୟ ୩ଟି, ପଦାର୍ଥ ବିଜ୍ଞାନରେ ୫ଟିରୁ ୨ଟି, ରସାୟନ ବିଜ୍ଞାନରେ ୫ଟିରୁ ୪ଟି ଅଧ୍ୟାପକ ପଦବୀ ଖାଲପଡ଼ିଛି । ଉଦ୍ଭିଦ ବିଜ୍ଞାନରେ ୪ଟି ଅଧ୍ୟାପକ ପଦବୀରୁ ୩ଟି, ଗଣିତରେ ୫ଟି ପଦବୀରୁ ୨ଟି ଏବଂ ବାଣିଜ୍ୟରେ ୫ଟିରୁ ୪ଟି ପଦବୀ ଖାଲି ପଡ଼ିଛି।

ସେହିପରି ପଞ୍ଚାୟତ ହାଇୟର ସେକେଣ୍ଡାରୀ(ଏଚ୍‌ଏସ୍) କଲେଜରେ ମଧ୍ୟ ଶିକ୍ଷାଦାନ ପାଇଁ ଅଧ୍ୟାପକ ଅଭାବ ରହିଛନ୍ତି । ଏଠାରେ ୨୬ଜଣ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ରହିବା କଥା । ମାତ୍ର ତନ୍ମଧ୍ୟରୁ ୯ଟି ପଦବୀ ଖାଲି ପଡ଼ିଛି । ସେଥିମଧ୍ୟରୁ ପ୍ରିନ୍ସିପାଲ(ଇନ୍‌ଚାର୍ଜ) ଖାଲିପଡ଼ି ଥିବାବେଳେ ଅର୍ଥନୀତି, ମନୋବିଜ୍ଞାନ, ଏଡୁକେଶନ, ପଦାର୍ଥ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ଗୋଟିଏ ଲେଖାଏଁ ଅଧ୍ୟାପକ ପଦବୀ ଖାଲି ରହିଛି । ଅନ୍ୟପକ୍ଷେ ବାଣିଜ୍ୟ ବିଭାଗରେ ୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ତାହ ସମ୍ପୂର୍ଣ୍ଣ ଖାଲି ପଡ଼ିଛି । ସେହିପରି ବିଭିନ୍ନ ବିଭାଗର ଡେମୋନଷ୍ଟ୍ରେଟର, ଷ୍ଟୋର କିପର, କିରାଣି, ଆଟେଣ୍ଡାଣ୍ଟ ଆଦି ପଦବୀ ଖାଲି ରହିଛି । ଏଭଳି ପଦବୀ ଖାଲି ପଡ଼ିଥିବା ଯୋଗୁ କଲେଜରେ ପାଠପଢ଼ା କେତେ ବାଧାପ୍ରାପ୍ତ ହେଉଥିବ, ତାହା ସହଜରେ ଅନୁମେୟ ଏବଂ ଏଥିପ୍ରତି ସଭିଁଏ ଆଖିବୁଜି ଦେବା ମଧ୍ୟ ଛାତ୍ରୀଛାତ୍ର ତଥା ଅଞ୍ଚଳବାସୀଙ୍କ ପାଇଁ ବିଡ଼ମ୍ବନାର ବିଷୟ ହୋଇଛି।

## ପୁନଃ ମୂଲ୍ୟାୟନ ପରେ ଏୱାନ ଗ୍ରେଡ୍ ପାଇଲେ ଛାତ୍ରୀ

ସୋହେଲା,୧୭।୯(ଡି.ଏନ୍.ଏ.):



ଛାତ୍ରୀ ପୂର୍ଣ୍ୟତୋୟା ସାହୁ।

ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(୨୦୧୯) ଫେବୃୟାରୀ ୨୨ ତାରିଖରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ବରଗଡ଼ ଜିଲା ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ଜଣ ପରୀକ୍ଷାର୍ଥୀ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସୋହେଲା ଥାନା ହିରାପାଲି ଗ୍ରାମର ଛାତ୍ରୀ ପୂର୍ଣ୍ୟତୋୟା ସାହୁଙ୍କ ରୋଲ ନମ୍ବର ୦୩୧ଇସି୦୧୫୮ ଥିଲା । ମେ ମାସ ୨୧ରେ ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିଲା । ଛାତ୍ରୀ ପୂର୍ଣ୍ୟତୋୟା ଉକ୍ତ ଫଳାଫଳରେ ୫୨୩ ମାର୍କ ରଖି ଏଟୁ ଗ୍ରେଡ ପାଇଥିଲେ। ମାଟ୍ରିକ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ସବ୍‌ଜେକଟିଭ ଓ ଅବ୍‌ଜେକଟିଭ ପରୀକ୍ଷା ହୋଇଥାଏ । ପୂର୍ଣ୍ୟତୋୟା ଅବଜେକଟିଭରେ ୫୦ ମାର୍କରୁ ୫୦ ମାର୍କ ପାଇଥିବାବେଳେ ସବ୍‌ଜେକଟିଭରେ ୫୦ ମାର୍କରୁ ୩୦ ମାର୍କ ପାଇଥିଲେ। ଫଳରେ ପରୀକ୍ଷାର୍ଥିନୀ ଅସନ୍ତୋଷ ପ୍ରକାଶ କରି ମୂଲ୍ୟାୟନରେ ତ୍ରୁଟି ହୋଇଥିବା ସନ୍ଦେହ କରିଥିଲେ। ଏନେଇ ବାପା ଅରୁଣ କୁମାର ସାହୁ ସଂସ୍କୃତ ବିଷୟରେ ଅନୁଷ୍ଠିତ ମୂଲ୍ୟାଙ୍କନରେ ପୁନଃ ମୂଲ୍ୟାୟନ ପାଇଁ ମେ ୨୪ତାରିଖରେ ଆବେଦନ କରିଥିଲେ। ଏହାର ଫଳାଫଳ ୧୬ ତାରିଖରେ ପ୍ରକାଶିତ ହୋଇଥିଲା । ଏଥିରେ ସବ୍‌ଜେକଟିଭରେ ଛାତ୍ରୀଙ୍କ ପୂର୍ବ ମାର୍କ ୩୦ସ୍ଥଳେ ଆହୁରି ୧୯ ମାର୍କ ବୃଦ୍ଧି ପାଇ ମୋଟ ୪୯ ମାର୍କ ହୋଇଥିଲା। ପୁନଃ ମୂଲ୍ୟାୟନ ପରେ ପୂର୍ଣ୍ୟତୋୟା ସଂସ୍କୃତରେ ସବ୍‌ଜେକଟିଭ ଓ ଅବଜେକଟିଭକୁ ମିଶାଇ ୧୦୦ ମାର୍କରୁ ୯୯ ମାର୍କ ପାଇଛନ୍ତି । ଛାତ୍ରୀଙ୍କ ସର୍ବମୋଟ ପୂର୍ବ ମାର୍କ ୫୨୩ରୁ ୫୪୨କୁ ବୃଦ୍ଧି ପାଇବାରୁ ଛାତ୍ରୀ ଏଟୁ ଗ୍ରେଡରୁ ଏୱାନ ଗ୍ରେଡକୁ ଉନ୍ନୀତ ହୋଇଛନ୍ତି। ବରଗଡ଼ ଜିଲାରେ ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସର୍ବାଧିକ ୪ଜଣ ଛାତ୍ରଛାତ୍ରୀ ଏୱାନ ଗ୍ରେଡ ପାଇଥିଲେ। ବର୍ତ୍ତମାନ ଛାତ୍ରୀ ପୂର୍ଣ୍ୟତୋୟା ସାହୁ ଏୱାନ ଗ୍ରେଡ ପାଇଥିବାରୁ ତାହା ୫କୁ ବୃଦ୍ଧି ପାଇଛି। ଫଳରେ ସ୍କୁଲର ଗୁରୁମା, ଗୁରୁଜୀ ତଥା ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବୋର୍ଡର ଖାମଖିଆଲ ମୂଲ୍ୟାୟନକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଛାତ୍ରୀ ପୂର୍ଣ୍ୟତୋୟା ଅତାବିରା କଲେଜରେ ଯୁକ୍ତ ୨ ବିଜ୍ଞାନରେ ପଢୁଛନ୍ତି।

## ଗାନ୍ଧୀ ଜୟନ୍ତୀ ପ୍ରସ୍ତୁତି ବୈଠକ

■ ସାମୂହିକ ରାମଧୂନ ଗାନ କରିବେ ଛାତ୍ରୀଛାତ୍ର
■ ଗାନ୍ଧୀ ଆଧାରିତ ନାଟକ ଉତ୍ସବ ହେବ

ବରଗଡ଼ ଅଫିସ୍,୧୭।୯

ବରଗଡ଼ରେ ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଗାନ୍ଧୀ ଜୟନ୍ତୀରେ ୩ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମୂହିକ ରାମଧୂନ ଗାନ ଏବଂ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ଗାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଗାନ୍ଧୀ ଜୟନ୍ତୀରେ ସକାଳ ୯ଟାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ସେହିପରି ଜିଲାର ଅନ୍ୟ ସମସ୍ତ ସ୍କୁଲର ଛାତ୍ରୀଛାତ୍ର ପୂର୍ବାହ୍ନ ୮ଟାରେ ରାମଧୂନ ଗାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ସେହିପରି ସର୍ବଧର୍ମ ପ୍ରାର୍ଥନା ସଭା, ସାମୁହିକ ସଫେଇ କାର୍ଯ୍ୟକ୍ରମ, ପଦଯାତ୍ରା, ଗଣଦୌଡ଼, ଗାନ୍ଧୀ ବିଷୟ ଆଧାରିତ ନାଟକ ଉତ୍ସବ, ରଚନା, ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ ପ୍ରତିଯୋଗିତା ସ୍କୁଲ, କଲେଜସ୍ତରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଗାନ୍ଧୀ ପାଠାଗାର ପକ୍ଷରୁ ସୋଲାର ଲ୍ୟାମ୍ପ ନିର୍ମାଣ, ଆଲୋଚନାଚକ୍ର, ପ୍ରଭାତଫେରୀ ଆଦି କାର୍ଯ୍ୟକ୍ରମ ରହିଛି ବୋଲି ପାଠାଗାର ସଭାପତି ଅରୁଣ ମହାନ୍ତି ସୂଚନା ଦେଇଥିଲେ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସଭା ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

### ୨ ନିଶାସକ୍ତ ଡ୍ରାଇଭର ଗିରଫ

ବରଗଡ଼ ଅଫିସ୍,୧୭।୯

ନୂତନ ଟ୍ରାଫିକ୍ ଆଇନ ଲାଗୁ ପରେ ବରଗଡ଼ ଟାଉନ ଥାନା ପୋଲିସ ନିଶାସକ୍ତ ଗାଡ଼ି ଚାଳକ(ଡ୍ରାଇଭର)ଙ୍କ ଉପରେ ନଜର ରଖିଛି । ସହର ଉପକଣ୍ଠ ବରାହଗୋଡ଼ା ଟୋଲଗେଟ୍‌ରେ ଯାଞ୍ଚ କରି ନିଶା ସେବନ କରିଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରୁଛି । ସୋମବାର ବିଳମ୍ବିତ ରାତ୍ରିରେ ପୋଲିସ ୨ ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ଼ ୱାର୍ଡ଼ ନଂ-୧୧ ନିବାସୀ ମିଥୁନ ନାଗ ଏବଂ ଅତାବିରା ଥାନା ଚକୁଲିର ପ୍ରଶାନ୍ତ କୁମାର ସେଠ। ମଙ୍ଗଳବାର ଗିରଫ ୨ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ସୂଚନା ଦେଇଛନ୍ତି ।

## ମନମୁଣ୍ଡା ଡାକବଙ୍ଗଳାରେ ବିଶ୍ୱକର୍ମା ପୂଜା

ମନମୁଣ୍ଡା,୧୭।୯(ଡି.ଏନ.ଏ.):

ମନମୁଣ୍ଡା ଡାକବଙ୍ଗଳାରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ବଳଦେବ ରଥ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ସ୍ଥାନୀୟ ପିଡବ୍ଲୁଡି ସହକାରୀ ଯନ୍ତ୍ରୀ ଗୋବିନ୍ଦ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଠିକାଦାର ବିପ୍ରଚନ୍ଦ୍ର ବେହେରା, ସୁଧୀର ମହାକୁଡ଼, ଶିବନାରାୟଣ ଚୌଲିଆ, ସୁରେନ୍ଦ୍ର ମେହେର, ଅଶୋକ ମେହେର, ଲଳିତ ମେହେର, ରାଜୁ ମେହେର, ଶିବଶଙ୍କର କର୍ଣ୍ଣ, ପଦ୍ମଲୋଚନ ସାହୁ, କିରଣ ମହାନ୍ତି, ଅମିୟ ଦେହେରୀ ପ୍ରମୁଖ ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ପୁଷ୍ପାଞ୍ଜଳି ପରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏଠାରେ ପ୍ରତ୍ୟେକ ବର୍ଷ ବିଶ୍ୱକର୍ମାପୂଜା ଆଡମ୍ବର ସହକାରେ କରାଯାଉଥିବା ବେଳେ ଚଳିତ ବର୍ଷ ତେଲନଦୀରରେ ବନ୍ୟା ପାଣି ଆସି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବାସହ ଧାନ ଫସଲ ନଷ୍ଟ ହୋଇ ଜମିଗୁଡିକ ବାଲିଚର ହୋଇଯାଇଛି। ଏନେଇ ଚାଷୀମାନେ ନିରାଶ ହୋଇପଡିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡାକବଙ୍ଗଳାରେ ନିରାଡମ୍ବର ଭାବେ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ସେହିପରି ମନମୁଣ୍ଡା ବିଦ୍ୟୁତ୍ ବିଭାଗ, ଉଠାଜଳସେଚନ ବିଭାଗ ସମେତ ସମସ୍ତ ଯାନବାହନ ଚାଳକ ସଂଘ, ବ୍ୟବସାୟ ପ୍ରତିଷ୍ଠାନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା।



ମନମୁଣ୍ଡା ଡାକବଙ୍ଗଳାରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ଅବସରେ ଉପସ୍ଥିତ ନେତୃବୃନ୍ଦ।

## ବିଜେପୁରରେ ଦେବଶିଳ୍ପୀଙ୍କ ପୂଜନୋତ୍ସବ

ବିଜେପୁର,୧୭।୯(ଡି.ଏନ.ଏ.)

ବରଗଡ଼ ଜିଲା ବିଜେପୁର ସହର ଦେବଶିଳ୍ପୀଙ୍କ ପୂଜନୋତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି। କମାର, ମଣିଆ, ବାରିକ, କୁମ୍ଭକାର, ଚିତ୍ରଶିଳ୍ପୀ, ବଢ଼େଇ, ରାଜମିସ୍ତ୍ରୀ ପ୍ରମୁଖ ମଙ୍ଗଳବାର ନିଜ ବ୍ୟବହାର୍ଯ୍ୟ ଯନ୍ତ୍ରପାତିକୁ ଜଳରେ ଧୌତ କରିଥିଲେ। ପରେ ରୀତିନୀତି ସହକାରେ ପୂଜାର୍ଚ୍ଚନା କରି ଚଳିତ ବର୍ଷ ମଙ୍ଗଳମୟ ହେଉ ବୋଲି ଦେବଶିଳ୍ପୀଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପରିସରରେ ଗାଡ଼ି ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାରେ ସଂଘର କର୍ମକର୍ତ୍ତା ଦାମୋଦର କଟାକୁ ଯାଇଥିଲେ। ପୁରୋହିତଙ୍କ ପୂଜାର୍ଚ୍ଚନା ପରେ ଅଭିମନ୍ତ୍ରିତ ଜଳପୂର୍ଣ୍ଣ କଳସକୁ ଯଜ୍ଞକର୍ତ୍ତା ଧରି ପୂଜାମଣ୍ଡପରେ ପହଞ୍ଚି ଥିଲେ । ପରେ ଅଧିବାସ ସହ ଯଥାରୀତି ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୌରହରି ସେଠ କର୍ତ୍ତା, ପ୍ରସନ୍ନ ମିଶ୍ର ପୁରୋହିତ ଭାବେ ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। ରାତିରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟୁତ୍ ସବ୍‌ଷ୍ଟେଶନସ୍ଥିତ ପୂଜାମଣ୍ଡରେ ଚିତ୍ତରଞ୍ଜନ ସାହୁ କର୍ତ୍ତା, କିଶୋର ଚନ୍ଦ୍ର ପୂଜାରୀ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବସନ୍ତ କୁମାର ଖଣ୍ଡା, ଇଂ. ବିଜୟ ତିୱାରୀଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରିଥିଲେ । ସେହିପରି ଗାଡ଼ି ଚାଳକ ସଂଘ, ରାଜମିସ୍ତ୍ରୀ ସଂଘ, ଗ୍ରାମ୍ୟଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ଏନ୍‌ଏସି କାର୍ଯ୍ୟାଳୟ, ମୋଟର ସାଇକେଲ ଗ୍ୟାରେଜ, ସାଇକେଲ ଦୋକାନରେ ବିଶ୍ୱକର୍ମାଙ୍କ ପୂଜନୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି।



ବିଜେପୁର ବସଷ୍ଟାଣ୍ଡରେ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମା।

### ସ୍କୁଲବସ୍ ଡ୍ରାଇଭରଙ୍କ ତାଲିମ ଶିବିର

ବରଗଡ଼ ଅଫିସ୍,୧୭।୯

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ନିକଟ ସଂସ୍କାର ଆନ୍ତର୍ଜାତୀକ ସ୍କୁଲରେ ସଡ଼କ ପରିବହନ ସଂକ୍ରାନ୍ତରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶିବିରରେ ସ୍କୁଲବସ୍ ଡ୍ରାଇଭରମାନଙ୍କୁ ଗାଡ଼ି ଚାଳନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସ୍କୁଲ ଚେୟାରମ୍ୟାନ ସୁମନ ସାୱାଡ଼ିଆ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ । ଶିବିରରେ ବିକାଶ, ସଂସ୍କାର, ଇମ୍ପେରିଆଲ, ଏ.ଇ. ମିଶନ ଆଦି ୬୯ଟି ଶିକ୍ଷାନୁଷ୍ଠାନର ଡ୍ରାଇଭର ଯୋଗ ଦେଇଥିଲେ । ସଡ଼କ ସୁରକ୍ଷା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସଡ଼କ ସୁରକ୍ଷା ନିୟମ ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ମମତା ସିହ୍ନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବିଦ୍ୟାଳୟ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ପକ୍ଷରୁ ଖୁଣ୍ଟିଗୋରା ପିଏଚ୍‌ସି ସଫେଇ

ଘଣ୍ଟାପଡ଼ା,୧୭।୯ (ଡି.ଏନ.ଏ.):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଘଣ୍ଟାପଡ଼ା ମଣ୍ଡଳ ଭାଜପା ପକ୍ଷରୁ କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସଭାପତି ଶଙ୍କର୍ଷଣ ସାହୁ କାର୍ଯ୍ୟକ୍ରମର ନେତୃତ୍ୱରେ ନେଇଥିଲେ। ଏଥିରେ ପୀତାମ୍ବର ଭୋଇ, ରମେଶ କମ୍ପ, ପ୍ରଦୀପ ସାହୁଙ୍କ ସହ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଆନନ୍ଦ ଭୁଏ, ଫାର୍ମାସିଷ୍ଟ ଲକ୍ଷ୍ମଣ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବରଗଡ଼ ବିଏସ୍‌ଏନ୍‌ଏଲ୍ ଅଫିସରେ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମା।



ବରଗଡ଼ ଗାନ୍ଧୀଛକରେ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ପ୍ରତିମା।



ବରଗଡ଼ ଜିଲାପାଳ ଅଫିସ ରାସ୍ତାପାର୍ଶ୍ୱରେ ନିର୍ମିତ ବିଶ୍ୱକର୍ମାଙ୍କ ପ୍ରତିମା।



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଆଇନଜୀବୀଙ୍କ ଘରୁ ନାଗ ସାପ ଉଦ୍ଧାର

**ବୌଦ୍ଧ,୧୭।୯(ସ୍ୱ.ପ୍ର.):** ବୌଦ୍ଧ ସହରର କୋର୍ଟ ଛକ ନିକଟରେ ରହୁଥିବା ଆଇନଜୀବୀ ଅଶୋକ କୁମାର ସାହୁଙ୍କ ଘରୁ ମଙ୍ଗଳବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ଆଇଜୀବୀ ଅଶୋକଙ୍କ ଘର ସିଡି ତଳେ ଏକ ନାଗ ସାପ ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ବୌଦ୍ଧ ସ୍ନେକ ହେଲ୍ପ ଲାଇନର ଅରୁଣ ମେଣ୍ଡିଲିଙ୍କୁ ଖବର ଦିଆଯାଇଥିଲା। ଅରୁଣ ଘଟଣାସ୍ଥଳରେ ପହଞ୍ଚି ସାପକୁ ଧରିଥିଲେ । ପରେ ସାପକୁ କିଆକଟା ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି।

### ବୌଦ୍ଧରେ ବିଶ୍ୱକର୍ମା ପୂଜା

**ବୌଦ୍ଧ,୧୭।୯(ସ୍ୱ.ପ୍ର.):** ବିଶ୍ୱକର୍ମା ପୂଜା ପାଇଁ ବୌଦ୍ଧ ସହର ଉତ୍ସବ ମୁଖର ହୋଇପଡିଛି । ବୌଦ୍ଧ ବେସରକାରୀ ବସ୍ ସଂଘ, ଟ୍ୟାକ୍ସି ସଂଘ, ଅଟୋ ସଂଘ, ଟ୍ରକ ସଂଘ, ବିଦ୍ୟୁତ୍ ବିଭାଗ, ପାନୀୟଜଳ ଯୋଗାଣ ବିଭାଗ, ଶିଳ୍ପ ତାଲିମ ଅନୁଷ୍ଠାନଗୁଡିକରେ ଧୁମ୍‌ଧାମରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ଜିଲାର ସମସ୍ତ ବ୍ଲକରେ ଥିବା କାରିଗରି ଅନୁଷ୍ଠାନଗୁଡିକରେ ବିଶ୍ୱକର୍ମାଙ୍କୁ ଆବହନ କରାଯାଇଛି। ସନ୍ଧ୍ୟାରେ ପାଗ ଅନୁକୂଳ ଥିବାରୁ ପୂଜା ମଣ୍ଡପ ରେ ଗହଳି ଲାଗି ରହିଥିଲା।

# ପରମ୍ପରା ଅନୁଯାୟୀ ପାଳନ ହେବ ବଳି ଯାତ୍ରା

**ସୋନପୁର,୧୭।୯(ନି.ପ୍ର.)**

ସୁବର୍ଣ୍ଣପୁରରର ପ୍ରସିଦ୍ଧ ବଳି ଯାତ୍ରା ପରମ୍ପରା ଅନୁଯାୟୀ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ମଙ୍ଗଳବାର ସର୍କିଟ୍ ହାଉସଠାରେ ବଳି ଯାତ୍ରା ଉପଦେଷ୍ଟା କମିଟି ଓ ସେବାୟତଙ୍କ ମିଳିତ ବୈଠକରେ ବରୁଆ ସମସ୍ୟାର ସମାଧାନ ହୋଇଛି। ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଦେବୋତ୍ତର ବିଭାଗର ନୋଟିସ୍ ପରେ ବିନିକା ବ୍ଲକ ସକ୍ମା ଗ୍ରାମର ପାରମ୍ପରିକ ସେବାୟତମାନେ ଏହି ବୈଠକରେ ପୂର୍ବ ବର୍ଷମାନଙ୍କ ଭଳି ଅନୁପସ୍ଥିତ ଥିଲେ। ଦେବୀଙ୍କ ସେବା କାର୍ଯ୍ୟ ପାଇଁ ରାଜା ଏହି ସେବାୟତଙ୍କୁ ୪୯୭ ଏକର ଚାଷଜମି ଯୋଗାଇ ଦେଇଛନ୍ତି। ତେଣୁ ଯାତ୍ରା ସରିବା ପରେ ଅସହଯୋଗ କରୁଥିବା ସେବାୟତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଭଡାରେ ବରୁଆ ଆଣି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ବୈଠକରେ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ଅନ୍ୟ ବରୁଆ, ଡାଙ୍ଗୁଆ ଓ ସେବାୟତମାନେ ବୈଠକରେ ଉପସ୍ଥିତ ଥିଲେ। ଆସନ୍ତା ଅମାବାସ୍ୟାଠାରୁ ପ୍ରତିପଦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ କମିଟିର ଉପଦେଷ୍ଟା ତଥା ଜିଲା ଦୌରାଜଜ ରାଜକୁମାର ସାହୁଙ୍କ ଉପସ୍ଥିତିରେ ବିଶଦ ଆଲୋଚନା ହୋଇଥିଲା। ଡାଙ୍ଗୁଆ ଓ ସେବାୟତମାନେ ଯାତ୍ରାରେ ସହଯୋଗ କରିବେ ବୋଲି ସମ୍ମତି ପ୍ରକାଶ କରିଥିଲେ। ଫଳରେ ଗତ ୩୦ ତାରିଖ ପ୍ରସ୍ତୁତି ବୈଠକରେ ଯାତ୍ରା ହେବା ନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। କାରଣ ଖଡଗ ବଳି ଫିଟାଉ ଥିବା ସ୍ୱାଧୀନ ଡାଙ୍ଗୁଆ ଅଧିକ ପାରିଶ୍ରମିକ ଦାବି କରିଥିଲେ। ପ୍ରକାଶ ଯେ, ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପୀଠ ସୁବର୍ଣ୍ଣପୁରର ମହାନ ଆଧାତ୍ମିକ ପରମ୍ପରାର ପରିଚାୟକ ହେଉଛି ପ୍ରସିଦ୍ଧ ମହାବଳୀ ଯାତ୍ରା । ଆଶ୍ୱିନ କୃଷ୍ଣ ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ବିଭିନ୍ନ ଶକ୍ତି ପୀଠରେ ଏହି ଯାତ୍ରା ପାଳନ କରାଯାଏ। ରାଜା ରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥାଏ। ଉପଦେଷ୍ଟା ତଥା ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ସୀମା ତ୍ରିପାଠୀ, ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ପ୍ରମୋଦ କୁମାର ମହାପାତ୍ର, ବୈକୁଣ୍ଠ ଶତପଥୀ, ସତ୍ୟନାରାୟଣ ତ୍ରିପାଠୀ, ଲଡୁକିଶୋର ମଲ୍ଲିକ, ଶ୍ୟାମା ଓଁ ପ୍ରସାଦ ମିଶ୍ର, କାଳୀ ଚରଣ ମିଶ୍ର, ଅଟଳ ବିହାରୀ ମହାପାତ୍ର, ରବିନାରାୟଣ ମହାପାତ୍ର, ବ୍ରଜକିଶୋର ନାୟକଙ୍କ ସମେତ ସୋନପୁର ତହସିଲଦାର ଅରବିନ୍ଦ ବେହେରା, ଡିଏସପି ଡିଆଇବି ମନୋରଞ୍ଜନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଆଇଆଇସି ଲୋକେଶ କୁମାର ସାହୁ, ପର୍ଶୁରାମ ମିଶ୍ର, ସେବାୟତ ଦୀପକ ପୁରୋହିତ, ମାଗୁଣି ଯୁଗନିଆ, ରଘୁ ମଲ୍ଲିକ, ରମେଶ ଦେହେରୀ, ପଞ୍ଚାନନ ଦେହେରୀ, ଷଷ୍ଠି କୁମାର ବଡମାଲି, ନିମାଇଁ ଛତ୍ରିଆ, ଶଙ୍ଖପାଣି ଛତ୍ରିଆ, ସୁବାଶିଷ ଥନାପତି, ମୋହନ ପ୍ରସାଦ ଜାଲ, ନରେନ୍ଦ୍ର ସାହୁ ଓ ରଘୁ ମଲ୍ଲିକ,ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ବୋର୍ଡ କମିଟି ସଭ୍ୟ, ଦେବୋତ୍ତର ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ବୃନ୍ଦ ।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ଫଳବଣ୍ଟନ, ରକ୍ତଦାନ ଶିବିର

**ବୌଦ୍ଧ.୧୭।୯(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୧୫ଜଣ ରୋଗୀଙ୍କ ଫଳ ବଣ୍ଟନ କରାଯାଇଥିଲା। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ, ମାଗୁଣି ଗାଇଗୌରୀଆ, ମନରନ ଦାଶ, ନମିତାରାଣୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେବା ସପ୍ତାହ ସଂଯୋଜକ ବନମାଳି ରଣାଙ୍କ ଅଧ୍ୟକ୍ଷତାରେ ରକ୍ତଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ନେତା ଯୁଗଳ ସାହୁ, ସରୋଜ କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ନାରାୟଣ କର୍ମୀ, ତୁଷାରକାନ୍ତ ସାହୁ, ଆଶୁତୋଷ ପ୍ରଧାନ ପ୍ରମୁଖ ରକ୍ତଦାନ କରିଥିଲେ।



ରାମଲୀଳାରେ ରାବଣ ଭୂମିକାରେ ଅଭିନୟ ପାଇଁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ପୂଜା କମିଟି କର୍ମକର୍ତ୍ତାମାନେ ବରଣ କରୁଛନ୍ତି।

### ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା

## ଗୋପାଳ ପଣ୍ଡାଙ୍କୁ ରାବଣ ବରଣ

**ବିନିକା,୧୭।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡରେ ଚଳିତବର୍ଷ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ରାମଲୀଳା ପୂର୍ବବର୍ଷ ପରି ଆୟୋଜିତ ହେବ। ଏଥିପାଇଁ ମଙ୍ଗଳବାର ରାବଣ ବରଣ କାର୍ଯ୍ୟ ସମ୍ପାଦିତ ହୋଇଛି। ପୂଜା କମିଟି ପକ୍ଷରୁ ଅନ୍ତର୍ଡାର ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ପୁଣିଥରେ ରାବଣ ଭୂମିକାରେ ଅଭିନୟ କରିବା ପାଇଁ ବରଣ କରାଯାଇଛି । ଅପରାହ୍ନରେ କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ଉପସଭାପତି ସୁଧାଂଶୁ ଶେଖର ଦାଶ, ଈଶ୍ୱର ମହାରଣା, ଦିଲୀପ ଅଗ୍ରୱାଲ, ସମ୍ପାଦକ ଗନ୍ଧର୍ବ ମାହାର ଏବଂ କମିଟିର ସଦସ୍ୟମାନେ ଏକ ବାଇକ୍ ଶୋଭାଯାତ୍ରାରେ ଅନ୍ତର୍ଡା ଗ୍ରାମକୁ ଯାଇ ତାଙ୍କୁ ବରଣ କରିଥିଲେ।

## ଏସ୍‌ଏଚ୍‌ଜିର ଆଞ୍ଚଳିକସ୍ତରୀୟ ପ୍ରଶିକ୍ଷଣ ଶିବିର

**ସୋନପୁର,୧୭।୯(ନି.ପ୍ର.)**

ଓଡିଶା ଜୀବିକା ମିଶନ ସୁବର୍ଣ୍ଣପୁର ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ଆଞ୍ଚଳିକସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଡିଆରଡିଏ ସଭାଗୃହରେ ଆୟୋଜିତ ଏହି ଶିବିରକୁ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ମହିଳା ଏସ୍‌ଏଚ୍‌ଜିର ସଭ୍ୟାଙ୍କ ପାଇଁ ଏହି ତାଲିମ ବହୁ ଗୁରୁତ୍ୱପୂର୍ଣ୍ଣ । ଅନଲାଇନ ମାଧ୍ୟମରେ ପରିଚାଳନା ସମ୍ପର୍କରେ ମହିଳାମାନେ ଭଲ ବାବେ ବୁଝିବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାର ମୋଟ ୪୭ଜଣ ପ୍ରଶିକ୍ଷାର୍ଥୀ ଏଠାରେ ତାଲିମ ନେଉଥିବା ସୂଚନା ଦେଇଥିଲେ। ଦୁଇଦିନିଆ ଶିବିରରେ ଏସଏଚଜିର ନିୟମିତ କାର୍ଯ୍ୟକ୍ରମର ଅନଲାଇନ ମାଧ୍ୟମରେ ପରିଚାଳନା ସମ୍ପର୍କରେ ତାଲିମ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ଓଡିଶା ଜୀବିକା ମିଶନ ତରଫରୁ ନିରାକର ପୃଷ୍ଟି ଓ ମିସ୍ ନେହା ସମ୍ବଳ ବ୍ୟକ୍ତି ହିସାବରେ ଯୋଗଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଓଡିଶା ଜୀବିକା ମିଶନ ସୁବର୍ଣ୍ଣପୁରର ପ୍ରକଳ୍ପ ପରିଚାଳକ ଯୁବରାଜ ସାହୁ, ଡିଆରଡିଏର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା(ତାଲିମ) ଶୈବାଳିନୀ ପଟ୍ଟନାୟକ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଅବଗତ କରାଇଥିଲେ। ଶଶୀକାନ୍ତ ସେଠୀ ଓ ଦିବାଲ କିସ୍କୁ ସହଯୋଗ କରିଥିଲେ ।




ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ବିନିକା: ପାଳନ ହେଲା ବିଶ୍ୱକର୍ମା ପୂଜା

**ବିନିକା,୧୭।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବ୍ଲକ ଅଧୀନ ଚରଦା ପଞ୍ଚାୟତର କୌଡିଆମୁଣ୍ଡା ଡ୍ରାଇଭର ସଂଘ ଓ ଗାଡି ମାଲିକ ସଂଘ ପକ୍ଷରୁ ଆୟୋଜିତ ପୂଜାରେ କର୍ତ୍ତାଭାବେ ସୁରେନ୍ଦ୍ର ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଶିଶୁ କଳାକାରଙ୍କୁ ନେଇ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ସୁରେନ୍ଦ୍ର ପଣ୍ଡା, ସମ୍ପାଦକ ଭାଗବତ ପଣ୍ଡା, ରାଜେଶ ରଣା, ଅଶୋକ ପୃଷ୍ଟି, ଧନ ବାଘଙ୍କ ସମେତ କମିଟିର ସମସ୍ତ ସଭ୍ୟ ପୂଜନୋତ୍ସବରେ ସହଯୋଗ କରିଥିଲେ। ବୁଧବାର ପରକ୍ଷିତ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ମହାଦେବପାଲି ସେକ୍ସନ ସେଲେଡି ବିଦ୍ୟୁତ୍ ଗ୍ରୀଡ୍ ପକ୍ଷରୁ ହେଉଥିବା ବିଶ୍ୱକର୍ମା ପୂଜାରେ କର୍ତ୍ତାଭାବେ ମୁକ୍ତେଶ୍ୱର ସାହୁ ଦାୟିତ୍ୱ ତୁଲାଇଥିଲେ। କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ୍ ମହାନ୍ତି, ଲାଇନ୍‌ମ୍ୟାନ୍ ଅଶୋକ କୁମାର ଭୋଇ, ନବକୁମାର ରଣା, ରାଜେଶ ଦାସ ପ୍ରମୁଖ ଗ୍ରୀଡ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସେହିଭଳି ସେଲେଡି ବିଶ୍ୱକର୍ମା ପୂଜାରେ କର୍ତ୍ତାଭାବେ ଭକ୍ତବନ୍ଧୁ ସାହୁ ଓ ମହଦା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ପୂଜାରେ କର୍ତ୍ତାଭାବରେ ରାଧେଶ୍ୟାମ ସା ଦାୟିତ୍ୱ ନିର୍ବାହ କରିଥିଲେ। ଏ ସମସ୍ତ ପୂଜନୋତ୍ସବରେ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ସେହିପରି ବିନିକା ବସ୍‌ଷ୍ଟାଣ୍ଡରେ ବସ୍ ମାଲିକ ଓ ଡ୍ରାଇଭର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଧୁମ୍‌ଧାମରେ ପାଳିତ ହୋଇଛି।



ସେଲେଡି ପୂଜା ମଣ୍ଡପରେ ବିଶ୍ୱକର୍ମା।

## ମୋଦିଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ

**ଅମରପାଲି, ୧୭।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ମୋଦିଙ୍କ ୬୯ତମ ଜୟନ୍ତୀରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, ଜିଲା ଉପସଭାପତି ସତ୍ୟବ୍ରତ ମିଶ୍ର, ନିର୍ବାଚନ ମଣ୍ଡଳୀ ସେବା ପ୍ରମୁଖ ବଳରାମ ସୁନା ପ୍ରମୁଖ ଡାକ୍ତରଖାନାକୁ ଯାଇ ଫଳ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଭାପତି ଦତ୍ତାତ୍ରେୟ ପଣ୍ଡା, ସାଧାରଣ ସମ୍ପାଦକ ଶିବନାରାୟଣ ପଣ୍ଡା, ଏକଲବ୍ୟ ବେହେରା, ବିପିନ ପଣ୍ଡା, ସୁମନ୍ତ ଜଗଦଲା ପ୍ରମୁଖ ସାମିଲ ଥିଲେ ।

## ଭୋଟର ତାଲିକା ସଂଶୋଧନ ସଚେତନତା ରଥ ଉଦ୍‌ଘାଟିତ

**ବୌଦ୍ଧ,୧୭।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ସଚେତନତା ରଥର ଉଦ୍‌ଘାଟନ କରିଥିଲେ। ଏଥିରେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ, ନିର୍ବାଚନ ନୋଡାଲ ଅଧିକାରୀ ଅବିନାଶ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ରଥ ଜିଲାର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ଭୋଟର ତାଲିକାରେ ନାମ ଯାଞ୍ଚ କରିବା, ନୂତନ ଭାବେ ନାମ ସଂଯୁକ୍ତ କରିବା, ନାମ ସଂଶୋଧନ କରିବା କିମ୍ବା ବାଦ ଦେବା ନେଇ ସଚେତନତା କରିବ। ଜିଲାବାସୀ ଅନ୍‌ଲାଇନରେ ଭୋଟର ତାଲିକାରେ ନାମ ଯାଞ୍ଚ କରିବା ସହ ସଂଶୋଧନର ଆବଶ୍ୟକ ଥିଲେ ଆବେଦନ କରିପାରିବେ। ଜିଲାରେ ୩ ହଜାରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ୨ଟି ନିର୍ବାଚନ ମଣ୍ଡଳୀରେ ଥିବା ଚିହ୍ନଟ କରାଯାଇଛି। ଏହି ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ ପରେ ସମ୍ପୃକ୍ତ ଭୋଟରଙ୍କୁ ସୂଚନା ଦିଆଯାଇ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ତାଙ୍କ ନାମକୁ ବାଦ ଦିଆଯିବ ବୋଲି ସୂଚନା ଦିଆଯାଇଛି। କୌଣସି ଭୋଟରଙ୍କ ନାମ ତାଙ୍କୁ ସୂଚନା ନ ଦେଇ ତାଲିକାରୁ ବାଦ ଦିଆଯିବ ନାହିଁ କିମ୍ବା ସଂଶୋଧନ କରାଯିବ ନାହିଁ ବୋଲି ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଭାଜପା ନେତୃବୃନ୍ଦ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ମଙ୍ଗଳବାର ଫଳ ବଣ୍ଟନ କରୁଛନ୍ତି ।

## ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ଭିଡିଓ ଭାଇରାଲ: ଜେଲଗଲେ ୨ ଯୁବକ

**ଅମରପାଲି, ୧୭।୯(ଡି.ଏନ.ଏ.)**

ବୀରମହାରାଜପୁର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଅଶ୍ଳୀଳ ଆଚରଣ କରୁଥିବା ଯୁବକମାନଙ୍କ ମଧ୍ୟରୁ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାତୁରପେଟ ଗ୍ରାମର ଦୁର୍ଗା ମାଝୀ (୨୫) ଓ ସୁବାଷ ମାଝୀ। ଗତ କିଛି ଦିନ ହେଲା ଅଞ୍ଚଳରେ ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀଙ୍କୁ କେତେକ ଯୁବକ ଅଶ୍ଳୀଳ ଆଚରଣ କରୁଥିବା ଭିଡିଓ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିଲା । ଏ ନେଇ ପୀଡିତା ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗମତେ, ଗତ ଅଗଷ୍ଟ ୨୦ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ଛାତ୍ରୀ ଜଣକ ଲାତୁରପେଟସ୍ଥିତ ଏକ କୋଚିଂ ସେଣ୍ଟରକୁ ତାଙ୍କ ପୁଅ ସାଙ୍ଗ ସହିତ ଯାଇଥିଲେ। ରାସ୍ତାରେ କେତେକ ଅପରିଚିତ ଯୁବକ ତାଙ୍କୁ ଆପତ୍ତିଜନକ ବ୍ୟବହାର କରିବା ସହିତ ଗାଳିଗୁଲଜ କରିଥିଲେ। ପରେ ଏସବୁର ଭିଡିଓ ଉତ୍ତୋଳନ କରି ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ସହିତ ଯୁବକମାନେ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗାଳିଗୁଲଜ କରି ସେମାନଙ୍କ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିଲେ। ମନିପର୍ସ ଓ ସାଇକେଲ ଛଡାଇ ନେଇଥିଲେ। ଏହି ଘଟଣା ପାଇଁ ପୀଡିତା ତାଙ୍କ ପାଠପଢ଼ାରେ ବ୍ୟାଘାତ ହେଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଦଫା ୩୫୪ (ବି), ୫୦୯, ୩୯୨ ଓ ଇନଫର୍‌ମେଶନ୍ ଟେକ୍ନୋଲୋଜି ଆକ୍ଟ ୨୦୦୦ ଅନୁଯାୟୀ ଦଫା ୬୬ (ଇ)ରେ ଏକ ମାମଲା (ନଂ. ୧୫୬/୧୯)ରୁଜୁ କରାଯାଇଛି । ଗିରଫ ଯୁବକମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ଜେଲକୁ ପଠାଯାଇଛି । ଏଏସଆଇ ସରୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ଅଧିକ ତଦନ୍ତ ଚାଲିଛି। ଯଦି ଆଉ କିଏ ଏଥିରେ ସମ୍ପୃକ୍ତ ଥିବ ତାଙ୍କୁ ଗିରଫ କରାଯିବ । ମାମଲାକୁ ଆଇଆଇସି ପ୍ରଭା ଧନ ପରିଚାଳନା କରୁଛନ୍ତି।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

**ଉଲୁଣ୍ଡା, ୧୭।୯(ଡି.ଏନ.ଏ.)**

ନାବାଳିକା ଅପହରଣ ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଡିଡିମାଲ ଗ୍ରାମରୁ ଜଣେ ଯୁବକଙ୍କୁ ଗିରଫ କରିଛି ତାମିଲନାଡୁ ପୋଲିସ। ଗିରଫ ଯୁବକ ଜଣକ ଉକ୍ତ ଗ୍ରାମର ଅନନ୍ତ ଭେସ୍ରା (୨୨)। ସୂଚନା ମୁତାବକ, ଯୁବକ ଜଣକ ଗତ ୪ ବର୍ଷ ହେବ ତାମିଲନାଡୁର କାନ୍‌ପଲାୟମ ନିକଟରେ ଥିବା ଏକ ସୂତାକଳରେ କାମ କରୁଥିଲେ। ସେହି ସୂତାକଳରେ କାମ କରୁଥିବା ତାମିଲନାଡୁ ଥେନି ଥାନା ଅନ୍ତର୍ଗତ କଟୋର ଗ୍ରାମର ଜଣେ ନାବାଳିକାଙ୍କ ସହିତ ଗତ ଏକ ବର୍ଷ ହେବ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୫ ମାସ ତଳେ ଅନନ୍ତ ନାବଳିକାଙ୍କୁ ଡିଡିମାଲକୁ ଆଣିଥିଲେ। ବର୍ତ୍ତମାନ ନାବଳିକା ଚାରି ମାସର ଗର୍ଭବତୀ । ନିଜ ଝିଅ ନିଖୋଜ ଥିବା ନେଇ ନାବାଳିକାଙ୍କ ବାପ ସ୍ଥାନୀୟ ଥେନି ଥାନାରେ ଗତ ତା୧୪।୪।୧୯ ରିଖରେ ଅଭଯୋଗ କରିଥିଲେ। ଅଭିଯୋଗ ଆଧାରରେ ତାମିଲନାଡୁ ପୋଲିସ ଉଲୁଣ୍ଡା ପୋଲିସ ସହାୟତାରେ ଅନନ୍ତଙ୍କୁ ମଙ୍ଗଳବାର ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। ଗିରଫ ପାଇଁ ତାମିଲନାଡୁର ଥେନି ଥାନା ଆଇଆଇସି ଭିକ୍ଟୋରିଆ ଲଉର୍ଡୋମାରି ପୋଲିସ ଟିମ ସହ ଆସିଥିବା ବେଳେ ଉଲୁଣ୍ଡା ଆଇଆଇସି ବିଦ୍ରୁ ଭୂଷଣ ପୁଟା ସହଯୋଗୀଙ୍କ ସହ ସହାୟତା କରିଥିଲେ।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
WEST COAST DIESELS LLP
odisha@wcdllp.com
Contact: 9438164468, 9337003316

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary 27500 to 95700. Sent your resume akashaviationacademy11@gmail.com
9811057388 / 9811135247

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to HINDUSTAN JEWELLERS, BHUBANESWAR
Good Salary.

**Stipend Agent In LIC**
• Rs.5000/- Stipend Per Month + High Commission.
• Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ ।
ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
▸ Delivery Boy
▸ Havels - Bhusan - Private Bank and finance sector.
▸ Security Guard
▸ Home Skipping
Age limit: 18 to 45 years.
Salary: 8000 to 25000
Ph. No. 7749823581, 7749823616

**Kerala Panchakarma Vaidyasala**
Bhubaneswar requires
▸ Panchakarma Therapist - 10 nos. (M/F) 8th Pass and above (Freshers can apply)
▸ Beautician - 5 Nos. (F)
▸ Ayurvedic Doctors - 2 Nos.
Experience candidates can Contact: Mob- 9937057118, 6370823466, 0674-2590053

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



# ଭଂଗା ଘରର ବାରନ୍ଡା ପାଲଟିଛେ ଆଶ୍ରେ ଥଲ

**ଲାଠୋର, ୧୭।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁର କଲୋନିପଡ଼ାର ନିସାହା ବିଧବା ବୁର୍‌ଧା ଦଶମତୀ ମାଝି(୭୦) । ଗଲା ଲଘୁଚାପ ପରଭାବରେ ହେଇଥିବାର ଲଗାତାର ବରଷାରେ ତାକର ଘର ଭାଂଗି ଯାଇଛେ । ଏନ୍‌ତାଥି ସେ ବାସହରା ହେଇ ଭଂଗା ଘରର ବାରନ୍‌ଡାରେ ଆଶ୍ରେ ନେଇଥିବାର ଦେଖିବାକେ ମିଲିଛେ ।

ସୂଚନା ଅନ୍‌ସାରେ ଦଶମତୀଙ୍କର ପରିବାର କହେଲେ ଦୁଇ ଝିଁ କିଶୋରୀ, ଯଶୋଦା ଆର ୩ ପୁଓ ବିପିନ, ଦୁର୍ଯ୍ୟୋଧନ, ଲୁଚନକୁଁ ନେଇ ତାକର ସଁସାର । ଆପ୍‌ନେ ଟିକେଚନ ଆଏଜ୍‌କେ ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍ । ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ସଁପତି ବଲି କିଛି ନାଇଁ । ପରିବାରଟା ପରହର ଘରେ କାମ୍‌ବୁତା କରବାର ସଂଗେ



ନିଜର ଭଂଗା ଘରଆଗେ ନିସାହା ବିଧବା ଦଶମତୀ ।

ଅନେକ ସମିଆରେ ଦାଦନ ଯାଇ ପେଟ୍ ପାଲୁଥିଲେ । ଇ ଗରିବ୍ ପରିବାରକେ ୧୯୮୬ ସାଲେ ୧୫ ହଜାର ଟଁକାରେ ତିଆର ହେଇଥିବାର ଗୁଟେ କଲୋନି ଘର ସରକାର ଦେଇଥିଲେ । ଦଶମତୀଙ୍କର ଦୁଇ ଝିଁ ବିହାତୁରା ହେଇ ସାରିଥିଲାବେଲେ ୩ ପୁଓ ଉନିଆ ସମାଜର ଟୁକେଲମାନକୁ ବିହା ହେଇ ବାହାର ରାଏଜ୍‌ମାନକୁ ରହୁଛନ୍ । ଏନ୍‌ତାଥି ଦୁଇ ବୁଢ଼ାବୁଢ଼ି ଘରେ ଏକଲା ରହୁଥିଲେ । ହେଲେ ଆଏଜ୍‌କେ ୧୦ ବଛର ତଲେ ଟିକେଚନ ବି ଦଶମତୀକୁଁ ଏକଲା କରି ଆରପାରକେ ଚାଲିଗଲେ । ଆପ୍‌ନେ ଚାଲିଗଲା ଉତାରୁ ଦଶମତୀ ବେସାହାରା ହେଇଯାଇଥିଲେ । ସେ ଏକ୍‌ଲା ଦୁଖ୍‌ସୁଖ କରି ପେଟ୍ ପାଲୁଥିଲେ । ସରକାରୀ ସାହାଯ୍ କହେଲେ ସେ ଫିମାସ ୫ କେ.ଜି. ଚାଉଲ ଆର ୫ଶହ ଟଁକା ବିଧବା ଭତା ପାଉଛନ୍ । ହେଲେ ଏତ୍‌କିରେ ମାସେ ଚଲବାରଟା ତାହାକୁ ଭିଡ଼ ହେଇଯାଉଛେ । ସେଥିରଲାଗି ଦଶମତୀ ଜଂଗଲକେ ଯାଇ ସରଗି ପତର, କାଠି ଆନି ବିକାଭଂଗା କରି ଚଲୁଛନ୍ । ଏନ୍‌ତା ପରିସ୍ଥିତିରେ ଲଘୁଚାପ ବରଷାରେ ତାକର ଘରଟା ଭାଂଗିଯାଇଛେ । ଏହେଦେ ଉପେ ଶୁଇନ୍ ଦଶମତୀ ବିପଦ୍ ଅବସ୍‌ତାରେ ଥିବାର ଭଂଗା ଘରର ବାରନ୍‌ଡାରେ ଜୀବନ୍‌କେ ପାଏନ୍‌ଛଡ଼େଇ ରହୁଛନ୍ । ଇଆଡ଼େ ଘରର ମରାମତି କରବାର ଲାଗି ସେ ଅକ୍ଷମ । ସେ ଘରର ଚିନ୍‌ତାରେ ହରମେଶା ଘାରି ହେଉଥିଲାବେଲେ ନିସାହା ଅବସ୍‌ତାରେ ଭଂଗା ଘରର ବାରନ୍‌ଡାରେ ଆଶ୍ରେ ନେଇଛନ୍ । ଲାଠୋର ସରପଁଚ୍ ପ୍ରବିଣ କୁମାର ଅଗ୍ରୱାଲ ବୁର୍‌ଧାଙ୍କର ଘର ବୁଲି ଦେଖିଥିଲାବେଲେ ଘରଭଂଗା ସାହାଯ୍ ହିସାବେ ତାହାକୁ ପଲିଥିନ୍ ଖଁଡ଼େ ଦେଇଛନ୍ । ହେଲେ ବାକି କିଛି ସାହାଯ୍ ନାଇଁ ମିଲିଥିବାର ଦଶମତୀ କହିଛନ୍ । ଥାନୀୟ ପରଶାସନ ଇ ନିସାହା ବୁର୍‌ଧାକୁଁ ଦୁରୁଷ୍‌ଟି ଦେଇ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ ।

## ବନ୍ୟାରେ ଧୋଇଗଲା ଆଡ଼ିବନ୍ଧ, ମରାମତି ଦାବି

**ଦେଓଗାଁ, ୧୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସୋନଗଡ ଓ ତେଲନଦୀ ପଠାରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଛି ଆଡ଼ିବନ୍ଧ । ହେଲେ ପରିତାପର ବିଷୟ ଗୋଟିଏ ବନ୍ୟାରେ ପ୍ରାୟ ସ୍ଥାନରେ ଆଡ଼ିବନ୍ଧ ଧୋଇଯାଇଛି । ଫଳରେ ବନ୍ଧ ନିକଟ ଚାଷୀ ଚିନ୍ତାରେ ପଡିଛନ୍ତି । ତୁରନ୍ତ ଏହି ଆଡ଼ିବନ୍ଧଗୁଡ଼ିକ ମରାମତି କରିବାକୁ ସେମାନେ ଦାବି କରିଛନ୍ତି । ୨୦୧୭-୧୮ରେ ନିର୍ମାଣ ହୋଇଥିବା ସୋନଗଡ ନଦୀ ପଠାର ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି କରିଛି । ଗତ ଅଗଷ୍ଟମାସ ୧୩ ତାରିଖ ବନ୍ୟାରେ ଅନେକ ସ୍ଥାନରେ ଆଡ଼ିବନ୍ଧ ଧୋଇଯାଇଛି । ସାଲେପାଲିରୁ ଜରାସିଂହା, ଚନ୍ଦ୍ରପୁରରୁ ଦେଓଗାଁ ଓ ଦେଓଗାଁରୁ ସାରସବାହାଲ ପର୍ଯ୍ୟନ୍ତ ଆଡ଼ିବନ୍ଧର ଗାର୍ଡୱାଲ ବିଭିନ୍ନ ସ୍ଥାନରେ ଭାଙ୍ଗି ନଦୀରେ ମିଶିଯାଇଛି । ସୋଲିଙ୍ଗ ହୋଇଥିବା ପଥର ମାନ ଉପୁଡି ପଡିଛି । ଏଥିସହ ରତାଖଣ୍ଡି, ଗୌରଗୋଠ,କେନ୍ଦୁଘାଟ ତେଲନଦୀ ପଠାରେ ମଧ୍ୟ ଘାଇମାନ ସୃଷ୍ଟି ହୋଇଛି । ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

## ସଂକ୍ଷେପରେ



### ଖପ୍ରାଖୋଲ ବିଦ୍ୟୁତ୍ ଗ୍ରୀଡ୍‌ରେ ବିଶ୍ୱକର୍ମା ପୂଜା

**ଖପ୍ରାଖୋଲ, ୧୭।୯(ଡି.ଏନ.ଏ.):** ଖପ୍ରାଖୋଲ ବିଦ୍ୟୁତ ବିଭାଗ ଗ୍ରୀଡରେ ବିଶ୍ୱକର୍ମା ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁ କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ କଳସ ଆଣିଲା ପରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ଷୋଡଶ ଉପଚାରରେ ପୂଜା, ଜୀବନ୍ୟାଶ ସହିତ ହୋମ ଅନୁଷ୍ଠିତ ହୋଇଥିଲା । ପୂଜା କର୍ତ୍ତାଭାବେ ମନୋଜ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ରୁପେ ରମେଶ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ବିଦ୍ୟୁତ୍ ବିଭାଗ ସେକସନ ଅଫିସର ପବିତ୍ର ବିଶ୍ୱାଳ, ଠଣ ସୁନ୍ଦର ସାହୁ, ସବ୍ୟସାଚୀ ମିଶ୍ର, ରାମପ୍ରସାଦ ସାହୁ, ଦୁର୍ଯ୍ୟୋଧନ ସାହୁ, ଚିନ୍ତାମଣି ମାଝୀ, ଦେବାଶିସ ବକୁଲ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗ୍ରାମ୍ୟ ଜଳଯୋଗାଣ ବିଭାଗ କାର୍ଯ୍ୟାଳୟଠାରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ପୂଜାକର୍ତ୍ତାଭାବେ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନ କାର୍ଯ୍ୟ ସମ୍ପାଦନ କରିଥିଲେ ।

### ଟ୍ୟାକ୍ସି ଚାଳକ ସଂଘର ବିଶ୍ୱକର୍ମା ପୂଜା



**ଦେଓଗାଁ, ୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବସଷ୍ଟାଣ୍ଡରେ ଟ୍ୟାକ୍ସି ଚାଳକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ଗୋବର୍ଦ୍ଧନ ଦଲାଇ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ରିକେଶ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୂଜନୋତ୍ସବରେ ସମ୍ପାଦକ ରଞ୍ଜନ ନାଏକ ଏବଂ କୋଷାଧ୍ୟକ୍ଷ କାର୍ତ୍ତିକ ରଣା, ନେହେରୁ ଦୀପ, ସରୋଜ କୁମ୍ଭାର, ଗୋକୁଳ ରଣା ଓ ସମସ୍ତ ଟ୍ୟାକ୍ସି ଚାଳକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ । ସେପରୀ ଦେଓଗାଁ ୱେସ୍କୋ ଗ୍ରୀଡ କାର୍ଯ୍ୟାଳୟ, ଜରାସିଂହା ଗ୍ରୀଡ, ଚନ୍ଦ୍ରପୁର ବିଶ୍ୱକର୍ମା କମିଟି ତଥା ଦେଓଗାଁ, ପିଏଚଡି ଅଫିସରେ ବିଶ୍ୱକର୍ମାଙ୍କ ପୂଜାପାଳିତ ହୋଇଯାଇଛି ।

### ଟିକ୍ରାପଡ଼ାରେ ବିଶ୍ୱକର୍ମା ପୂଜା

**ଟିକ୍ରାପଡା, ୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାଠାରେ ବିଶ୍ୱକର୍ମାଙ୍କ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗଣେଶ ଠାକୁର, ଅକ୍ଷୟ ସୁଆର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସୁଦୃଶ୍ୟ ପୂଜା ମଣ୍ଡପଗୁଡିକରେ ଦିନ ସାରା ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

# କୃଷି ଅଧିକାରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ସାର ବିକ୍ରି

**ଲୋଇସିଂହା, ୧୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ଚାଷୀମାନେ କିପରି ସୁଷମ ଓ ଉଚିତ ଦରରେ ସାର ପାଇ ପାରିବେ ସେ ଦିଗରେ ଜିଲା କୃଷି ବିଭାଗ ପକ୍ଷରୁ ଗୁରତ୍ୱ ଦିଆଯାଇଛି । ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଫଟାବାହାଲ ଗ୍ରାମର ଜଣେ ବେସରକାରୀପ୍ରାପ୍ତ ବିକ୍ରେତାଙ୍କ ଦୋକାନରେ କୃଷି ଅଧିକାରୀଙ୍କ ଉପସ୍ଥିତିରେ ମଙ୍ଗଳବାର ଚାଷୀଙ୍କୁ ସାର ବିକ୍ରି କରାଯାଇଛି । ଅଞ୍ଚଳର ୧୫୧ଜଣ ଚାଷୀଙ୍କୁ ୩ଶହ ବସ୍ତା ୟୁରିଆ ସାର ବିକ୍ରି କରାଯାଇଥିବା ବ୍ଲକ କୃଷି ବିଭାଗ ସୂତ୍ରରୁ ପ୍ରକାଶ । ପ୍ରାପ୍ତମତେ, ଜିଲାର ସାର ରେକ ପଏଣ୍ଟରେ ବହୁ ପରିମାଣରେ ସାର ଗଚ୍ଛିତ ଥାଇ ସୁଦ୍ଧା ହୋଲସେଲର ଏବଂ ଡିଲରଙ୍କଠାରେ ଅଭାବ ପରିଲକ୍ଷିତ ହେଉଛି । ଯାଫଳରେ ୟୁରିଆ ସାର ଅଭାବ ଆଳ ଦେଖାଇ





କୃଷି ଅଧିକାରୀଙ୍କ ଉପସ୍ଥିତିରେ ସାର ବିକ୍ରି କରାଯାଉଛି ।

ଡିଲରମାନେ ଚଢାଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଜିଲା କୃଷି ବିଭାଗର ଉଦାସୀନତା ଯୋଗୁ ପ୍ରତିବର୍ଷ ଚାଷୀମାନେ ଚଢାଦରରେ ସାର କିଣି ଶୋଷଣ ହେଉଥିବାରୁ ଚାଷୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାପରେ ଜିଲା ଉପକୃଷି ନିର୍ଦ୍ଦେଶକ ଶ୍ରୀଧର ଦାସଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ଯୁଗ୍ମମାନ ନିୟନ୍ତ୍ରକ ଅଧିକାରୀ ବିଶେଶ୍ୱର ସାହୁ, ବ୍ଲକ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ, ଗ୍ରାମ୍ୟ କୃଷି କର୍ମଚାରୀ ଟୁକୁ ସାହୁ ପ୍ରମୁଖ ଫଟାବାହାଲସ୍ଥିତ କୋଶଲ ଲକ୍ଷ୍ମୀ ଫର୍ଟିଲାଇଜର ଦୋକାନୀଙ୍କ ଦୋକାନରେ ଉପସ୍ଥିତ ରହି ଚାଷୀଙ୍କୁ ସାର ବଣ୍ଟନ କରିଥିଲେ । ଏଠାରେ ୨୬୫ ଟଙ୍କା ଦରରେ ଚାଷୀ ସାର ନେଇଥିବା ବ୍ଲକ ସହକାରୀ କୃଷି ଅଧିକାରୀ ସେଠୀ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ମାର୍କଫେଡ ଜରିଆରେ ବଲାଙ୍ଗୀରସ୍ଥିତ ରେକ ପଏଣ୍ଟରୁ ବିଭିନ୍ନ ବ୍ଲକକୁ ସାରା ଯୋଗାଇ ଦିଆଯାଏ । ହେଲେ, ରେକ ପଏଣ୍ଟ ମାଲିକଙ୍କ ମନମାନୀ ଯୋଗୁ ଓ ହୋଲସେଲରଙ୍କ ସମନ୍ୱୟ ଅଭାବରୁ ଚାଷୀମାନେ ପେଶି ହେଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

# ଭାଜପାର ସେବା ସପ୍ତାହ ପାଳନ: ୧୦୧ ୟୁନିଟ ରକ୍ତ ସଂଗ୍ରହ

**ଲୋଇସିଂହା, ୧୭।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମ ବାର୍ଷିକୀ ଅବସରରେ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜାପା ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ନିର୍ବାଚନମଣ୍ଡଳରୁ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଲୋଇସିଂହା ସ୍ଥିତ ଅଗ୍ରେସନଭାବନଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଏମପିଙ୍କ ବ୍ଲକ ପ୍ରତିନିଧି ଓ ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ ମିଳିତ୍ଭାବେ ଉଦ୍‌ଘାଟନ କରିଥିଲେ । ଏଠାରେ ବିଧାୟକ ମୁକେଶ ମହାଲିଙ୍ଗ ସମେତ ୩୦ ଜଣ ଭାଜପା କର୍ମୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ଯଶେବାନ୍ତ ପାଢୀ, ବଲାଙ୍ଗୀର ରକ୍ତଭଣ୍ଡାର କିରାଣୀ ଦୁର୍ଗାପ୍ରସାଦ ଅଚାର୍ଯ୍ୟ,ଏଲଟି ରଞ୍ଜନ ବରାଳ, ଅଜିତ ସାହୁ ଏବଂ ଅକ୍ଷୟ କୁମାର ବେଜ ନିୟୋଜିତ ହୋଇ ୩୦ ୟୁନିଟ ରକ୍ତ ସଂଗୃହ କରିଥିଲେ । ସେହିପରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗଲପୁରଠାରେ ୩୦ ୟୁନିଟ ଓ ପୁଇଁତଳା ବ୍ଲକ ଜାମ ଗାଁ ଶବିରରେ ୪୧ ୟୁନିଟ ସଂଗୃହୀତ ହୋଇଥିବା ରକ୍ତଭଣ୍ଡାର କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ ।



ଜଣେ ହିତାଧିକାରୀଙ୍କୁ ଏମ୍‌ପି ସଙ୍ଗୀତା ସିଂଦେଓ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ।

# ୧୦୫ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ

**ଗୁଡ଼ଭେଲା, ୧୭।୯(ଡି.ଏନ.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏମ୍‌ପି ସଙ୍ଗୀତା ସିଂଦେଓ ୧୦୫ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏଥିସହ ୬ଜଣଙ୍କୁ ୨ମାସର ଏକ ହଜାର ଟଙ୍କା ଲେଖାଏ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି । ଆବାସ ଯୋଜନାରେ ଘୁନା ପଞ୍ଚାୟତର ୧୦, ଗୁଡଭେଲା ପଞ୍ଚାୟତର ୨୦, ମାଡେକେଲା ପଞ୍ଚାୟତର ୨୫ ଓ ଦେଉଲଗୁଡି ପଞ୍ଚାୟତର ୫୦ ଜଣଙ୍କୁ ସାମିଲ କରାଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଡିଓ ରାମବିଳାଶ ମଙ୍ଗରାଜ ପରିଚାଳନା କରିଥିଲେ । ଜିପିଓ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଖତ ଖାଉଛେ ଲକ୍ଷାଧିକ ଟଁକାର ସ୍କୁଲ କୁଠା

# ଅଁଧାରକେ ଠେଲି ହେଉଛେ ଛୁଆକର ଭବିଷତ୍

**ଲାଠୋର, ୧୭।୯ (ଡି.ଏନ୍.ଏ.)**

ଶିକ୍ଷାର ପରଚାର ପରସାର ଆର ବିକାଶ ଲାଗି ସରକାର କୋଟି କୋଟି ଟଁକା ଖରଚ୍ କରୁଛନ୍ । ହେଲେ ବିଭାଗୀୟ ଅଧିକାରୀମାନକର ଉଦାସିନ୍‌ତା ଲାଗି ଅନେକ ସ୍କୁଲ ନାନା ସମସିଆରେ ଛଁଦି ହେଇ ରହିଛେ । ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ବେନ୍ଦେର ପଁଚେତ୍ ସଦର ଗାଁରେ ।

ସୂଚନା ଅନ୍‌ସାରେ ୧୯୫୯ରେ ଇଠାନେ ଗୁଟେ ସରକାରୀ ସ୍କୁଲର ଥାପନା କରି ୧ମରୁ ୫ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ର ପଢ଼ବାର ବେବସ୍‌ତା କରାଯାଇଥିଲା । ପଛେ ପଛେ ୬ଷ୍ଠରୁ ୧୦ମ ଶ୍ରେଣୀ ତକ୍ ଯୁଡ଼ି ଦିଆଗଲା । ଏହେଦ୍‌କା ଇ ସ୍କୁଲରେ ୧ମରୁ ୧୦ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ରଙ୍କର ପଢ଼ବାର ବେବସ୍‌ତା ରହିଛେ ସତ୍ । ହେଲେ ସ୍କୁଲଟା ନାନା ସମସିଆ ଭିତ୍‌ରେ ଛଁଦି ହେଇ ରହିଛେ । ସ୍କୁଲରେ ୨୯୧ ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ସରକାରୀ ହିସାବେ ୮ ଝନ୍ ଶିକ୍ଷକ



ଭୁତକୁଠି ପାଲଟିଛେ ଲକ୍ଷାଧିକ ଟଁକାର ସ୍କୁଲ କୁଠା ।

ରହିଛନ୍ । ଇଆଡ଼େ ୧୨।୭।୨୦୧୮ରେ ସ୍କୁଲର ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ଭୋଇକୁଁ ଦମେଇପାଲି ସ୍କୁଲକେ ଡେପୁଟେସନ୍‌ରେ ପଠାଯାଇଥିଲାବେଲେ ଶିକ୍ଷକ କୁଞ୍ଜବିହାରୀ ସରାପକୁଁ ସାଧନ କେନ୍ଦ୍ର ସଂଯୋଜକ ହିସାବେ ନିୟୋଜିତ କରାଯାଇଛେ । ଯେନ୍‌ଥିରଲାଗି ସ୍କୁଲର ଶିକ୍ଷକ ସଂଖ୍ୟା ୮ରୁ ୬କେ ଖସି ଆସିଛେ । ଏନ୍‌ତାଥି ଝନେ ପିଇଆଇ ଶିକ୍ଷକ ରହିଥିଲାବେଲେ ୧ମରୁ ୫ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ରକୁଁ ଝନେ ଶିକ୍ଷକ ପାଠ୍ ପଢ଼ଉଛନ୍, ୬ଷ୍ଠରୁ ୮ମ ତକ୍ ୨ ଝନ୍ ଆର ୯ମରୁ ୧୦ମ ଶ୍ରେଣୀ ତକ୍ ୨ ଝନ୍ ଶିକ୍ଷକ ପାଠ୍ ପଢ଼ଉଛନ୍ । ଏହେଦ୍‌କା ସ୍କୁଲରେ କଳା ଶିକ୍ଷକ, ବିଜ୍ଞାନ ଶିକ୍ଷକ, ହିନ୍ଦି ଶିକ୍ଷକ, ଖେଳ ଶିକ୍ଷକ, କିରାଣୀ ଆର ପିଅନ୍ ସଂଗେ ଝନେ ପ୍ରଧାନ ଶିକ୍ଷକଙ୍କର ଅଭାବ ରହିଛେ । ସ୍କୁଲରେ ଶିକ୍ଷକ ଅଭାବ୍ ଲାଗି ପାଠ୍‌ପଢ଼ା ଠିକ୍ ହିସାବେ ନାଇଁ ହେଇପାରବାର । ଯେନ୍‌ଥିରଲାଗି ଛୁଆକର ଭବିଷତ୍ ଗୁଟେପରକାର ଅଁଧାରକେ ଠେଲି ହେଇଯାଉଥିବାର ଅଭିଯୋଗ ହେଉଛେ । ଶିକ୍ଷକ ଆର କରମ୍‌ଚାରୀ ସମସିଆର ସମାଧାନ ଲାଗି ଗାଁବାସୀ ଖପ୍ରାଖୋଲ ବିଇଓକୁଁ ଲେଖିକରି ଦେଇଥିଲେ । ହେଲେ ଆଏଜ୍‌ତକ ବିଭାଗ ତରଫୁ ଇ ଦିଗେ ପଦକ୍ଷେପ ନାଇଁ ନିଆଯାଇ । ପୁରନା ସ୍କୁଲରେ ପଢ଼ାକୁଠି ଅଭାବ ରହିଥିଲାବେଲେ ପଦରଭଟା ପଡ଼ାରେ ଲକ୍ଷାଧିକ ଟଁକା ଖରଚ୍‌ରେ ଗୁଟେ ବଡ଼ ସ୍କୁଲ କୁଠା ତିଆର କରାଯାଇଛେ । ହେଲେ ନାନା ସମସିଆର ଲାଗି ଆଏଜ୍ ବି ଛାତ୍ରୀଛାତ୍ର ପୁରନା କୁଠାଥି ପାଠ୍ ପଢୁଛନ୍ । ଏନ୍‌ତାଥି ନୂତନ ସ୍କୁଲ କୁଠା ଭୁତକୁଠି ପାଲଟିଛେ । ଇ ବାବ୍‌ଦେ ସ୍କୁଲର ପ୍ରଧାନ ଶିକ୍ଷକ ଦାଇତିଅରେ ଥିବାର ପୀତାମ୍ବର ବିଶ୍ୱାଲକୁଁ ପଚରାଲାରୁ ଉପର ଅଧିକାରୀମାନକର କଥା ଅନ୍‌ସାରେ ଆମେ ପିଲାକୁ ଇଠାନେ ରଖି ପାଠ୍ ପଢ଼ଉଛୁଁ । ଅସ୍‌ବିଧା ହେଲେ ଆମେ କାଣା କରିପାରମୁ ବଲି ସେ କହିଥିଲେ । ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ସମସିଆର ସମାଧାନ କରବାକେ ଗାଁବାସୀ ଆର ଅଂଚଲବାସୀ ଦାବି କରିଛନ୍ ।

## ଫଟୋରେ ଖବର







ବିଶ୍ୱକର୍ମା ପୂଜା ଅବସରରେ ବଲାଙ୍ଗୀର ଘରୋଇ ବସ୍‌ମାଲିକ ସଂଘ ପକ୍ଷରୁ ପ୍ରାଇଭେଟ ବସଷ୍ଟାଣ୍ଡରେ ନିର୍ମିତ ତୋରଣ (ବାମ) । ବଲାଙ୍ଗୀର ଟ୍ରକ୍ ଅପରେଟର୍ସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜା ମଣ୍ଡପରେ କର୍ମକର୍ତ୍ତାମାନେ (ମଝି) । ବଲାଙ୍ଗୀର କେବିକେ ଆଇଟିଆଇଠାରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା । (ଫଟୋ-ସୁନୀଲ)



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।

- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ରିଷିଡା,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡାର ବିଭିନ୍ନ ଗ୍ୟାରେଜ, କ୍ରଶରଠାରେ ବିଶ୍ୱକର୍ମାଙ୍କ ପୂଜା ସମାରୋହରେ ପାଳନ କରାଯାଇଛି। ବିଭିନ୍ନ ଗ୍ୟାରେଜରେ ଯନ୍ତ୍ରପାତିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଏକତ୍ରିତ ହୋଇ ସକାଳୁ ପୂଜାଆରମ୍ଭ ହୋଇଛି। ରାତିରେ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

### ୪୭ତମ ଦେଶ ପ୍ରହର ନାମଯଜ୍ଞ

**ରିଷିଡା,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅନ୍ତର୍ଗତ ବାଲିଗୁଡାଠାରେ ୪୭ତମ ଦେଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୧୯୭୨ଠାରୁ ଆରମ୍ଭ ହୋଇଥିବା ଏହି ନାମଯଜ୍ଞ ପ୍ରତିବର୍ଷ ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ଏହି ଅଞ୍ଚଳର ମେଟାଗୁଡା, ବେଲୁର, ତେନ୍ତୁଳିକୂପା, ସାନସୁର୍ଡା, କନ୍ଧ କୁନ୍ଦେଇପାଲି, କଚ୍ଛାରଡେଙ୍ଗେନ ଗ୍ରାମବାସୀ ମିଳିତ ଭାବେ ଆୟୋଜନ କରିଥାନ୍ତି। ଏହି କମିଟି ସଭାପତି ଭୋପାଳ ପଧାନ, ସମ୍ପାଦକ ରଘୁମଣି ଭୋଇ, ଆବାହକ ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

**ମଦନପୁର,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସତ୍‌ସଙ୍ଗ କେନ୍ଦ୍ରଠାରେ ସୋମବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମଦନପୁର, ଅଲାତରା, ଗୋଛାଡେଙ୍ଗେନ ଓ ଡମ୍‌କର୍ଲାଖୁଣ୍ଟାର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ମଦନପୁର ଅଞ୍ଚଳରେ ଭାଦ୍ରବ ମାସ ସାରା ପ୍ରତ୍ୟେକ ଦିନ ମଦନପୁର, ସାଗରପାଲି, ଅଲାତରା ଆଦି ବିଭିନ୍ନ ଗ୍ରାମରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା। ସତ୍‌ସଙ୍ଗରେ ଅସିମ ଘୋଷ, ଅଶୋକ କୁମାର ସାହୁ, ଅମ୍ବିକା ହାଥି, ରୁଦ୍ର ନାୟକ ସହଯୋଗ କରିଥିବା ବେଳେ ମା'ମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

■ ଦଣ୍ଡପାଟ ଅଞ୍ଚଳ ଚାଷୀ ମୁଣ୍ଡରେ ଚଡ଼କ

# ଧାନ ଚାଷରେ ରୋଗପୋକର ପ୍ରକୋପ

**ପର୍ଲା,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳର ଚାଷୀ କିଛି ଦିନ ତଳେ ସାର ଅଭାବ ଓ ଚଢାଦରରେ ବିକ୍ରି ଭଳି ସମସ୍ୟାରେ ପଡି ମୁକୁଳି ପାରି ନ ଥିବା ବେଳେ ଏବେ ପୁଣି ରୋଗ ପୋକରେ ଛନ୍ଦି ହୋଇ ପଡିଛନ୍ତି। ଧାନ ଚାଷରେ ଛ ଗୋଡିଆ, କାଣ୍ଡବିନ୍ଧା, ବଂକିପୋକ ସହ ପତ୍ରପୋଡା ଆଦି ରୋଗର ପ୍ରକୋପ ଦେଖାଦେଇଛି। ଅଞ୍ଚଳର ଜୟନ୍ତପୁର, ଘୁମର, କଦଳିମୁଣ୍ଡା, ବେହେରା, ଧର୍ଆଁରପୁର, ପର୍ଲା, ତେଣ୍ଡାପାଲି ଓ ଛଞ୍ଚାଣବାହାଲି ଆଦି ପଞ୍ଚାୟତର ଶହ ଶହ ହେକ୍ଟର ଚାଷ ଜମିରେ ରୋଗପୋକ ଲାଗି ନଷ୍ଟ ହେବା ଆରମ୍ଭ ହୋଇଛି। ବିଶେଷ କରି ବେହେରା ପଞ୍ଚାୟତ ଧାନ ଚାଷ ଉପରେ ଏହାର ପ୍ରଭାବ ଦିନକୁ ଦିନ ବଢି ଚାଲିଛି। କିଟନାଶକ ଔଷଧ ପ୍ରୟୋଗ କରାଯାଉଥିଲେ ହେଁ ଥମିବାର ନା ଧରୁନି। ପଞ୍ଚାୟତର ୧୫ ହେକ୍ଟର ଧାନ ଚାଷରେ ଛ ଗୋଡିଆ ପୋକ, ୧୦ ହେକ୍ଟର କାଣ୍ଡପୋକ, ୯ ହେକ୍ଟର ଗେଣ୍ଡାପୋକ,୧୩ ହେକ୍ଟରରେ ବଂକିପୋକ ଓ ୧୧ ହେକ୍ଟର ଜମିରେ ପତ୍ରପୋଡା ପୋକ ଲାଗିଥିବା ଚାଷୀମାନେ କହିଛନ୍ତି । ଏହି ପଞ୍ଚାୟତ ବିଭିନ୍ନ ଗ୍ରାମର



ଜଣେ ଜମିରେ କିଟନାଶକ ସିଞ୍ଚନ କରୁଛନ୍ତି ।

୫୮୨ ହେକ୍ଟର ଜମିରେ ଧାନ ଚାଷ, ୫୦ ହେକ୍ଟର ହରଡ, ୩୦ ହେକ୍ଟର ମାଣ୍ଡିଆ, ୭ ହେକ୍ଟର ବିରି ଓ ୨୦ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେହିପରି ପର୍ଲା ପଞ୍ଚାୟତରେ ୩୫ ହେକ୍ଟର, କଦଳିମୁଣ୍ଡା ୨୮ ହେକ୍ଟର, ଛଞ୍ଚଣବାହାଲି ୨୪ ହେକ୍ଟର, ଘୁମର ୧୯ ହେକ୍ଟର, ଧର୍ଆଁରପୁର ୧୮ ହେକ୍ଟର, ଜୟନ୍ତପୁର ୧୩ ହେକ୍ଟର, ତେଣ୍ଡାପାଲି ୧୦ ହେକ୍ଟର, ଖୁଣ୍ଟିଆ ୮ ହେକ୍ଟର ଧାନ ଚାଷରେ ବିଭିନ୍ନ ରୋଗପୋକ ଲାଗିଥିବା ଜଣାପଡ଼ିଛି। ତେବେ ଗ୍ରାମ୍ୟ କୃଷି ସେବକ, ସେବିକା କର୍ମୀମାନେ ଏହି ସମୟରେ ଗାଁରେ ରହି ରୋଗ ପୋକ ବିଷୟରେ ପରାମର୍ଶ ଦେବା ସହ ଉଚିତ ନିରାକରଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏବର୍ଷ ଭଲବର୍ଷା ସାଙ୍ଗକୁ ଭଲ ଚାଷ ହୋଇଥିବା ଦେଖି ଚାଷୀଙ୍କ ଭିତରେ ବେଶ ଉତ୍ସହ ଦେଖିବାକୁ ମିଳିଥିଲା। ଏଥିପାଇଁ ଧାର କରଜ କରି ନିଜ ଜମିରେ ରୁଆବେଉସାଠାରୁ ଆରମ୍ଭ କରି ସାର ଦେଇଥିଲେ। ରୋଗପୋକ ଲାଗି ସବୁ ଫସର ଫାଟିଯାଇଥିବା ଚାଷୀ ନାରାୟଣ ନାଏକ, ରଥ ନାଏକ, ମାନସିଂ ନାଏକ, ବଷ୍ଣବ ଗୋପାଲ, ଲାଲଧର ଟୋଲଟିଆ, ଦୟାନିଧି ଜାଲ, ମେଘନାଦ ବାଗ, କେସବ ଜାଲ, ନବୀନ ପୁରୋହିତ, ଅନ୍ତରାମ ପୋଡ, କରୁନାକର ବାଗ, ଗୁଣନିଧୀ ନାଗ ପ୍ରମୁଖ ପ୍ରକାଶ କରିଛନ୍ତି। ସରକାର ସବସିଡି ଭାବେ କିଟନାଶକ ଔଷଧ ଯୋଗାଇ ଦେବା ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ନିଅଣ୍ଟ ହେଉଛି। କୃଷି ବିଭାଗ ସୂତ୍ରରୁ ବେହେରା ପଞ୍ଚାୟତ ପାଇଁ ୯ ହେକ୍ଟର ଚାଷ ଜମି ଲାଗି ସରକାର ସବସିଡି ଔଷଧ ଦେବା ବ୍ୟବସ୍ଥା କରିଛନ୍ତି। ଏଥିରେ ହରିଜନ, ଆଦିବାସୀ ୪ ହେକ୍ଟର ଓ ସାଧାରଣବର୍ଗଙ୍କ ପାଇଁ ୫ ହେକ୍ଟର ପାଇଁ ସବସିଡି ବ୍ୟବସ୍ଥା ରହିଛି। ଏ ନେଇ ଧର୍ମଗଡ କୃଷି ସହକାରୀ ଅଧିକାରୀ ହେମାନନ୍ଦ ମାଝିଙ୍କୁ ପଚାରିବାରୁ ଲଗାଣ ବର୍ଷା ଯୋଗୁ ରୋଗପୋକ ହୋଇଥିବା ପ୍ରକାଶ କରିଛନ୍ତି। ଏହାର ପ୍ରତିକାର ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।



କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

## ଗୋଷ୍ଠୀସ୍ତରୀୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର

**କେସିଙ୍ଗା,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀସ୍ତରୀୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଚକ୍ଷୁ ପରୀକ୍ଷାରେ କେସିଙ୍ଗା ବ୍ଲକର ୬ଟି କ୍ଲଷ୍ଟରରୁ ୧୪୩ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏଥି ମଧ୍ୟରୁ ୩୨ଜଣ ଛାତ୍ରୀଛାତ୍ରଙ୍କ ଚଷମା ଦରକାର ହେଉଥିବାରୁ ସେମାନଙ୍କୁ ରିପୋର୍ଟ ଦିଲ୍ଲୀ ପଠାଯାଇଛି। ୧୦ ଜଣ ଛାତ୍ରୀଛାତ୍ରଙ୍କ ବିଭିନ୍ନ ଚକ୍ଷୁ ପରୀକ୍ଷା କରିବା ପାଇଁ ଭବାନୀପାଟଣାକୁ ରେଫର କରାଯାଇଛି। ଏଥିରେ ଡା. ଝସକେତନ ସାହୁ, ଚକ୍ଷୁ ସହାୟକ ଚିକିତ୍ସକ ଲଳିତ କୁମାର ପଟ୍ଟନାୟକ, ବିନୋଦ କୁମାର ବେହେରା, ଯୁଧିଷ୍ଠିର ପାତ୍ରଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଘବ ମାଝି, ସୀମାଞ୍ଚଳ ବୁଦ୍ଧିଆ, ଶରତ ବାରିକ ଏବଂ ସୁଧାଂଶୁ ଶେଖର ପ୍ରଧାନ, ନିଳେନ୍ଦ୍ରୀ ମେହେର ପ୍ରମୁଖ ସହଯୋଗ କରିଥିଲେ ।

■ ଉଚ ଚିକିତ୍ସା ଲାଗି ଟଁକା ଅଭାବ୍

## ଦିହି ସାରା ଆବୁ, ଦୁଖ୍ ପାଉଛନ୍ ପୁତୁନି

**ପଲମ, ୧୭।୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୁଡ଼ିଙ୍ଗ ପଁଚେତ୍ ଅଧୀନ ମସ୍କାଦାଣ୍ଡି ଗାଁର ଡମ ମାଝିଙ୍କର ମାଏକିନା ପୁତୁନି ମାଝି(୫୧)। ତାକର ଦିହିସାରା ଆବୁ ବାହାରିଛେ, ଯେନ୍‌ଥିରଲାଗି ସେ ବହୁତ୍ ଦୁଖ୍ ପାଉଛନ୍। ହେଲେ ଟଁକା ପଏସା ଅଭାବୁ ସେ ଚିକିତ୍ସା କରେଇ ନାଇଁ ପାରବାର।

ସୂଚନା ଅନ୍‌ସାରେ ମସ୍କାଦାଣ୍ଡି ଗାଁର ଡମ ମାଝିଙ୍କର ପରିବାର କହେଲେ ମାଏକିନା ପୁତୁନି ଆର ଦୁଇ ଝିଁକେ ନେଇ ତାକର ସଁସାର। ଦୁଖେସୁଖେ ଡମ ବଡ଼ ଝିଁକେ ବିହାବୁରା କରିସାରିଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଳେ ଡମ କୁଲିମଜୁରି କରି କୁଟୁମ ପୁଷୁଛନ୍। ଘରର ଦରିଦିରିଆ ପରିସ୍ଥିତି ଲାଗି ସେ ମାଏକିନା ପୁତୁନିର ଚିକିତ୍ସା କରେଇ ନାଇଁ ପାରବାର। ପୁତୁନିଙ୍କର କହେବାର ହିସାବେ ତାହାକୁ ୧୨ ବଛର ହେଇଥିଲାବେଳେ ଦିହେ କେନ୍‌ନେ କେନ୍‌ତା ଗୁଟେ ଗୁଟେ ଆବୁ ବାହାରିଥିଲା। ୧୯ ବଛର ବଏସ୍‌ରେ ସେ ଡମକୁଁ ବିହା ହେଇଥିଲେ। ପଛେ ତାକର ଦୁଇଟା ଝିଁ ହେଲେ। ଝିଁମାନେ ଜନମ୍ ହେଲା ଉତାରୁ ଦିନୁଦିନ୍‌କେ ପୁତୁନିର ଦିହିସାରା ଆବୁ ବାହାରିଥିଲା। ଇଥିରଲାଗି ସେ ବଡ଼ା ଦୁଖ୍ ପାଏବାର ସଂଗେ ଲୋକ୍ ବି ତାହାକୁ ତେଡ଼ା ନଜରରେ ଦେଖୁଛନ୍।



ରୋଗ୍‌ରେ ପୀଡ଼ିତ ପୁତୁନି ମାଝି।

ଏନ୍‌ତାଥି ଡମ ଲାଗ୍‌ବାଡ଼ି କରି ପୁତୁନିର ଚିକିତ୍ସା କରେଇ ନିରାଶ ହେଲେ। ଟଁକା ପଏସା ଅଭାବୁ ଏହେଦେ ସେ ପୁତୁନିର ଉଚ ଚିକିତ୍ସା କରେଇ ନାଇଁ ପାରବାର। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଳୁଥିବାର ୧୫ କେ.ଜି. ଚାଉଳ ଆର ପୁତୁନି ପାଉଥିବାର ୫ଶହ ଟଁକା ଭତା ନ ସାହାଭରସା। ଇ ଅସାହା ପରିବାର ଉପରେ ଜିଲା ପରଶାସନ ଆର ସୁଆସ୍ତିଆ ବିଭାଗ ଦୁରୁଷ୍ଟି ଦେଇ ପୁତୁନିକୁଁ ଚିକିତ୍ସା ସାହାଯ୍ ସଂଗେ ପରିବାରକେ ଉନିଆ ସବୁ ସରକାରୀ ସୁବିଧା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ମସ୍କାପଦର ଗ୍ରାମର କାଚ ମାଝି(୭୫)ଙ୍କ ସୋମବାର ଲାଞ୍ଜିଗଡ ଷ୍ଟେଟ ବ୍ୟାଙ୍କକୁ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଗାଡି ଧକ୍କାଦେଇ ରାସ୍ତାରେ ପଡିଥିବା ସମୟରେ ଲାଞ୍ଜିଗଡ ପୋଲିସ ଖବର ପାଇ କାଚ ମାଝିଙ୍କୁ ଉଦ୍ଧାର କରି ଲାଞ୍ଜିଗଡ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ ସକାଳ ୧୦ଟାରେ କାଚ ମାଝି ଷ୍ଟେଟ ବ୍ୟାଙ୍କ ପାସବୁକ ଖାତା ଧରି ମସ୍କାପଦର ଗାଁଠାରୁ ଚାଲି ଯାଉଥିଲେ। ଲାଞ୍ଜିଗଡଠାରୁ ମୁନିଗୁଡା ଯିବା ରାସ୍ତାରେ ବଂଶଧାରା ନଦୀ ପାଖରେ ଏକ ଅଜଣା ଗାଡି ଧକ୍କା ଦେଇଥିଲ। ଘଟଣାସ୍ଥଳରେ କେହି ନ ଥିବା ଯୋଗୁ ଗାଡି ଫେରାର ହୋଇଯାଇଥିଲା। ପୂର୍ବାହ୍ନ ୧୧ଟାରେ ଲାଞ୍ଜିଗଡ ପୋଲିସ ଖବର ପାଇ କାଚ ମାଝିଙ୍କୁ ଗୁରୁତର ଅବସ୍ଥାରେ ଲାଞ୍ଜିଗଡ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ କାଚଙ୍କ ଅବସ୍ଥା ଗୁରୁତର ହେବାରୁ ଅପରାହ୍ନ ୩ଟାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଅମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଧର୍ମଗଡ ବ୍ୟବସାୟୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଧର୍ମଗଡ,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପଠାରେ ବ୍ୟବସାୟୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ବରିଷ୍ଠ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ପଞ୍ଚୟତ କଲେଜ ପୂର୍ବତନ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ଏନଏସି ଅଧ୍ୟକ୍ଷା ହୀରା ବାଗ, ଆଇନଜୀବୀ ନବ କିଶୋର ମେହେର, ବ୍ୟବସାୟୀ ଶୁକଲାଲ ଅଗ୍ରୱଲ ପ୍ରମୁଖ ଯୋଗଦେଇ ନୂଆଁଖାଇ ଭେଟ୍‌ଘାଟ୍ ଉପରେ ଆଲୋକପାତ କରିଥିଲେ। ରାଜେନ୍ଦ୍ର କୁମାର ମୁନୀ କାର୍ଯ୍ୟକ୍ରମ ପରିଚାଳନ କରିଥିବା ବେଳେ ସଂଘ ସମ୍ପାଦକ ଅରୁଣ ଟାୟଲ ବିବରଣୀ ପାଠ କରିଥିଲେ। ଯଶୋବନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସହରର ବହୁ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ସଂଘ ତରଫରୁ ସମର୍ଦ୍ଧିତ କରାଯାଇଥିଲା।



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଥାନାରେ ମାମଲା

**ଲାଞ୍ଜିଗଡ଼,୧୭।୯(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଲାଞ୍ଜିଗଡ ଥାନାଞ୍ଚଳର ଜଣେ ନାବାଳିକାଙ୍କୁ ବିଶ୍ୱନାଥପୁର ନିକଟସ୍ଥ ଇଶାରବାରୁ ଗାଁର ଈଶ୍ୱର ବେହେରା ନାମକ ଜଣେ ଯୁବକ ରଙ୍ଗ ନମ୍ବର ଜରିଆରେ ଫୋନ୍ କରିବା ସହ ତା ସହିତ ସମ୍ପର୍କ ରଖିବାକୁ ବାଧ କରୁଥିଲେ। କିନ୍ତୁ ନାବାଳିକା ରାଜି ନ ହେବାରୁ ରବିବାର ତାଙ୍କ ମାମୁ ସହିତ ନାବାଳିକାଙ୍କୁ ନେଇ ଫେରାର ହେବାକୁ ଉଦ୍ୟମ କରୁଥିଲେ। ଅମ୍ବାଦଳା ପୋଲିସ ସେମାନଙ୍କୁ ଅଟକ ରଖି ଲାଞ୍ଜିଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ଲାଞ୍ଜିଗଡ଼ ଥାନାରେ ଏକ ଅଭିଯୋଗ ହୋଇଥିବାବେଳେ ଅଭିଯୁକ୍ତ ଈଶ୍ୱର ଫେରାର ଥିବା ଜଣାପଡିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ଶକ୍ତିମନ୍ତ୍ରୀଙ୍କ ନିଜ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ

## ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା, ଅଭିଯୋଗ ଶୁଣୁଛନ୍ତି

**ଭବାନୀପାଟଣା,୧୭।୯(ସ୍ୱ.ପ୍ର.)**

ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇବା ପରେ ମଧ ନିଜ ଅଞ୍ଚଳ ଲୋକଙ୍କୁ ଅବହେଳା କରୁନାହାନ୍ତି। ସାଧାରଣତଃ ଜଣେ ମନ୍ତ୍ରୀ ହେବା ପରେ ନିଜ ନିର୍ବାଚନ ମଣ୍ଡଳୀକୁ ଅଧିକ ସମୟ ଦେଇପାରନ୍ତି ନାହିଁ। କିନ୍ତୁ ବିଧାୟକ ମିଶ୍ର ମନ୍ତ୍ରୀ ହେବା ପରେ ନିଜ ବିଭାଗ ଦାୟିତ୍ୱ ଠିକ ଭାବେ ନିର୍ବାହ କରିବା ସହିତ ଜିଲାବାସୀଙ୍କ ଦୁଃଖ, ସୁଖ ଶୁଣୁଛନ୍ତି। ଏଥିପାଇଁ ସେ ଭବାନୀପାଟଣାସ୍ଥିତ ନିଜ ବାସଭବନ ପରିସରରେ ଏକ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲିଛନ୍ତି। ଯେବେ ବି ସେ କଳାହାଣ୍ଡିରେ ରହନ୍ତି ପ୍ରତି ଦିନ ସକାଳେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା, ଅଭିଯୋଗ ଶୁଣି ଏହାର ସମାଧାନ ଦିଗରେ ଲାଗିପଡନ୍ତି। ନିକଟରେ ସେ ଚାଇନା, ସିଙ୍ଗାପୁର ଗସ୍ତରେ ଯାଇ ସେଠାରୁ ଫେରିବା ପରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେହିପରି ସେଠାକାର ଲୋକଙ୍କ ଜୀବନଜୀବିକା, ଚାଳିଚଳନ ଓ ଭୌଗଳିକ ପରିସ୍ଥିତି ବିଷୟରେ ସେ କଳାହାଣ୍ଡିବାସୀଙ୍କୁ ଅବଗତ କରାଇଥିଲେ। ସେହିପରି ରାଜ୍ୟର



ନିଜ ବାସଭବନରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସବୁ ଗ୍ରାମର ଲୋକେ ଯେପରି ବିଜୁଳି ପାଇବେ ସେପରି ଉଦ୍ୟମ କରୁଛନ୍ତି। ଏହାସହ କଳାହାଣ୍ଡି ଜିଲାର ପ୍ରତ୍ୟେକ ଗାଁକୁ ମଧ ବିଜୁଳି ସଂଯୋଗ ପାଇଁ ନିଜେ ଉଦ୍ୟମ ଜାରି ରଖିଛନ୍ତି। କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖୀଗୁଡାଠାରେ ଇନ୍ଦ୍ରାବତୀ ପାୱାର ଜେନେରେଶନ ପ୍ରକଳ୍ପ ହୋଇଥିଲେ ମଧ ସେଠାରେ ଉତ୍ପନ ହେଉଥିବା ବିଦ୍ୟୁତ କଳାହାଣ୍ଡିବାସୀଙ୍କୁ ଦିଆ ନ ଯାଇ ରାଜ୍ୟ ବାହାରକୁ ଯାଉଛି। ଯାହାକି ଅତ୍ୟନ୍ତ ଦୁଃଖଦାୟକ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ତେଣୁ ଇନ୍ଦ୍ରାବତୀରୁ ବିଦ୍ୟୁତ କଳାହାଣ୍ଡିବାସୀ କେମିତି ପାଇବେ ସେ ନେଇ ଯୋଜନା ଆରମ୍ଭ କରିଛନ୍ତି। ଏହାସହ ନିଜ ଗୃହ ବିଭାଗର ସଂସ୍କାର ଆଣିବାକୁ ମଧ ଚେଷ୍ଟା କରୁଛନ୍ତି। ମନ୍ତ୍ରୀ ହେବା ପରେ ସେ ଏବେ ସମଗ୍ର କଳାହାଣ୍ଡି ଜିଲା ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝୁଥିବା ଦେଖିବାକୁ ମିଳିଛି। ଜିଲାବାସୀଙ୍କ ଯାହାବି କିଛି ଆପତ୍ତି ଅଭିଯୋଗ ଅଛି ତାଙ୍କର ଅଭିଯୋଗ ପ୍ରକୋଷ୍ଠରେ ଆସି ଜଣାଇ ପାରିବେ ବୋଲି ସେ କହିଛନ୍ତି।

■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

## ଅତିରିକ୍ତ ମଣ୍ଡି ଖୋଲିବାକୁ ଚାଷୀଙ୍କ ଦାବି

**ଲାଞ୍ଜିଗଡ଼,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କଳାହାଣ୍ଡି ଜିଲାପାଳ ଡ. ପରାଗ ଗାଭାଲି ହର୍ଷଦ ଯୋଗଦେଇ ଅଞ୍ଚଳର ଅନେକ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ସେଗୁଡିକ ସମାଧାନ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର, ଡିଆର୍‌ଡିଏ ପିଡି ଜ୍ଞାନରଞ୍ଜନ ଭଞ୍ଜଦେଓ, ଉପଜିଲାପାଳ ମିର୍ଦ୍ଧା ଟପୋ, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି, ବିଡିଓ ମୁନୀନ୍ଦ୍ର ହୋନ୍ନାଗା, ଏବିଡିଓ ବିଭୁତିଭୂଷଣ ଶତପଥୀଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୁଖ୍ୟତଃ ଗ୍ରାମ ଉନ୍ନୟନ ବିଭାଗ ଓ ପିଡବ୍ଲ୍ୟୁଡି ବିଭାଗ ଦ୍ୱାରା ନିର୍ମିତ ନିମ୍ନମାନର ରାସ୍ତା କାମ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବିଭିନ୍ନ



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଚାଲିଛି।

**ବିଡିଓ, ବ୍ୟାଙ୍କ ମ୍ୟାନେଜରଙ୍କ ଉପରେ ଜିଲାପାଳ ଖପ୍ପା**

ସମସ୍ୟା ସମ୍ପର୍କରେ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଶ୍ୱନାଥପୁରଠାରେ ଏକ ଆର୍‌ଟିଓ କ୍ୟାମ୍ପ୍ କରି ଲୋକଙ୍କୁ ଡ୍ରାଇଭିଂ ଲାଇସେନ୍ସ ଯୋଗାଇ ଦେବାକୁ ମଧ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ସହ ତୁରନ୍ତ ନିରାକରଣ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣି ଶିବିରରେ ସବୁଠୁ ଫୋକସରେ ଥିଲା ଚାଷୀ ସମସ୍ୟା । ଚାଷୀମାନେ ଅତିରିକ୍ତ ମଣ୍ଡି ଖୋଲିବାକୁ ଦାବି କରିଥିବା ବେଳେ ଜିଲାପାଳ ଏହା ଉପରେ ବିଚାର କରାଯିବ ବୋଲି କହିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ଯୁବ ସାମାଜିକ କର୍ମୀ ଗତ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ଚାଷୀମାନେ ମରୁଡି ସହାୟତା ପାଇ ନ ଥିବା, ଗତବର୍ଷର ବାଲିଚର କ୍ଷତିପୂରଣ ରାଶି ମଧ ପାଇ ନ ଥିବା ଓ ଏଥିରେ ଲାଞ୍ଜିଗଡ ତହସିଲ ଓ ବିଶ୍ୱନାଥପୁର ଏସ୍‌ବିଆଇ ଶାଖା ଅବହେଳା କରୁଥିବା ନେଇ ଅଭିଯୋଗ କରିଥିଲେ। ଜିଲାପାଳ ୫ ବର୍ଷ ହେଲା ଚାଷୀ ସହାୟତା ପାଇନାହାନ୍ତି ବୋଲି ଜାଣିବା ପରେ ବ୍ୟାଙ୍କ ଶାଖା ପରିଚାଳକ ଗୋପାଳ ଦୀପ, ବିଡିଓ ମୁନୀନ୍ଦ୍ର ହୋନ୍ନାଗାଙ୍କ ଉପରେ ବିରକ୍ତ ହୋଇଥିଲେ। ୫ ବର୍ଷ ହେଲା ଚାଷୀଙ୍କୁ ହଇରାଣ କଲଣି, ୫ ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ତାଗିଦ୍ କରିଥିଲେ।



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ଆଜି କ'ଣ କେଉଁଠି

ବଲାଙ୍ଗୀର

- ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ଟା
- ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେସନ୍ ପକ୍ଷରୁ ନୂଆଖାଇ ଭେଟଘାଟ, ଟାଉନ୍ ହଲ, ସନ୍ଧ୍ୟା ୬ଟା

## ସଂକ୍ଷେପରେ

### ବିଭିନ୍ନ ଅଞ୍ଚଳ ବୁଲିଲେ ଏମ୍‌ପି, ଲୋକଙ୍କ ସମସ୍ୟା ପଚାରି ବୁଝିଲେ

**ଗୁଡ଼ଭେଲା, ୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଏମପି ସଙ୍ଗୀତା ସିଂଦେଓ ମଙ୍ଗଳବାର ଗୁଡଭେଲା ବ୍ଲକ ଅଧିନ ବଡଙ୍ଗୋମୁଣ୍ଡା ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଗ୍ରାମ ପୋଖରୀର ଆଡିବନ୍ଧ ବନ୍ୟାରେ ଭାଙ୍ଗି ଯିବା ଫଳରେ ଗ୍ରାମବାସୀ ପାଣି ପାଇଁ ଅସୁବିଧା ଭୋଗୁଥିବା ଅଭିଯୋଗ କରିଥିଲେ। ଉକ୍ତ ପୋଖରୀ ଦେଖିବା ସହ ତୁରନ୍ତ ମରାମତି ପାଇଁ ସେ ପ୍ରତିଶୃତି ଦେଇଥିଲେ। ଏହା ପରେ ତୁଷୁରା ଏନଏସିର ମହିପୁର ଛକ ଓ ତୁଷୁରା ଜଗନ୍ନାଥ ମନ୍ଦିର ନିକଟରେ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଏମପି ପ୍ରତିନିଧି ଦୀନବନ୍ଧୁ ବେହେରା, ଅମରେଶ କେଡିଆ, ଦୀପକ ଅଗ୍ରୱାଲ, ରାଜେଶ ସରାଫ, ଲିଶନ ପ୍ରଧାନ, ବଜ୍ର କିଶୋର ବେହେରା ପ୍ରମୁଖ ସାମିଲ ଥିଲେ।

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୧୭।୯**

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ପ୍ରଳୟଙ୍କରୀ ବନ୍ୟା କ୍ଷୟକ୍ଷତି, କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ପୁନଃନିର୍ମାଣ ନେଇ ଆଲୋଚନା ହୋଇଥିଲା । ବୈଠକରେ ବିଧାୟକ ମିଶ୍ର ଏ ପର୍ଯ୍ୟନ୍ତ ଦେଓଗାଁ ଅଞ୍ଚଳର ଚୂଡାନ୍ତ କ୍ଷତିଗ୍ରସ୍ତ ତାଲିକା ସରକାରଙ୍କ ପାଖକୁ ଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଗତ ମାସ ବନ୍ୟା ସମୀକ୍ଷା ବୈଠକରେ ୩୧ ତାରିଖ ଭିତରେ ସମସ୍ତ ବନ୍ୟା କ୍ଷତିଗ୍ରସ୍ତଙ୍କ ତାଲିକା ସରକାରଙ୍କ ପାଖକୁ ପଠାଯିବ ବୋଲି ଅଧିକାରୀମାନେ ଦୃଢୋକ୍ତ ପ୍ରକାଶ କରିଥିଲେ । କ୍ଷୁଦ୍ର ଜଳସେଚନ ଏବଂ ଜଳସେଚନ ବିଭାଗର ଯନ୍ତ୍ରୀମାନେ ଏ ପର୍ଯ୍ୟନ୍ତ ସରକାରଙ୍କଠାରୁ କୌଣସି ଅନୁଦାନ ପାଇ ନ ଥିବା ଉତ୍ତର ଗୃହରେ ରଖିଥିଲେ । ଦେଓଗାଁ ଅଞ୍ଚଳରେ ଭୂମିହୀନଙ୍କ ପାଇଁ ଜମି ଓ ବାସଗୃହ ଦେବାରେ ଅଧିକାରୀମାନେ ଅବହେଳା କରୁଥିବାରୁ ବିଧାୟକ ମିଶ୍ର ଦେଓଗାଁ ତହସିଲରଙ୍କ ଅପାରଗତାକୁ ଦାୟୀ କରିଥିଲେ। ଅବିଳମ୍ବେ ଭୂମିହୀନମାନଙ୍କ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ବଲାଙ୍ଗୀର ତହସିଲ ଅଞ୍ଚଳର କ୍ଷୟକ୍ଷତି ଆକଳନକୁ ନେଇ ଉପସ୍ଥିତ ତହସିଲଦାର ଘରଭଙ୍ଗା ଏବଂ ଚାଷ କ୍ଷୟକ୍ଷତି ସମ୍ପୂର୍ଣ୍ଣ ରିପୋର୍ଟ ଦିଆସରିଛି ବୋଲି ସୂଚନା ଦେଇଥିଲେ । ଅଞ୍ଚଳରେ ଚାଷ କ୍ଷୟକ୍ଷତି ସହ ଚାଷଜମିର ହିଡ ଧୋଇ ଯାଇଥିବାରୁ ତାର କ୍ଷୟକ୍ଷତି ନରେଗା ମାଧ୍ୟମରେ ପୂରଣ କରିବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ସହରରେ ଅବ୍ୟବସ୍ଥିତ ଡ୍ରେନ ସମସ୍ୟା ଯୋଗୁଁ ସାମାନ୍ୟ ବର୍ଷା ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ସେସବୁରେ ସୁଧାର ଆଣିବାକୁ ଯୁଦ୍ଧକାଳୀନଭିତ୍ତିରେ କାମ କରନ୍ତୁ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀକୁ କହିଥିଲେ । ମହାରାଣୀ ସାଗରକୁ ସଂଯୋଗ କରୁଥିବା ନାଳା ପୁନରୁଦ୍ଧାର ପାଇଁ କହିଥିଲେ । ବର୍ଜ୍ୟବସ୍ତୁ ପରିଚାଳନାରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଏବଂ ପୌର ଅଧିକାରୀଙ୍କ ଉତ୍ତର ମେଳ ଖାଉ ନ ଥିବା ଦେଖାଯାଇଥିଲା । ଉଭୟେ କିଭଳି ସମନ୍ୱୟ ରକ୍ଷା କରିବେ ସେନେଇ କାମ କରନ୍ତୁ ବୋଲି କହିଥିଲେ । ରାଜ୍ୟ ପରିବହନ ନିଗମ ପୌରପାଳିକାର ବିନା ଅନୁମତିରେ ଷ୍ଟଲ ନିର୍ମାଣ କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ସହରର ପ୍ରତ୍ୟେକ ବନ୍ଧର ଉନ୍ନତିକରଣ ତଥା ସଂଯୋଗୀକରଣ ପାଇଁ ଏକ ପ୍ରୋଜେକ୍ଟ ରିପୋର୍ଟ ତିଆରି କରିବାକୁ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଲକ୍ଷ୍ମୀଜୋର ପ୍ରକଳ୍ପର ଉଭୟ ପଟରେ ରାସ୍ତା, ଡ୍ରେନ୍ ଏବଂ ଖାଲିଥିବା ଜାଗାରେ ପାର୍କ ନିର୍ମାଣ ପାଇଁ ମଧ ଯୋଜନା ପ୍ରସ୍ତୁତ କରିବାକୁ ଗୃହରେ ନିଷ୍ପତ୍ତି ହୋଇଥିଲା । ଲକ୍ଷ୍ମୀଜୋର ପ୍ରକଳ୍ପ, ମହାରାଣୀ ସାଗର ଏବଂ ବିଭିନ୍ନ ବସ୍ତି ଅଞ୍ଚଳରେ ସରକାରୀ ଜାଗାରେ ରହୁଥିବା ଲୋକଙ୍କ ପାଇଁ ଜାଗା ଓ ଘରର ବନ୍ଦୋବସ୍ତ କେତେ ହୋଇଛି ସେ ଉପରେ ମ୍ୟୁନିସିପାଲିଟି ଅଧିକାରୀ ଏବଂ ତହସିଲଦାର ରିପୋର୍ଟ ପ୍ରଦାନ କରିଥିଲେ । ତାହା ଶୀଘ୍ର ସମାପ୍ତ କରି ଯେମିତି ଲୋକେ ଜାଗ ଘର ପାଇପାରିବେ ସେ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ବିଧାୟକ ମିଶ୍ର କହିଥିଲେ । ବୈଠକରେ ଜରାସିଂହା ସମବାୟ ବ୍ୟାଙ୍କର ଅନିୟମିତତା ଉପରେ ମଧ ଆଲୋଚନା ହୋଇଥିଲେ । ଏହି ଘଟଣା ଗୃହ କମିଟିର ବଲାଙ୍ଗୀର ଗସ୍ତ ସମୟରେ ଉତ୍ତର ରଖିବାକୁ ଏଆରସିଏସ୍‌କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏସପି ମାଡକର ସନ୍ଦୀପ ସମ୍ପତ୍, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।



ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ।

## ବଲାଙ୍ଗୀର ସିନିୟର ଫୁଟବଲ ଲିଗ୍: ଫାଇନାଲରେ ଏପିଜେ ଲୋଇସିଂହା

**ବଲାଙ୍ଗୀର ଅଫିସ, ୧୭।୯**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଅନୁଷ୍ଠିତ ସିନିୟର ନକ୍ ଆଉଟ୍ କମ୍ ଲିଗ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଏପିଜେ ଲୋଇସିଂହା ବନାମ୍ ନବଜ୍ୟୋତି ୟୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ଖେଳ ସମୟ ମଧ୍ୟରେ କୌଣସି ଦଳ କାହାକୁ ଗୋଲ ଦେଇ ପାରି ନ ଥିଲେ । ପରେ ଟାଇବ୍ରେକର ଜରିଆରେ ଲୋଇସିଂହା ଦଳ ୪-୧ ଗୋଲରେ ଚୁଡାପାଲିକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ରମେଶଚନ୍ଦ୍ର ପୁରୋହିତ ଓ ସଂସଦ ସଦସ୍ୟ ତଥା କ୍ରୀଡାବିତ ଭାବଗ୍ରାହୀ ରଥ ଯୋଗ ଦେଇଥିଲେ । କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ ଉପସ୍ଥିତ ଥିଲେ । ଦେବାଶିଷ ବାଗ, ନରସିଂ ସ୍ୱାମୀ ନାଇଡୁ, ସୁଧାଂଶୁ ସେଠ ଓ ସଞ୍ଜିତ ମହାନ୍ତି ଖେଳ ପରିଚାଳନା କରିଥିଲେ । ବୁଧବାର ସାଇଟ ସ୍ପୋର୍ଟସ୍ ସୋସାଇଟି ସଦାଇପାଲି ବନାମ୍ ଜେଏସସି ଖଲିଆପାଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବ ବୋଲି କ୍ରୀଡାସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।



ତେଲେନପାଲି ପଞ୍ଚାୟତରେ ଶିଳାନ୍ୟାସ କାର୍ଯ୍ୟକ୍ରମ କରାଯାଉଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶିଳାନ୍ୟାସ

**ଖପ୍ରାଖୋଲ, ୧୭।୯(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ଗରୀବ ଗୃହହୀନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେଉଛନ୍ତି। ଏହାକୁ ଠିକ ସମୟରେ ସମାପ୍ତ ପାଇଁ ସଚେତନତା ସୃଷ୍ଟି ସକାଶେ ପ୍ରତି ଗାଁରେ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଖପ୍ରାଖୋଲ ବ୍ଲକର ସମସ୍ତ ପଞ୍ଚାୟତର ଗାଁମାନଙ୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଏହି ଅବସରରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସରପଞ୍ଚ ଲକ୍ଷ୍ମୀ କୁମ୍ଭାର, ସମିତି ସଭ୍ୟ ଶୋଭନମୟ ମିଶ୍ର, ପିଇଓ ଅଶୋକ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ତେଲେନପାଲି, ଘୁନସର ସମେତ ସମସ୍ତ ପଞ୍ଚାୟତରେ ଶିଳାନ୍ୟାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମୋଦିଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ

**ଅମରପାଲି, ୧୭।୯ (ଡି.ଏନ.ଏ.)**

ବୀରମହାରାଜପୁରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ମୋଦିଙ୍କ ୬୯ତମ ଜୟନ୍ତୀରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, ଜିଲା ଉପସଭାପତି ସତ୍ୟବ୍ରତ ମିଶ୍ର, ନିର୍ବାଚନ ମଣ୍ଡଳୀ ସେବା ପ୍ରମୁଖ ବଳରାମ ସୁନା ପ୍ରମୁଖ ଡାକ୍ତରଖାନାକୁ ଯାଇ ଫଳ ବଣ୍ଟନ କରିଥିଲେ । ଭାଜପା ସଭାପତି ଦତ୍ତାତ୍ରେୟ ପଣ୍ଡା, ସାଧାରଣ ସମ୍ପାଦକ ଶିବନାରାୟଣ ପଣ୍ଡା, ଏକଲବ୍ୟ ବେହେରା ପ୍ରମୁଖ ସାମିଲ ଥିଲେ ।

## ଜବରଦଖଲ ଲାଗି ଅଡୁଆରେ ଗାଁବାସୀ

**ଲୋଇସିଂହା, ୧୭।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଧୀନ ଯୋଗୀସର୍ଡ଼ା ଗାଁର ଖଲାଛାଡ଼ନି ଜାଗାରେ ଗାଁର ଗୁଟେ ପରିବାର ଜବରଦଖଲ କରି ବେଆଇନ ଘର ତିଆରି କରୁଛନ୍। ଜବରଦଖଲ ବଁନ୍ଦ୍ ଦାବିରେ ଗାଁବାସୀ ଚଲତି ମାସର ପହେଲା ହପ୍ତା ଲୋଇସିଂହା ତହସିଲଦାରକୁଁ ଭେଟି ଗୁହାରି କରିଥିବାର ଜନାଯାଇଛେ। ହେଲେ ତହସିଲ ତରଫୁ ଆଏଜ୍‌ଯାଏ ଇ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଯେନ୍‌ଥିରଲାଗି ଇ ଘଟନାକେ ନେଇ ଗଁବାସୀକର ଭିତରେ ଅସନ୍ତୋଷ ପରକାଶ ପାଉଛେ। ଗାଁବାସୀକର ଅଭିଯୋଗ ଅନ୍‌ସାରେ ଯୋଗୀସର୍ଡ଼ା ଗାଁର ଉତ୍ତର ଦିଗେ ହରିଜନ ପଡ଼ା ରହିଛେ। ପଡ଼ାର ଶେଷମୁଡ଼ସାନେ ଚାଏରଛକ୍ ରହିଛେ। ଇ ରାସ୍‌ତାରେ ଗାଁବାସୀ ଫିଦିନ୍ ଚୁଆଁବନ୍ଧଲି ଆର ବରଗଛକଟାକେ ଗଧାବୁଡ଼ା, ଝାଡ଼ାଝପଟ ଆର ଖେତ୍‌ଖଲାକେ ଯିବଆର ଆଏବାର କରୁଛନ୍। ଇ ଚଏରଛକ୍‌କେ ଲାଗି ୧୯୫୪ ସରକାରୀ ଜମି ରହିଛେ। ଦିନାକେତେ ତଲେ ପଡ଼ାର ଗୁଟେ ପରିବାର ଇ ସରକାରୀ ଜମି ଆର ରାସ୍‌ତାକେ ଲାଗି ଜବର ଦଖଲ କରି ଘର ତିଆରି କରୁଛନ୍। ଇ ଘଟନାକେ ନେଇ ଗାଁବାସୀ ବଡ଼ ଅଡୁଆରେ ପଡ଼ିଥିବାର ଅଭିଯୋଗ କରିଛନ୍। ଅଭିଯୋଗ ହିସାବେ ହିନ୍ଦୁ ଧରମ୍ ଅନ୍‌ସାରେ ଗାଁରେ କେହି ମରିଗଲେ ଶବ ସତ୍‌କାର ଲାଗି ମଶାନ୍‌ପଦାକେ ନିଆଯାଏସି। ଶବକେ ଘରୁ ବାହାର କଲାଉତାରୁ ଗାଁମୁଡ଼ସାନେ ଥିବାର ଖଲାଛାଡ଼ନିରେ ଶେଷ୍ ଦରଶନ୍ ଲାଗି ରଖାଯାଏସି। ସେଠାନେ ଶବାଧାରର ପଛେ ପଛେ ଆସୁଥିବାର ପରିବାରର ମହିଲାମାନେ ମଲା ଲୁକର ମୁହୁଁ ଶେଷ୍‌ଥର ଲାଗି ଦେଖିବାର ଗୁଟେ ପରମ୍ପରା ରହିଛେ। ଗାଁବାସୀ ମନାକଲା ଉତାରୁ ବି ପଡ଼ାର ଗୁଟେ ପରିବାର ଖଲାଛାଡ଼ନିକେ ଜବର ଦଖଲ କରି ଘର ତିଆରି କରୁଛନ୍। ଏନ୍‌ତାଥି ଗାଁବାସୀକର ସଂସ୍କୃତି, ପରମ୍ପରା ପରଭାବିତ ହେବାର ସଂଗେ ନାନା ସମସିଆ ଦେଖାଦେବା ବଲି ଗାଁବାସୀ ତାକର ଅଭିଯୋଗ ପତରରେ ଲେଖିକରି ଦେଇଛନ୍। ଇ ବାବ୍‌ଦେ ଅତିରିକ୍ତ ତହସିଲଦାର ଦେବାର ବାରିକକୁଁପଚରାଲାରୁ ଗାଁବାସୀକର ତରଫୁ ଅଭିଯୋଗ ହେଇଛେ। ଆର୍.ଆଇକୁଁ ଘଟନାର ତଦଁନ୍ତ୍ କରି ରିପୋର୍ଟ ଦେବାକେ ନିରଦେଶ ଦିଆଯାଇଥିବାର ସେ କହିଛନ୍।

## ଫିଁ' ନ ଦେବାରୁ ପରୀକ୍ଷାରୁ ବାଦ୍ ପଡ଼ିଲେ ୯ ଛାତ୍ର

**ବଲାଙ୍ଗୀର ଅଫିସ, ୧୭।୯**

ସବ୍‌ସିଡାଇରୀ ଫି ଦେଇ ନ ପାରିବାରୁ ପୁଇଁତଲା ବ୍ଲକ୍ ଭାଲେରସ୍ଥିତ ସରକାରୀ ହାଇସ୍କୁଲର ୯ ଜଣ ଛାତ୍ର ଦଶମ ଶ୍ରେଣୀ ପ୍ରିବୋର୍ଡ ପରୀକ୍ଷାରୁ ବାଦ୍ ପଡିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାଟି ଜଣାପଡିବା ପରେ ଅଭିଭାବକ ଓ ଶିକ୍ଷା ଅଧିକାରୀଙ୍କ ମହଲରେ ଚିନ୍ତାର ବିଷୟ ହୋଇଛି । ଅଭିଯୋଗ ଅନୁସାରେ ଭାଲେର ହାଇସ୍କୁଲରେ ବେନିୟମ ଭାବେ ସବ୍‌ସିଡାଇରି ଫି ବାବଦକୁ କୁଆଡେ ୫ଶହ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ସ୍କୁଲର ୯ ଜଣ ଗରିବ ବିପିଏଲ ପରିବାରର ଛାତ୍ର ଏହି ଫି ଠିକଣା ସମୟରେ ଦେଇପାରି ନ ଥିଲେ । ଫଳରେ ସୋମବାରଠାରୁ ଆରମ୍ଭ ହୋଇଥିବା ପ୍ରିବୋର୍ଡ ପ୍ରଥମ ପରୀକ୍ଷାରେ ସମ୍ପୃକ୍ତ ୯ ଜଣ ଛାତ୍ରଙ୍କୁ ସ୍କୁଲ ପ୍ରଧାନ ଶିକ୍ଷକ କୁଆଡେ ପରୀକ୍ଷା ଦେଇପାରିବେ ନାହିଁ ବୋଲି କହିଥିଲେ । ସୋମବାର ସାହିତ୍ୟ ପରୀକ୍ଷା ହୋଇଥିଲା ଓ ଏହାକୁ ସମ୍ପୃକ୍ତ ୯ ଜଣ ଛାତ୍ର ଦେଇପାରି ନ ଥିଲେ । ମଙ୍ଗଳବାର ଇଂରାଜୀ ପରୀକ୍ଷା ଥିଲା ଓ ୯ ଜଣ ଛାତ୍ର ପରୀକ୍ଷା ହଲ୍‌ରେ ନ ବସି ହଲ ବାହାରେ ବସିଥିବା ଦେଖା ଯାଇଥିଲା । ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସରକାରୀ ସ୍କୁଲରେ ଫି ବାବଦକୁ ନେଇ ଛାତ୍ରଙ୍କୁ ପରୀକ୍ଷାରୁ ବାଦ୍ ଦିଆଯିବା ଘଟଣାକୁ ନେଇ କିଛି ଅଭିଭାବକ ହୋହାଲ୍ଲା କରିଥିଲେ । ସ୍କୁଲ କମିଟି ସଦସ୍ୟମାନେ ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଧାନ ଶିକ୍ଷକ ମନଇଚ୍ଛା ଏଭଳି ନିୟମ କରିଥିବା ଅଭିଯୋଗ ହୋଇଥିଲା । ଏଭଳି ଏକ ଅଭିଯୋଗ ଓ ଘଟଣା ସମ୍ପର୍କରେ ଜାଣିବା ପରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା କ୍ଷୋଭ ପ୍ରକାଶ କରିବା ସହ ଘଟଣାର ଉଚିତ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସ୍କୁଲ ପ୍ରଧାନ ଶିକ୍ଷକ ମଙ୍ଗଳବାର ଅନୁପସ୍ଥିତ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।





.ଲୋକଙ୍କୁ ସଚେତନ ପାଇଁ ଶୋଭାଯାତ୍ରା ବାହାରିଛି।

## ମୋଟରଯାନ, ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କଲା ପୋଲିସ

**କଣ୍ଟାବାଞ୍ଜି, ୧୭।୯(ଡି.ଏନ.ଏ.)**

ନୂଆ ମୋଟରଯାନ ଓ ଟ୍ରାଫିକ ନିୟମ ସମ୍ପର୍କରେ କଣ୍ଟାବାଞ୍ଜି ପୋଲିସ ମଙ୍ଗଳବାର ଲୋକଙ୍କୁ ସଚେତନ କରିଛି। ଏହି ଅବସରରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଜନସାଧାରଣ ସାମିଲ ହୋଇଥିଲେ। ଯାନାବାହାନ ଚଲାଇବା ବେଳେ ମଦ୍ୟପାନ ନ କରିବା, ମୋବାଇଲ ଫୋନରେ କଥା ନ ହେବା, ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ପାଳନ କରିବା, ଜରୁରୀ ଯାନବାହାନକୁ ରାସ୍ତା ଦେବା, ଗାଡି ଚାଳକ ନିଜ ପାଖେ ଗାଡିର ସମସ୍ତ କାଗଜାପତ୍ର ରଖିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକାର, ରୋହିତ ଅଗ୍ରୱାଲ, ହରପ୍ରସାଦ ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ୱାରେଣ୍ଟ ବଳରେ ସରପଞ୍ଚଙ୍କୁ କୋର୍ଟ ଚାଲାଣ

**ବଲାଙ୍ଗୀର ଅଫିସ, ୧୭।୯**

ବଲାଙ୍ଗୀର ଲୋଇସିଂହା ବ୍ଲକ୍ ତଥା ସଦର ଥାନା ଅନ୍ତର୍ଗତ ରେଙ୍ଗାଲୀ ପଞ୍ଚାୟତ ସରପଞ୍ଚ ଘାସିରାମ ରାଜପୁତ୍‌ଙ୍କ ବରୋଧରେ ୱାରେଣ୍ଟ ଇସ୍ୟୁ ହୋଇଥିବାରୁ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨୦୦୭ରେ ଏକ ମାମଲାକୁ ନେଇ ରାଜପୁତ୍‌ଙ୍କ ବିରୋଧରେ କୋର୍ଟରୁ ଏକ ୱାରେଣ୍ଟ ଇସ୍ୟୁ ହୋଇଥିଲା । ଏହି ୱାରେଣ୍ଟ ବଳରେ ସରପଞ୍ଚ ରାଜପୁତ୍‌ଙ୍କୁ ସଦର ପୋଲିସ ଗିରଫ କରିଥିଲା । ତେବେ ସରପଞ୍ଚଙ୍କୁ ଗିରଫ କରିବା ପ୍ରତିବାଦ କରି ପଞ୍ଚାୟତର କିଛି ସମର୍ଥକ ଥାନାକୁ ଆସି ଧାରଣା ଦେଇଥିଲେ । ମାତ୍ର ଏ ଦିଗରେ ପୋଲିସ କିଛି କରିପାରିବ ନାହିଁ ବୋଲି କହି ତାଙ୍କୁ କୋର୍ଟଚାଲାଣ କରିଛି।

## ପାଣି, ରାସ୍ତା ପାଇଁ ବ୍ଲକ ଅଫିସ ଘେରାଉ

**ସଇଁତଲା, ୧୭।୯ (ଡି.ଏନ.ଏ.)**

ସଇଁତଲା ସହରକୁ ଜଳ ଯୋଗାଣ ପାଇଁ ଏକ ଓଭରହେଡ଼ ଟ୍ୟାଙ୍କ ନିର୍ମାଣ ହୋଇସାରିଛି। ହେଲେ ଏ ପର୍ଯ୍ୟନ୍ତ ଜଳ ଯୋଗାଣ ବ୍ୟବସ୍ଥା ହୋଇନି। ସେହିଭଳି କଅଁସରପଡ଼ା ଦେଇ ବ୍ଲକ ଛକକୁ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ନେଇ ଲୋକେ ଉତ୍ତ୍ୟକ୍ତ ହୋଇ ଉଠିଛନ୍ତି। ମଙ୍ଗଳବାର ଲୋକେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଇଁତଲା ସହରକୁ ଜଳ ଯୋଗାଣ ପାଇଁ କଅଁସରପଡ଼ାଠାରେ ୩୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଓଭରହେଡ଼ ଟାଙ୍କି ନିର୍ମାଣ ହୋଇଛି। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ୍ୟ ସହରକୁ ଜଳ ଯୋଗାଣ ହେଉନାହିଁ। ସେହିପରି କଅଁସରପଡ଼ା ଦେଇ ସଇଁତଲା ବ୍ଲକ ଛକକୁ ଯାଇଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ମହିଳା, ବହୁ ବୁଦ୍ଧିଜିବୀ, ଓକିଲ ରାମ ବେହେରା, ହିଜକ୍ଷ ତାଣ୍ଡି, ମାନଭଞ୍ଜନ ପାଣିଗ୍ରାହୀ, ମନୋଜ ପୃଷ୍ଟେଠ, ଶିକ୍ଷାବିତ ସତ୍ୟନାରାୟଣ ବେହେରା, କିଷନ ଅଗ୍ରୱାଲ, ଲଲାଟେନ୍ଦୁ ପୃଷ୍ଟେଠ, ଚନ୍ଦ୍ର ଚନନ୍ଦ, ରଜତ ପଟ୍ଟନାୟକ, ପରମେଶ୍ୱର କର୍ମୀ, ବିକ୍ରମ ବଗର୍ତି, ସୁବାଷ ରଥ, ବିନୟ ଭୋଇ, ଲାଦୁରାମ କର୍ମୀଙ୍କ ସମେତ ଶତାଧିକ ଲୋକ ଚଣ୍ଡୀ ମନ୍ଦିରରୁ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ ପଟ୍ଟନାୟକ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ୩ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡିଛନ୍ତି। ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ କହିଛନ୍ତି ଯେ, ପାଇପ ବିଛାଇବା ପାଇଁ ୨ ଥର ଟେଣ୍ଡର ଆହ୍ୱାନ କରାଯାଇଛି। ହେଲେ କୌଣସି ଠିକାଦାର ଟେଣ୍ଡର ନ ପକାଇବାରୁ କାମ ବିଳମ୍ବ ହେଉଛି। ପୁନଃ ଟେଣ୍ଡର ପକାଇବା ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଛି। ଟେଣ୍ଡର ପ୍ରକ୍ରିୟା ସରିଲା ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯାଇ ଜଳ ଯୋଗାଣ କରାଯିବ।



ଲୋକେ ସଇଁତଲା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
**WEST COAST DIESELS LLP**
**odisha@wcdllp.com**
Contact: 9438164468, 9337003316

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary **27500** to **95700.** Sent your resume **akashaviationacademy11@gmail.com**
9811057388 / 9811135247

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to **HINDUSTAN JEWELLERS, BHUBANESWAR**
Good Salary.

**Stipend Agent In LIC**
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.

Age-18-35 yrs, Qual. : 10th & Above
**7064693160**
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
**Sara Gastro and Laparoscopic Hospital**
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., Monthly Salary upto Rs.25,000/-.
**Contact Immediately**
**Mob: 8763257042**

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ । ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping

Age limit: 18 to 45 years.
**Salary: 8000 to 25000**
Ph. No. 7749823581, 7749823616

**Kerala Panchakarma Vaidyasala**
**Bhubaneswar requires**
- Panchakarma Therapist - 10 nos. (M/F) 8th Pass and above (Freshers can apply)
- Beautician - 5 Nos. (F)
- Ayurvedic Doctors - 2 Nos.

Experience candidates can Contact: Mob- **9937057118, 6370823466, 0674-2590053**

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
-କନଫୁସିୟସ



**ସଂକ୍ଷେପରେ**



## କୋମନା ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**କୋମନା,୧୭।୯(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମଙ୍ଗଳବାର ପୂଜା ପାଳିତ ହୋଇଯାଇଛି। କୋମନା ବିଦ୍ୟୁତ୍ ବିଭାଗ ଓ ନୁର ଗେରେଜ, କୁରୁମପୁରୀ ବିଦ୍ୟୁତ୍ ବିଭାଗ ସମେତ ମହୁଲଭଟା ଗାଁରେ ବହୁ ଆଡମ୍ବର ସହକାରେ ପୂଜା ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ସୁଉଚ୍ଚ ତୋରଣ ଓ ଅତ୍ୟାଧୁନିକ ଆଲୋକ ସାଜସଜ୍ଜାରେ ମଣ୍ଡପଗୁଡିକ ଝଲସୀ ଉଠିଛି। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା ମଣ୍ଡପରେ ଭକ୍ତଙ୍କ ସମାଗମ ହୋଇଛି ।

## ରିଷିଡା ଅଞ୍ଚଳରେ ମଶା ଉପଦ୍ରବ

**ରିଷିଡା,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ନାଳ ନର୍ଦ୍ଦମା ସଫେଇ ହେଉ ନ ଥିବାରୁ ମଶା ବଂଶ ବୃଦ୍ଧି ପାଉଛି । ସନ୍ଧ୍ୟା ହେଲେ ମଶାମାନେ ଉପଦ୍ରବ କରୁଛନ୍ତି । ଦୀର୍ଘ ୧ ବର୍ଷ ହେଲା ଡିଡିଟି ସିଞ୍ଚନ ହୋଇ ନ ଥିବା ବେଳେ ମଶା ଦାଉରୁ ଲୋକେ ଅତିଷ୍ଠ ହେଲେଣି । ତୁରନ୍ତ ଏହାର ଆଶୁ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।



## ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ,୧୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରକୁ ସ୍ୱଚ୍ଛ ସୁନ୍ଦର ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ବିଭାଗ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କ ନେତୃତ୍ୱରେ ଧର୍ମଗଡ ସହରଠାରୁ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ସହରରେ ଏକ ସଚେତନତା ରାଲି ସହ ବିଭିନ୍ନ ଛକ ସ୍ଥାନରେ ପ୍ଲାଷ୍ଟିକ ବର୍ଜନ, ସହରକୁ ପ୍ରଦୂଷଣ ମୁକ୍ତ କରିବା ସହ ସ୍ୱଚ୍ଛତା ଉପରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସମସ୍ତ କର୍ମଚାରୀଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଧର୍ମଗଡ ଏନଏସି ଅଧ୍ୟକ୍ଷା ହିରା ବାଗ, କ୍ଷୁଦ୍ର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର କୁମାର ନାଏକ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସମରେନ୍ଦ୍ର ବିଶ୍ୱାଳ, ଯନ୍ତ୍ରୀ ନବ କିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ।

ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ, ଭଲିବଲ ପ୍ରତିଯୋଗିତା

# କ୍ରୀଡ଼ା ମାନସିକ, ଶାରୀରିକ ସୁସ୍ଥତା ଆଣିଦିଏ

**ନୂଆପଡା ଅଫିସ,୧୭।୯**

ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲା ଶିକ୍ଷା ବିଭାଗ ତରଫରୁ ମଙ୍ଗଳବାର ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ କ୍ରୀଡା କିପରି ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ କାମ କରିଥାଏ ସେ ଉପରେ ମତ ରଖିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ନୂଆପଡା ବ୍ଲକ ଶିକ୍ଷାଧିକାରୀ ଡ.ରେଶମ ଲାଲ ନାଏକ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ବିନୋଦ କୁମାର ପାଢୀ, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରିଡା ନିରୀକ୍ଷକ ମହେଶ ଦଣ୍ଡସେନା ପରିଚାଳନା କରିଥିଲେ। ଏଥିରେ ୫ଟି ବ୍ଲକର ୧୯୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଭଲିବଲରେ୧୪ ବର୍ଷରୁ କମ ବୟସ ପୁରୁଷ ବର୍ଗରେ ସିନାପାଲି ଚାମ୍ପିୟନ ହୋଇଥିବାବେଳେ ନୂଆପଡା ଦଳ ରନର୍ସ ଅପ ହୋଇଛି । ଏହିଭଳି ୧୭ ବର୍ଷରୁ କମ ବାଳିକା ବର୍ଗରେ ନୂଆପଡା ଦଳ ଚାମ୍ପିୟନ ଏବଂ ଖଡିଆଳ ରନର୍ସ ଅପ, ବାଳକ ବର୍ଗରେ ନୂଆପଡା ଦଳ ଚାମ୍ପିୟନ, କୋମନା ଦଳ ରନର୍ସ ଅପ ହୋଇଛି । ବ୍ୟାଡମିଣ୍ଟନ ୧୭ବର୍ଷରୁ କମ ବାଳକ ବର୍ଗରେ ଖଡିଆଳ ଦଳ ରାହୁଲ ମେହେର ଏବଂ ସାଥୀ ଶକ୍ତି ସ୍ୱରୂପ ସୁପକାର ଚାମ୍ପିୟନ, ନୂଆପଡା ଦଳ ରନର୍ସ ଅପ, ବାଳିକା ବର୍ଗରେ ନୂଆପଡା ଦଳ ଚାମ୍ପିୟନ ଏବଂ ଖଡିଆଳ ଦଳ ରନର୍ସ ଅପ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ପ୍ରତିଯୋଗୀତାକୁ ସମସ୍ତ ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ। ଏଠିକାର କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା କାର୍ଯ୍ୟସୂଚୀ ରହିଛି।



ଚାମ୍ପିୟନ ଛାତ୍ରଙ୍କ ସହ ଅତିଥିବୃନ୍ଦ।

ବିପର୍ଯ୍ୟୟ ପ୍ରଶମନ ସକାଶେ ପ୍ରସ୍ତୁତି ବୈଠକ

# ଗାଁକୁ ଯାଇ ଯୋଜନା କରିବ ସଙ୍ଗଠନ

**ନୂଆପଡା ଅଫିସ,୧୭।୯**

ଜିଲାରେ ବିପର୍ଯ୍ୟୟ ପ୍ରଶମନ ସକାଶେ ଅଗ୍ରୀମ ଯୋଜନା କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମଧ୍ୟସ୍ମିତା ସାହୁ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲା ଜରୁରୀକାଳୀନ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାରେ ପରଦା ନାଏକ ଏକ ସଙ୍ଗଠନକୁ ବିପର୍ଯ୍ୟୟ ପରିଚାଳନା ସକାଶେ ଗ୍ରାମ୍ୟସ୍ତରରେ ଯୋଜନା କରିବାକୁ ଦାୟୀତ୍ୱ ଦିଆଯାଇଛି। ଏଥିପାଇଁ ବ୍ଲକ ତଥା ତହସିଲସ୍ତରରେ ଅଧିକାରୀମାନେ ସହଯୋଗ କରିବା ସହ ଆବଶ୍ୟକସ୍ଥଳେ ପରାମର୍ଶ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପରଦା ନିର୍ଦ୍ଦେଶକ ରୁଦ୍ର ପଟ୍ଟନାୟକ ଏଥିପାଇଁ କିପରି ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ଉପସ୍ଥାପନ କରିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ଗାନ୍ଧୀ ଜୟନ୍ତୀ ପାଇଁ ବ୍ଲକସ୍ତରୀୟ ପ୍ରତିଯୋଗିତା

**ନୂଆପଡା ଅଫିସ,୧୭।୯**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଜିଲାବ୍ୟାପି ବିଦ୍ୟାଳୟଗୁଡିକରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ନୂଆପଡା ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏହାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଲଳିତ ମୋହନ ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏମାନେ ଆଗାମୀ ୧୯ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଥିରେ ବିଚାରକ ଭାବେ ଶଙ୍କର୍ଷଣ ପୁରୋହିତ, ପାର୍ବତୀ ଭୋଇ, ରାମେଶ୍ୱର ଦାସ, କିଶୋର କୁମାର ପରିଡା, ରାଜେଶ ମହଲା, ମନୋରଞ୍ଜନ ସତପଥୀ, କିଶୋର ପ୍ରଧାନ, ବିଜୟ ସାହୁ, ବିକ୍ରମ ପଟେଲ, ରଜନୀ ପ୍ରଧାନ, ସରସ୍ୱତୀ ଶବର, ରାମ ଚରଣ ସିନ୍ଧୁର ପ୍ରମୁଖ ଯୋଗ ଦେଇଥିଲେ।

## ସେବା ଦିବସରେ ଚକ୍ଷୁ ଚିକିତ୍ସା ଶିବିର

**ସିନାପାଲି,୧୭।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ହାତୀବନ୍ଧାଠାରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ କରୁଥିବା ସେବା ସପ୍ତାହରେ ସୋମବାର ଚକ୍ଷୁଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁବ୍ରତକୁମାର ଠାକୁର, ଅରିଗନ ଯୋଷୀ, ମାର୍କଣ୍ଡ ଗହୀର, ଚିତ୍ରଭାନୁ ସିଂ ମାଝି, ଶଦାଗର ମେହେର, ରାଜେନ୍ଦ୍ର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଅଞ୍ଚଳର ପ୍ରାୟ ୮୬ ଜଣ ବୃଦ୍ଧବୃଦ୍ଧା, ପୁରୁଷମହିଳାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୭ ମୋତିଆବିନ୍ଦୁ ଥିବା ରୋଗୀମାନଙ୍କୁ ଚିହ୍ନଟ କରାଯାଇଥିଲା । ଆସନ୍ତ ୧୮ ତାରିଖରେ ସେମାନଙ୍କୁ ମାଗଣାରେ ଭବାନୀପାଟଣା ଡାକ୍ତରଖାନରେ ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ଗତ ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଦେଶରେ ସେବା ସପ୍ତାହ ଭାବେ ପାଳିତ ହେଉଛି। ବିଭିନ୍ନ ସେବା କାର୍ଯ୍ୟ, ପର୍ଯ୍ୟାବରଣ ସମ୍ବନ୍ଧିତ ବିଷୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ସାର୍ବଜନୀନ କରିବା ପ୍ରୟାସ ଜାରି ରହିଛି। କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ସେବା କାର୍ଯ୍ୟ ପ୍ରତି ସଚେତନତା ଓ ସମ୍ବେଦନଶୀଳତା ସୃଷ୍ଟି କରି ଜୀବନଶୈଳୀରେ ପ୍ରତିଫଳିତ କରିବା ସହ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷଣ, ଡାକ୍ତରଖାନା, ବୃଦ୍ଧାଶ୍ରମ ଓ ଅନାଥାଶ୍ରମକୁ ଯାଇ ଫଳ ବଣ୍ଟନ, ପ୍ଲାଷ୍ଟିକ ବର୍ଜନ, ଚାରାରୋପଣ ଓ ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯାଉଛି।



ଆବାସ ଯୋଜନାରେ ଘର ନିହ ଖୋଳିବା ଅବସରରେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ନିହ ପକାଇଲେ ଅଧ୍ୟକ୍ଷା

**ନୂଆପଡା ଅଫିସ,୧୭।୯**

ସରକାର ଗରିବ ଲୋକଙ୍କୁ ଅଗ୍ରାଧିକାର ଭିତିରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଦେବାରେ ଏକ ଅଭିଯାନ ଚଳାଇଥିବାବେଳେ ବର୍ତ୍ତମାନ ସମସ୍ତ ଗୃହ ନିର୍ମାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନ ବ୍ଲକସ୍ତରରେ ଅଧ୍ୟକ୍ଷମାନେ ଲୋକଙ୍କ ନିକଟକୁ ଯାଇ ଘର ନିହ ପକାଇ ଶୁଭ ଦେଉଛନ୍ତି । ଏହି ଅବସରରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ସ୍ଥାନୀୟ ସାରାବଙ୍ଗ ଗ୍ରାମପଞ୍ଚାୟତ ଗସ୍ତ କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଠିକାର ଲାଞ୍ଜିମାର ଗାଁରେ ଜଣେ ହିତାଧିକାରଙ୍କ ଆବାସ ନିର୍ମାଣ ସକାଶେ ଅଧ୍ୟକ୍ଷା ସାହୁନିହ ଖୋଳିଥିଲେ । ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ମାଣ କଲେ ପୁରସ୍କାର ଦେବାର ବ୍ୟବସ୍ଥା ରହିଥିବା କହିଥିଲେ । ଏହା କେବଳ ଯେ ଏକ ଘର ନୁହେଁ ବରଂ ମନ୍ଦିର ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ, ୱାର୍ଡ ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ ।



ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଭାଜପା ପକ୍ଷରୁ ଫଳ ବଣ୍ଟନ

**କୋମନା,୧୭।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ପାତାଳେଶ୍ୱର ମଣ୍ଡଳ ଭାଜପା ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୬୯ତମ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀମାନଙ୍କୁ ଓ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ଭାଜପା କାର୍ଯ୍ୟକର୍ତ୍ତାମାନେ ଫଳ ବଣ୍ଟନ କରିଥିଲେ। ଗତ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ସେବା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜନହିତକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏହି ଅବସରରେ ଯୁବମୋର୍ଚ୍ଚା ସଭାପତି ଚନ୍ଦନ କୁମାର ଠାକୁର, ମଣ୍ଡଳ ସଭାପତି ପୀତାମ୍ବର ନାଗ, ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଈଶ୍ୱର ପଟେଲ, ଜିଲା କାର୍ଯ୍ୟକାରିଣି ସଦସ୍ୟ ପ୍ରବୀଣ କୁମାର ଭୋଇ, କାର୍ଯ୍ୟକର୍ତ୍ତା ଖଗେଶ୍ୱର ଦୀପ, ସରୋଜ ମଲ୍ଲିକ, ଦେବପ୍ରସାଦ ଗହୀର, ରମେଶ କେତକୀ, କାର୍ତ୍ତିକ ନିଆଁଲ, କବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ତୃତୀୟ ଦିବସ

# ଷ୍ଟାର ଇଲେଭେନ୍ ୨-୦ ବିଜୟୀ

**ଭବାନୀପାଟଣା,୧୭।୯(ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ମଙ୍ଗଳବାର ଏନ୍‌ଡିସିସି ବନାମ ଷ୍ଟାର ଇଲେଭେନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଷ୍ଟାର ଇଲେଭେନ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ଷ୍ଟାର ଇଲେଭେନ୍ ତରଫରୁ ବିମଳ ମାଝି ୧ ଗୋଲ ଓ ନାରାୟଣ ପ୍ରଧାନ ୧ ଗୋଲ ଦେଇଥିଲେ। ଏହାର ଜବାବରେ ଏନ୍‌ଡିସିସି ଦଳ ତରଫରୁ କୌଣସି ଗୋଲ ଦେଇ ପାରି ନ ଥିଲେ। ଫଳରେ ଷ୍ଟାର ଇଲେଭେନ୍ ବିଜୟୀ ହୋଇଥିଲା। ତୃତୀୟ ଦିବସର ମ୍ୟାଚ୍‌ରେ ଅତିଥି ଭାବେ ଜାତୀୟସ୍ତର ଫୁଟବଲ ପରିଚାଳକ ତଥା କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ପୂର୍ବତନ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ନେଗୀ ଯୋଗଦେଇଥିଲେ। ତୃତୀୟ ଦିବସରେ ଅନ୍ତର୍ଜାତୀୟ ଫୁଟବଲ ରେଫରୀ ନବୀନ ନାଏକ, ମନୋଜ କୁମାର ବିଶ୍ୱାଳ, ପି.ଭି ରାଓ ଓ ଅଶୋକ କୁମାର ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ବୁଧବାର ଚତୁର୍ଥ ମ୍ୟାଚ୍ ଜିଲା କ୍ରୀଡା ଛାତ୍ରାବାସ ଓ ମର୍ନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ବିଜୟୀ ଷ୍ଟାର ଇଲେଭେନ୍ ଦଳର ଖେଳାଳି ଏବଂ ଅତିଥି ।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
**WEST COAST DIESELS LLP**
odisha@wcdllp.com
Contact: 9438164468, 9337003316

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary **27500** to **95700.** Sent your resume
akashaviationacademy11@gmail.com
9811057388 / 9811135247

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to
**HINDUSTAN JEWELLERS, BHUBANESWAR**
Good Salary.

**Stipend Agent In LIC**
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.

Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍,
**ବୟସ:** (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ ।
ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping

Age limit: 18 to 45 years.
**Salary: 8000 to 25000**
Ph. No. 7749823581, 7749823616

**Kerala Panchakarma Vaidyasala Bhubaneswar requires**
- Panchakarma Therapist - 10 nos. (M/F) 8th Pass and above (Freshers can apply)
- Beautician - 5 Nos. (F)
- Ayurvedic Doctors - 2 Nos.

Experience candidates can Contact: Mob- 9937057118, 6370823466, 0674-2590053

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ସେଲିବ୍ରିଟିମାନେ ଲୋକଙ୍କ ଆଗରେ ସେମାନଙ୍କ ଜୀବନର ବାସ୍ତବ ଚିତ୍ର ରଖି ସତ କହିବା ଦରକାର।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ



## ସଂକ୍ଷେପରେ

### ବୋଲେରୋ ବାଇକ ଧକ୍କା: ବାଇକ ଆରୋହୀ ଗୁରୁତର

ଲହୁଣୀପଡା, ୧୭।୯ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ପୁରୁଣାପାଣି ବାଇପାସଠାରେ ମଙ୍ଗଳବାର ପ୍ରାୟ ଅଢ଼େଇଟା ବେଳେ ବୋଲେରୋ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କୁଡେଇକଲା ପଞ୍ଚାୟତ ବାସୁବାହାଲ ଗ୍ରାମର ଅଂଶୁମାନ ମାହାନ୍ତ (୧୯) ଓଡି ୧୪ ଏସ- ୪୨୮୪ ବାଇକ ଯୋଗେ ବଣାଇ ପଟୁ ଆସୁଥିବା ବେଳେ ବିପରୀତ ଦିଗରୁ ଓଡି ୦୨ ଡବ୍ଲୁ-୯୫୫୪ ବୋଲେରୋ ସହିତ ଧକ୍କା ହୋଇଥିଲା। ଫଳରେ ଅଂଶୁମାନଙ୍କ ଡାହାଣ ଗୋଡରେ ଶକ୍ତ ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଲହୁଣୀପଡା ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ରାଉରକେଲା ସ୍ଥାନାନ୍ତର କରିଥିବା ଜଣାଯାଇଛି।



### ବୋଲେରୋ ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଦୁଇ ଆରୋହୀ

ହେମଗିର, ୧୭।୯ (ଡି.ଏନ.ଏ) ମଙ୍ଗଳବାର ଅପରାହ୍ଣ ଦେଢ଼ଟା ସମୟରେ ଏନଟିପିସିର ଖପୁରିକଛାର ସାଇଡ ଅଫିସ ପାଖରେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଗାଡିଟି ଦୁଲିଙ୍ଗାରୁ କନକତୁରା ପଟକୁ ଯାଉଥିଲା । ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଦେଖଣାହାରୀଙ୍କଠାରୁ ପ୍ରକାଶ। ଗାଡି ନଂ. ଓଡି ୧୬ ଏ- ୪୪୦୬। ଏଥିରେ ଥିବା ଦୁଇ ଜଣ ଆରୋହୀ ଅଳ୍ପକେ ବର୍ତ୍ତିଯାଇଥିଲେ।

# ବାଲି, ପଥର ଚୋରି ବଢୁଛି

- ପାନପୋଷ ତହସିଲ
- ସରକାରୀ ଜମି ମଧ୍ୟ ବେଆଇନ ଦଖଲ ହେଉଛି
- ରାଜସ୍ୱ ବିଭାଗ ଚେଇଁ ଶୋଇଛି
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

କୁଆଁରମୁଣ୍ଡା,୧୭।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାଠାରେ ଥିବା ପାନପୋଷ ତହସିଲ ଅଞ୍ଚଳରେ ଏବେ ଦିନକୁ ଦିନ ବାଲି ଓ ପଥର ଚୋରି ବୃଦ୍ଧି ପାଇବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ସରକାରୀ ରାଜସ୍ୱ ଲୁଟ ହେଉଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ମୁଖ୍ୟ କାରଣ ହେଉଛି କୁଆଁରମୁଣ୍ଡାସ୍ଥିତ ପାନପୋଷ ତହସିଲର ଅଧିକାଂଶ କର୍ମଚାରୀ କୁଆଁରମୁଣ୍ଡା ଅଞ୍ଚଳରେ ରହୁ ନ ଥିବାରୁ ସରକାରୀ ରାଜସ୍ୱ ଲୁଟ୍ ବହୁ ମାତ୍ରାରେ ବଢିଚାଲିଛି। କୁଆଁରମୁଣ୍ଡା ତହସିଲ ଇଲାକା ଅନ୍ତର୍ଗତ ଶଙ୍ଖ ନଦୀ, କୋଏଲ ନଦୀର ବାଲୁକା ଉତ୍ସରୁ ବେଆଇନଭାବେ ପ୍ରତ୍ୟେହ ଲକ୍ଷାଧିକ ଟଙ୍କାର ସରକାରୀ ରାଜସ୍ୱ ଲୁଟ ଚାଲିଛି। ସେହିପରି ପୁଟ୍ରିଖମଣ, କାଲୋସିହିରିଆ,କୁମଝରିଆ ଇତ୍ୟାଦି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନଭାବେ ଅଧା ଡଜନରୁ ଊର୍ଦ୍ଧ୍ୱ ବେଆଇନ ପଥର ଖାଦାନରୁ ଦିନ ଦ୍ୱିପ୍ରହରରେ ଶତାଧିକ ଟ୍ରକ ପଥର ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିଲେ ମଧ୍ୟ ଏଥିପ୍ରତି ସରକାରୀ କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ଆଶ୍ଚର୍ଯ୍ୟପ୍ରକଟ କରୁଛି। ମୋଟାମୋଟିଭାବେ ଏବେ ତହସିଲରେ ଶତକଡ଼ା ୯୦ ଭାଗ କର୍ମଚାରୀ ମହିଳା ଶ୍ରେଣୀର ହୋଇଥିବାରୁ ଚୋରା ବେପାରକୁ ରୋକିବା ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଫଳରେ ଏହାର ସୁଯୋଗ ନେଇ ଏବେ ତହସିଲ ଅଞ୍ଚଳରେ କେବଳ ବାଲି, ପଥର ଚୋରି ନୁହେଁ ସରକାରୀ ଜମି ଜବରଦଖଲ ମଧ୍ୟ ଅହେତୁକଭାବେ ବୃଦ୍ଧି ପାଇବାରେ ଲାଗିଛି। ଗୋଚର ଜମିଗୁଡିକ ଦିନ ପରେ ଦିନ ତହସିଲରେ ବୁଲୁଥିବା ଦଲାଲଙ୍କ ଜରିଆରେ ଜବରଦଖଲ ହୋଇ ଚାଲିଛି । ଏନେଇ ମଧ୍ୟ ଲକ୍ଷାଧିକ ଟଙ୍କା ଦଲାଲମାନେ ନେଇ ରାଜସ୍ୱ କର୍ମଚାରୀଙ୍କୁ ତୋଷ କରି ନିଜେ ମାଲେମାଲ ହେଉଛନ୍ତି। ଫଳରେ ନିକଟ ଭବିଷ୍ୟତରେ ଏହି ଅଞ୍ଚଳରେ ଆଉ ଗୋଚର ଜମି ଦେଖିବାକୁ ନ ମିଳିବା ନେଇ ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳର ଗୋସମ୍ପଦ ପାଇଁ ଏହା ଏକ ପ୍ରକାର ବିପଦଆଡକୁ ଠେଲି ଦେଉଛି। ତହସିଲରେ ଏପରି ଅବ୍ୟବସ୍ଥା ପ୍ରତି ରାଜସ୍ୱ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଲଙ୍ଗାବାହାଲ ଛକରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା ।

### ସମବାୟ ସଂସ୍ଥାରେ ଅନିୟମିତତା

## ବେନିୟମ ଭାବେ ଭତ୍ତା ଉଠାଣ କରୁଥିଲେ କର୍ମଚାରୀ

ବଡ଼ଗାଁ, ୧୭।୯ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମସ୍ଥିତ ସମବାୟ ସମିତି (ଲ୍ୟାମ୍ପ୍ସ)ରେ ଭୂତ କର୍ମଚାରୀଙ୍କ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ ଓ ବାହାର ଜିଲାର ଜମି ପଟ୍ଟାରେ ଧାନ କିଣା ଘଟଣାର ପର୍ଦ୍ଦାଫାଶ ହୋଇଥିଲା ବେଳେ ସାହାଜବାହାଲ ଲ୍ୟାମ୍ପ୍ସ ଦାୟୀତ୍ୱରେ ଥିବା ଜଣେ କର୍ମଚାରୀ ଦରମା ଉଠାଣ ସହିତ ଦୀର୍ଘବର୍ଷ ଭତ୍ତା ବା ଖର୍ଚ୍ଚ ତୁଳାଇବା ନିମନ୍ତେ ଅର୍ଥ ଉଠାଣ (ଏଲାଉନ୍ସ) କରିଥିବା ସ୍ୱତନ୍ତ୍ର ଅଡିଟ୍‌ରେ ଧରାପଡିଛି। ସୂଚନାନୁଯାୟୀ, ୨୦୧୦ ରୁ ୨୦୧୮ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ ଆରସିଏମଏସରେ କର୍ମଚାରୀ ଥିବା ସୀତାରାମ ବାଗଙ୍କୁ ୨୦୧୪ ରେ ଲ୍ୟାମ୍ପ୍ସର ବୋର୍ଡ ନଥିବାରୁ ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ) ଦାୟୀତ୍ୱ ଦିଆଯାଇଥିଲା । ସେ ସରକାରୀ କର୍ମଚାରୀ ହୋଇଥିବା ସତ୍ତ୍ୱେ ବେନିୟମ ଭାବେ କ୍ଷମତା ବ୍ୟବହାର କରି ମାସିକ ୨୫ ଶହ ଟଙ୍କା ଖର୍ଚ୍ଚ ତୁଳାଇବା ନିମନ୍ତେ ଅର୍ଥ ବା ଭତ୍ତା ମଞ୍ଜୁର କରାଇ ଦୀର୍ଘ ବର୍ଷ ନେଇ ଆସୁଥିଲେ । ବିଭାଗୀୟ ସ୍ତରରେ ଏହା ଜଣାପଡିବା ଓ ଅଭିଯୋଗକ୍ରମେ ୨୦୧୫ ମାର୍ଚ୍ଚ ୨୭ ତାରିଖ ତାଙ୍କୁ ନେଇଥିବା ଅର୍ଥର ମଞ୍ଜୁର ନିର୍ଦ୍ଦେଶ ମଗାଯାଇଥିଲା । କିନ୍ତୁ ସେ ଦେଇପାରି ନ ଥିଲେ । ଏପରିକି ଏହି ଦୁର୍ନିତୀ ଉପରେ ହୋଇଥିବା ସ୍ୱତନ୍ତ୍ର ଅଡିଟ୍ ସମୟରେ ମଧ ଏହା ଉପରେ ଠିକ ତଥ୍ୟ ଦେଇପାରି ନ ଥିଲେ । ଏହାପରେ ଅଡିଟର୍ ଜଣେ ସରକାରୀ କର୍ମଚାରୀ ଦୀର୍ଘ ବର୍ଷ ଏଲାଉନ୍ସ ଉଠାଣ ପାଇଁ ଯୋଗ୍ୟ ନୁହଁନ୍ତି ଓ ଏହି ସୁବିଧା ନେଇପାରିବେ ନାହିଁ ଦର୍ଶାଇବା ସହିତ ୨୦୧୩-୧୪ ବର୍ଷର ୩୦ ହଜାର ଟଙ୍କା ସହିତ ଫାଇନାଲ ଅଡିଟ୍ ରିପୋର୍ଟରେ ସମସ୍ତ ଅର୍ଥ ୟୁ/ଏସ ୬୭ ଓସିଏସ ଆକ୍ଟ ୧୯୬୨ ଅନୁସାରେ ଭରଣା କରିବାକୁ ନିର୍ଦ୍ଦେଶ ହୋଇଛନ୍ତି । ତେବେ ଅଡିଟର୍ ତାଙ୍କ ରିପୋର୍ଟରେ ଦୀର୍ଘ ବର୍ଷ ଏଲାଉନ୍ସ ଉଠାଣ ହୋଇଥିବା ଦର୍ଶାଇଥିବାରୁ ନାନାଦି ସନ୍ଦେହ ଉପୂନ୍ନ ହେଉଛି । ଜଣେ କର୍ମଚାରୀ ସମସ୍ତଙ୍କ ଆଖିରେ ଆଙ୍ଗୁଠି ଖେଞ୍ଚି ଦୀର୍ଘ ବର୍ଷ ଅର୍ଥ ବେନିୟମ ଭାବେ ଉଠାଣ କରି ଚାଲିବା କଦାପି ସମ୍ଭବ ନୁହେଁ । ଦରମା କିମ୍ବା ଭତ୍ତା ଉଠାଣ ପୂର୍ବରୁ ବିଲ ହୋଇଥାଏ। ଅଧିକାରୀଙ୍କ ମଞ୍ଜୁରୀ ପରେ ଦରମା, ଭତ୍ତା କର୍ମଚାରୀଙ୍କୁ ମିଳେ । ତେଣୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ତାଙ୍କ ଏଲାଉନ୍ସ (ଭତ୍ତା) କିଏ ମଞ୍ଜୁର କରୁଥିଲା ଓ ସେ କିପରି ଜାଣି ପାରିଲେ ନାହିଁ ସ୍ୱାଭାବିକ ପ୍ରଶ୍ନ ଉଠୁଛି । ଏହି ଲ୍ୟାମ୍ପ୍ସରେ ହୋଇଥିବା ଅନିୟମିତତା ବିଭାଗୀୟ ସ୍ତରରେ ଜଣାପଡିଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

## ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୦ମ ଦିବସ

ସୁନ୍ଦରଗଡ଼, ୧୭।୯ (ଡି.ଏନ୍.ଏ)



ଖେଳାଳିଙ୍କ ସହ ଅତିଥି।

ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୦ମ ଦିବସରେ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ କ୍ରୀଡା ସଙ୍ଗଠକ ତଥା ଜିଲାର ପୂର୍ବତନ ଫୁଟବଲ ଖେଳାଳି କାର୍ତ୍ତିକ ବରିହା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ସୁରୁ ନାରାୟଣ ରାଓ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ଆର.କେ ଏମ୍ ଫୁଟବଲ କ୍ଲବ କନକତୁରା ସହିତ ବାଲିଶଙ୍କରା ଫୁଟବଲ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚଟି ପେନାଲିଟୀ ସୁଟ୍ ଆଉଟ୍ ମାଧ୍ୟମରେ ଫଇସଲା ହୋଇଥିଲା। ବାଲିଶଙ୍କରା ଫୁଟବଲ କ୍ଲବ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ନିଉ ଜେନେରେସନ କ୍ଲବ କିଞ୍ଜିରିକେଲା ସହିତ କୁଣ୍ଡୁକେଲା ଆଥଲେଟିକ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିଉ ଜେନେରେସନ କ୍ଲବ କିଞ୍ଜିରିକେଲା ୪-୧ରେ କୁଣ୍ଡୁକେଲା ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଥିଲା। ରେଫରୀ ପ୍ରସନ୍ନ ଭୋଇ, ସନ୍ୟାସୀ ମୁଣ୍ଡା, ଦେବେନ୍ଦ୍ର କିଶାନ୍, ପ୍ରଦୀପ ପ୍ରଧାନ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ମିଶନ ଫୁଟବଲ କ୍ଲବ ସୁନ୍ଦରଗଡ ସହିତ ଆର.ଜେ କ୍ଲବ ଜାଇସର ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ୍ ନବଜୀବନ କ୍ଲବ ମହାନ୍ତିପଡା ସହିତ ଏସ.ଟି କ୍ଲବ ଟାଙ୍ଗରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡା ସଂସଦ ତରଫରୁ କୁହାଯାଇଛି।

## ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମଉତ୍ସବ ପାଳିତ

ସୁନ୍ଦରଗଡ଼, ୧୭।୯(ଡି.ଏନ୍.ଏ)

ସ୍ଥାନୀୟ ସତସଙ୍ଗ ବିହାର ଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମଦିବସ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଳିତ ହୋଇଯାଇଛି। ବ୍ରାହ୍ମମୂହୂର୍ତ୍ତରେ ଶାହାନାଇ ଓ ବେଦ ମାଙ୍ଗଳିକୀ, ଉଷାକୀର୍ତ୍ତନ ପରେ ପ୍ରାତଃ ୫ଟା ୩୯ ମିନିଟରେ ବିନତୀ ପ୍ରାର୍ଥନା, ସତଗ୍ରନ୍ଥ ପାଠ କରାଯାଇ ସକାଳ ୭ଟା ୫ମିନିଟରେ ଶଙ୍ଖଧ୍ୱନୀ ସହିତ ଠାକୁରଙ୍କ ଶୁଭ ଜନ୍ମଲଗ୍ନ ଘୋଷଣା କରାଯାଇଥିଲା। ତାପରେ ତୋମାର ରଂଗେ, ଭଗବତ ଗୀତା ଓ ବିଭିନ୍ନ ଧର୍ମଗ୍ରନ୍ଥ ପାଠ କରାଯାଇ ସତାର୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ଣ ୧୦ଟାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା। ୧୧ଟାରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ୫ ମଦ୍ୟପ ଟ୍ରକ ଚାଳକଙ୍କ ଠାରୁ ୪୪ ହଜାର ଟଙ୍କା ଜରିମାନା ଆଦାୟ

କୁଆଁରମୁଣ୍ଡା,୧୭।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପକ୍ଷରୁ ସୋମବାର ରାତି ପ୍ରାୟ ୯ଟା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ଚାଇନାଟାଉନ ଛକ ନିକଟରେ ଗାଡି ଯାଞ୍ଚ କରାଯାଇଥିଲା। ବିଶେଷକରି ଭାରିଯାନ ଚାଳକମାନଙ୍କର ଆଲକହଲ ବ୍ରେଦ୍ ଟେଷ୍ଟ କରାଯାଇଥିଲା। ଏହି ସମୟରେ ୫ଟି ଆନ୍ତଃରାଜ୍ୟ ଟ୍ରକ ଚାଳକ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଆଲକହଲିକ ବ୍ରେଦ୍ ଟେଷ୍ଟ ସମୟରେ ଧରାପଡ଼ିଥିଲା। ସେମାନଙ୍କ ନିକଟରୁ ମୋଟ ୪୪ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରାଇଥିଲା। ଉକ୍ତ ଜରିମାନା ଟଙ୍କାକୁ ବୁଧବାର ବୀରମିତ୍ରପୁର ଆଇଆଇସି ଆନନ୍ଦ ମାଝି ରାଉରକେଲା ପରିବହନ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜନୋତ୍ସବ







ପୁରୁଣା ବସଷ୍ଟାଣ୍ଡସ୍ଥିତ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଓ ମଣ୍ଡପ ନିକଟରେ ଥିବା ତୋରଣ (ବାମ ଓ ମଝି) । ୱେଷ୍କୋ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱକର୍ମା ପୂଜା (ଡାହାଣ) ।

ସୁନ୍ଦରଗଡ, ୧୭।୯ (ଡି.ଏନ୍.ଏ)

ସୁନ୍ଦରଗଡର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜନୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ପୁରୁଣା ବସଷ୍ଟାଣ୍ଡସ୍ଥିତ ଘରୋଇ ବସ ମାଲିକ ସଂଘ, ଟ୍ରେକର -କମାଣ୍ଡର ଆସୋସିଏସନ୍, ଟାଟା ମ୍ୟାଜିକ୍ ଆସୋସିଏସନ୍ ୱେଷ୍କୋ ବିଦ୍ୟୁତ୍ କାର୍ଯ୍ୟାଳୟ, ଟେଲିଫୋନ୍ ଭବନ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତବିଭାଗ, ବିଏସ୍ ହାଇସ୍କୁଲ ଛକ, ମ୍ୟୁନିସିପାଲିଟି ଅଫିସ୍ ସମେତ ବିଭିନ୍ନ ବୈଷୟିକ ବ୍ୟବସାୟିକ ଅନୁଷ୍ଠାନଗୁଡିକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆୟୋଜିତ ହୋଇଛି। ଏହି ଉପଲକ୍ଷେ ମୂର୍ତ୍ତି ଓ ରଙ୍ଗୀତ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି। ଏହି ଅବସରରେ ବିଭିନ୍ନ ଯାନବାହନର ମାଲିକ, ନିର୍ମାଣ ଶ୍ରମିକ, କାରିଗରମାନେ ମଧ୍ୟ ବିଶ୍ୱକର୍ମାଙ୍କ ପୂଜା ଯଥାରୀତି କରିଛନ୍ତି। ପୂଜା ଦେଖିବା ପାଇଁ ଦର୍ଶକଙ୍କ ଗହଳି ଲାଗିରହିଛି।

## କୃଷିବିଜ୍ଞାନ କେନ୍ଦ୍ରରେ କୃଷକ ଗୋଷ୍ଠୀ, ବୃକ୍ଷରୋପଣ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୧୭।୯ (ଡି.ଏନ୍.ଏ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଦେଶବ୍ୟାପୀ ଭାରତୀୟ କୃଷି ଓ କୃଷକ କଲ୍ୟାଣ ବିଭାଗ (ଇଫକୋ) ଆନୁକୂଲ୍ୟରେ ସୁନ୍ଦରଗଡ କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରେ ବୃହତ୍ ବୃକ୍ଷରୋପଣ ଓ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲା କୃଷି ଉପନିର୍ଦ୍ଦେଶକ ରବିନାରାୟଣ ଶତପଥୀ, କୃଷି ଓ କୃଷକ କଲ୍ୟାଣ ବିଭାଗ (ଇଫକୋ)ର ପ୍ରବନ୍ଧକ କୁଳମଣି ମାଝି, ଜିଲା ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡ. କାଟର ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ, ଜିଲାପରିଷଦ ସଭ୍ୟା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଣ୍ଡଳର ସଭାପତି ସାବିତ୍ରୀ ସେଠ୍, ରୀନା ନାୟକ, ସୁଚିସ୍ମିତା ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିରେଇ ସ୍ଥିତ ପଞ୍ଚାୟତ ସ୍କୁଲର ୫୦ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍କୁଲ ଛାତ୍ରୀଛାତ୍ର ଓ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନେ ଗଛ ଲଗାଇବାର ମହତ୍ତ୍ୱ, ଗଛ ଲଗାଇବା କିପରି, ଗଛର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକ, ସ୍ୱୟଂସହାୟିକା ମହିଳା ଓ କୃଷିବିଜ୍ଞାନ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ପ୍ରାଙ୍ଗଣରେ ନିମ୍ବ, ଅଁଳା, ବାହାଡା, ହରିଡା ଆଦି ୨ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।





କୃଷିବିଜ୍ଞାନ କେନ୍ଦ୍ରଠାରେ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଅତିଥି ଓ ଅନ୍ୟମାନେ।

# ଜିଲାସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଲେଫ୍ରିପଡା,୧୭।୯(ଡି.ଏନ.ଏ)



ଜିଲାସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟନ କରାଯାଉଛି।

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଜୟରାମ ହାଇସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦାନ କରିଥିଲେ। ବର୍ତ୍ତମାନ କ୍ଷେତ୍ରରେ ଅଧ୍ୟୟନ ସହିତ ଶାରିରୀକ ବିକାଶ ନିମନ୍ତେ କ୍ରୀଡା ଅତ୍ୟନ୍ତ ଜରୁରୀ ବୋଲି ମତାମତ ପ୍ରଦାନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରସୁନ୍ଦର ଭାବେ ଖେଳ ପ୍ରଦର୍ଶନ କରି ଆଗାମୀ ଦିନରେ ରାଜ୍ୟସ୍ତରୀୟ ତଥା ଜାତୀୟ ସ୍ତରରେ ଖେଳାଳି ହୋଇ ଗୌରାନ୍ୱିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ଯୋଗଦାନ କରି ସେ ନିଜେ ଜଣେ କ୍ରୀଡାବିତ୍ ହୋଇଥିବାରୁ କ୍ରୀଡା ସକାଶେ ଅତୀତ ଛାତ୍ରଜୀବନର ଅନୁଭୂତି ସବୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଣ୍ଟିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ଉପାଧ୍ୟକ୍ଷ ଅମୀର ନାଏକ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ,ଜୟରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମଣୀ ପଟେଲ, କେସିପି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର, ସୁର୍ଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦିତ କୁମାର ପଟେଲ ପ୍ରମୁଖ ଯୋଗଦାନ କରି ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସୁନ୍ଦରଗଡ ଜିଲାର ସତର ଗୋଟି ବ୍ଲକରୁ ଯୋଗଦାନ କରିଥିବା ଛାତ୍ରୀଛାତ୍ରମଧ୍ୟରେ ପରେଡ୍ କରାଯାଇ ଅତିଥିମାନଙ୍କୁ ଅଭିବାଦନ ଜଣାଇଥିଲେ। ପରେ ଅତିଥିଗଣ ପତାକା ଉତ୍ତୋଳନ ସହିତ ମଶାଲ ସଂଲଗ୍ନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗିରିଙ୍ଗକେଲା କେଶବଚନ୍ଦ୍ର ପୃଷେଠ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅତ୍ୟନ୍ତ ସୁନ୍ଦର ଭାବେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲେଫ୍ରିପଡା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଯୁବରାଜ ସା ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ। ବହୁସଂଖ୍ୟାରେ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ପ୍ରଗତି କ୍ଲବ ଦ୍ୱାରା ଚାରାରୋପଣ

ବ୍ରଜରାଜନଗର, ୧୭।୯ (ଡି.ଏନ.ଏ): ସ୍ଥାନୀୟ କାଳୀନଗର ପଡ଼ିଆରେ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ଏଭଳି ସାମାଜିକ କାର୍ଯ୍ୟରେ ଯୁବ ସମାଜ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଆଜିର ଯୁବ ସମାଜ ସୁସଂଗଠିତ ହୋଇ ବିକାଶ କ୍ଷେତ୍ରରେ କାର୍ଯ୍ୟକଲେ ପ୍ରତ୍ୟେକ କ୍ଷେତ୍ରରେ ସୁରେଶ ପୂଜାରୀଙ୍କୁ ପାଇବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ବ୍ରଜରାଜନଗରର ବିକାଶ ପାଇଁ ଆହ୍ୱାନ

# ସମସ୍ତେ ଏକହେବା ଆବଶ୍ୟକ: ସୁରେଶ

ବ୍ରଜରାଜନଗର, ୧୭।୯ (ଡି.ଏନ.ଏ)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍‌ପି ସୁରେଶ ପୂଝାରୀ ପ୍ରକାଶ କରିଛନ୍ତି। ଦେଶ, ରାଜ୍ୟ, ସହର କିମ୍ବା ଗ୍ରାମାଞ୍ଚଳର ବିକାଶ କଥା ଚିନ୍ତା କଲେ ସ୍ଥାନୀୟ ଅଧିବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ନେତୃବୃନ୍ଦ ଓ ପ୍ରଶାସନର ମିଳିତ ଉଦ୍ୟମ ନିହାତି ଆବଶ୍ୟକ ବୋଲି ସେ କହିଥିଲେ।

ସୂଚନାନୁସାରେ ମଙ୍ଗଳବାର ସ୍ଥାନୀୟ ଭିଆଇପି ଗେଷ୍ଟ ହାଉସଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍.ପି. ସୁରେଶ ପୂଜାରୀ ବ୍ରଜରାଜନଗରର ବିକାଶକୁ ଗୁରୁତ୍ୱ ଦେଇଥିଲେ। ବ୍ରଜରାଜନଗରର ବିକାଶ ପାଇଁ ସ୍ଥାନୀୟ ଅଧିବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ନେତୃବୃନ୍ଦ ଓ ପ୍ରଶାସନ ଏକଜୁଟ ହେବା ପାଇଁ ସେ ଆହ୍ୱାନ କରିଛନ୍ତି। କିଛି ଦିନ ପରେ ଜିଲାବାସୀ ଜିଲା ଗଠନର ରୌପ୍ୟଜୟନ୍ତୀ ପାଳିବେ। ହେଲେ ଆଜି ବି ଝାରସୁଗୁଡ଼ା ଜିଲା ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଏପର୍ଯ୍ୟନ୍ତ ଏଠାରେ ଏକ ସରକାରୀ କଲେଜ ନାହିଁ। ବ୍ରଜରାଜନଗର ସହରାଞ୍ଚଳରେ ଭଲ ଡାକ୍ତରଖାନା ଟିଏ ନାହିଁ। ଓରିଏଣ୍ଟ ପେପର ମିଲ୍‌ର ସମସ୍ୟା ଦୁଇ ମିନିଟରେ ସମାଧାନ ହୋଇପାରିବ ଯଦି ରାଜ୍ୟ ସରକାର ଆନ୍ତରିକତା ଦେଖାଇବେ। ମିଲ୍ ଦ୍ୱାରା ଅଧିକୃତ ଜମିକୁ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଫେରାନ୍ତୁ, ଜମି ମିଳିଲେ ଶହ ଶହ କମ୍ପାନୀ ନବୀନ ନିବାସ ଆଗରେ ଲାଇନ ଲଗେଇବେ। କାରଣ ଏଠି ପାଣି, କୋଇଲା, ରେଳ ଲାଇନ, ଏୟାରପୋର୍ଟ ଭଳି ସମସ୍ତ ସୁବିଧା ଉପଲବ୍ଧ। ଯେକେହି ଏ ଜାଗାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଚାହିଁବ ବୋଲି ଏମ୍‌ପି ପୂଜାରୀ ପ୍ରକାଶ କରିଥିଲେ। ପ୍ରଥମେ ମିଲ୍ ସମ୍ବନ୍ଧରେ ନବୀନ ବାବୁଙ୍କୁ ଭେଟି ସାକ୍ଷାତ କରିବି। ତା'ପରେ ଅନ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ପୂର୍ବରୁ ରାଜନୈତିକ ନେତୃବୃନ୍ଦ କାମ ନ କରି କଥା କହି ଜନସାଧାରଣଙ୍କ ଆସ୍ଥା ହରାଇ ସାରିଛନ୍ତି। ମୁଁ ତାର ପୁନରାବୃତ୍ତି କରିବାକୁ ଚାହୁଁନାହିଁ। ପ୍ରଥମେ କାମ କରି ବି, ତା'ପରେ ଅନ୍ୟ କଥା। ବ୍ରଜରାଜନଗରର ବିକାଶ ପାଇଁ ତୃଣମୂଳ ସ୍ତରରେ ଏକ ଏଜେଣ୍ଡା ପ୍ରସ୍ତୁତ କରାଯିବ। ସେଥିରେ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସାମିଲ କରାଯିବ। ଆଗାମୀ ଦିନରେ ସ୍ଥାନୀୟ ବିଧାୟକଙ୍କୁ ନେଇ ଆସିବି ବୋଲି କହିଥିଲେ। ବିକାଶ ପାଇଁ ଅର୍ଥ ବାଧକ ସାଜିବ ନାହିଁ। କାର୍ଯ୍ୟକ୍ରମରେ ଚାଇନାର ଲୋକଙ୍କ ରାଷ୍ଟ୍ରଭକ୍ତି ଓ ଉତ୍ସର୍ଗୀକୃତ ମନୋଭାବକୁ ସେ ଉଦାହରଣ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଭାଜପାର ତୃଣମୂଳ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ପି ସୁରେଶ ପୂଝାରୀ।

## ଲଇକେରା ପଞ୍ଚାୟତ ସମିତି ବୈଠକ

ଲଇକେରା, ୧୭।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ସଭା ଗୃହରେ ମଙ୍ଗଳବାର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୋଜାଲିନ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଝାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ସଭା ପରିଚାଳନା କରି ରାସ୍ତାଘାଟ, ବାଇପାସ ରାସ୍ତା, ଶୀତଳ ଭଣ୍ଡାର, ଜଳସେଚନ ଏବଂ ଲଙ୍କା ପ୍ରୋସେସିଂ ପ୍ଲାଣ୍ଟ ଆଦି ଅଞ୍ଚଳବାସୀଙ୍କ ଆବଶ୍ୟକତା ଉପରେ ଅବଗତ କରାଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଅର୍ପଣ ପ୍ରଧାନ, ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଜିଲା ପରିଷଦ ସଭ୍ୟ ବ୍ରଜକିଶୋର ସୁନାନୀ, ତହସିଲଦାର ତପନ ଦେବ ଚକ୍ରବର୍ତ୍ତୀ, ସହକାରୀ ଯନ୍ତ୍ରୀ ଦିଲୀପ ମିଶ୍ର, ବ୍ଲକ ଉପାଧକ୍ଷ ମୋହନ କିଷାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏବିଡିଓ ପ୍ରମୋଦ ଦେହୁରୀ ଧନ୍ୟବାଦ ଅର୍ପଣ ଦେଇଥିଲେ। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟୋଲ୍ ଫି ଆଦାୟକୁ ନେଇ ଜିଲାପାଳଙ୍କ ବୈଠକ

ବ୍ରଜରାଜନଗର, ୧୭।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା-ବ୍ରଜରାଜନଗର ମଧ୍ୟରେ ଥିବା ଏନ୍‌ଏଚ୍- ୪୯ର ନୂଆଡିହିଠାରେ ପ୍ରସ୍ତାବିତ ଟୋଲ୍ ଗେଟ୍‌ର ଟୋଲ୍ ଫି ଆଦାୟକୁ ନେଇ ମଙ୍ଗଳବାର ଅପରାହ୍ନରେ ଜିଲାପାଳ ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଜେଡି, ଭାଜପା, କଂଗ୍ରେସ, ସ୍ୱସ୍ତିକ କ୍ଲବ, ନାଗରିକ କମିଟି, ବ୍ରଜରାଜନଗର ଟ୍ରକ ଓନର୍ସ ଆସୋସିଏଶନ୍, ବନ୍ଧବାହାଲ, ବେଲପାହାଡ, ଟ୍ରକ ଓନର୍ସ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରି ନିଜ ନିଜ ମତ ରଖିଥିଲେ। ବର୍ତ୍ତମାନ ସମୟରେ ପରୀକ୍ଷାମୂଳକ ଭାବରେ କେବଳ ଭାରିଯାନ, କୋଇଲା ବୋଝେଇ ଟ୍ରକମାନଙ୍କରୁ ଟୋଲ ଫି ଆଦାୟ କରାଯିବ, ଅନ୍ୟ ଚାରିଚକିଆ ଯାନଠାରୁ ଟୋଲ୍ ଫି ଆଦାୟ କରାଯିବ ନାହିଁ। ଏହାକୁ ଟୋଲ ଫି ନ କହି ୟୁଜର ଫି ହିସାବରେ ଗ୍ରହଣ କରିବାକୁ ଜିଲା ପ୍ରଶାସନ ତରଫରୁ କୁହାଯାଇଥିଲା। ମାସକ ମଧ୍ୟରେ ଯାହା ସବୁ ସମସ୍ୟା ଉପୁଜିବ ତା'ଉପରେ ବିଚାରବିମର୍ଶ ପାଇଁ ପୁନର୍ବାର ଏକ ବୈଠକ କରାଯିବ ବୋଲି ଜିଲାପାଳ କହିଥିଲେ। ତେବେ ବ୍ରଜରାଜନଗର ନାଗରିକ କମିଟି ଏ ଟୋଲ ଫିକୁ ସଂପୂର୍ଣ୍ଣ ବିରୋଧ କରିବ ବୋଲି ଘୋଷଣା କରିଥିଲା। ଆବଶ୍ୟକୀୟ ଭିତ୍ତିଭୂମି ନାହିଁ, ଯେ ପର୍ଯ୍ୟନ୍ତ ଇବ୍ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ଟୋଲ ଫି ବାବଦରେ ଚିନ୍ତା କରିବା ଭୁଲ୍ ବୋଲି କମିଟି ପ୍ରକାଶ କରିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ମାସ ୪ ତାରିଖରୁ ଟୋଲ ଫି ଆଦାୟ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇ ସାରିଥିଲା। ପରେ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ସଂଗଠନ ଲିଖିତ ଭାବରେ ଜିଲାପାଳଙ୍କୁ ଟୋଲ ଫି ବନ୍ଦ କରିବା ପାଇଁ ଜଣାଇଥିଲେ। ବ୍ରଜରାଜନଗର ବାସୀଙ୍କ ଯୁକ୍ତି ଅନୁଯାୟୀ ଟୋଲ ଗେଟଠାରୁ ୧ କି.ମି ଦୂରରେ ଇବ୍ ସେତୁ ରହିଛି, ଯାହାକି ସଂପୂର୍ଣ୍ଣ ଦୁର୍ବଳ ଅବସ୍ଥାରେ ରହିଛି। ଅତ୍ୟଧିକ ଭାରିଯାନ ଚଳାଚଳ କରୁଥିବାରୁ ବ୍ରିଜ କେଉଁ ସମୟରେ ଭାଙ୍ଗିଯିବ କିଛି କହି ହେବନାହିଁ। ଟୋଲ ଆଦାୟ ହେଲେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଶହ ଶହ କୋଇଲା ବୋଝେଇ ଟ୍ରକ ବିଭିନ୍ନ ଖଣିରୁ ବାହାରୁଛି। ତାପରେ ଅନ୍ୟ ଭାରିଯାନଗୁଡିକ ଛତିଶଗଡ଼ରୁ ଆସୁଛି। ଫଳରେ ଗାଡିଗୁଡ଼ିକ ରାସ୍ତା ଉପରେ ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡା ହେବେ। ଯଦ୍ୱାରା ସାଧାରଣ ଲୋକେ ଚାରିଚକିଆ ତ ଦୂରର କଥା ମୋଟରସାଇକେଲରେ ଯିବା ଆସିବା କଷ୍ଟକର ହୋଇଯିବ। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେବା ଏକ ପ୍ରକାର ସୁନିଶ୍ଚିତ। ଏପଟେ ଗେଟଟି ବ୍ରଜରାଜନଗର ପୌରାଞ୍ଚଳ ଭିତରେ ରହିଛି, ଯାହା ନିୟମ ବିରୁଦ୍ଧ। ପ୍ରଥମେ ଆବଶ୍ୟକୀୟ ଭିତ୍ତିଭୂମି ବନ୍ଦୋବସ୍ତ କରି ଟୋଲ ଆଦାୟ କଲେ ଅସୁବିଧା ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଯଦି ଜିଲା ପ୍ରଶାସନ ଜନସାଧାରଣଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଟୋଲ ଆଦାୟ କରେ ତେବେ ପରିଣତି ଭୟଙ୍କର ହେବ ବୋଲି ଅଞ୍ଚଳବାସୀ ଚେତାଇ ଦେଇଛନ୍ତି।

## କୋଲାବିରା ଅଞ୍ଚଳରେ ବିଶ୍ୱକର୍ମା ପୂଜା

କୋଲାବିରା, ୧୭।୯ (ଡି.ଏନ୍.ଏ.)

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜନୋତ୍ସବ କୋଲାବିରା ସମେତ ଆଖପାଖ ଅଞ୍ଚଳରେ ମହାସମାରୋହରେ ପାଳନ ହେଉଛି। ଅଞ୍ଚଳରେ ଗଢ଼ିଉଠିଥିବା କଳକାରଖାନାଗୁଡ଼ିକରେ ବିଶ୍ୱକର୍ମା ପୂଜା ଜାକଜମକରେ ପାଳିତ ହୋଇଯାଇଛି। ସ୍ଥାନୀୟ ଟେଲିଫୋନ ଏକ୍ସଚେଞ୍ଜ, ବିଦ୍ୟୁତ୍ ବିଭାଗ, ବିଭିନ୍ନ ଗ୍ୟାରେଜ, ଫେବ୍ରିକେସନ ୟୁନିଟ ଗୁଡ଼ିକରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଅନ୍ୟ ବର୍ଷଠାରୁ ଚଳିତ ବର୍ଷ ଅଧିକ ଉତ୍ସାହ ଉଦ୍ଦୀପନାର ସହିତ ପାଳନ ହେଉଥିବା ଦେଖିବାକୁ ମିଳିଛି। ପୂଜା ଉପଲକ୍ଷେ କେତେକ ପୂଜାସ୍ଥଳରେ ଭଜନ ସନ୍ଧ୍ୟା, ମେଲୋଡି ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି।

## ବାରୁଦରେ ନିଆଁ ଲାଗି ୨ ଶିଶୁ ଗୁରୁତର

ଚାନ୍ଦବାଲି, ୧୭।୯(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ମତୋ ପଞ୍ଚାୟତର ଦକ୍ଷିଣ ସାହି ଗ୍ରାମରେ ବାଣ ସାମଗ୍ରୀ ପ୍ରସ୍ତୁତ ବେଳେ ସୋମବାର ସନ୍ଧ୍ୟା ସମୟରେ ମଶା ଧୂପରୁ ବାରୁଦରେ ନିଆଁ ଲାଗିଯିବାରୁ ୨ ଜଣ ପିଲା ପୋଡିଯାଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ତିହିଡି ଓ ଭଦ୍ରକ ନିଆଯାଇ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମୁହଁ, ପାପୁଲି, ପାଦ ଓ ଦେହର ବିଭିନ୍ନ ଅଂଶ ପୋଡିଯାଇଛି। ଆହତ ଦୁଇ ପିଲା ହେଲେ ସୁମନ୍ତ ବେହେରାଙ୍କ ପୁଅ ମନୋଜ(୪) ଓ ଅର୍ଜୁନ ସାହୁଙ୍କ ଝିଅ ଶୁଭଶ୍ରୀ(୫)। ରବିବାର ପୋଲିସ ସମ୍ପୃକ୍ତ ବାଣ କାରିଗରଙ୍କ ଘର ଓ ବାଣ ସାମଗ୍ରୀ ତିଆରି ହେଉଥିବା ଘରକୁ ସିଲ୍ କରି ପଚରା ଉଚରା କରୁଛି।

# ଅର୍ଥ ବିଭାଗରେ ଅଦଳବଦଳ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧିନରେ କାର୍ଯ୍ୟରତ ଓଡ଼ିଶା ଟ୍ୟାକ୍ସେସନ୍ ଏଣ୍ଡ ଆକାଉଣ୍ଟସ୍ ସର୍ଭିସ-୨ର ୫୪ ଜଣ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି। ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବଦଳି ହୋଇଥିବା ଅଧିକାରୀମାନେ ହେଉଛନ୍ତି– ସଚ୍ଚିଦାନନ୍ଦ ସାହୁ, ଧରଣୀଧର ଦାସ,ଦିନେଶ କୁମାର ବାଗ୍, ସୁଧାଂଶୁ ଶେଖର ଦାସ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିନ୍ମୟ କୁମାର ପ୍ରଧାନ, ପ୍ରମୋଦ ସେଠୀ ଏବଂ ଲକ୍ଷ୍ମଣ ବାରିକ ପ୍ରମୁଖ।



ବେଲପାହାଡ଼ ପୌର କାର୍ଯ୍ୟାଳୟ ଠାରେ ବିଶ୍ୱକର୍ମାଙ୍କ ପୂଜା ଚାଲିଛି।

## ବେଲପାହାଡ଼ରେ ବିଶ୍ୱକର୍ମା ପୂଜା

ବେଲପାହାଡ଼, ୧୭।୯ (ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୌରପରିଷଦ କାର୍ଯ୍ୟାଳୟ, ଟାକ୍ସିଷ୍ଟାଣ୍ଡ, ଟେମ୍ପୋଷ୍ଟାଣ୍ଡ, ଆର୍‌ସିପି କାର୍ଯ୍ୟାଳୟ, ଯୁରାବଗା ମହାରଣା ପଡ଼ା, ବେଲପାହାଡ଼ କୋଇଲା ଖଣି ସେଣ୍ଟ୍ରାଲ ୱାର୍କଶପ୍, ଗ୍ଲୋବାଲ ମାଇନିଂ କାର୍ଯ୍ୟାଳୟ ଓ ଟିଆର୍‌ଏଲ ଜୁବୁଲିହଲ୍ ପରିସରରେ କର୍ମଚାରୀମାନଙ୍କ ତରଫରୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଛି। ସହରର ଅନେକ ଛୋଟବଡ଼ ଘରୋଇ କାରଖାନା, ଠିକା ସଂସ୍ଥା ଓ ଦୋକାନଗୁଡ଼ିକରେ ଦେବଶିଳ୍ପୀଙ୍କ ପୂଜା ପାଳନ ହେଉଛି।

# ପାର୍କିଂ ଫି ଆଦାୟକୁ ନେଇ ବଢୁଛି ଅସନ୍ତୋଷ

ବେଲପାହାଡ଼, ୧୭।୯ (ଡ଼ି.ଏନ୍.ଏ.)

ଗତ କିଛିଦିନ ଧରି ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳ ଷ୍ଟେଶନ ପରିସରରେ ପାର୍କିଂ ଫି ନାଁରେ ସମସ୍ତ ଯାନବାହନ ଚାଳକଙ୍କ ଠାରୁ ଏଣ୍ଟ୍ରି ଫି ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଟିକେଟ, ସମ୍ପର୍କୀୟଙ୍କୁ ନେବା ଆଣିବା କିମ୍ବା ଟ୍ରେନ ବିଷୟରେ ସୂଚନା ପାଇବା ଉଦ୍ଦେଶ୍ୟରେ ସ୍ୱଳ୍ପ ସମୟ ପାଇଁ ଷ୍ଟେଶନକୁ ଗାଡ଼ି ନେଇ ଯାଉଥିବା ସାଧାରଣ ଲୋକ ଏଥିପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଫି ଅସୁଲିକୁ ନେଇ ଅଣଯାତ୍ରୀ ଓ ଅସୁଲିକାରୀ ଠିକାସଂସ୍ଥା କର୍ମଚାରୀଙ୍କ ମଧ୍ୟରେ ଅନେକ ସମୟରେ ଯୁକ୍ତିତର୍କ ହେଉଥିବା ଦୃଷ୍ଟିଗୋଚର ହେଉଛି । ଏଭଳି ଅଭିଯୋଗ ଷ୍ଟେଶନ ମାଷ୍ଟରଙ୍କ ନିକଟକୁ ପହଞ୍ଚୁଛି, ମାତ୍ର ଏପର୍ଯ୍ୟନ୍ତ ରେଳ ବିଭାଗ ପକ୍ଷରୁ ପାର୍କିଂ ଫି ଆଦାୟ ପାଇଁ ଉଦ୍ଦିଷ୍ଟ ସ୍ଥାନ ଓ ନୀତିନିୟମ ବିଷୟରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଫି ଅସୁଲିକୁ ନେଇ ଷ୍ଟେଶନର ଟିକେଟ କାଉଣ୍ଟର ନିକଟରେ ବାରମ୍ବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ସୁନୀଲ ରଞ୍ଜନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେଉଁମାନେ ଟିକେଟ କିମ୍ବା ଇନକ୍ୱାରି ପାଇଁ ଷ୍ଟେଶନକୁ ଆସୁଛନ୍ତି ଏବଂ ସ୍ୱଳ୍ପ ସମୟ ପାଇଁ ଟିକେଟ କାଉଣ୍ଟର ନିକଟରେ ଗାଡ଼ି ରଖୁଛନ୍ତି, ସେମାନଙ୍କ ଠାରୁ ପାର୍କିଂ ଫି ଆଦାୟ କରାଯିବାର କୌଣସି ନିୟମ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏହି ଫି ଆଦାୟକୁ ନେଇ ମିଳିଥିବା ଏକ ଅଭିଯୋଗ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରେଇଥିବା କଥା ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଜଳ ସଂରକ୍ଷଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରାଯାଉ। ଦେଶର ଦୁଇଟି ସମସ୍ୟା ଜଳ ସଂରକ୍ଷଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୬୯ତମ ଜନ୍ମଦିନରେ ସବୁଠୁ ବଡ ଉପହାର ହେବ ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ଜାରି କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଜନ୍ମ ଦିବସର ଶୁଭେଚ୍ଛା ଜଣାଇ ଧର୍ମେନ୍ଦ୍ର ଏହା କହିବା ସହିତ ତାଙ୍କ ପାଇଁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଦେଶରେ ଏକ ନୂଆ ଜାଗରଣ ତିଆରି କରିପାରିଛନ୍ତି। ଓଡିଶା ଭଳି ରାଜ୍ୟକୁ ବିଶେଷ ଧ୍ୟାନ ମଧ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଦେଶବାସୀ ସେବା ସପ୍ତାହ ପାଳନ କରୁଛନ୍ତି। ସାମ୍ପ୍ରତିକ ସମୟରେ ଦେଶର ଦୁଇଟି ଜ୍ୱଳନ୍ତ ସମସ୍ୟା ଯଥା ଜଳ ଓ ପ୍ଲାଷ୍ଟିକ୍ ବ୍ୟବହାର ଲୋକମାନଙ୍କୁ ଚିନ୍ତାରେ ପକାଇଛି। ଦେଶରେ ଜଳ ସଂରକ୍ଷଣ ଏକ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି । ତେଣୁ ଆଜିର ଦିନରେ ଜଳକୁ ସୁଚାରୁରୂପେ ବ୍ୟବହାର କରିବା ତଥା ଜଳ ସଂରକ୍ଷଣ କରିବା ପାଇଁ ସଂକଳ୍ପ କରିବା ଲାଗି ଦେଶବାସୀଙ୍କ ନିକଟରେ ନିବେଦନ କରୁଛି । ଦେଶର ଅନ୍ୟ ଗୋଟିଏ ପ୍ରମୁଖ ସମସ୍ୟା ପ୍ଲାଷ୍ଟିକ୍ ବ୍ୟବହାର ଚିନ୍ତାର ବିଷୟ ପାଲଟିଛି। ପ୍ରଧାନମନ୍ତ୍ରୀ ପ୍ଲାଷ୍ଟିକ୍ ବର୍ଜନ ତଥା 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍'ର ବ୍ୟବହାରକୁ ଧୀରେ ଧୀରେ କମ୍ କରିବା ପାଇଁ ଦେଶବାସୀଙ୍କୁ ନିବେଦନ କରିଛନ୍ତି । 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍'ର ବ୍ୟବହାର ଶହ ଶହ ବର୍ଷ ହୋଇଥିବାବେଳେ ସମ୍ପ୍ରତି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶକୁ ଦୂଷିତ କରୁଛି। ଏହାଦ୍ୱାରା ବିଶେଷ ଭାବେ ଭାରତବର୍ଷର ପ୍ରାଣୀସମ୍ପଦ ପ୍ରଭାବିତ ହେଉଛନ୍ତି । ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ଜଳାଶୟରେ ପାଣି ପ୍ରବାହରେ ମଧ୍ୟ କୁପ୍ରଭାବ ପକାଉଛି। ବର୍ତ୍ତମାନ ସରକାରୀ ତଥା ସ୍ୱୟଂସେବକ ସଂଗଠନ, ସଚେତନ ନାଗରିକ ତଥା ବିଭିନ୍ନ ଜନ ସଂଗଠନ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ଏକାଠି କରି ଜନଆନ୍ଦୋଳନର ରୂପ ଦେଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ଦେଶବାସୀ ଏକାଠି ହୁଅନ୍ତୁ ଏବଂ ଆଜିଠାରୁ ଦୀପାବଳି ପର୍ଯ୍ୟନ୍ତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ଏକାଠି କରି ଏକ ଜନଆନ୍ଦୋଳନରେ ପରିଣତ କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜିଏସ୍‌ଟି କ୍ଷତିପୂରଣ ଅବଧି ବୃଦ୍ଧି ଦାବି କରିବ ଓଡ଼ିଶା

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ସାରା ଦେଶରେ ଦ୍ରବ୍ୟସେବାକର(ଜିଏସ୍‌ଟି) ଲାଗୁ ହେବା କାରଣରୁ ବିଭିନ୍ନ ରାଜ୍ୟରେ ରାଜସ୍ୱ ସଂଗ୍ରହ ପ୍ରଭାବିତ ହୋଇଛି। ଏହି କାରଣରୁ କେନ୍ଦ୍ର ରାଜ୍ୟଗୁଡିକ ୫ ବର୍ଷ ପାଇଁ ରାଜସ୍ୱ କ୍ଷତି ଭରଣ କରିବାକୁ ସ୍ଥିର କରାଯାଇଥିଲା। ହେଲେ ଏହି ୫ ବର୍ଷିଆ ଅବଧି ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏହି ପ୍ରସ୍ତାବ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚଳିତ ମାସ ୨୦ରେ ୧୫ ଅର୍ଥ କମିଶନଙ୍କ ନିକଟରେ ଉପସ୍ଥାପନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋଆରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ରାଜ୍ୟ ପକ୍ଷରୁ ୨୦୦୦ କୋଟି ଟଙ୍କାର ସହାୟତା ରାଶି ଦାବି କରାଯିବ ବୋଲି ଜଣାପଡ଼ିଛି।

■ ଗ୍ରାମକୁ ଆସିପାରିଲାନି ଆମ୍ବୁଲାନ୍ସ

# ରୋଗୀଙ୍କୁ ୫ କିମି ଭାରରେ ବୋହିଲେ ଡାକ୍ତର

ମାଲକାନଗିରି, ୧୭।୯ (ଡି.ଏନ.ଏ.)

ପୁଣି ମାଲକାନଗିରି ଜିଲାରେ ରୋଗୀଙ୍କ ପାଇଁ ଦେବଦୂତ ସାଜିଲେ ଡାକ୍ତର । ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରିଲାନି। ଫଳରେ ଜଣେ ଡାକ୍ତର ଏବଂ ଆମ୍ବୁଲାନ୍ସ ଡ୍ରାଇଭର ଗ୍ରାମବାସୀଙ୍କ ସହାୟତାରେ ୫ କିଲୋମିଟର ରୋଗୀଙ୍କୁ ଭାରରେ ବୋହି ଡାକ୍ତରଖାନା ଆଣି ଜୀବନ ବଞ୍ଚାଇଛନ୍ତି। ଏଭଳି ଘଟଣା ଜିଲାର ଖଇରପୁଟ ବ୍ଲକ ବଡ଼ଦୁରାଲ ପଞ୍ଚାୟତର ନୂଆଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି।

ଖବରରୁ ଜଣାପଡ଼ିଛି ଗ୍ରାମର ଲକ୍ଷ୍ମୀ କିରସାନିଙ୍କ ପୁଅ କମୁଲୁ କିରସାନି (୧୨) ବହୁ ଦିନ ଧରି ଜ୍ୱରରେ ପୀଡ଼ିତ ଥିଲେ। ତାଙ୍କ ଦେହ ମଧ୍ୟ ଫୁଲିବାରେ ଲାଗିଥିଲା । ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ନେବାକୁ ଗ୍ରାମବାସୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗ୍ରାମକୁ ଯିବାକୁ ହେଲେ ଜରାଜୀର୍ଣ୍ଣ ପଥୁରିଆ ରାସ୍ତା ସହ ନାଳ ଦେଇ ଯିବାକୁ ପଡୁଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସି ନ ପାରି ଗ୍ରାମଠାରୁ ୫ କିଲୋମିଟର ଦୂରରେ ରହିଥିଲା। ଗ୍ରାମକୁ ଡାକ୍ତର ଶକ୍ତି ପ୍ରସାଦ ମିଶ୍ର ଓ ଆମ୍ବୁଲାନ୍ସ ଡ୍ରାଇଭର ଆସିଥିଲେ। ରୋଗୀଙ୍କୁ ଦେଖିବା ପରେ ତାଙ୍କୁ ଭାରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ଡା. ମିଶ୍ର ନିଷ୍ପତ୍ତି ନେଇଥିଲେ। ପରେ ସେ ଏନେଇ ସହାୟତା କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ସମସ୍ତେ ମିଶି ପାହାଡ଼ ପର୍ବତ ଓ ନାଳ ଦେଇ ରୋଗୀଙ୍କୁ ୫ କିଲୋମିଟର ଭାରରେ ବୋହି ବେଲବାଡ଼ି ଗ୍ରାମ ନିକଟରେ ଅଟକି ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ ରୋଗୀଙ୍କୁ ଆମ୍ବୁଲାନ୍ସରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ପପୁଲୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓଁକାର ହୋତା ଜଣେ ଗର୍ଭବତୀଙ୍କୁ ଭାରରେ ବୋହି ଡାକ୍ତରଖାନା ଆଣି ମାଆ ଓ ନବଜାତକଙ୍କ ଜୀବନ ବଞ୍ଚାଇ ପ୍ରଶଂସାର ପାତ୍ର ହୋଇଥିଲେ।

REQUIRED
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
WEST COAST DIESELS LLP
odisha@wcdllp.com
Contact: 9438164468, 9337003316

REQUIRED
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary 27500 to 95700. Sent your resume akashaviationacademy11@gmail.com
9811057388 / 9811135247

WANTED
One HR and Five Salesman. Experienced person will be preferred. Must be with two wheeler. Come with biodata to HINDUSTAN JEWELLERS, BHUBANESWAR
Good Salary.

Stipend Agent In LIC
• Rs.5000/- Stipend Per Month + High Commission.
• Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

LEXUS PAINTS UTKAL
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
Contact Number:
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
ଯୋଗାଯୋଗ
7978449443 ଓ 9777605918

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ସରସ୍ୱତୀ ଶିଶୁମନ୍ଦିର
ଗୁରୁଜୀ ଗୁରୁମା ଆବଶ୍ୟକ। ସେବକ ସେବିକା
9937574132

NIJUKTI SUCHANALAYA
Qualification: 10th, +2, +3, ITI
▶ Delivery Boy
▶ Havels - Bhusan - Private Bank and finance sector.
▶ Security Guard
▶ Home Skipping
Age limit: 18 to 45 years.
Salary: 8000 to 25000
Ph. No. 7749823581, 7749823616

Kerala Panchakarma Vaidyasala
Bhubaneswar requires
▶ Panchakarma Therapist - 10 nos. (M/F) 8th Pass and above (Freshers can apply)
▶ Beautician - 5 Nos. (F)
▶ Ayurvedic Doctors - 2 Nos.
Experience candidates can Contact: Mob- 9937057118, 6370823466, 0674-2590053

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।

- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ବାଇକକୁ ଧକ୍କା ଦେଲା ହାଇୱା : ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ରାଉରକେଲା ଅଫିସ, ୧୭।୯:** ଦକ୍ଷିଣ ରାଉରକେଲା ରଘୁନାଥପାଲି ଥାନା ଜଲଦା ଫାଣ୍ଡି ଅର୍ନ୍ତଗତ ରଙ୍ଗିଲା ଛକରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫ଟା ୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ସ୍ତ୍ରୀ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଟାଙ୍ଗରପାଲି ବାଲିଝୋଡି ଗ୍ରାମର ସରୋଜ ପାତ୍ର (୩୮) ନିଜ ବୁଲେଟ ଓଡି ୧୪ଜେ-୮୩୫୩ ଯୋଗେ ସ୍ତ୍ରୀ କଳ୍ପନା ପାତ୍ର (୩୨) ଓ ଛୁଆ ସହ ରାଉରକେଲା ସହରକୁ କୌଣସି କାମରେ ଆସୁଥିଲେ। ରଙ୍ଗିଲା ଛକରେ ସରୋଜଙ୍କ ନିକଟକୁ ଏକ ଫୋନ ଆସିବାରୁ ବାଇକ୍‌କୁ ସାଇଡ୍ କରି ଫୋନରେ କଥା ହେଉଥିଲେ। ଠିକ ଏତିକି ବେଳେ ଆଗରେ ଛିଡ଼ା ହୋଇଥିବା ଏକ ହାଇୱା ନଂ.ଟ୍ରକ ଓଡି୧୪ପି-୮୯୨୬ର ଡ୍ରାଇଭର ଗାଡିକୁ ପଛକୁ ଦେଇଥିଲେ। ଏହି ସମୟରେ ପଛରେ ଥିବା ସରୋଜ ଓ ସ୍ତ୍ରୀ କଳ୍ପନାଙ୍କୁ ଧକ୍କା ଦେଇଥିଲା। ଫଳରେ ସରୋଜଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ କଳ୍ପନାଙ୍କ ଗୋଡ ଭାଙ୍ଗି ଯାଇଛି। ଖବରପାଇ ଜଲଦା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ସରୋଜଙ୍କ ସ୍ତ୍ରୀ କଳ୍ପନାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହା ସହ ସରୋଜଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଇକ ଓ ହାଇୱାକୁ ଗାଡିକୁ ଜବତ କରିବା ସହ ହେଲପରକୁ ଅଟକ ରଖିଛି। ତେବେ ଟ୍ରକ ଡ୍ରାଇଭର ଫେରାର ଥିବା ପୋଲିସ କହିଛି। ଏ ନେଇ ରଘୁନାଥପାଲି ଥାନା ଜଲଦା ଫାଣ୍ଡିରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୋଗ ହୋଇ ନ ଥିବାରୁ କୌଣସି ମାମଲା ରୁଜୁ ହୋଇ ନ ଥିବା ଏସଆଇ ବିଜୟ ଦାସ ସୂଚନା ଦେଇଛନ୍ତି।

### ବିଶ୍ୱ ବିନ୍ଧାଣି ବିଶ୍ୱକର୍ମାଙ୍କ ପୂଜା ନେଇ ସହର ଚଳଚଞ୍ଚଳ



**ରାଉରକେଲା ଅଫିସ,୧୭। ୯:** ଷ୍ଟିଲ ସିଟିରେ ବିଶ୍ୱ ବିନ୍ଧାଣୀ ବିଶ୍ୱକର୍ମାଙ୍କ ପୂଜା ମହୋତ୍ସବ ମହାସମାରୋହରେ ଆରମ୍ଭ ହୋଇଛି। ସହରର ବାସନ୍ତୀ କଲୋନୀ, ଛେଣ୍ଡ, ସିଭିଲ ଟାଉନସିପ, କାଲୁଙ୍ଗା ଶିଳ୍ପାଞ୍ଚଳ, ଫର୍ଟିଲାଇଜର ଓ ବନ୍ଧମୁଣ୍ଡା ଭଳି ଏକାଧିକ ସ୍ଥାନରେ ୪୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ପୂଜା ପାଉଛନ୍ତି। ରଙ୍ଗୀନ ଆଲୋକମାଳାରେ ସହର ଝଲସୁଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏନଏସପିସିଏଲ, ହଟ ଷ୍ଟ୍ରିପ ମିଲ ଓ ବିଓସି ଭଳି କେତେକ ଶିଳ୍ପାନୁଷ୍ଠାନରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଆଡମ୍ବରରେ ପାଳନ କରାଯାଉଛି। ଆରଏସପି ପରିସରରେ ରହିଥିବା ବିଭିନ୍ନ ଡିପାର୍ଟମେଣ୍ଟରେ ବିଶ୍ୱକର୍ମା ପୂଜା ନେଇ ଚଳଚଞ୍ଚଳ ଅବସ୍ଥା ସୃଷ୍ଟି ହୋଇଛି। ଏନେଇ ଶ୍ରମିକ କର୍ମଚାରୀଙ୍କ ମନରେ ଉତ୍ସାହ ଉଦ୍ଦୀପନା ଲାଗି ରହିଛି। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଗାଡି ପୂଜା ନେଇ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଶହ ଶହ ସଂଖ୍ୟାରେ ଗାଡି ରାସ୍ତା ଉପରେ ଲମ୍ବା ଧାଡିରେ ଠିଆ ହୋଇ ରହିଥିଲା। ଏକା ସାଙ୍ଗରେ ଗାଡି ପୂଜା ଓ ମୂର୍ତ୍ତି ପୂଜା କାରଣରୁ ବ୍ରାହ୍ମଣ ଖୋଜା ପଡିଥିଲା। ପୂଜକଙ୍କ ମଧ୍ୟରୁ ଅନେକ ବିଭିନ୍ନ କଳ କାରଖାନାରେ ପୂଜାପାଠ ନେଇ ବ୍ୟସ୍ତ ରହିଥିଲେ। ଏଥିଯୋଗୁ ଗାଡି ପୂଜାରେ ବାଧକ ସୃଷ୍ଟି ହୋଇଥିଲା। ଲୋକେ ପୂଜକ ପାଇବା ନେଇ ଧାଁ ଦଉଡ କରୁଥିବା ବେଳେ ପୂଜା ପାଠରେ ବିଳମ୍ବ ହୋଇଥିଲା। ପ୍ରମୁଖ ପୂଜା ମଣ୍ଡପ ଗୁଡିକରେ ବିଶ୍ୱକର୍ମା ପୂଜା ନେଇ ରଙ୍ଗୀନ ଆଲୋକ ଝଲସିବା ବେଳେ ସୁନ୍ଦର ତୋରଣ ଶୋଭା ପାଉଛି। କାଲୁଙ୍ଗା ଶିଳ୍ପାଞ୍ଚଳରେ ବିଶ୍ୱକର୍ମା ପୂଜା ନେଇ ଦିନ ତମାମ ଗହଳ ଚହଳ ପରିସ୍ଥିତି ଲାଗି ରହିଥିଲା। ସନ୍ଧ୍ୟାରେ ପୂଜାପାଠ ସାଙ୍ଗକୁ ଭୋଜିଭାତରେ ସମଗ୍ର ଶିଳ୍ପାଞ୍ଚଳ ଚଳଚଞ୍ଚଳ ରହିଥିଲା। କେତେକ ପୂଜା ମଣ୍ଡପରେ ଭଜନ କୀର୍ତ୍ତନ ସାଙ୍ଗକୁ ଆକର୍ଷଣୀୟ ମେଲୋଡି ପରିବେଷଣ କରାଯାଇ ଥିଲା।

## ■ ପ୍ରଧାନମନ୍ତ୍ରୀ ଶ୍ରମ ପୁରସ୍କାରପ୍ରାପ୍ତ ଶ୍ରମିକଙ୍କୁ ପ୍ରୋତ୍ସାହନ

# ସ୍ୱତନ୍ତ୍ର ପୁରସ୍କାର ମିଳିବ : ବିଏମ୍ଏସ୍

**ରାଉରକେଲା ଅଫିସ, ୧୭।୯**

ବିଶ୍ୱକର୍ମା ପୂଜା ଓ ରାଷ୍ଟ୍ରୀୟ ଶ୍ରମ ଦିବସ ଅସବରରେ ମଙ୍ଗଳବାର କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଇସ୍ପାତ କାରଖାନାର ବିଏମଏସ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଏବଂ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ୧୯୯୯ ମସିହା ପୂର୍ବରୁ ଜଣେ କର୍ମଚାରୀ ପ୍ରଧାନମନ୍ତ୍ରୀ ଶ୍ରମ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ ତାଙ୍କୁ ଏକ ପ୍ରମୋସନ ମିଳିବା ସହ ଇନକ୍ରିମେଣ୍ଟ ମିଳୁଥିଲା। ମାତ୍ର କୌଣସି କାରଣବଶତଃ ସେ ସମୟର ସ୍ୱୀକୃତିପ୍ରାପ୍ତ ୟୁନିୟନ ରାଉରକେଲା ଶ୍ରମିକ ସଂଘ ଏବଂ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇ ସ୍ୱତନ୍ତ୍ର ସୁବିଧାକୁ ପ୍ରତ୍ୟାହାର କରି ନିଆଯାଇଥିଲା। ଏ ନେଇ ଶ୍ରମିକମାନେ ସଂଘ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ ସଂଘ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିଲା।



ସ୍ୱତନ୍ତ୍ର ପ୍ରମୋସନ ନେଇ ଆର୍‌ଆଇକେକେଏସ ସଂଘ କର୍ମକର୍ତ୍ତା ଓ ଅଧିକାରୀ ଆଲୋଚନାରତ।

ଆର୍‌ଆଇକେକେଏସ୍ ସ୍ୱୀକୃତିପ୍ରାପ୍ତ ହେବା ପରେ କର୍ମଚାରୀମାନେ ସଂଘର ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ବଳ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ବେଳେ ଏହି ଘଟଣାକୁ କର୍ପୋରେଟ ସ୍ତରରେ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସାଧାରଣ ସମ୍ପାଦକ ବଳ କର୍ପୋରେଟ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ମଙ୍ଗଳବାର ଏ ନେଇ ଏକ ଚୁକ୍ତିନାମା ହୋଇଛି। ଫଳରେ ୧୯୯୯ ମସିହାରୁ ସ୍ୱତନ୍ତ୍ର ପ୍ରମୋସନର ବଞ୍ଚିତ ହୋଇଥିବା ପ୍ରଧାନମନ୍ତ୍ରୀ ଶ୍ରମ ପୁରସ୍କାର ପ୍ରାପ୍ତ କର୍ମଚାରୀ ମାନେ ଏକ ସ୍ୱତନ୍ତ୍ର ପ୍ରମୋସନ ପାଇପାରିବେ। ଏହି ନିୟମ ଅକ୍ଟୋବର ପହିଲାରୁ ଲାଗୁହେବ। ଏହାସହ ଭବିଷ୍ୟତରେ କୌଣସି କର୍ମଚାରୀ ଉକ୍ତ ପୁରସ୍କାର ପାଇଲେ ସ୍ୱତନ୍ତ୍ର ପ୍ରମୋସନ ଓ ଇନକ୍ରିମେଣ୍ଟର ଲାଭ ପାଇବେ। ଏହି ଚୁକ୍ତିନାମାରେ ୟୁନିୟନ ତରଫରୁ ସଭାପତି ବିବେକାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ହିମାଂଶୁ ବଳ , ଫେଡେରେସନର ସାଧାରଣ ସମ୍ପାଦକ ରାଜେନ୍ଦ୍ରନାଥ ମହନ୍ତ, ସହସାଧାରଣ ସମ୍ପାଦକ ପ୍ରକାଶ ହାଲଦାର, ପ୍ରଦୋଷ ପଣ୍ଡା, ଏସ୍.ଦାସ, ଭାବେଷ ପଣ୍ଡା ଏବଂ ପ୍ରଭାତ ବେହେରା ସ୍ୱାକ୍ଷର କରିଥିବା ବେଳେ କର୍ତ୍ତୃପକ୍ଷଙ୍କ ତରଫରୁ ଡିଜିଏମ (ଆଇଆର୍ ଆଣ୍ଡ ଆର୍) ପ୍ରଦୀପ ସାହୁ, ବିରେନ୍ଦ୍ର କୁଲୁ, ହୀରାଲାଲ ମହାପାତ୍ର, ଧୀରେନ୍ଦ୍ର ମିଶ୍ର, ସୋମଜିତ ବଡ଼ପଣ୍ଡା ଓ ସୁଧାଂଶୁ ମହାପାତ୍ର ସ୍ୱାକ୍ଷର କରିଥିଲେ। ଏହାକୁ ଆଞ୍ଚଳିକ ଶ୍ରମ ଅଧିକାରୀ ଅଶୋକ ମହାନ୍ତ ଏବଂ ଏଲ୍‌ଇଓ ଦେବେନ୍ଦ୍ର ରାମ ଅନୁମୋଦନ କରିଥିଲେ। ତେବେ ଏହି ଅନୁମୋଦନକୁ ସ୍ୱୀକୃତି ଦେଇଥିବାରୁ ସଂଘ ପକ୍ଷରୁ ଆରଏସପି ସିଇଓ ଦୀପକ ଚଟ୍ଟରାଜଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଶ୍ରମମନ୍ତ୍ରୀଙ୍କ ବିବାଦୀୟ ବିବୃତିକୁ ଯୁବ ଆଇଏନ୍‌ଟିୟୁସିର ନିନ୍ଦା

**ରାଉରକେଲା ଅଫିସ, ୧୭।୯**

ମଙ୍ଗଳବାର ପିଡବ୍ଲୁଡି ଡାକବଙ୍ଗଳାରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଆଇଏନ୍‌ଟିୟୁସି ଜିଲା ସଭାପତି ଅଜୟ ପାଇକରାୟ ବୈଠକରେ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ଯୁବ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗଦେଇ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଦେଇଥିବା ବିବୃତିରେ ନିନ୍ଦା କରିଥିଲେ। ବର୍ତ୍ତମାନ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଶ୍ରମମନ୍ତ୍ରୀଙ୍କ ଏଭଳି ବିବୃତି ଦେବା ଆଦୌ ଶୋଭା ପାଉନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବା ପରିବର୍ତ୍ତେ ଦେଶବାସୀଙ୍କୁ ହତୋତ୍ସାହିତ କରିବା ଦୁର୍ଭାଗ୍ୟଜନକ। ଆର୍ଥିକ ମାନ୍ଦାବସ୍ଥାର ପ୍ରତିକାର ପାଇଁ ଉତ୍ପାଦନ ଓ କର୍ମନିଯୁକ୍ତିକୁ ସରକାର ଗୁରୁତ୍ୱ ନ ଦେଇ ଦେଶରେ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ଥିବା କହି ଦେଶବାସୀଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲିଦେବା କେନ୍ଦ୍ର ସରକାରଙ୍କ ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଶିଳ୍ପ କାରଖାନା ପାଇଁ ସୁନ୍ଦରଗଡ଼ ଜିଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ଆର୍‌ଏସ୍‌ପି ସହ ଛୋଟବଡ଼ ବହୁ କଳକାରଖାନା ରହିଛି। ରାଉରକେଲା ସହର ନିଯୁକ୍ତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବେଳେ ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ପଦକ୍ଷେପ ଯୋଗୁ ଅନେକ ଛୋଟବଡ଼ କାରଖାନା ବନ୍ଦ ହୋଇଯାଇଛି। ଆଜିକା ଦିନରେ ଶ୍ରମିକ ମାନଙ୍କୁ ମଜୁରୀ ମିଳିବା କାଠିକର ପାଠ ହୋଇଛି। ଏହାସହ ସହରର ବିଭିନ୍ନ ହୋଟେଲ ଓ ସପିଂମଲରେ କର୍ମ ନିୟୋଜନ ସଂସ୍ଥା ଅଗୋଚରରେ ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ତେଲେଙ୍ଗାନା ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଘରୋଇ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହୋଇଥିବା ବେଳେ ଓଡିଶାରେ ଏହି ଆଇନ କାହିଁକି ଲାଗୁ କରାଯାଇନାହିଁ ବୋଲି ନାୟକ ପ୍ରଶ୍ନ କରିଛନ୍ତି। ସେହିପରି ଭାବେ କୃଷି ଓ ବେସରକାରୀ ଉତ୍ପାଦନ କ୍ଷେତ୍ର ମଧ୍ୟ ଅବହେଳିତ। ସରକାରୀ ବିଧି ବ୍ୟବସ୍ଥା ଠିକ ଭାବେ ପାଳନ ହେଉ ନ ଥିବାରୁ ରାଜ୍ୟ ସଭାପତି ନାୟକ ଏହାର ତୀବ୍ର ସମାଲୋଚନା କରିଥିଲେ। ଏହି ବୈଠକରେ ସୁନ୍ଦରଗଡ଼ ଜିଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ଅଜୟ ପାଇକରାୟଙ୍କ ସମେତ ଯୁବ ରାଜ୍ୟ ମଜଦୁର କଂଗ୍ରେସ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀମୂଲିଆ ସଂଘ ଜିଲା ସଭାପତି ଯୋଶେଫ ଖେସ, ଶକଦେବ ପଣ୍ଡା, ଜେମ୍‌ସ ବାହାଲା, ଆଶା ମିଞ୍ଜ, ସନି ସୋଲାଙ୍କି, ଆକାଶ ଚରତ, କେ.କିରଣ, ଜୟରାମ କୁଜୁର, ଦୀପିକା କାଣ୍ଡୁଲାନା, ସୁସ୍ମିତା କାଣ୍ଡୁଲାନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଯୁବ ଆଇଏନ୍‌ଟିୟୁସି ରାଜ୍ୟ ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।



ଆର୍‌ଏସ୍‌ପି ପରିସରରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା ମଣ୍ଡପରେ ଉପସ୍ଥିତ ଅଧିକାରୀଗଣ।

## ଆର୍‌ଏସ୍‌ପିରେ ବିଶ୍ୱକର୍ମା ପୂଜା ପାଳିତ

**ରାଉରକେଲା ଅଫିସ, ୧୭।୯**

ରାଉରକେଲା ଇସ୍ପାତ କାରଖାନାରେ ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିଲା। କାରୁକାର୍ଯ୍ୟରେ ଭରପୁର ମୃଣ୍ମୟ ମୂର୍ତ୍ତି ଦର୍ଶନ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ କରିଥିଲା। ଏହା ସହ କାରଖାନା ମଧ୍ୟରେ ଶତାଧିକ ମଣ୍ଡପ ସ୍ଥାପିତ ହୋଇଛି। ଏହି ଅବସରରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗର ଦିଲୀପ ମହାପାତ୍ର, ପ୍ରକଳ୍ପ ବିଭାଗର ଅତନୁ ଭୌମିକ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ଏସ୍.ଏସ୍.ପତି, ବିତ୍ତ ଓ ଲେଖା ବିଭାଗର ପି.ନିଗମ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ କାରଖାନାର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ଏହାପରେ ସିଇଓ ଓ ଅନ୍ୟ ଅତିଥି ମାନଙ୍କ ଗହଣରେ ଆର୍‌ଏସ୍‌ପି ଦ୍ୱାରା ସ୍ଥାପିତ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଦୀପିକା ହସ୍ତ କର୍ଘାକୁ ଯାଇଥିଲେ। ସଂଘତିର ଅଧ୍ୟକ୍ଷା, ରାକା ଚଟ୍ଟରାଜ ଏବଂ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ମସ୍କାପଦର ଗ୍ରାମର କାଚ ମାଝି(୭୫)ଙ୍କ ସୋମବାର ଲାଞ୍ଜିଗଡ ଷ୍ଟେଟ ବ୍ୟାଙ୍କକୁ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଗାଡି ଧକ୍କାଦେଇ ରାସ୍ତାରେ ପଡିଥିବା ସମୟରେ ଲାଞ୍ଜିଗଡ ପୋଲିସ ଖବର ପାଇ କାଚ ମାଝିଙ୍କୁ ଉଦ୍ଧାର କରି ଲାଞ୍ଜିଗଡ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ ସକାଳ ୧୦ଟାରେ କାଚ ମାଝି ଷ୍ଟେଟ ବ୍ୟାଙ୍କ ପାସବୁକ ଖାତା ଧରି ମସ୍କାପଦର ଗାଁଠାରୁ ଚାଲି ଯାଉଥିଲେ। ଲାଞ୍ଜିଗଡଠାରୁ ମୁନିଗୁଡା ଯିବା ରାସ୍ତାରେ ବଂଶଧାରା ନଦୀ ପାଖରେ ଏକ ଅଜଣା ଗାଡି ଧକ୍କା ଦେଇଥିଲ। ଘଟଣାସ୍ଥଳରେ କେହି ନ ଥିବା ଯୋଗୁ ଗାଡି ଫେରାର ହୋଇଯାଇଥିଲା। ପୂର୍ବାହ୍ନ ୧୧ଟାରେ ଲାଞ୍ଜିଗଡ ପୋଲିସ ଖବର ପାଇ କାଚ ମାଝିଙ୍କୁ ଗୁରୁତର ଅବସ୍ଥାରେ ଲାଞ୍ଜିଗଡ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ।





ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

## ରୋଟାରୀ ଷ୍ଟିଲ ସିଟି ପକ୍ଷରୁ ଚାରା ରୋପଣ

**ରାଉରକେଲା ଅଫିସ,୧୭। ୯**

ପାନପୋଷ ବନ ଉପଖଣ୍ଡ ଅନ୍ତର୍ଗତ ରୋଟାରୀ କ୍ଲବ ରାଉରକେଲା ଷ୍ଟିଲ ସିଟି ମିଳିତ ଆନୁକୂଲ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ବନ ବିଭାଗର ବରିଷ୍ଠ ଅଧିକାରୀ ଲିଙ୍ଗଲାଜ ଓତା ଓ ରୋଟାରୀ କ୍ଲବ ସମ୍ପାଦିକା ପ୍ରତିଭା ଦେବୀ ପରିଚାଳନା କରିଥିଲେ। ଏହି ଅବସରରେ ଛେଣ୍ଡ କଲୋନୀ ଭୁବନେଶ୍ୱରୀ ମନ୍ଦିର ପାହାଡିଆ ଅଞ୍ଚଳରେ କିପରି ସବୁଜିମା ସୃଷ୍ଟି କରାଯିବ ସେନେଇ ଆଲୋଚନ କରାଯାଇ ଥିଲା। ବନ ଉପଖଣ୍ଡ ଅଧିକାରୀ ସଞ୍ଜୟ ସ୍ୱାଇଁ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ସହରବାସୀ ସବୁଜିମା ସୃଷ୍ଟି ଦିଗରେ ମନୋନିବେଶ କଲେ ଷ୍ଟିଲ ସିଟିର ଚିତ୍ର ବଦଳିଯିବ। ଏହି ଅବସରରେ ପାହାଡିଆ ଏହି ଅଞ୍ଚଳରେ କଦମ୍ବ, ବଉଳ, ଚମ୍ପା, ପାରୁଳି, ଜାମୁ, ଅଶୋକ, ନିମ୍ବ ଆଦି ଚାରା ରୋପଣ କରାଯାଇ ଥିଲା। ବୃକ୍ଷ ଚାରା ରୋପଣ କରିବାରେ ଯେଉଁ ଆନନ୍ଦ ରହିଛି ତାହା ଅନ୍ୟ କେଉଁଥିରେ ନାହିଁ ବୋଲି ଏଥିରେ କୁହାଯାଇଥିଲା। ଏଥିରେ ବନ ବିଭାଗ ଅଧିକାରୀ ଦିଲ୍ଲୀପ ସାହୁ, ଦୁର୍ଜୟ ସାହୁଙ୍କ ସମେତ ଅନ୍ୟ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ, ସହରର ପ୍ରତ୍ୟକ ଅଞ୍ଚଳକୁ ସବୁଜିମାରେ ପରିପୂର୍ଣ୍ଣ କରିବାକୁ ହେଲେ ନିଷ୍ଠା ଓ ତ୍ୟାଗ ଆବଶ୍ୟକ। ଯେଉଁମାନେ ଏ ଦିଗରେ ନିଜ କାର୍ଯ୍ୟ ସମ୍ପାଦନ କରୁଛନ୍ତି ସେମାନେ ବାସ୍ତବରେ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ଏଥିରେ ବରିଷ୍ଠ ବନ ଅଧିକାରୀ ଓତାଙ୍କ ସମେତ କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ବରାଳ, ଅସୀମା ମିଶ୍ର, ପିଣ୍ଟୁ ଗୁହା, କାବେରୀ ବାନାର୍ଜୀ, କୁମାର ବେହେରା, ଗୀତିକା କପୁର, ମଞ୍ଜୁ ମେହେର, ଇନ୍ଦିରା ନନ୍ଦ, ପୁନମ ଟପୋ, ଆନାବେଲ ଡିସୌଜା, ଅସୀମା ପଣ୍ଡା, ସହଦେବ ଚମ୍ପତି ଓ ଆଲେକଜାଣ୍ଡର ଡିସୌଜା ଓ ସୁସ୍ମିତା ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦିଜୀଙ୍କ ଜନ୍ମ ଦିନରେ ମଙ୍ଗଳ କାମନା କଲେ ନେତା, କର୍ମୀ

**ରାଉରକେଲା ଅଫିସ,୧୭। ୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମ ତିଥିରେ ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସୋମବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେକ୍ଟର ୩ ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ୬୯ ପ୍ରଦୀପ ପ୍ରଜ୍ୱଳନ କରାଯାଇ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ସହ ଗାୟତ୍ରୀ ମନ୍ତ୍ର ପାଠ କରାଯାଇ ଥିଲା। ମହାପ୍ରଭୁ ଶ୍ରୀ ଜଗନ୍ନାଥ ମୋଦିଙ୍କୁ ରାଷ୍ଟ୍ର ନିର୍ମାଣ ନେଇ ଶକ୍ତି ପ୍ରଦାନ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ବିଶ୍ୱର ସର୍ବଶ୍ରେଷ୍ଠ ଓ ସର୍ବ କୀର୍ତିମାନ ନେତା ଭାବେ ମୋଦି ଭାରତକୁ ବିଶ୍ୱର ଅଗ୍ରଣୀ ଦେଶରେ ପରିଣତ କରିବାକୁ ଏଥିରେ ପ୍ରାର୍ଥନା କରାଯାଇ ଥିଲା। ଏହି ଅବସରରେ ସାଧାରଣ ଜନତା ତଥା ପଥଚାରୀଙ୍କୁ ଦଳ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୋଦିଙ୍କ ସବୁ ସମର୍ଥକ, ପ୍ରଶଂସକ ଏଥିରେ ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ନଗରପାଳ ନିହାର ରାୟ, ରାଜ୍ୟ ସମ୍ପାଦକ ଧିରେନ ସେନାପତି, ଦିଲ୍ଲୀପ ଦାସ, ଭଗବାନ ରାଉତ, ଗଙ୍ଗାଧର ଦାସ, ଅମରେନ୍ଦ୍ର ଶର୍ମା, ନାରଣ ମହାନ୍ତି, ପୂର୍ଣ୍ଣିମା କେର୍କେଟା, ବସନ୍ତ ସାମଲ, ଭ୍ରମରବର ବେହେରା, ଅଜୟ କଂସାରୀ, ରବୀନ୍ଦ୍ର ପାଣ୍ଡବ, ମଳୟ ମହାପାତ୍ର, ସେଖ ମୁଜାହିଦ, ଦୀପକ ତିୱାରୀ, ପ୍ରଶାନ୍ତ ପଣ୍ଡ, ସନ୍ତୋଷ ଦାସ, ସୁବାସ ଦାସ, ଶରତ ବାରିକ, ଅଳକା ମହାନ୍ତି, ପ୍ରମୋଦ ପାଢି ଓ ଗଣେଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କ ସୁବିଧା ନେଇ ଶିଳ୍ପ, ବଣିକ ସଂଘ ପକ୍ଷରୁ ଦାବିପତ୍ର

**ରାଉରକେଲା ଅଫିସ, ୧୭।୯**

ସୋମବାର ମନ୍ତ୍ରୀ ଅଶୋକ ପଣ୍ଡା ରାଉରକେଲା ଗସ୍ତରେ ଆସିଥିବା ବେଳେ ତାଙ୍କୁ ଚ୍ୟାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ଏହି ଅବସରରେ ମନ୍ତ୍ରୀଙ୍କ ସହ ଚ୍ୟାମ୍ବର କର୍ମକର୍ତ୍ତା ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାବ ବିନିମୟ କରିଥିଲେ। ସାମ୍ପ୍ରତିକ ଅବସ୍ଥାରେ ରାଉରକେଲା ସହରସ୍ଥିତି ଓ ଆବଶ୍ୟକତା ନେଇ ମନ୍ତ୍ରୀ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ସହରର ବିକାଶ ନେଇ ସଙ୍ଗଠନ କର୍ମକର୍ତ୍ତା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆବଶ୍ୟକତା ଦୃଷ୍ଟିରୁ ଏଠାରେ ଏକ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ ପ୍ରତିଷ୍ଠା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇ ଥିଲା। ଏହା ଦ୍ୱାରା ଛାତ୍ରୀଛାତ୍ର, ପର୍ଯ୍ୟଟକ ସର୍ବୋପରି ସହରବାସୀ ବହୁ ମାତ୍ରାରେ ଉପକୃତ ହେବେ ବୋଲି କୁହାଯାଇଥିଲା। ଷ୍ଟିଲ ସିଟିରେ ବହୁ ପ୍ରତିଭା ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିବା ନଜିର ରହିଛି। ସ୍କୁଲ କଲେଜ ସ୍ତରରେ ଅନୁଷ୍ଠିତ ବିଜ୍ଞାନ ମେଳାରୁ ଏହା ପ୍ରମାଣିତ ହୋଇ ସାରିଛି। ତେବେ ଜ୍ଞାନର ବିକାଶ ନେଇ ସେମାନଙ୍କ ପାଖରେ ବିକଳ୍ପ ନାହିଁ। ଏନେଇ ସ୍ୱତନ୍ତ୍ର ପାର୍କିର ବ୍ୟବସ୍ଥା କରାଗଲେ ଭବିଷ୍ୟତରେ ବହୁ ମେଧାବୀ ଛାତ୍ର ସେମାନଙ୍କ ଦକ୍ଷତା ପ୍ରମାଣିତ କରିବାକୁ ସୁଯୋଗ ସୃଷ୍ଟି ହେବ ବୋଲି ଏଥିରେ କୁହାଯାଇ ଥିଲା। ଏହି ଅବସରରେ ରାଉରକେଲା ରେଳ ଷ୍ଟେସନରେ ରାମ୍ପ ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ଭିନ୍ନକ୍ଷମ ବା ଦିବ୍ୟାଙ୍ଗଙ୍କ ନିମନ୍ତେ ଏହାର କେତେ ଆବଶ୍ୟତା ରହିଛି ସେନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ରାମ୍ପ ଅଭାବରୁ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟଟିକୁ ଯିବାକୁ ଦିବ୍ୟାଙ୍ଗ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ମନ୍ତ୍ରୀ ପଣ୍ଡାଙ୍କୁ କୁହାଯାଇଥିଲା। ଏଥିସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ପାର୍କ ଓ ସର୍ବସାଧାରଣ ସ୍ଥାନରେ ଦିବ୍ୟାଙ୍ଗଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇ ଥିଲା। ସରକାରୀ ଡାକ୍ତରଖାନାରେ ଏମାନଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଚିକିତ୍ସା ସେବା ପାଇବାରେ ସୁବିଧା ହେବ ବୋଲି ବଣିକ ସଂଘ କର୍ମକର୍ତ୍ତା ମନ୍ତ୍ରୀଙ୍କ ନିକଟରେ ଆଗ୍ରହ ପ୍ରକାଶ କରିଥିଲେ। ଉପରୋକ୍ତ ସମସ୍ତ ଆବଶ୍ୟକୀୟ ଦାବି ଉପରେ ସରକାର ବିହିତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପଣ୍ଡା ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ସଭାପତି ପ୍ରବୀଣ ଗର୍ଗଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
**WEST COAST DIESELS LLP**
**odisha@wcdllp.com**
Contact: 9438164468, 9337003316

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary **27500** to **95700.** Sent your resume **akashaviationacademy11@gmail.com**
9811057388 / 9811135247

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to
**HINDUSTAN JEWELLERS, BHUBANESWAR**
Good Salary.

**Stipend Agent In LIC**
• Rs.5000/- Stipend Per Month + High Commission.
• Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
**Sara Gastro and Laparoscopic Hospital**
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., Monthly Salary upto Rs.25,000/-.
**Contact Immediately Mob: 8763257042**

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ। ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
▸ Delivery Boy
▸ Havels - Bhusan - Private Bank and finance sector.
▸ Security Guard
▸ Home Skipping
Age limit: 18 to 45 years.
**Salary: 8000 to 25000**
Ph. No. 7749823581, 7749823616

**Kerala Panchakarma Vaidyasala**
**Bhubaneswar requires**
▸ Panchakarma Therapist - 10 nos. (M/F) 8th Pass and above (Freshers can apply)
▸ Beautician - 5 Nos. (F)
▸ Ayurvedic Doctors - 2 Nos.
Experience candidates can Contact: Mob- **9937057118, 6370823466, 0674-2590053**

**ନୋଟିସ:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।